




ତା ୧୪ । ୬ । ୭୨ରେ ମୁଖ୍ୟମନ୍ତ୍ରୀରୂପେ ଶପଥ ଗ୍ରହଣ କରିବା ପାଇଁ ରାଜଧାନୀକୁ ଯିବାବେଳେ କଟକ ରେଳଷ୍ଟେସନରେ
ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ପ୍ରତି ସାଦର ସମ୍ବର୍ଦ୍ଧନା ଜ୍ଞାପନ

# ଉତ୍କଳ ପ୍ରସଙ୍ଗ

ମଇ-ଜୁନ୍, ୧୯୭୭ -- ଜ୍ୟୈଷ୍ଠ-ଆଷାଢ, ୧୮୯୯
୨୮ଶ ଭାଗ : ୧୦ମ ଓ ୧୧ଶ ସଂଖ୍ୟା

ସମ୍ପାଦକ : ପୂର୍ଣ୍ଣଚନ୍ଦ୍ର ହୋତା, ଆଇ. ଏ. ଏସ୍.,
ଲୋକ ସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ, ଓଡ଼ିଶା

ସହକାରୀ ସମ୍ପାଦକ : ସମର ବିଳାସ ପଟ୍ଟନାୟକ, ସୂଚନା ଅଧିକାରୀ

ପ୍ରକାଶକ : ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଏ ସଂଖ୍ୟାରେ ପଢ଼ିବାକୁ ପାଇବେ:

୧ ଓଡ଼ିଶାର ନୂତନ ସରକାରଙ୍କ ଆଭିମୁଖ୍ୟ
୩ ମାନବପ୍ରେମୀ ନେହେରୁ
୬ ଆମର ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷାର୍ଥୀ
୯ ଦେଶର ପ୍ରଗତି ଓ ଆମର କର୍ତ୍ତବ୍ୟ
୧୩ ଓଡ଼ିଶୀ ନୃତ୍ୟର ଅତୀତ ଓ ବର୍ତ୍ତମାନ
୧୯ ସୋରିଷ ଏକ ଅର୍ଥକର ଓ ସନ୍ତୋଷଜନକ ଫସଲ
୨୧ ପର୍ଯ୍ୟଟନ ଶିଳ୍ପ
୨୩ ତିର୍ତ୍ତୋଲ ଧୋୟା ଅଞ୍ଚଳରେ ଉଠା ଜଳସେଚନ
୨୫ ଓଡ଼ିଶାରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ଅଗ୍ରଗତି
୩୫ ଅବେକ୍ଷା ଆଇନ ଓ ଏହାର ବୈଶିଷ୍ଟ୍ୟ
୩୯ ମୃତ୍ତିକା ପରୀକ୍ଷା
୪୧ ବାଳିକାଙ୍କର ଭୁବନେ ଦିନେ
୪୫ ନବରଙ୍ଗପୁର ଲାକ୍ଷା ସମବାୟ ସମିତି
୪୬ ସଞ୍ଚୟର ଆଭିମୁଖ୍ୟ ବୃଦ୍ଧି ପାଇବା ଉଚିତ
୪୯ ହରିଶଙ୍କର
୫୬ ଜେ. କେ. କାଗଜ କଳର ସଂପ୍ରସାରଣ
୫୭ ଆମ ଗଳ୍ପ
୬୩ ଓଡ଼ିଶାର ବିଶିଷ୍ଟ ଘଟଣାବଳୀ

ଆମ ମଲାଟ : ଓଡ଼ିଶାର ନୂତନ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଶପଥ ଗ୍ରହଣ

ଓଡ଼ିଶା ସରକାରଙ୍କ ଦୈନିକ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ପ୍ରବନ୍ଧ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଇଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୁଖପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଚାରଧାରା ସବୁବେଳେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଗ୍ରାହକ ଦେୟ—ଟ ୬·୦୦
ପ୍ରତିଖଣ୍ଡର ମୂଲ୍ୟ—ଟ ୦·୫୦
ପ୍ରକାଶନ—ପ୍ରତିମାସ ୧୫ ତାରିଖ

# ନବନିଯୁକ୍ତ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ

୧ । ଶ୍ରୀମତୀ ନନ୍ଦିନୀ ଶତପଥୀ ✓ .. ରାଜନୀତିକ ଓ ଶାସନସଂସ୍ଥା, ସ୍ୱରାଷ୍ଟ୍ର, ଶିକ୍ଷା, ସାଂସ୍କୃତିକ ବ୍ୟାପାର, ଗ୍ରାମାଞ୍ଚଳ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ ।

୨ । ଶ୍ରୀ ନୀଳମଣି ରାଉତରାୟ .. ଶିଳ୍ପ, ଯୋଗାଣ, ପାଉର୍ ଏବଂ ରାଜ୍ୟ ସମବାୟୀ କର୍ପୋରେସନ୍ ଓ ଉଦ୍ୟୋଗ ।

୩ । ଶ୍ରୀ ବ୍ରଜମୋହନ ମହାନ୍ତି .. ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ୍ ଏବଂ ଖଣି ଓ ଭୂତତ୍ତ୍ୱ ।

୪ । ଶ୍ରୀ ବିନାୟକ ଆଚାର୍ଯ୍ୟ .. କୃଷି ଓ ସମବାୟ, ଶ୍ରମ, କର୍ମ ସଂସ୍ଥାନ ଓ ଗୃହ ନିର୍ମାଣ ଏବଂ ପୌର ଉନ୍ନୟନ ।

୫ । ଶ୍ରୀ ବାଙ୍କବିହାରୀ ଦାସ .. ଅର୍ଥ, ଯୋଜନା ଓ ସମନ୍ୱୟ ଏବଂ ବାଣିଜ୍ୟ

୬ । ଶ୍ରୀ ଗଙ୍ଗାଧର ପ୍ରଧାନ .. ଆଦିବାସୀ ଓ ଗ୍ରାମ ମଙ୍ଗଳ ଏବଂ ଜଙ୍ଗଲ ଓ ପଶୁପାଳନ

୭ । ଶ୍ରୀ ଲକ୍ଷ୍ମଣ ମଲ୍ଲିକ .. ନିର୍ମାଣ ଓ ପରିବହନ, ଅବକାରୀ ଏବଂ ଗୋଷ୍ଠୀ-ଉନ୍ନୟନ ଓ ପଞ୍ଚାୟତିରାଜ



# ଶ୍ରୀମତୀ ନନ୍ଦିନୀ ଶତପଥୀ

ଭାରତୀୟ ରାଜନୀତିରେ ଶ୍ରୀମତୀ ନନ୍ଦିନୀ ଶତପଥୀ ହେଉଛନ୍ତି ଅନ୍ୟତମ ପ୍ରଗତିବାଦୀ ଯୁବ ନେତ୍ରୀ । ୧୯୬୨ ମସିହାରେ ସେ ପ୍ରଥମ ଥର ପାଇଁ କଂଗ୍ରେସ ସଦସ୍ୟା ରୂପେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ । ଏହାପରେ ୧୯୬୮ ମସିହାରେ ସେ ପୁନର୍ନିର୍ବାଚିତ ହୋଇଥିଲେ । ଶ୍ରୀମତୀ ଶତପଥୀ ୧୯୬୬ ଜାନୁୟାରୀ ୨୯ ତାରିଖରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ ରୂପେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗ ଦେଇଥିଲେ । ୧୯୬୭ ମସିହା ସାଧାରଣ ନିର୍ବାଚନ ପରେ ଗଠିତ ନୂତନ ମନ୍ତ୍ରୀପରିଷଦରେ ମଧ୍ୟ ସେ ଏହି ଦାୟିତ୍ୱରେ ରହିଥିଲେ । ୧୯୬୯ ଫେବୃଆରୀ ୧୮ ତାରିଖରେ ସେ ଉପମନ୍ତ୍ରୀ ରୂପେ ପ୍ରଧାନ ମନ୍ତ୍ରୀଙ୍କ ଦପ୍ତର ସହିତ ସଂଶ୍ଳିଷ୍ଟ ରହିଲେ ଏବଂ ୧୯୭୦ ଜୁନ୍ ୨୬ ତାରିଖରେ ରାଷ୍ଟ୍ରମନ୍ତ୍ରୀରୂପେ ନିଯୁକ୍ତ ହୋଇଥିଲେ ।

ଶ୍ରୀମତୀ ଶତପଥୀଙ୍କ ଜନ୍ମ ୧୯୩୧ ମସିହା ଜୁନ୍ ୯ ତାରିଖରେ । ୨୨ ବର୍ଷ ବୟସରେ ସେ କଟକ ରେଭେନ୍ସା କଲେଜରୁ ଓଡ଼ିଆ ସାହିତ୍ୟରେ ଏମ୍. ଏ. ପାସ୍ କରିଥିଲେ । ମାତ୍ର ୧୨ ବର୍ଷ ବୟସରେ ୧୯୪୨ ମସିହାରେ ସ୍କୁଲରେ ଅଧ୍ୟୟନ କରୁଥିବାବେଳଠାରୁ ସେ ସାଧାରଣ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ଆରମ୍ଭ କରିଥିଲେ । ସେ ଓଡ଼ିଶାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ୧୯୪୮-୪୯ ମସିହାରେ ଛାତ୍ର ସଂଘର ସଂପାଦିକା ଥିଲେ ।

ଓଡ଼ିଶାର ଖ୍ୟାତନାମା କବି ଓ ପ୍ରଗତିବାଦୀ ଔପନ୍ୟାସିକ ଏବଂ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀର ସଦସ୍ୟ ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଶ୍ରୀମତୀ ଶତପଥୀଙ୍କର ପିତା । ଓଡ଼ିଶାର ଅନ୍ୟତମ ବିପ୍ଳବୀ ନେତା ସ୍ୱର୍ଗୀୟ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର ଜ୍ୟେଷ୍ଠ ପିତୃବ୍ୟ । ଶ୍ରୀମତୀ ଶତପଥୀଙ୍କ ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀ ଉପରେ ଏ ଦୁହିଁଙ୍କର ପ୍ରଭାବ ଯଥେଷ୍ଟ ମାତ୍ରାରେ ପଡ଼ିଛି ।

ଅତି ଅଳ୍ପ ବୟସରୁ ଶ୍ରୀମତୀ ଶତପଥୀ ବୈପ୍ଳବିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଦେଶ ସେବାରେ ଆତ୍ମୋତ୍ସର୍ଗ କରିଥିଲେ ।

ଛାତ୍ରାବସ୍ଥାରୁ ସେ ଓଡ଼ିଆରେ ଅନେକ କ୍ଷୁଦ୍ର ଗଳ୍ପ ଓ କବିତା ଲେଖିଥିଲେ । ପରେ ତାଙ୍କ ସଂପାଦନାରେ 'ଧରିତ୍ରୀ' ଓ 'କଳନା' ନାମକ ଦୁଇଟି ମାସିକ ପତ୍ରିକା ପ୍ରକାଶିତ ହୋଇଥିଲା । ତାଙ୍କର ସାହିତ୍ୟ ସାଧନା ବର୍ତ୍ତମାନ ସୁଦ୍ଧା ଅବ୍ୟାହତ ରହିଛି । ତାଙ୍କର ଲିଖିତ ଗଳ୍ପାବଳି ଯଥେଷ୍ଟ ଆଦୃତ ହୋଇ ପାରିଛି । ତାଙ୍କର ଗଳ୍ପ ସଂଚୟନର 'ଜନପଥ' ନାମକ ହିନ୍ଦୀ ଅନୁବାଦ, ନିକଟରେ ପ୍ରକାଶ ପାଇଛି ଏବଂ ବର୍ତ୍ତମାନ ଏହା ବିଶେଷ ଜନପ୍ରିୟ ହୋଇଛି ।

ସମାଜ ସେବା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ସେ ସଦାସର୍ବଦା ସକ୍ରିୟଭାବରେ ଜନମଙ୍ଗଳ ତଥା ରାଷ୍ଟ୍ରଗଠନ କାର୍ଯ୍ୟରେ ଆତ୍ମନିୟୋଗ କରି ଆସୁଛନ୍ତି । ବନ୍ୟା ଓ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସେ ବାରମ୍ବାର ସାହାଯ୍ୟ କାର୍ଯ୍ୟ ସଂଗଠନ କରିଛନ୍ତି ।

ଶ୍ରୀମତୀ ଶତପଥୀ ଓଡ଼ିଶା ମହିଳା ସାହାଯ୍ୟ ସମିତି ସଂଗଠନ କରି ସେଥିର ସଂପାଦିକା ଥିଲେ । ୧୯୫୮ ମସିହାରେ ସେ ଭାରତୀୟ ସାମାଜିକ ଓ ନୈତିକ ସ୍ୱାସ୍ଥ୍ୟ ସଂସ୍ଥାର ଓଡ଼ିଶା ଶାଖା ସଂଗଠନ କରିଥିଲେ । ସମଗ୍ର ଦେଶର ବହୁ ଜନମଙ୍ଗଳ, ସାହିତ୍ୟିକ ତଥା ଧର୍ମ[illegible] ସଂଗଠନ ସହିତ ସେ ସଂଶ୍ଳିଷ୍ଟ ରହିଛନ୍ତି ।

କେନ୍ଦ୍ର ମନ୍ତ୍ରୀପରିଷଦର ସଦସ୍ୟା ଭାବରେ ସେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ଦେଇଛନ୍ତି । ତାଙ୍କର ବୁଦ୍ଧି, ବିବେକ, ବଳିଷ୍ଠ ଚିନ୍ତାଧାରା ତଥା ନମ୍ରତା ଯୋଗୁଁ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଦିଗରେ ସେ ନିଜ ସାମର୍ଥ୍ୟର ପରିଚୟ ଦେଇଛନ୍ତି ।

ଶ୍ରୀମତୀ ଶତପଥୀ ୧୯୬୬ ମସିହା ନଭେମ୍ବର-ଡିସେମ୍ବର ମାସରେ ଭାରତୀୟ ଚଳଚ୍ଚିତ୍ର ପ୍ରତିନିଧି ଦଳର ନେତ୍ରୀ ରୂପେ ମସ୍କୋ ଯାତ୍ରା କରିଥିଲେ ଓ ସୋଭିଏତ୍ ଦେଶର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ । ପୁନଶ୍ଚ ୧୯୬୮ ମସିହା ଅକ୍ଟୋବର ମାସରେ ତାଙ୍କ ନେତୃତ୍ୱରେ ଏକ ଭାରତୀୟ ଚଳଚ୍ଚିତ୍ର ପ୍ରତିନିଧି ଦଳ ସୋଭିଏତ୍ ଦେଶ ଗସ୍ତରେ ଯାଇଥିଲା । ଅନ୍ୟ ଏକ ଚଳଚ୍ଚିତ୍ର ପ୍ରତିନିଧି ଦଳର ନେତୃତ୍ୱ ନେଇ ୧୯୬୭ ମସିହା ମଇ ମାସରେ ସେ ତାସକେଣ୍ଟ ଗସ୍ତରେ ଯାଇଥିଲେ । ପ୍ୟାରିସଠାରେ ଅନୁଷ୍ଠିତ ହୋଇଥିବା ଜାତିସଂଘ ଶିକ୍ଷା, ବିଜ୍ଞାନ ତଥା ସାଂସ୍କୃତିକ ପରିଷଦର ପଞ୍ଚଦଶ ସାଧାରଣ ଅଧିବେଶନରେ ସେ ଭାରତୀୟ ପ୍ରତିନିଧି ଦଳରେ ସଦସ୍ୟା ଭାବରେ ଯୋଗ ଦେଇଥିଲେ । ସେ ଲଣ୍ଡନ ପରିଦର୍ଶନରେ ଯାଇଥିଲେ ଓ ସେଠାରେ ବ୍ରିଟିଶ ପ୍ରେସ କାଉନ୍ସିଲର କାର୍ଯ୍ୟ ପରିଚାଳନା ବିଷୟ ଅନୁଧ୍ୟାନ କରିଥିଲେ । ୧୯୭୦ ମସିହା ଅକ୍ଟୋବର ମାସରେ ସେ ପ୍ରଧାନମନ୍ତ୍ରୀଙ୍କ ସହ ଭାରତୀୟ ପ୍ରତିନିଧି ଦଳର ଜଣେ ସଭ୍ୟା ରୂପେ ଜାତିସଂଘର ବିଶେଷ ଅଧିବେଶନରେ ଯୋଗ ଦେବାକୁ ନିଉୟର୍କ ଯାଇଥିଲେ ।

ଭାରତୀୟ ଶିଶୁ ଚଳଚ୍ଚିତ୍ର ପ୍ରତିଷ୍ଠାନର ସେ ଅଧ୍ୟକ୍ଷା ରହିଛନ୍ତି ଏବଂ ତାଙ୍କରି ନିର୍ଦ୍ଦେଶ ତଥା ପରାମର୍ଶ ଅନୁସାରେ ଏହାର ବୈଦେଶିକ କାର୍ଯ୍ୟ ପରିଚାଳିତ ହୁଏ । ଦ୍ୱିତୀୟଥର ପାଇଁ ସେ ଏହାର ଅଧ୍ୟକ୍ଷାରୂପେ ମନୋନୀତ ହୋଇଛନ୍ତି । ୧୯୬୮ ମସିହା ଅକ୍ଟୋବର ମାସରେ ପ୍ୟାରିସଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ସଂସ୍ଥାର ସଂଚାଳକ ମଣ୍ଡଳୀର ସଭ୍ୟାରୂପେ ସେ ସର୍ବସମ୍ମତି-କ୍ରମେ ନିର୍ବାଚିତ ହୋଇଥିଲେ ।

ଶ୍ରୀମତୀ ଶତପଥୀ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ କମିଟିର ଜଣେ ସଦସ୍ୟା । ଆଉମଧ୍ୟ ଯୁବ କଂଗ୍ରେସ ଉପଦେଷ୍ଟା ପରିଷଦର ସେ ସଦସ୍ୟା ରହିଛନ୍ତି । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହାର ସଭାନେତ୍ରୀ । ଓଡ଼ିଶା ବନ୍ୟା ଓ ବାତ୍ୟା ସାହାଯ୍ୟ କମିଟିର ସେ ଅଧ୍ୟକ୍ଷା ରହିଛନ୍ତି । ଶ୍ରୀ ଅରବିନ୍ଦ ଓ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଶ୍ରୀମାଙ୍କ ପ୍ରତି ଶ୍ରୀମତୀ ଶତପଥୀଙ୍କର ପ୍ରଗାଢ଼ ଅନୁରକ୍ତି ରହିଛି ।

ଓଡ଼ିଶାର ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳର ପତନ ପରେ ଶ୍ରୀମତୀ ଶତପଥୀ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତ୍ରୀ ରୂପେ [illegible]ରିଖ ଦିନ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ ଓ ତା ୧୪।୬।୧୯୭୨ ରିଖରେ ରାଜ୍ୟ ମୁଖ୍ୟ ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ ।

ସାହିତ୍ୟିକ, ସମାଜସେବୀ ତଥା ରାଜନୈତିକ କର୍ମୀ ଶ୍ରୀ ଦେବେନ୍ଦ୍ର ଶତପଥୀଙ୍କର ସେ ହେଉଛନ୍ତି ସହଧର୍ମିଣୀ । ଶ୍ରୀ ଶତପଥୀ [illegible] ପାର୍ଲିଆମେଣ୍ଟ ସଦସ୍ୟ ଅଛନ୍ତି । ଆଉମଧ୍ୟ ସେ ଦିଲ୍ଲୀସ୍ଥିତ ଶ୍ରୀ ଅରୋଭିଲ୍ କାର୍ଯ୍ୟାଳୟର ଦାୟିତ୍ୱ ବହନ କରିଛନ୍ତି ।

ଶ୍ରୀମତୀ ଶତପଥୀଙ୍କର ଦୁଇଟି ସନ୍ତାନ ।



# ଶ୍ରୀ ନୀଳମଣି ରାଉତରାୟ

ଶ୍ରୀ ନୀଳମଣି ରାଉତରାୟ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ଦକ୍ଷ ପ୍ରଶାସକ ରୂପେ ୧୯୪୮ ମସିହାରୁ—କେବଳ ୧୯୬୭ ରୁ ୧୯୭୧ ପର୍ଯ୍ୟନ୍ତ ଅବଧିକୁ ବାଦ ଦେଇ ନିରବଚ୍ଛିନ୍ନ ଭାବରେ ଓଡ଼ିଶା ଶାସନରେ ଦାୟିତ୍ୱ ବହନ କରି ଆସିଛନ୍ତି । କଲିକତା ବିଶ୍ୱବିଦ୍ୟାଳୟରୁ କଳା ଓ ଆଇନରେ ସ୍ନାତକତ୍ୱ ଲାଭ କରିବା ପରେ ଶ୍ରୀ ରାଉତରାୟ ଅତି ପିଲାଟି ଦିନରୁ ଭାରତୀୟ ମୁକ୍ତି ସଂଗ୍ରାମ, ଟ୍ରେଡ୍ ୟୁନିଅନ ଓ ସମାଜ ସେବାରେ ନିଜକୁ ସଂଶ୍ଳିଷ୍ଟ କରି ଆସିଛନ୍ତି । ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ୧୯୩୨ ମସିହାରେ ସେ ପ୍ରଥମେ ଯେତେବେଳେ କାରାବରଣ କଲେ ସେତେବେଳେ ତାଙ୍କୁ ୧୨ ବର୍ଷ ହୋଇଥାଏ । ଛାତ୍ର ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନରେ ସଂପୃକ୍ତ ଥିବାରୁ ତାଙ୍କୁ ଯଥାକ୍ରମେ ୧୯୪୦ ମସିହାରେ ରେଭେନସା କଲେଜରୁ ଓ ୧୯୪୨ ମସିହାରେ ବନାରସ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା ।

ସେ କଲିକତା ଓଡ଼ିଆ ସମାଜର ସଂପାଦକ ଥିଲେ ଏବଂ ୧୯୪୬ ରେ ମୁସଲିମ ଲିଗର 'ପ୍ରତ୍ୟକ୍ଷ ଆନ୍ଦୋଳନ' ବେଳେ ସେଠାରେ ଦଙ୍ଗାଗ୍ରସ୍ତ ଓଡ଼ିଆ ଶ୍ରମିକମାନଙ୍କର ସେବାଶୁଶ୍ରୂଷାରେ ନିଜକୁ ନିୟୋଜିତ କରିଥିଲେ । କଲେଜ ଜୀବନରେ ସେ ଜଣେ ସକ୍ରିୟ ଛାତ୍ରନେତା ଥିଲେ ଓ ଅଖିଳ ଭାରତ ଛାତ୍ରସଂଘ, ଓଡ଼ିଶା ଶାଖାର ଜଣେ ପ୍ରତିଷ୍ଠାତା ଥିଲେ । ଏହି ଛାତ୍ର ସଂଗଠନର କାର୍ଯ୍ୟକଳାପ ସହିତ ସଂପୃକ୍ତ ଥିବାରୁ ତାଙ୍କୁ ବହୁବାର କାରାବରଣ କରିବାକୁ ପଡ଼ିଥିଲା ।

ତାଙ୍କରି ଉଦ୍ୟମରେ ଭାରତୀୟ ଜାତୀୟ ଟ୍ରେଡ୍ ୟୁନିଅନ କଂଗ୍ରେସର ଓଡ଼ିଶା ଶାଖା ସଂଗଠିତ ହୋଇ ପାରିଥିଲା । ଶ୍ରୀ ରାଉତରାୟ ଏହି ଅନୁଷ୍ଠାନର ଓଡ଼ିଶା ଶାଖାର ସାଧାରଣ ସଂପାଦକ ଥିଲେ ଏବଂ ୧୯୪୯ ମସିହାରେ ଏହାର ସଭାପତି ହୋଇଥିଲେ । ଶ୍ରୀ ରାଉତରାୟ ୧୯୬୪ ମସିହାରେ ଜେନେଭାଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ଶ୍ରମିକ ସମ୍ମିଳନୀରେ ଭାରତୀୟ ପ୍ରତିନିଧି ଦଳର ନେତା ହିସାବରେ ଯୋଗ ଦେଇଥିଲେ ଓ ସ୍ୱିଜରଲାଣ୍ଡ, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ ଓ ସୋଭିଏତ ରୁଷ ପରିଦର୍ଶନ କରିଥିଲେ ।

ପ୍ରଥମ ଥର ପାଇଁ ସେ ୧୯୪୮ ମସିହାରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇ ଥିଲେ । ୧୯୫୨ ଓ ୧୯୫୭ ସାଧାରଣ ନିର୍ବାଚନରେ ସେ ଯଥାକ୍ରମେ ଧାମନଗର ଓ ଶୁଦବାଲି-ବାସୁଦେବପୁର ନିର୍ବାଚନମଣ୍ଡଳୀମାନଙ୍କରୁ ନିର୍ବାଚିତ ହୋଇଥିଲେ । ୧୯୬୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ବାସୁଦେବପୁରରୁ ନିର୍ବାଚିତ ହୋଇଥିଲେ । ୧୯୬୭ ନିର୍ବାଚନରେ ଶ୍ରୀ ରାଉତରାୟ ବାସୁଦେବପୁର ଆସନ ହରାଇ ୧୯୭୧ ମସିହା ନିର୍ବାଚନରେ ପୁଣି ସେହି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ।

୧୯୫୨ ଠାରୁ ୧୯୬୭ ମସିହା ମଧ୍ୟରେ ପ୍ରଥମେ ଉପମନ୍ତ୍ରୀ ଓ ପରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହିସାବରେ ଶ୍ରୀ ରାଉତରାୟ ଖାଦ୍ୟ, ଯୋଗାଣ, ବାଣିଜ୍ୟ, ରାଜନୀତିକ ଓ ଶାସନସଂସ୍ଥା, ସମବାୟ ଓ ଜଙ୍ଗଲ, . ଶ୍ରମ, କର୍ମନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗଗୁଡ଼ିକର ଦାୟିତ୍ୱରେ ରହିଥିଲେ ଶ୍ରୀ ରାଉତରାୟ ୧୯୬୭ ରୁ ୧୯୭୦ ପର୍ଯ୍ୟନ୍ତ ଉତ୍କଳ ପ୍ରଦେଶ କଂଗ୍ରେସର ସଭାପତି ରୂପେ ଥିଲେ । ଗତ ନିହିତ ସାବୃତୀ ମନ୍ତ୍ରୀ-ମଣ୍ଡଳରେ ସେ ସ୍ୱରାଷ୍ଟ୍ର (ଲୋକ ସଂପର୍କ ଓ ପର୍ଯ୍ୟଟନ ବିଭାଗ ବ୍ୟତୀତ), ଖଣି ଓ ଭୂତତ୍ତ୍ୱ, ଯୋଗାଣ ଓ ରାଷ୍ଟ୍ରାୟତ୍ତ ସଂସ୍ଥା ଓ ଉଦ୍ୟୋଗୀକରଣ ବିଭାଗମାନଙ୍କ ଦାୟିତ୍ୱରେ ରହିଥିଲେ ।

ଅଭିରୁଚି—ରାଜନୀତିକ ଇତିହାସ ଓ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ରାଜନୀତିକ ଘଟଣା ସଂକ୍ରାନ୍ତ ବିଷୟବସ୍ତୁ ଅଧ୍ୟୟନ ।

ବାଲେଶ୍ୱର ଜିଲ୍ଲାର ଟିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ୧୯୨୦ ମସିହା ମଇ ମାସ ୨୪ ତାରିଖରେ ଶ୍ରୀ ରାଉତରାୟ ଜନ୍ମଗ୍ରହଣ କରିଥିଲେ ।



# ଶ୍ରୀ ବ୍ରଜ ମୋହନ ମହାନ୍ତି

ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ବ୍ରଜ ମୋହନ ମହାନ୍ତି ପୁରୀ ଜିଲ୍ଲା ଗୋପ ଥାନାର ବାରିମୁଣ୍ଡା ଗ୍ରାମରେ ୧୯୨୩ ମସିହା ଡିସେମ୍ବର ମାସରେ ଜନ୍ମଗ୍ରହଣ କରିଥିଲେ ।

ପୁରୀର ଜଣେ ଆଡ଼ଭୋକେଟ୍ ଭାବେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଛି । ୧୯୬୭ ମସିହାରେ ସେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୧ ମସିହାରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ପୁନର୍ବାର କଂଗ୍ରେସ ପ୍ରାର୍ଥୀ ଭାବରେ ପୁରୀ ରାଜ୍ୟ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ।

ଶ୍ରୀ ମହାନ୍ତି ଛାତ୍ରାବସ୍ଥାରୁ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୩୯ ମସିହାରେ ସେ ପୁରୀ ଜିଲ୍ଲା ଛାତ୍ର ଫେଡ଼େରେସନର ସମ୍ପାଦକ ଥିଲେ । ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ଆହ୍ୱାନ କ୍ରମେ ଶ୍ରୀ ମହାନ୍ତି ଅଧ୍ୟୟନ ଛାଡ଼ି ୧୯୪୨ ମସିହା 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗ ଦେଇଥିଲେ । କିନ୍ତୁ ୧୯୪୬ ମସିହାରେ ସେ ପୁନର୍ବାର କଲେଜରେ ଯୋଗ ଦେଇଥିଲେ । ଶ୍ରୀ ମହାନ୍ତି ୧୯୫୦ ମସିହାରେ ନିଖିଳ ଭାରତ ଜାତୀୟ ଛାତ୍ର ୟୁନିୟନ କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ । ସେ ୧୯୫୧ ମସିହାରେ ପୁରୀ ଜିଲ୍ଲାରେ ଓକିଲାତି ଆରମ୍ଭ କଲେ । ୧୯୫୧ ରେ ପୁରୀ ମ୍ୟୁନିସିପାଲିଟିର କାଉନସିଲରରୂପେ ନିର୍ବାଚିତ ହୋଇଥିଲେ । ୧୯୬୪ ମସିହାରୁ ଶ୍ରୀ ମହାନ୍ତି ପୁରୀ ଜିଲ୍ଲାର ସହଯୋଗୀ ପବ୍ଲିକ୍ ପ୍ରୋସିକ୍ୟୁଟର ରୂପେ ରହି ଆସିଛନ୍ତି । ପୁରୀ ମହିଳା କଲେଜ ଓ ନିମାପଡ଼ା କଲେଜ ପ୍ରତିଷ୍ଠା ଦିଗରେ ତାଙ୍କର ବିଶେଷ ଅବଦାନ ରହିଛି । ଏହା ବ୍ୟତୀତ ସେ ବହୁ ଶିକ୍ଷା ଅନୁଷ୍ଠାନ ସହିତ ସଂପୃକ୍ତ । ରାଜନୀତି ତଥା ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଶ୍ରୀ ମହାନ୍ତିଙ୍କର ବହୁ ପ୍ରବନ୍ଧ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶ ପାଇଛି ।



# ଶ୍ରୀ ବିନାୟକ ଆଚାର୍ଯ୍ୟ

ଶ୍ରୀ ବିନାୟକ ଆଚାର୍ଯ୍ୟ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ୧୯୧୮ ମସିହା ଅଗଷ୍ଟ ୩୦ ତାରିଖରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ସରଳତା ଓ ନମ୍ରତା ଯୋଗୁଁ ସେ ସବୁ ମହଲରେ ସୁପରିଚିତ। ଓଡ଼ିଶାରେ ଜଣେ ଶ୍ରଦ୍ଧାଭାଜନ ବ୍ୟକ୍ତି ତଥା ରାଜନୈତିକ ନେତାରୂପେ ଶ୍ରୀ ଆଚାର୍ଯ୍ୟ ସମାଜବାଦ ଓ ଧର୍ମନିରପେକ୍ଷତାରେ ବିଶେଷ ଆସ୍ଥାବାନ। ଛାତ୍ରାବସ୍ଥାରେ ମଧ୍ୟ ସେ ରାଜ୍ୟର ଜାତୀୟତାବାଦୀ ରାଜନୈତିକ ନେତାମାନଙ୍କ ସଂସ୍ପର୍ଶରେ ଆସିଥିଲେ। ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ସେ କେତେକ ସ୍କୁଲରେ ସହକାରୀ ରୂପେ କାର୍ଯ୍ୟ କରି ପରେ ଶିକ୍ଷକତା କରିଥିଲେ। ସେ ଅନେକ ମାଇନର ସ୍କୁଲ ଓ ହାଇସ୍କୁଲରେ ପ୍ରଧାନ ଶିକ୍ଷକରୂପେ ପ୍ରାୟ ୨୦ ବର୍ଷ କାଳ ଶିକ୍ଷକତା କରିଥିଲେ। ଶିକ୍ଷକତା କରୁଥିଲାବେଳେ ମଧ୍ୟ ସେ ରାଜନୀତିରେ ସକ୍ରିୟ ଭାଗ ନେଇଥିଲେ। '୧୯୪୨ ମସିହା ଭାରତ ଛାଡ଼' ଆନ୍ଦୋଳନ ସମୟରେ ଶ୍ରୀ ଆଚାର୍ଯ୍ୟ ବିଶ୍ୱସ୍ତ ବ୍ୟକ୍ତି ରୂପେ ଅଟକବନ୍ଦୀମାନଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ ଓ ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ପରିବାରଗୁଡ଼ିକର ଭଲ ମନ୍ଦ ବିଷୟ ବୁଝାବୁଝି କରୁଥିଲେ। ସେ ଅଟକ ବନ୍ଦୀମାନଙ୍କ ନିକଟରୁ ଗୁପ୍ତ ଚିଠି ଓ କାଗଜପତ୍ର ପାଉଥିଲେ। ପୁଲିସ ତାଙ୍କ ଘର ଖାନତଲାସ କରିଥିଲେ, କିନ୍ତୁ ସେ ଧରା ଦେଇନଥିଲେ।

"ବିନାୟକ ମାଷ୍ଟର" ରୂପେ ସୁପରିଚିତ ଶ୍ରୀ ଆଚାର୍ଯ୍ୟ ୧୯୬୧ ମସିହାଠାରୁ ରାଜନୀତିରେ ସକ୍ରିୟ ଭାଗ ନେଇଥିଲେ। ସେ ୧୯୬୭ ମସିହାରେ ବ୍ରହ୍ମପୁର ମ୍ୟୁନିସିପାଲିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ ତ୍ୟାଗକଲେ ଓ କଂଗ୍ରେସ ପ୍ରାର୍ଥୀ ଭାବେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ। ସେହି ବର୍ଷ ଶ୍ରୀ ସଦାଶିବ ତ୍ରିପାଠୀ ଓଡ଼ିଶା ବିଧାନ ସଭା ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେବା ପରେ ସେ ତାଙ୍କ ସ୍ଥାନରେ ବିରୋଧୀ ଦଳ ନେତା ହୋଇଥିଲେ। ୧୯୭୦ ମସିହା, ମେ' ମାସରେ କଂଗ୍ରେସର ବିଭାଜନ ପରଠାରୁ ଶ୍ରୀ ଆଚାର୍ଯ୍ୟ ଶାସକ କଂଗ୍ରେସର ସଭାପତିରୂପେ ମନୋନୀତ ହେଲେ।

୧୯୬୭ ରୁ ୧୯୭୧ ମସିହା ମଧ୍ୟରେ ରାଜ୍ୟରେ ଅନେକ ରାଜନୈତିକ ପରିବର୍ତ୍ତନ ଘଟିଲା। ଶ୍ରୀ ଆଚାର୍ଯ୍ୟ ଏପରି ସନ୍ଧି ମୁହୂର୍ତ୍ତରେ ବିଶେଷ ସାହସ ଓ ସଂକଳ୍ପ ସହ ଦଳକୁ ନେତୃତ୍ୱ ଦେଇଥିଲେ। ସେ ୧୯୭୧ ମସିହାରେ ପୁନର୍ବାର ବ୍ରହ୍ମପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୨୪,୦୦୦ରୁ ଅଧିକ ଭୋଟରେ ନିର୍ବାଚିତ ହେଲେ।

ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲେ ହେଁ ଶ୍ରୀ ଆଚାର୍ଯ୍ୟ ତାଙ୍କର ବାଲ୍ୟ କାଳରୁ ଜାତିଭେଦ, ସାମ୍ପ୍ରଦାୟିକତା ତଥା ସମସ୍ତ ପ୍ରକାରର ସଂକୀର୍ଣ୍ଣତାକୁ ଘୃଣା କରୁଥିଲେ। ସେ ଗଞ୍ଜାମ ଜିଲ୍ଲାର ହରିଜନ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ। ୧୯୩୯ ମସିହାରେ ସେ ଏକ ହରିଜନ ଭୋଜନରେ ଯୋଗ ଦେଇଥିବାରୁ ତାଙ୍କର ଗୁରୁଜନମାନେ ତାଙ୍କୁ ଭର୍ତ୍ସନା କରିଥିଲେ। ୧୯୫୦ ମସିହା ପ୍ରାରମ୍ଭରେ ଯେତେବେଳେ ପାରଳାଖେମୁଣ୍ଡିରେ ଓଡ଼ିଆ ଏବଂ ତେଲୁଗୁ ଭାଷୀ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ସେତେବେଳେ ଶ୍ରୀ ଆଚାର୍ଯ୍ୟ ଲୋକମାନଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବରୁ ନିବରାଇବା ଦିଗରେ ଆପ୍ରାଣ ଉଦ୍ୟମ କରିଥିଲେ।

୧୯୭୧ ଅପ୍ରେଲ ମାସରେ ଯେତେବେଳେ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ କାର୍ଯ୍ୟଭାର ଗ୍ରହଣ କଲେ, ସେତେବେଳେ ଶ୍ରୀ ଆଚାର୍ଯ୍ୟ ପୁନର୍ବାର ରାଜ୍ୟ ବିଧାନ ସଭାର ବିରୋଧୀଦଳ ନେତା ହେଲେ। ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳର ପତନ ପରେ ପରିବର୍ତ୍ତିତ ପରିସ୍ଥିତି ଦୃଷ୍ଟିରୁ ସେ କଂଗ୍ରେସ ବିଧାୟକ ଦଳର ନେତା ପଦରୁ ଇସ୍ତଫା ଦେଲେ।



# ଶ୍ରୀ ବାଙ୍କବିହାରୀ ଦାସ

ଶ୍ରୀ ବାଙ୍କବିହାରୀ ଦାସ ଓଡ଼ିଶାର ଜଣେ ଖ୍ୟାତନାମା ରାଜନୀତିଜ୍ଞ । ସେ ୧୯୨୩ ମସିହା ଜାନୁଆରୀ ମାସରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ର ଥିବାବେଳେ ସେ ପାଠ ପଢ଼ା ଛାଡ଼ି ଓ 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗଦେଇ ସକ୍ରିୟ ରାଜନୀତିରେ ଝାସ ଦେଇଥିଲେ । ସେ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ହୋଇ ଚାରି ବର୍ଷ କାରାବରଣ କରିଥିଲେ ।

ଶ୍ରୀ ଦାସ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ଦକ୍ଷ ସଂଗଠକ ଭାବରେ ପରିଚିତ । ୧୯୪୭ ରେ ସେ ପ୍ରଦେଶ କଂଗ୍ରେସ କମିଟିର ସହକାରୀ ସମ୍ପାଦକ ରହିଥିଲେ । ୧୯୪୮ ରେ ଓଡ଼ିଶା ଶାଖା ପ୍ରଜା ସମାଜବାଦୀ ଦଳର ସାଧାରଣ ସମ୍ପାଦକ ହେଲେ । ୧୯୫୭ ରେ ସେ କଟକ ଜିଲ୍ଲା ବିଂଝାରପୁର ନିର୍ବାଚନମଣ୍ଡଳୀରୁ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୯ ରେ ସେ ଓଡ଼ିଶା କର ଟିକସ ତଦନ୍ତ କମିଟିର ଅଧ୍ୟକ୍ଷ ମନୋନୀତ ହେଲେ । ୧୯୬୯ ରୁ ନିଖିଳ ଭାରତ ପ୍ରଜା ସମାଜବାଦୀ ଦଳର ଯୁଗ୍ମ ସମ୍ପାଦକ ରୂପେ ଏହି ଦଳର ସୋସିଆଲିଷ୍ଟ ଦଳ ସହ ମିଶ୍ରଣ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଆସିଛନ୍ତି । ୧୯୬୬ ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଜଣେ ଦକ୍ଷ ପାର୍ଲିଆମେଣ୍ଟାରିଆନ ଭାବେ ନିଜକୁ ପରିଚିତ କରାଇ ପାରିଥିଲେ । ଗୁରୁତ୍ୱପୂର୍ଣ୍ଣ ଆଇନ-ପ୍ରଣୟନ ବ୍ୟବସ୍ଥା ପ୍ରତି ତାଙ୍କର ଅବଦାନ ସୁବିଦିତ । ୧୯୭୧ ପର୍ଯ୍ୟନ୍ତ ସେ ରାଜ୍ୟ ସଭାର ସଦସ୍ୟ ଥିଲେ । ୧୯୬୯ ରେ ସେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କମିଟି ଏବଂ ୧୯୭୦ ରେ ପାର୍ଲିଆମେଣ୍ଟ ପବ୍ଲିକ ଆକାଉଣ୍ଟସ୍ କମିଟିର ସଦସ୍ୟ ଥିଲେ ।

ସାମ୍ବାଦିକତା କ୍ଷେତ୍ରରେ ଶ୍ରୀ ଦାସଙ୍କର ଯଥେଷ୍ଟ କୃତିତ୍ୱ ରହିଛି । ସେ ୧୯୬୧ ରୁ ୧୯୬୭ ପର୍ଯ୍ୟନ୍ତ ଓଡ଼ିଆ ସାପ୍ତାହିକ 'କୃଷକ'ର ସମ୍ପାଦକ ଥିଲେ । ଚଳନ୍ତି ରାଜନୀତିକ ଓ ଆର୍ଥନୀତିକ ଘଟଣାବଳି ସମ୍ପର୍କରେ ସେ ଅନେକ ପ୍ରବନ୍ଧ ଲେଖିଛନ୍ତି । ତାଙ୍କ ରଚିତ "ଭାରତୀୟ ଅର୍ଥନୀତି ଓ ସମାଜବାଦ" ଓ "ପୃଥିବୀର ପରିଚୟ" ନାମକ ପୁସ୍ତକ ଦ୍ୱୟ ବିଶେଷ ଆଦୃତ ହୋଇଛି ।

ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସେ ସଦାସର୍ବଦା ଲଢ଼େଇ କରିଆସିଛନ୍ତି । ସମାଜର ଦୁଃସ୍ଥ ଓ ନିପିଡ଼ିତ ଲୋକଙ୍କ କଲ୍ୟାଣ ଦିଗରେ ତାଙ୍କର ଅବଦାନ ସୁବିଦିତ ।

ଶ୍ରୀ ଦାସ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଯୁଗୋସ୍ଲୋଭିଆ, ଇଟାଲି, ମିଶର, ଗ୍ରୀସ୍, ଡେନମାର୍କ, ଅଷ୍ଟ୍ରେଲିଆ, ଲେବାନନ, ସୁଇଜରଲାଣ୍ଡ ଓ ଜାପାନ ପ୍ରଭୃତି ପୃଥିବୀର ବିଭିନ୍ନ ଦେଶ ପରିଭ୍ରମଣ କରିଛନ୍ତି ।

## ଅବିସ୍ମରଣୀୟ ପ୍ରଜାମତ ଓ ସମାଜ ସେବା

୧୯୭୨ ରେ କଂଗ୍ରେସ ସହିତ ପ୍ରଜା ସମାଜବାଦୀ ଦଳର ମିଶ୍ରଣରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ।

୧୯୭୧ ମସିହା ମଧ୍ୟାବଧି ବାଛନ୍ତିନ ନିର୍ବାଚନରେ ସେ ଧର୍ମଶାଳା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ।



# ଶ୍ରୀ ଗଙ୍ଗାଧର ପ୍ରଧାନ

ଶ୍ରୀ ଗଙ୍ଗାଧର ପ୍ରଧାନ ୧୯୨୯ ମସିହା ଜୁନ ମାସରେ ସୁନ୍ଦରଗଡ଼ ଜିଲ୍ଲାର ରାଉଡ଼ିହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଘାସି ମଙ୍ଗର ପ୍ରଧାନ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ହେଉଛି ମାଟ୍ରିକୁଲେସନ । ସେ ସୁନ୍ଦରଗଡ଼ ଜିଲ୍ଲାର ତଳସରା ନିର୍ବାଚନମଣ୍ଡଳୀରୁ ବିଧାନ ସଭାକୁ ୧୯୫୭, ୧୯୬୧, ୧୯୬୭ ଓ ୧୯୭୧ ନିର୍ବାଚନରେ ନିର୍ବାଚିତ ହୋଇଥିଲେ ।

ଅଭିରୁଚି—ଶିକାର । ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି । ସଙ୍ଗୀତ ପ୍ରତି ତାଙ୍କର ବିଶେଷ ଅନୁରାଗ ଅଛି ।

## ମନ୍ତ୍ରୀମଣ୍ଡଳ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ—

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ବିଧାନ ପାଇଁ ସେ ଛାତ୍ର ଜୀବନରୁ ଧ୍ୟାନ ଦେଇ ଆସିଛନ୍ତି । ପାଠପଢ଼ା ପରେ ସକ୍ରିୟ ରାଜନୀତିରେ ଯୋଗ ଦେବା ପୂର୍ବରୁ ଆଦିବାସୀ ଅଞ୍ଚଳରେ ସେ ନିଜେ ଆରମ୍ଭ କରିଥିବା ଗୋଟିଏ ହାଇସ୍କୁଲରେ କିଛିକାଳ ଶିକ୍ଷକତା କରିଥିଲେ । ଆଦିବାସୀମାନଙ୍କ ଅର୍ଥନୈତିକ ଉନ୍ନତି ବିଧାନ ନିମନ୍ତେ ସେ "ଭୂୟାଁ ସମାଜ ଉନ୍ନୟନ" ନାମକ ଗୋଟିଏ ସଂସ୍ଥା ସ୍ଥାପନ କରି ସେଥିର ସଭାପତି ହୋଇଥିଲେ । ଶ୍ରୀ ପ୍ରଧାନ ଉତ୍କଳ ଆଦିବାସୀ ମଙ୍ଗଳ ସମିତିର ଉପସଭାପତି ରହିଛନ୍ତି । ୧୯୬୬ ରୁ ୧୯୬୯ ମସିହା ପର୍ଯ୍ୟନ୍ତ ସେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଦଳର ସମ୍ପାଦକ ଥିଲେ । ୧୯୭୨ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଦଳ ରାଜ୍ୟ ପରିଷଦର ସେ ଜଣେ ସଦସ୍ୟ ଥିଲେ । ୧୯୬୭ ରୁ ସେ ସମବାୟ ଓ ଜଙ୍ଗଲ ବିଭାଗର ଉପମନ୍ତ୍ରୀ ଥିଲେ ଓ ପରେ ସ୍ୱତନ୍ତ୍ର-ଜନ କଂଗ୍ରେସ ମନ୍ତ୍ରୀମଣ୍ଡଳ ବେଳେ ସେ ପଶୁପାଳନ ଓ ମତ୍ସ୍ୟ ବିଭାଗର ମନ୍ତ୍ରୀ ହୋଇଥିଲେ । ୧୯୭୧ ଏପ୍ରିଲ ମାସରେ ଶ୍ରୀ ବିଶ୍ୱନାଥ ଦାସଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ଶ୍ରୀ ପ୍ରଧାନ ତାଙ୍କର ପୂର୍ବ ବିଭାଗଗୁଡ଼ିକ ଦାୟିତ୍ୱରେ ରହିଥିଲେ ।

ସେ ୧୯୭୨ ଜୁନ୍ ୫ ତାରିଖରେ ମିଳିତ ମନ୍ତ୍ରିମଣ୍ଡଳରୁ ତାଙ୍କର ସମର୍ଥନ ପ୍ରତ୍ୟାହାର କରି କଂଗ୍ରେସରେ ଯୋଗଦେଲେ ।



# ଶ୍ରୀ ଲକ୍ଷ୍ମଣ ମଲ୍ଲିକ

ଶ୍ରୀ ମଲ୍ଲିକ ୧୯୨୮ ମସିହାରେ କଟକ ଜିଲ୍ଲାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବଡ଼ଖଣ୍ଡେଇତା ଗ୍ରାମରେ ଏକ ତଫସିଲଭୁକ୍ତ ଜାତିରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୫୨ ମସିହାରେ କଟକ ସଦର ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୧ ମସିହାରେ ସେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ।

ଅଭିରୁଚି—ଲେଖାଲେଖି ଓ ସାଂସ୍କୃତିକ କାର୍ଯ୍ୟକଳାପ । ସମାଜ ସେବା କାର୍ଯ୍ୟରେ ବିଶେଷ ଆଗ୍ରହ ।

ରାଜନୀତିକ ଓ ଅନ୍ୟାନ୍ୟ କାର୍ଯ୍ୟ—ବିଦ୍ୟାଳୟରେ ଅଧ୍ୟୟନ ସମୟରେ ସେ "ରାଗସ୍ୱଷ" ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେ ୧୯୫୭ ମସିହାରୁ ୧୯୫୯ ମସିହା ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ, ୧୯୫୮ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ଦଳିତ ଜାତିସଂଘର ସହକାରୀ ସଂପାଦକ ଓ ୧୯୬୩ ମସିହାଠାରୁ ଦଳିତ ଜାତିସଂଘର ସାଧାରଣ ସଂପାଦକ ରୂପେ କାର୍ଯ୍ୟ କରିଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକର ସଂଗଠନ ଦିଗରେ ସେ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ । ସେ ବିଭିନ୍ନ ସ୍କୁଲ ଓ କଲେଜର ଉପଦେଷ୍ଟା କମିଟିର ସଭ୍ୟ, ପବ୍ଲିକ୍ ଆକାଉଣ୍ଟସ କମିଟିର ସଭ୍ୟ ଓ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଭ୍ୟ । ବର୍ତ୍ତମାନ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଅଟନ୍ତି ।

# ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ

ଜୁନ ୧୪, ୧୯୭୨



ଶ୍ରୀମତୀ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀରୂପେ ଶପଥ ପାଠ କରୁଛନ୍ତି ।



ଶ୍ରୀ ନୀଳମଣି ରାଉତରାୟଙ୍କୁ ମନ୍ତ୍ରୀରୂପେ ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ଶପଥ ପାଠ କରାଉଛନ୍ତି

## ଛବିରେ ସମ୍ବାଦ

ଶ୍ରୀ ବ୍ରଜମୋହନ ମହାନ୍ତିଙ୍କୁ ମନ୍ତ୍ରୀରୂପେ ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ଶପଥ ପାଠ କରାଉଛନ୍ତି





ଶ୍ରୀ ଗଙ୍ଗାଧର ପ୍ରଧାନ ମନ୍ତ୍ରୀରୂପେ ଶପଥ ଗ୍ରହଣ କରୁଛନ୍ତି

## ଚିତ୍ରେ ସମ୍ବାଦ

ଶ୍ରୀ ଲକ୍ଷ୍ମଣ ମଲ୍ଲିକ ମନ୍ତ୍ରୀରୂପେ ଶପଥ ଗ୍ରହଣ କରୁଛନ୍ତି





ଶ୍ରୀ ବିନାୟକ ଆଚାର୍ଯ୍ୟ ମନ୍ତ୍ରୀରୂପେ ଶପଥ ଗ୍ରହଣ କରୁଛନ୍ତି

## ଶପଥ ସମ୍ବାଦ

ଶ୍ରୀ ବାଙ୍କ ବିହାରୀ ଦାସ ମନ୍ତ୍ରୀରୂପେ ଶପଥ ଗ୍ରହଣ କରୁଛନ୍ତି





## ଓଡ଼ିଶାର ନୂତନ ସରକାରଙ୍କ ଆଭିମୁଖ୍ୟ—

# ସାମ୍ବାଦିକ ସମ୍ମିଳନୀରେ ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ବିବୃତି

ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୨ ଜୁନ ୧୪ ତାରିଖ ଅପରାହ୍ଣରେ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରି ସାରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ ଓଡ଼ିଶାର ମୌଳିକ ଓ ଜରୁରୀ ଆବଶ୍ୟକତାଗୁଡ଼ିକ ପୂରଣ ଦିଗରେ କେତେକ ଉନ୍ନୟନ ଓ ଜନମଙ୍ଗଳ କାର୍ଯ୍ୟକ୍ରମ ତୁରନ୍ତ କାର୍ଯ୍ୟକାରୀ କରାଯିବ ।

ମୁଖ୍ୟମନ୍ତ୍ରୀ କହିଲେ, "ମୋ ଆଗରେ ରହିଥିବା କର୍ତ୍ତବ୍ୟମାନ କେତେ ବିରାଟ ସେ ବିଷୟରେ ମୁଁ ସଜାଗ ଅଛି । ମୋର ନିଜର ସାମର୍ଥ୍ୟ ଓ ପରିସର କେତେଦୂର ସୀମିତ ଓ ଓଡ଼ିଶାର ପରିସ୍ଥିତିରେ କି କି ଅନ୍ତର୍ନିହିତ ଅସୁବିଧା ରହିଛି ସେ ବିଷୟରେ ମଧ୍ୟ ମୁଁ ପୁରାପୁରି ଅବହିତ ଅଛି । ମୁଁ ନମ୍ରତା ସହକାରେ ମୋର ଗୁରୁ ଦାୟିତ୍ୱ ଗ୍ରହଣ କରୁଛି ।

"ଓଡ଼ିଶା ଆର୍ଥନୀତିକ ଦିଗରେ ଅନଗ୍ରସର ହେଲେ ମଧ୍ୟ, ଜନବଳ ଓ ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ହୋଇ ରହିଛି । ଆମେ ଗୋଟିଏ ପ୍ରାଚୀନ ସଭ୍ୟତାର ଉତ୍ତରାଧିକାରୀ ଏବଂ ଆମ ଦେଶର ସାଂସ୍କୃତିକ ଓ ସାମାଜିକ ଐତିହ୍ୟ ପ୍ରତି ଆମ ଜନସାଧାରଣଙ୍କର ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ଆମମାନଙ୍କୁ ଭବିଷ୍ୟତ ଆଡ଼କୁ ଦୃଷ୍ଟି ଦେବାକୁ ହେବ ଏବଂ ଓଡ଼ିଶାକୁ ଜାତୀୟ ମହାସ୍ରୋତ ଭିତରକୁ ନେଇ ଯିବାକୁ ପଡ଼ିବ । ଆମ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରେରଣାଦାୟକ ଓ ପ୍ରଗତିଶୀଳ ନେତୃତ୍ୱରେ ଏହି ମହାସ୍ରୋତ ନୂତନ ଜାତୀୟ ଗର୍ବ, ଆଶା ଓ ସଚେତନତାର ବାହକ ହୋଇଛି ।

"ଆମର ଆଶା ଓ ଆକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ ଶାସନକଳକୁ ପ୍ରଗତିଶୀଳ, ଦାୟିତ୍ୱସଂପନ୍ନ, ଉଦ୍ଦେଶ୍ୟପରିପୂରକ ଓ ନିରପେକ୍ଷ କରାଇବାକୁ ହେବ । ଶାସନକଳରେ ଥିବା ତ୍ରୁଟି, ବିଚ୍ୟୁତି ସଂପର୍କରେ ମୁଁ ଅବହିତ ।

"ଆମ ରାଜ୍ୟର ମରୁଡ଼ି ଓ ବାତ୍ୟାବିପନ୍ନ ଅଞ୍ଚଳମାନଙ୍କରେ ଦୁଃଖକଷ୍ଟରେ ସଢ଼ୁଥିବା ଜନସାଧାରଣଙ୍କ ତଥା ବର୍ତ୍ତମାନ ମୁଁ

ଚିନ୍ତା କରୁଛି । ସେହି ଦୁର୍ଗତ ଲୋକଙ୍କ ନିକଟରେ ସାହାଯ୍ୟ ପହଞ୍ଚାଇବା ଆମର ସର୍ବପ୍ରଧାନ କର୍ତ୍ତବ୍ୟ ହେବ ଏବଂ ଏଥିପାଇଁ ସରକାରୀ କଳର ଶକ୍ତି ଓ ସମ୍ବଳକୁ ବିନିଯୋଗ କରାଯିବ ।

"ଦେଶର ଅନ୍ୟାନ୍ୟ ରାଜ୍ୟରେ ଭୂ-ସଂସ୍କାର ଦିଗରେ ଯେଉଁ ଆଭିମୁଖ୍ୟ ଗ୍ରହଣ କରାଯାଇଛି ସେହି ଢାଞ୍ଚାରେ ଆମ ରାଜ୍ୟରେ ଭୂ-ସଂସ୍କାର ଆଇନ ପ୍ରବର୍ତ୍ତନ କରାଯିବ । ଗ୍ରାମ୍ୟ ବିଦ୍ୟୁତ୍‌କରଣ, ଜଳସେଚନ ଓ କ୍ଷୁଦ୍ରଶିଳ୍ପ ଉନ୍ନୟନ କାର୍ଯ୍ୟକ୍ରମ ସହିତ ବିଦ୍ୟୁତ୍‌କରଣ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ ।

"ଏହି ମହାନ୍ ଦାୟିତ୍ୱ ସଂପାଦନ କରିବାରେ ମୁଁ ଆମର ରାଜନୀତିକ ଓ ସାମାଜିକ ଜୀବନ ସହିତ ସଂଯୁକ୍ତ ସବୁ ଶ୍ରେଣୀ ଓ ଗୋଷ୍ଠୀର ସହଯୋଗ ଲାଭ କରିବା ପାଇଁ ଉଦ୍ୟମ କରିବି । ବିଶେଷ କରି ମୁଁ ଛାତ୍ର, ଯୁବକ, ମହିଳା, ଶ୍ରମିକ ଓ ସରକାରୀ କର୍ମଚାରୀମାନଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଆଗଭର ହୋଇ ଆସନ୍ତୁ ଏବଂ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜ ନିଜକୁ ନିୟୋଜିତ କରନ୍ତୁ ।

"ଜାତୀୟ ପ୍ରତିଶ୍ରୁତି ଏବଂ ଲକ୍ଷ୍ୟ ପରିପୂରଣ ଦିଗରେ କାର୍ଯ୍ୟ କରିବା ପାଇଁ ମୁଁ ସଂକଳ୍ପ କରୁଛି ।

"ଓଡ଼ିଶାକୁ ଜାତୀୟ ମହାସ୍ରୋତ ଭିତରକୁ ନେଇଯିବା ପାଇଁ ଏବଂ ଓଡ଼ିଶାର ମୌଳିକ ଓ ଏକାନ୍ତ ଜରୁରୀ କାର୍ଯ୍ୟ ସଂପାଦନ ପ୍ରତି ଧ୍ୟାନ ଦେବା ପାଇଁ ମୁଁ ସଂକଳ୍ପ କରୁଛି ।

"ସମସ୍ତଙ୍କ ପ୍ରତି ନିରପେକ୍ଷ, ନ୍ୟାଯ୍ୟ ଓ ସମ ବ୍ୟବହାର ପ୍ରଦର୍ଶନ କରିବାକୁ ମୁଁ ସଂକଳ୍ପବଦ୍ଧ ହେଉଛି ।"

ମାନବେନ୍ଦ୍ର ମିଶ୍ର

# ମାନବପ୍ରେମୀ ନେହେରୁ

ମନୁଷ୍ୟ ସମାଜରୁ ସଂସାରାଜ୍ଞର ହେଲେ ଭାବୁକ, ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ଅଭ୍ୟୁଦୟ ଘଟେ । ସେହିପରି ପରାଧୀନ ଭାରତର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଭୂମିରେ ଆବିର୍ଭୂତ ହୋଇଥିଲେ ଯୁଗସ୍ରଷ୍ଟା ନେହେରୁ ।

ନେହେରୁ ଏକ ଧନାଢ଼୍ୟ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବିଳାସପ୍ରିୟ ନ ଥିଲେ । ନିଃସ୍ୱାର୍ଥପରତା ଓ ଦେଶସେବା ଥିଲା ତାଙ୍କ ଜୀବନର ଚରମ ଲକ୍ଷ୍ୟ । ତେଣୁ ନିଜର ଲକ୍ଷ୍ୟ ସାଧନ ନିମନ୍ତେ ଜୀବନ ଯୌବନର ସ୍ୱପ୍ନ ଦେଖିବା ତ୍ୟାଗକରି ସେ ବ୍ରିଟିଶମାନଙ୍କ ହାତରୁ ଲାଠି ଓ ସଙ୍ଗିନ ମାଡ଼ ଖାଇ ବରେଇଛି, ଆଲମୋଡ଼ା ଓ ନୈନୀ ଜେଲରେ ଦୀର୍ଘ ୧୬୬ ଦିନ କାରାବାସ ଭୋଗକରି ଏକ ନିଃସ୍ୱାର୍ଥପର ପରହିତୈଷୀ ବ୍ୟକ୍ତିରୂପେ ବିଶ୍ୱ-ବନ୍ଦନୀୟ ହେଲେ ।

ନେହେରୁ ଉଚ୍ଚଶିକ୍ଷିତ ହୋଇଥିଲେ । ସେ ଇଚ୍ଛା କରିଥିଲେ ସେହି ଶିକ୍ଷାବଳରେ ବହୁ ଅର୍ଥୋପାର୍ଜନ କରି ନାନାଦି ସୁଖସ୍ୱପ୍ନକୁ କାର୍ଯ୍ୟରେ ପରିଣତ କରିପାରିଥାନ୍ତେ ; ମାତ୍ର ତାଙ୍କ ଜୀବନର ବାସ୍ତବ ସ୍ୱପ୍ନ ଥିଲା ଦେଶର ସ୍ୱାଧୀନତାର ପୁନରୁଦ୍ଧାର ଓ ପ୍ରଗତି ତଥା ସମାଜର ମଙ୍ଗଳ ସାଧନ । ତାକୁ କାର୍ଯ୍ୟରେ ପରିଣତ କରିବାକୁ ଯାଇ ନେହେରୁ ବିପୁଳ ଐଶ୍ୱର୍ଯ୍ୟ ତ୍ୟାଗ କରି ସ୍ୱାଧୀନତା ସଂଗ୍ରାମର ଜଣେ ବିଶିଷ୍ଟ ବିପ୍ଳବୀ ତଥା ନେତା ସାଜିଲେ ।

ବ୍ରିଟିଶମାନଙ୍କର ପ୍ରବଳ ପ୍ରତିରୋଧ ହେତୁ କ୍ରମଶଃ କ୍ଷୀଣ ହୋଇ ଆସୁଥିବା ସ୍ୱାଧୀନତା ବିପ୍ଳବାଗ୍ନିକୁ ଅଧିକ ତେଜୀୟାନ କରିପାରିଥିଲେ ଯୁଗସ୍ରଷ୍ଟା ନେହେରୁ । ଅନ୍ୟ ପକ୍ଷରେ ସେ ଥିଲେ ଜାତିର ଜନକ ବାପୁଜୀଙ୍କର ଦକ୍ଷିଣ ହସ୍ତ ସ୍ୱରୂପ । ଗାନ୍ଧୀଜୀଙ୍କର ପଟ୍ଟଶିଷ୍ୟରୂପେ ନେହେରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସଙ୍ଗେ ସଙ୍ଗେ କେତେକ ତତ୍କାଳୀନ ସମସ୍ୟାର ମଧ୍ୟ ସମାଧାନ କରିଥିଲେ ।

ନିଜର ଅସାଧାରଣ ପ୍ରତିଭା ଓ ଚରିତ୍ର ବ୍ୟକ୍ତିତ୍ୱ ବଳରେ ନେହେରୁ ଦୀର୍ଘ ୧୭ ବର୍ଷକାଳ ସ୍ୱାଧୀନ ଭାରତର କର୍ଣ୍ଣଧାର ହୋଇ ପାରିଥିଲେ । ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥାଇ ନେହେରୁ ଭାରତକୁ ଶିକ୍ଷା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗାମୀ କରାଇ ପାରିଥିଲେ । ସେ ମଧ୍ୟ ହିନ୍ଦୁ ଶରଣାର୍ଥୀ ସମସ୍ୟା ଓ ଚୀନ

ସମସ୍ୟାର ସମାଧାନ କରିଥିଲେ । ଜଣେ ଶାନ୍ତି ପ୍ରତିଷ୍ଠାତା ହିସାବରେ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ଥିଲା "ପଞ୍ଚଶୀଳ ନୀତି" ।

ନେହେରୁ ଥିଲେ କର୍ମବୀର । କର୍ମହିଁ ଥିଲା ତାଙ୍କ ଜୀବନର ମାନଦଣ୍ଡ । ସେ ନିଜେ ଏହି ପ୍ରସଙ୍ଗରେ କହିଥିଲେ "ଆରାମ ହାରାମ୍ ହାୟ" ।

ନେହେରୁ ଥିଲେ ଶିଶୁପ୍ରେମୀ । ସେ ବୁଝିଥିଲେ ଯେ "The children are the back-bone of the country" ଅର୍ଥାତ୍ ଶିଶୁମାନେହିଁ ଦେଶର ମେରୁଦଣ୍ଡ । ଆଜିର ଚପଳମତି ଶିଶୁ କାଲି ଦେଶର କର୍ଣ୍ଣଧାର ହୁଏ । ତାହାରି ଉପରେ ନିର୍ଭର କରେ ଦେଶର ପ୍ରଗତି ଓ ସମୃଦ୍ଧି । ତେଣୁ ସେ ଛୋଟ ଛୋଟ ବାଳକ-ବାଳିକାମାନଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ତାଙ୍କର ଏହି ଶିଶୁପ୍ରେମ ଗୁଣଟି ଆମର ଶିଶୁପ୍ରାଣକୁ ସବୁଠାରୁ ବେଶି ଆକୃଷ୍ଟ କରେ । ସେଥିପାଇଁ ଚପଳମତି ଶିଶୁଗଣ ତାଙ୍କୁ ଚାଚାନେହେରୁ ବୋଲି ଡାକୁଥିଲେ । ଆହୁରିମଧ୍ୟ ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ନେହେରୁଙ୍କ ଜନ୍ମଦିବସକୁ ଶିଶୁ ଦିବସ (Children's Day) ରୂପେ ପାଳନ କରାଯାଏ । ଶିଶୁମାନେ ଜାତିର ଜନକ ବାପୁଜୀଙ୍କ ପରି ପ୍ରିୟ ଚାଚାଙ୍କୁ କେବେହେଲେ ଭୁଲିପାରିବେ ନାହିଁ ।

ଭାରତୀୟମାନଙ୍କର ଦୃଷ୍ଟିକୋଣ କ'ଣ ହେବା ଉଚିତ ସେ ବିଷୟରେ ନେହେରୁ କହିଥିଲେ ଯେ ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତି ମାତ୍ର ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱରୁ ଉଠି ସମାଜର ମଙ୍ଗଳ କଥା ଚିନ୍ତା କରିବା ଉଚିତ । କାରଣ ଗୋଷ୍ଠୀମୂଳକ ଭାବେ ବ୍ୟକ୍ତି ଜାତି ତଥା ଦେଶର ହିତସାଧନ କରିବାହିଁ ଜୀବନର ଧର୍ମପ୍ରତିଯୋଗିତା ।

ଏହିପରି ନେହେରୁ ଥିଲେ ଏକାଧାରରେ ଦେଶପ୍ରାଣ, ବିଶ୍ୱବନ୍ଧୁ, ପଣ୍ଡିତ, ଲେଖକ, ବକ୍ତା, ଦାର୍ଶନିକ, କଳାଗ୍ରାହୀ, ସଂସ୍କୃତିପ୍ରେମୀ, ନୀତିନିଷ୍ଠ ଓ ରାଜନୀତିଜ୍ଞ । ସେଥିପାଇଁ ତାଙ୍କୁ ଶାନ୍ତିଦୂତ, ଶାନ୍ତି କପୋତ, ଯୁଗସ୍ରଷ୍ଟା, ଭାରତ ରତ୍ନ ଓ ଚାଚାନେହେରୁ ପଦରେ ଅଭିହିତ କରାଯାଇଛି । ପୃଥିବୀ ଇତିହାସରେ ନେହେରୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଆଜି ସେ ମହାନ୍‌ବ୍ୟକ୍ତି ଆମ ନିକଟରୁ ଅପସରି ଯାଇଛନ୍ତି । ରାଧାକୃଷ୍ଣନଙ୍କ ଭାଷାରେ "An epoch in our country has come to a close" ମାତ୍ର ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଅସାଧାରଣ ପ୍ରତିଭା ଆମକୁ ଉଦ୍‌ବୋଧିତ ଓ ଅନୁପ୍ରାଣିତ କରୁ ଏବଂ ତାଙ୍କର ସ୍ୱପ୍ନର ପ୍ରଗତିଶୀଳ ଭାରତ ଆମ ହାତରେ ଯଥାର୍ଥରେ ସମୃଦ୍ଧିଶାଳୀ ହେଉ—ଆଜି ପ୍ରତ୍ୟେକ ଛାତ୍ର ଏହା ଭାବିବା ଉଚିତ ।

ଲାବଣ୍ୟ ନାୟକ

# ଆମର ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷାର୍ଥୀ

ମାନବର ଶିକ୍ଷା, ସଂସ୍କୃତି, ରୁଚି ଏବଂ ଏପରିକି ଧର୍ମଧାରଣା ଓ ନୀତି ସମୟାନୁକ୍ରମେ ପରିବର୍ତ୍ତିତ ହୋଇଥାଏ । ତେଣୁ ଆଜି ଯାହା ଆଦର୍ଶ, ହୁଏତ ଅନାଗତ ପାଇଁ ତା' ପରିତ୍ୟକ୍ତ ଏବଂ ପ୍ରାଗ୍‌ଐତିହାସିକ ଯୁଗରେ ଯାହା ବନ୍ଦନୀୟ ଆଜି ତାହା ନିନ୍ଦନୀୟ ।

ସେହି ଦୃଷ୍ଟିରୁ ବିଚାର କଲେ ଉପନିଷଦ ବା ବୈଦିକ ଯୁଗରେ ଶିକ୍ଷାୟତନ, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସ୍ଥିତି ଓ ସମ୍ପର୍କ ଯାହା ଥିଲା ଆଜି ହୁଏତ ତାହାର ପରିବର୍ତ୍ତନ ଘଟିଛି । ପରିବର୍ତ୍ତନ ସୃଷ୍ଟିର ନିୟମ । ଭଙ୍ଗା, ଗଢ଼ା ବିଧାତାର ବିଧି । ତେଣୁ ସବୁ ବିଷୟରେ ପରିବର୍ତ୍ତନ ଓ ନୂତନର ପ୍ରବର୍ତ୍ତନ ସ୍ୱାଭାବିକ । କିନ୍ତୁ ପରିବର୍ତ୍ତନର ସ୍ରୋତରେ ପରମ୍ପରା ଓ ଆଦର୍ଶକୁ ଝାସ ଦେବା ପ୍ରକୃତ ପ୍ରଗତି ନୁହେଁ, ବରଂ ଦୁର୍ଗତି ।

ବୈଦିକ ଯୁଗରେ ଗୁରୁ ଓ ଦେବତା ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା ଏବଂ ଛାତ୍ରମାନେ ଗୁରୁକୁଳାଶ୍ରମକୁ ପବିତ୍ର ଦେବ ମନ୍ଦିର ବୋଲି ମନେ କରୁଥିଲେ । ମୁନି ଋଷିଙ୍କ ଆଶ୍ରମ ମଧ୍ୟରେ ଏହି ଛାତ୍ରାବାସ ଥିଲା, ନଗରର ଜନ କୋଳାହଳ ଓ ପ୍ରଲୋଭନ ଠାରୁ ବହୁତ ଦୂରରେ ଏବଂ ଏଗୁଡ଼ିକ ତରୁଲତା ପରିବେଷ୍ଟିତ ନିର୍ଜନ ସ୍ଥାନରେ ଅବସ୍ଥିତ ହୋଇଥିବାରୁ କଠୋର ତପୋମୟ ଜୀବନ ଯାପନ ପାଇଁ ଉତ୍କୃଷ୍ଟ ପରିବେଶ ଭାବେ ବିବେଚିତ ହେଉଥିଲା । କଠୋର ତ୍ୟାଗମୟ ଜୀବନ ଯାପନହିଁ ବ୍ରହ୍ମଚର୍ଯ୍ୟାବ୍ରତ । ତେଣୁ ବ୍ରହ୍ମଚାରୀକୁ 'ତପ' ଆଚରଣ କରିବାକୁ ପଡ଼ୁଥିଲା । ଅଥର୍ବ ବେଦର 'ବ୍ରହ୍ମଚର୍ଯ୍ୟ ସୂକ୍ତ'ରେ ଛବିଶଟି ମନ୍ତ୍ର ମଧ୍ୟରେ ପନ୍ଦର ଥର 'ତପ' ଶବ୍ଦ ବ୍ୟବହୃତ ହୋଇଛି । ଅଳ୍ପ ବୟସ ବାଳକ ବାଳିକା ବାହ୍ୟ ଜଗତରୁ ଦୂରରେ ବାସକଲେ ପ୍ରଲୋଭନକୁ ପ୍ରତିରୋଧ କରିବାର ଶକ୍ତି ପାଇପାରି ନଥାନ୍ତି, କିନ୍ତୁ ଗୁରୁକୁଳାଶ୍ରମର ପବିତ୍ର ପୀଠ କଠୋର ତପଶ୍ଚାରଣ ଓ ପ୍ରଲୋଭନକୁ ପ୍ରତିରୋଧ କରିବାର ଶକ୍ତି ଆଣି ଦେଇଥାଏ ଏବଂ ଏହି ପ୍ରତିରୋଧହିଁ ତ୍ୟାଗ । ଯେଉଁ ଛାତ୍ର ଯେତେ ତ୍ୟାଗବ୍ରତ ଆଚରଣ କରିପାରୁଥିଲା ସେ ସେତେ ଜ୍ଞାନ ଆହରଣ କରି ପାରୁଥିଲା । ତ୍ୟାଗ ଓ ତପହିଁ ଜ୍ଞାନର ମାପକାଠି ଥିଲା । କିନ୍ତୁ ଏହାର ଅର୍ଥ ନୁହେଁ ସେ ସମସ୍ତ ପ୍ରବୃତ୍ତିକୁ ହତ୍ୟାକରି କେବଳ ତ୍ୟାଗର ଆରାଧନା କରିବା । କାରଣ ପ୍ରବୃତ୍ତି ଓ ନିବୃତ୍ତିର ସମନ୍ୱୟହିଁ ଆର୍ଯ୍ୟ ସଂସ୍କୃତିର ମୂଳ ଲକ୍ଷ୍ୟ । ଯିଏ ତ୍ୟାଗକରି ନ ଶିଖିଛି ସେ ଭୋଗର ପୂର୍ଣ୍ଣ ସ୍ୱାଦ ପାଇ ପାରିନି । ଯିଏ ପର୍ଣ୍ଣ କୁଟୀରରେ ବାସ ନ କରିଛି ସେ ମାର୍ବଲ ପ୍ରସ୍ତରର ଅଟ୍ଟାଳିକାର ସୁଖ ହୃଦୟଙ୍ଗମ କରି ନ ପାରେ । ସେଥିପାଇଁ ବୈଦିକ ଯୁଗରେ

ବ୍ରହ୍ମଚର୍ଯ୍ୟାଶ୍ରମ ପରେ ସେମାନଙ୍କୁ ପୁଣି ସ୍ୱଗୃହକୁ ଫେରି ଆସିବାକୁ ହେଉଥିଲା । ସେତେବେଳକୁ ସେମାନେ ଆଉ ବାଳକ ବାଳିକା ନୁହନ୍ତି । ୨୫ ବା ୨୬ ବର୍ଷର ଯୁବକ ଯୁବତୀ । ଭୋଗ ଓ ପ୍ରଲୋଭନରେ ରହି ମଧ୍ୟ ସେଥିରେ ଲିପ୍ତ ନ ହେବାର ଶକ୍ତି ସେ ସେମାନେ ଅର୍ଜନ କରି ସାରିଛନ୍ତି ଏ ବିଷୟ ଜାଣିବା ପାଇଁ ଗୁରୁଦେବହିଁ ଥିଲେ ପରୀକ୍ଷକ । ସେ ଅନୁମତି ଦେଲେ ଏମାନେ ସ୍ୱଗୃହକୁ ଫେରୁଥିଲେ ଏବଂ ସେତେବେଳେ ସେମାନଙ୍କ ପାଇଁ ମଧ୍ୟ ସମାବର୍ତ୍ତନ ଉତ୍ସବ ପାଳନ କରାଯାଉଥିଲା । ବ୍ରହ୍ମଚାରୀଙ୍କୁ ଯେଉଁ 'ସମାବର୍ତ୍ତନ ସଂସ୍କାର ଦିଆଯାଉଥିଲା ତାହା ଆଜିକାଲିର ସାର୍ଟିଫିକେଟ ନୁହେଁ । ଦର୍ପଣ, ପାନିଆ, ଛତା, ଜୋତା ଇତ୍ୟାଦି ଅର୍ପଣ କରାଯାଉଥିଲା । କାରଣ ସେପର୍ଯ୍ୟନ୍ତ ସେମାନଙ୍କର କେଶ ତେଲ ବିହୁନେ ତାମ୍ର ବର୍ଣ୍ଣ ହୋଇଥିଲା ଓ ପାନିଆର ବ୍ୟବହାର ବ୍ୟତୀତ ସେମାନେ ଜଟାଧାରୀ ହୋଇଥିଲେ । କେବଳ ଏଇ ସାଧାରଣ କେତୋଟି ବ୍ୟବହାର୍ଯ୍ୟ ବସ୍ତୁ ଯେ ସେମାନଙ୍କୁ ତ୍ୟାଗ କରିବାକୁ ହେଉଥିଲା ତା' ନୁହେଁ, ଗୁରୁଦେବଙ୍କ ଇଙ୍ଗିତରେ ସେମାନଙ୍କୁ ମହା ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହିପ୍ରକାର ତ୍ୟାଗର ବହୁତ ଦୃଷ୍ଟାନ୍ତ ବେଦ ଓ ଉପନିଷଦରେ ମିଳିଥାଏ । ଆରୁଣୀ, ଉପମନ୍ୟୁ ଓ ନଚିକେତା ଇତ୍ୟାଦି ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ । ହୁଏତ ଆଧୁନିକ ଯୁଗରେ ଛାତ୍ର ବା ଜନସାଧାରଣଙ୍କୁ ଏହା ଅବାନ୍ତର ମନେ ହୋଇପାରେ । ଗୁରୁଦେବଙ୍କ ଫସଲ କିଆରୀ ରକ୍ଷାକରିବାକୁ ଯାଇ ସାରା ରାତି ବର୍ଷାର ପ୍ରହାର ସହିବା ଆରୁଣୀର ନିର୍ବୋଧତା ଅଥବା ଗୁରୁଦେବଙ୍କ ସ୍ୱାର୍ଥପରତା ବୋଲି ନାମିତ ହୋଇପାରେ । କିନ୍ତୁ ଏହା ମୂଳରେ ମଧ୍ୟ ଗୁରୁଦେବଙ୍କର ତ୍ୟାଗ ଶିକ୍ଷା ଦେବାର ମହତ୍ ଉଦ୍ଦେଶ୍ୟ ନିହିତ । ନଚିକେତା ସ୍ୱଇଚ୍ଛାରେ ଯମାଳୟ ଯାଇ ଯମଙ୍କ ଠାରୁ ମହତ ଶିକ୍ଷା ପାଇଛନ୍ତି । ଉପମନ୍ୟୁ ପେଟର ଜ୍ୱାଳାରେ ଅରଖ ପତ୍ର ଖାଇ ଚକ୍ଷୁ ହରାଇ ମଧ୍ୟ ଅନ୍ଧ ହୋଇନାହାନ୍ତି । କାରଣ ତାଙ୍କର ଧୈର୍ଯ୍ୟ, ତ୍ୟାଗ ଓ ଏକନିଷ୍ଠତା ହେତୁ ପରିଶେଷରେ ଦିବ୍ୟ ଚକ୍ଷୁ ସହିତ ପାର୍ଥିବ ଚକ୍ଷୁ ମଧ୍ୟ ଫେରି ପାଇଛନ୍ତି ।

ତେଣୁ ସେ ସମୟର ଶିକ୍ଷଣୀୟ ବିଷୟ ହେଉଛି ସହନଶୀଳତା, ଆନ୍ତରିକତା ଓ ଏକନିଷ୍ଠତା । ଗଭୀର ଆନ୍ତରିକତା ବା ହୃଦୟର ଏକନିଷ୍ଠତା ଯୋଗୁଁ ଛାତ୍ର ଗୁରୁକୁଳାଶ୍ରମରେ ନ ରହି ମଧ୍ୟ ଉପଯୁକ୍ତ ଶିକ୍ଷା ଲାଭ କରି ପାରିଛନ୍ତି । ପୁରାଣବର୍ଣ୍ଣିତ ଏକଲବ୍ୟ ଦ୍ରୋଣଙ୍କଠାରୁ ପ୍ରତ୍ୟାଖ୍ୟାତ ହୋଇ ମଧ୍ୟ ତାଙ୍କୁ ଗୁରୁବୋଲି ମନେ ମନେ ଗ୍ରହଣ କରିଥିଲେ ଏବଂ ଶେଷରେ ସ୍ୱ ଅଙ୍ଗୁଳି ମଧ୍ୟ ଗୁରୁ ଦକ୍ଷିଣା ଦେବାକୁ ପଶ୍ଚାତ୍‌ପଦ ହୋଇ ନଥିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ମଧ୍ୟ ବ୍ରହ୍ମଚାରୀଙ୍କ କାର୍ଯ୍ୟକଳାପ, ବେଶ ପୋଷାକ ଓ ସଂଯମ ବିଷୟରେ ବର୍ଣ୍ଣନା ଅଛି ।

ଜ୍ଞାନର ପରିସୀମା ଦୃଷ୍ଟିରୁ ଗୁରୁ ଓ ଛାତ୍ରଙ୍କ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିଲେହେଁ ଜ୍ଞାନର ଆଧିକ୍ୟ ହେତୁ ଗର୍ବ ଗୁରୁର ମନରେ ସ୍ଥାନ ପାଇବା ଉଚିତ ନୁହେଁ କିମ୍ବା ଛାତ୍ର ଗୁରୁଙ୍କ ସମକକ୍ଷ ହେବାପାଇଁ ତା' ମନକୁ ହୀନମନ୍ୟତା ସ୍ପର୍ଶ କରିବା ସ୍ପୃହଣୀୟ ନୁହେଁ । ଜାତି ଗୋଷ୍ଠୀ ନିର୍ବିଶେଷରେ ଜ୍ଞାନୀ ବ୍ୟକ୍ତି ଗୁରୁର ଆସନ ଗ୍ରହଣ କରିବା ପାଇଁ ଉପଯୁକ୍ତ । ମହର୍ଷି ବେଦବ୍ୟାସ ଏକ ଶିକାରୀ ଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କୁ ଗୁରୁ ନ୍ୟାୟରେ ଅର୍ଚ୍ଚନା କରିଥିବା ବିଷୟ ନୃସିଂହ ପୁରାଣରେ ବର୍ଣ୍ଣିତ ।

କିନ୍ତୁ ନୂତନ ପରିପ୍ରେକ୍ଷୀରେ ଶିକ୍ଷାର ସ୍ୱରୂପ ଯେପରି ପାଣ୍ଡିତ୍ୟରେ ନିପୁଣ ଓ ବୌଦ୍ଧିକତାରେ ପ୍ରାଜ୍ଞକୁ ହିଁ ବୁଝାଉଛି ଠିକ୍ ସେହିପରି ଗୁରୁ ଓ ଛାତ୍ରର ସମ୍ପର୍କ ମଧ୍ୟ ଭିନ୍ନ ରୂପ ଧାରଣ କରିଛି । ମାନବ ମନରୁ ନୈତିକ ଚେତନା କ୍ରମେ ଲୋପ ହେବାକୁ ବସିଲାଣି । ସାଧାରଣ ମାନବର ମନ ଆଜି ପରଶ୍ରୀକାତରତା, କୁହାରଚନା ଏବଂ ଅହଂକାର ଇତ୍ୟାଦି ଦୁର୍ଗୁଣରେ ପୂର୍ଣ୍ଣ ହେଲାଣି । ଛାତ୍ର ଓ ଗୁରୁ ମଧ୍ୟ ସେମାନଙ୍କଠାରୁ ପୃଥକ ନୁହନ୍ତି ବୋଲି ମନେହୁଏ । ଛାତ୍ର ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ଯେ ନାନାଦି ଦୋଷ, ତ୍ରୁଟି ଓ ଅପକର୍ମରୁ ଛଡ଼ାଇ ଆବରଣ କରି ରଖେ ଏବଂ ଗୁରୁର ଧର୍ମ ହେଉଛି ତତ୍ତ୍ୱ ପ୍ରଦର୍ଶନ । କିନ୍ତୁ ଏ ଯୁଗରେ ଛାତ୍ର ଯେତେବେଶି ଗୁରୁଙ୍କ ଦୋଷ ଦର୍ଶାଇ ପାରିବ ସେତେ ଅଧିକ ନିଜକୁ ଧନ୍ୟ ମନେ କରେ ଏବଂ ଜ୍ଞାନ ଆହରଣରେ ଯେତେବେଶି ଗୁରୁଙ୍କ ନିକଟବର୍ତ୍ତୀ ହୁଏ ସେତେଦୂର ତାଙ୍କୁ ଘୃଣା କରି ଶିଖେ ।

ଅବଶ୍ୟ ଏଠି ଉଲ୍ଲେଖ କରିବା ଉଚିତ୍ ଯେ ଏ ପ୍ରକାର ତ୍ରୁଟି ସଂପୂର୍ଣ୍ଣ ଏକତରଫା ନୁହେଁ । ଗୁରୁମାନଙ୍କର ମଧ୍ୟ ସ୍ଥଳ ବିଶେଷରେ ଦୋଷ ତ୍ରୁଟି ରହିଥାଇ ପାରେ । ଶିକ୍ଷାଦାନ ଓ ଛାତ୍ରର ଚରିତ୍ର ଗଠନ ଯେ ସେମାନଙ୍କର କର୍ତ୍ତବ୍ୟ ଏହା ସର୍ବଦା ସ୍ମରଣ ରଖିବା ଉଚିତ୍ । ମଧ୍ୟଯୁଗର ଶିକ୍ଷା ପଦ୍ଧତି ଅନୁଧ୍ୟାନ କଲେ ଜଣାଯାଏ, ଯେଉଁ କ୍ଷେତ୍ରରେ ଶିକ୍ଷକ ଶିକ୍ଷାଦାନ କଲାବେଳେ ତାଙ୍କର ସମସ୍ତ ଜ୍ଞାନ ଉଜାଡ଼ି ଆଗ୍ରହୀ ଶିକ୍ଷାର୍ଥୀଙ୍କୁ ଯୋଗାଇ ଦେବାକୁ କୁଣ୍ଠାବୋଧ କରୁଥିଲେ । ସେମାନଙ୍କର ମନେ ରଖିବା ଉଚିତ୍ ଯେ ଦୁନିଆରେ ଯିଏ ଯାହା ଦାନ କରେ, ଦାନର ପରିମାଣ ବୃହତ୍ ହେଉ ବା କ୍ଷୁଦ୍ର ହେଉ ଦାତାର କ୍ଷତି ହୋଇଥାଏ ଓ ଦାନ ଗ୍ରହୀତାର ତଦନୁରୂପ ଲାଭ ହୋଇଥାଏ । କେବଳ ବିଦ୍ୟାଦାନ ବା ଶିକ୍ଷାଦାନ କ୍ଷେତ୍ରରେ ଏହା ପୃଥକ ।

କ୍ଷେତ୍ରରେ ଗୁରୁ ଶିଷ୍ୟ ଉଭୟେ ଲାଭବାନ ହୋଇଥାନ୍ତି । ଛାତ୍ରର ଅନ୍ତର୍ନିହିତ ଶକ୍ତି ଯେପରି ଉଦ୍‌ବୁଦ୍ଧ ହୁଏ ଗୁରୁଙ୍କର ମଧ୍ୟ ଜ୍ଞାନର ପରିସର ସେପରି ମାର୍ଜିତ ଓ ପରିବର୍ଦ୍ଧିତ ହୁଏ ।

ଶିକ୍ଷାଦାନ କରୁଛନ୍ତି ବୋଲି ଗୁରୁ ନିଜକୁ ବିଜ୍ଞ ଓ ଛାତ୍ରକୁ ନିହାତି ଅଜ୍ଞ ବୋଲି ମନେ କରିବା ଉଚିତ ନୁହେଁ । ତତ୍ତ୍ୱ ବ୍ୟାଖ୍ୟା କରିବା ଯେପରି ଗୁରୁଙ୍କର କର୍ତ୍ତବ୍ୟ ତତ୍ତ୍ୱ ଗ୍ରହଣ କରିବା ମଧ୍ୟ ଶିଷ୍ୟର କର୍ତ୍ତବ୍ୟ । ଯେପରି ସେପରି ଲୋକ ଗୁରୁ ବା ଶିଷ୍ୟ ହୋଇ ନ ପାରେ । ଛାତ୍ର ହେବାପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ଯୋଗ୍ୟତା ଥିବା ଉଚିତ । ଗୁରୁ ମଧ୍ୟ ନିଜକୁ ସର୍ବ ଜ୍ଞାନର ଅଧିକାରୀ ବୋଲି ମନେ କରିବା ଉଚିତ ନୁହେଁ । ଛାତ୍ରକୁ ଶିକ୍ଷକଙ୍କ ସୃଷ୍ଟି ଓ ଶିକ୍ଷକଙ୍କ ହେତୁରୁ ଛାତ୍ରର ସୃଷ୍ଟି । ଉଭୟଙ୍କ ଉଦ୍ଦେଶ୍ୟ ମହତ୍ ଓ ଏକ ।

ଶିକ୍ଷା ଅମୂଲ୍ୟ ପଦାର୍ଥ । ପାର୍ଥିବ ଜଗତର କୌଣସି ବସ୍ତୁର ବିନିମୟରେ ତା'ର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନ ପାରେ । ଗୁରୁ ଓ ଶିଷ୍ୟ ମଧ୍ୟରେ ପାର୍ଥକ୍ୟ ପଦାର୍ଥଗତ ନୁହେଁ, ପରିମାଣଗତ ଏବଂ ଗୁରୁ ଶିଷ୍ୟର ବ୍ୟବହାର ଆଧ୍ୟାତ୍ମିକ ବ୍ୟାପାର । ଗୁରୁକୁଳରେ ଶିକ୍ଷା ଗ୍ରହଣ କରିବାର ଉଦ୍ଦେଶ୍ୟ ଗୁରୁ ଓ ଶିଷ୍ୟ ଏକାତ୍ମ ସୂତ୍ରରେ ଆବଦ୍ଧ ହେବା । ଏକାତ୍ମ ସୂତ୍ରରେ ଆବଦ୍ଧ ହୋଇଥିବାରୁ ଶିଷ୍ୟର ଗୌରବ ଗୁରୁଙ୍କୁ ଉଲ୍ଲସିତ କରେ ଏବଂ ଶିଷ୍ୟର ସ୍ଖଳନରେ ଗୁରୁ ଦୁଃଖରେ ଅଭିଭୂତ ହୁଅନ୍ତି । ଅପର ପକ୍ଷରେ ଗୁରୁଙ୍କର ନିନ୍ଦା ଶିଷ୍ୟ ସହ୍ୟକରି ପାରେନା । ଗୁରୁ ଓ ଶିଷ୍ୟ ଅଭିନ୍ନ ସତ୍ତା । ପରାପର ସମ୍ପର୍କ ସେମାନଙ୍କଠାରେ ନ ଥାଏ । ତେଣୁ ଯେ କୌଣସି ସମୟରେ ଗୁରୁ ବାଚିକ ଓ କାୟିକ ସାହାଯ୍ୟ ନେଇ ସାହାଯ୍ୟପ୍ରାର୍ଥୀ ଛାତ୍ର ନିକଟରେ ଉପସ୍ଥିତ ହୋଇଥାଏ । ଆଜିର ଯେତେ ବିଶୃଙ୍ଖଳା ତା'ର ହେତୁ ହେଉଛି ବିଶ୍ୱର ବିଭ୍ରାଟ । ବିଶ୍ୱର ବିଭ୍ରମ ଘଟୁଥିବାରୁ ଏବଂ ତୃଷ୍ଣା-ମଣାରେ ଭୁଲ ରହିଯାଉଥିବାରୁ ଜୀବନର ମାତ୍ରାଧିକ ଘଟୁଛି । ଶିକ୍ଷକତା ଓ ବ୍ୟକ୍ତିତ୍ୱ ଗଠନ ବାଧାପ୍ରାପ୍ତ ହେଉଛି । ଭାରତୀୟ ହେଲେ ବି ଆମେ ଯଥାର୍ଥ ଭାବେ ଭାରତୀୟ ମାନସକୁ ଉପଲବ୍ଧି କରିନାହୁଁ । ସେଇ ମୂଲ୍ୟବୋଧର ଯଥାର୍ଥ ବିଚାର ଆଧୁନିକ ପରିପ୍ରେକ୍ଷୀରେ ନିହାତି ଆବଶ୍ୟକ ।

ସାମ୍ପ୍ରତିକ କାଳ ପ୍ରାଚୀନ ଶିକ୍ଷାନୁଷ୍ଠାନର ଆଦର୍ଶଠାରୁ ଦୂରେଇ ହୋଇଯାଇଛି । ଏପରି ଦୂରେଇ ଯିବାରେ ଅପରାଧ ନାହିଁ । ସମୟର ଆବଶ୍ୟକତା ଓ ଆହ୍ୱାନ ହେତୁ ଆମେ ଆମର ଶିକ୍ଷାନୁଷ୍ଠାନକୁ ନବ-ଭାବରେ ପ୍ରବର୍ତ୍ତିତ କରିଛୁ । ତହିଁରେ ଶିକ୍ଷକ ଓ ଶିକ୍ଷାର୍ଥୀ ଏବଂ ସେମାନଙ୍କୁ ପରିଚାଳିତ କରୁଥିବା ଶିକ୍ଷାନୀତି ସୂତ୍ରାବଦ୍ଧ ବିଗତ ରୂପେ କାର୍ଯ୍ୟ କରୁଛନ୍ତି । ଆଶ୍ରମିକ ଶିକ୍ଷାଦାନ ବ୍ୟବସ୍ଥା ଆମ ପାଇଁ ଅଦରକାରୀ ହୋଇଯାଇଛି । ତା' ଫଳରେ ଶିକ୍ଷା ସୁଯୋଗର ବିପୁଳ ସମ୍ଭାବନା ସୃଷ୍ଟି କରିବା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ଅଧିକ ଶିକ୍ଷାନୁଷ୍ଠାନ ଖୋଲିବାପାଇଁ ଉଦ୍ଯୋଗିତ ହୋଇଛି । ଶିକ୍ଷାର୍ଥୀ-ମାନଙ୍କୁ ଅଧିକ ସ୍ଥାନ ଯୋଗାଇ ଦେବାପାଇଁ ଦାବୀ ହେଉଛି । ବିପୁଳ-ସଂଖ୍ୟକ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ବଢ଼ୁଛି । ଶିକ୍ଷାନୁଷ୍ଠାନକୁ ରୁଚିକର କରିବା ପାଇଁ ଏବଂ ପାଠ୍ୟକ୍ରମର ସମସ୍ତ ଉପକରଣ ଯୋଗାଇ ଦେବାପାଇଁ ଘନ ଘନ ଦାବୀ କରାଯାଉଛି ।

ଏ ସବୁକୁ ଅନୁଧ୍ୟାନ କଲେ ସ୍ୱତଃ ମନେହୁଏ ଯେ ଆଧୁନିକ ଶିକ୍ଷା ଜଗତ ଓ ତା'ର ସମ୍ଭାବନା ପ୍ରସାରିତ ହୋଇଯାଇଛି । ଫଳରେ ପ୍ରତ୍ୟେକେ ଛାତ୍ରତ୍ୱ ଲାଭ କରିବା ପାଇଁ ଅଧିକାରୀ ବୋଲି ଦାବୀ କରୁଛନ୍ତି । ଆଗ୍ରହୀ ଓ ଅନାଗ୍ରହୀ ଉଭୟ ବ୍ୟକ୍ତି ଛାତ୍ରରୂପେ ନିଜକୁ ଶିକ୍ଷାୟତନରେ ଅନୁପ୍ରବିଷ୍ଟ କରି ସାରିଲାପରେ ଛାତ୍ର ରୂପରେ ଅନୁମିତ ମର୍ଯ୍ୟାଦା ଲାଭ କରୁଛନ୍ତି ।

କିନ୍ତୁ ସମସ୍ୟା ହେଉଛି ଆଗ୍ରହ ନ ଥିବା ଛାତ୍ର, ଆଗ୍ରହୀ ଛାତ୍ରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଶିକ୍ଷାୟତନର ଶୃଙ୍ଖଳା ଓ ଏକତ୍ର ନଷ୍ଟ କରୁଛନ୍ତି । ସେହିମାନେ ସବୁ ଆନ୍ଦୋଳନର ସାରଥି ହୋଇ ଦେଶର ଶାସନ ପ୍ରତି ସମସ୍ୟା ସୃଷ୍ଟି କରୁଛନ୍ତି । ତେଣୁ ଅଶାନ୍ତ ପରିବେଶ ଭିତରେ ଶିକ୍ଷାୟତନ ଆପଣାର ମୌଳିକ ଲକ୍ଷ୍ୟ ଗୁଣାତ୍ମକ ଦୃଷ୍ଟିରୁ ପୂର୍ଣ୍ଣକରି ପାରୁନି । ଏହା ବର୍ତ୍ତମାନର ଶିକ୍ଷାୟତନ ପକ୍ଷରେ ବୃହତ୍ ସଙ୍କଟ ।

ଶିକ୍ଷାୟତନଗୁଡ଼ିକ ଯେ ନିଜର ଆଦର୍ଶ ଇଚ୍ଛାକୃତ ଭାବେ ନଷ୍ଟ କରୁଛନ୍ତି ତା' ନୁହେଁ ବରଂ ସେମାନେ ପରିସ୍ଥିତିର ଚାପରୁ ଓ ବିଶୃଙ୍ଖଳାର ଆଘାତରୁ ନିଜକୁ ସମ୍ଭାଳି ନେବାପାଇଁ କେତୋଟି ସମୟାଶ୍ରୟୀ ପଦକ୍ଷେପ ନେଉଛନ୍ତି । ଏଥିରେ ଶିକ୍ଷାନୁଷ୍ଠାନର ମୂଳ ଆଦର୍ଶ ବିଡ଼ମ୍ବିତ ହେଉଛି । ଏଥିପାଇଁ ଆମର ମନହିଁ ଏକମାତ୍ର ଦାୟୀ । ଆମେ ଭାରତୀୟ ହିସାବରେ ଯଦି ଭାରତୀୟତାର ମୌଳିକ ଅର୍ଥ ଓ ପରମ୍ପରାର ମହତ୍ତ୍ୱ ଉପଲବ୍ଧି କରୁଥାନ୍ତୁ ତା'ହେଲେ ପରିବର୍ତ୍ତନର ସ୍ରୋତରେ ସେହି ଭାରତୀୟ ମହତ୍ତ୍ୱର ବିକାଶ ପାଇଁ ନିଶ୍ଚିତଭାବେ ଚେଷ୍ଟା କରୁଥାନ୍ତୁ । କିନ୍ତୁ ଆମଠାରେ ସେହି ଅନୁଭୂତିର ଅଭାବ ଆମକୁ ମୋହଗ୍ରସ୍ତ ଭାବେ ବିଶୃଙ୍ଖଳିତ କରୁଛି । ଏଇ ବିଶୃଙ୍ଖଳାକୁ କମାଇ ଦେବାପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀ ବିଷୟରେ ସାଧୁ ଓ ପରୋକ୍ଷ ସମ୍ପର୍କ ପ୍ରତିଷ୍ଠା ପ୍ରତି ବର୍ତ୍ତମାନର ଶିକ୍ଷା ଶାସନରେ ଧ୍ୟାନ ଦିଆଯାଉଛି । ଏହା ଆମ ପ୍ରାଚୀନ ଆଦର୍ଶର ଏକ ନବୀକରଣ । ପୂର୍ବେ ଯେପରି ଥିଲା, ବର୍ତ୍ତମାନ ଆମେ ତାକୁ ନୂଆ ରୂପରେ ଜଣିବାକୁ

ଦେଖା ଦଉଛୁ । ଏଠିରେ କେତୋଟି ମୌଳିକ ସମସ୍ୟା ଦେଖାଦେଇଛି । ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଆପଣା ଆଡ଼କୁ ଘେନି ଆସିବା ପାଇଁ ଚେଷ୍ଟା କଲାବେଳେ ଶିକ୍ଷାର୍ଥୀ ନିଜ ସ୍ଥାନରୁ ନିଜକୁ ଦୂରେଇ ନେବାକୁ ଚାହୁଁନାହିଁ । ତେଣୁ ସମସ୍ତଙ୍କୁ ମମତାବଦ୍ଧକରି ରଖିବା ସଫଳ ହେଉନାହିଁ । କାରଣ ସ୍ନେହର ବନ୍ଧନ ଏପରି ଏକ ବନ୍ଧନ ଯାହାକୁ ବାଧ୍ୟକରି କାହା ଉପରେ ଲଦି ଦିଆଯାଇ ପାରିବ ନାହିଁ । ଆଗ୍ରହ ଥିଲେ ତାହା ଆପେ ଆପେ ଆସିଯିବ । କିନ୍ତୁ ବିରାଗୀ ଛାତ୍ରଙ୍କ ସଂଖ୍ୟା ଏତେ ବେଶି ଯେ ସେମାନଙ୍କୁ ଏପରି ସୂକ୍ଷ୍ମ ସମ୍ପର୍କର ବନ୍ଧନରେ ବାନ୍ଧିବା ଅପଚେଷ୍ଟାରେ ପରିଣତ ହେଉଛି ।

ଶାସନ ତରଫରୁ ସବୁ ପ୍ରକାର ସୁଯୋଗ ସୁବିଧା କରାଯାଉଥିଲେ ମଧ୍ୟ; ବୃତ୍ତି ଆକାରରେ ଅଧ୍ୟୟନ ପାଇଁ ଆର୍ଥିକ ସାହାଯ୍ୟ, ପାଠାଗାର ଓ ପୁସ୍ତକ ପାଇଁ ସାହାଯ୍ୟ ଇତ୍ୟାଦି ଅନେକ କିଛି ଛାତ୍ର ସମାଜକୁ ମିଳୁଥିଲେ ବି ଅସନ୍ତୋଷ ଦେଖାଯାଉଛି । ଏ ଅସନ୍ତୋଷ ଅନେକ କ୍ଷେତ୍ରରେ ଯୁକ୍ତିହୀନ ଓ କେତେକ କ୍ଷେତ୍ରରେ ଯୁକ୍ତିଯୁକ୍ତ ମଧ୍ୟ । ଯୁକ୍ତିହୀନତାର ପରିମାଣ ଏତେବେଶି ଯେ ତାହା ଯୁକ୍ତିଯୁକ୍ତ କାରଣକୁ ଦବାଇ ଦେଉଛି । ଏଥିର ପରିଣାମସ୍ୱରୂପ ଶିକ୍ଷାୟତନ ଯାହା ସବୁ କରୁଛି, ତାହା ହୁଏତ ସାମୟିକ ସଙ୍କଟରୁ ଉତୁରିବା ପାଇଁ ସହାୟକ ହୋଇପାରେ କିନ୍ତୁ ଅନାଗତ ସମୟ ପାଇଁ ସଫଳ ହୋଇ ପାରିବନାହିଁ । ଏ ସବୁ ମୂଳରେ ଆଗ୍ରହହୀନ ଛାତ୍ରଙ୍କ ଭୂମିକା ବେଶି । ତେଣୁ ସାମ୍ପ୍ରତିକ ଶିକ୍ଷାୟତନର ମର୍ଯ୍ୟାଦା ଓ ଦକ୍ଷ ରକ୍ଷା ପାଇଁ ପ୍ରକୃତ ଛାତ୍ରକୁ ଚୟନ କରିବା ପ୍ରଧାନ ପନ୍ଥା । ଏପରି ପଦକ୍ଷେପ ଦ୍ୱାରା ତଥାକଥିତ ଅନାଗ୍ରହୀ ଛାତ୍ରଙ୍କ ସଂଖ୍ୟା କମିଯାଇ ପ୍ରକୃତ ଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ । ତା ଦ୍ୱାରା ଶିକ୍ଷାନୁଷ୍ଠାନ ବିଶୃଙ୍ଖଳାର ସମ୍ମୁଖୀନ ହେବନାହିଁ । ପୁଣି ଶିକ୍ଷାର ଗୁଣାତ୍ମକ ମୂଲ୍ୟ ବୃଦ୍ଧିପାଇଁ ଶିକ୍ଷାର କୌଶଳ ପରିବର୍ତ୍ତନ କରିବାକୁ ହେବ । ଶିକ୍ଷକକୁ କେବଳ ଶିକ୍ଷା ପାଇଁ ରଖାଯାଇ ପ୍ରାସଙ୍ଗିକ ପ୍ରଶାସନିକ ଦାୟିତ୍ୱରୁ ତାଙ୍କୁ ମୁକ୍ତ କରିଦେବାକୁ ହେବ । ଫଳରେ ଶିକ୍ଷାର ଗୁଣାତ୍ମକ ମୂଲ୍ୟ ଓ ଛାତ୍ରଙ୍କ ଭିତରେ ଶିକ୍ଷା ପ୍ରତି ବିପୁଳ ଆଗ୍ରହ ଶୀଘ୍ର ସୃଷ୍ଟି ହୋଇପାରିବ ।

---

ଶ୍ରୀମତୀ ନାୟକ ହେଉଛନ୍ତି ବ୍ରହ୍ମପୁର ସରକାରୀ ମହିଳା କଲେଜର ଅଧ୍ୟାପିକା ।

ଭବାନୀ ପ୍ରସାଦ ଦାଶ

# ଦେଶର ପ୍ରଗତି ଓ ଆମର କର୍ତ୍ତବ୍ୟ

ଭାରତବର୍ଷ ଭଳି ଏକ ଜନକଲ୍ୟାଣ ରାଷ୍ଟ୍ରରେ, ଜନସାଧାରଣଙ୍କ ମଙ୍ଗଳ ଦେଶର ଆର୍ଥନୀତିକ ପ୍ରଗତି ଉପରେ ନିର୍ଭର କରେ । ଆର୍ଥନୀତିକ ପ୍ରଗତି କଷ୍ଟକର ତଥା ସମୟସାପେକ୍ଷ । ଆମେରିକା, ଋଷିଆ ବା ଜାପାନ ଆଜି ସମୃଦ୍ଧିର ଯେଉଁ ସ୍ତରରେ ପଦାର୍ପଣ କରିଅଛନ୍ତି, ସେଥିପାଇଁ ସେହି ଦେଶର ନାଗରିକମାନଙ୍କୁ ଯଥେଷ୍ଟ କଷ୍ଟ ଏବଂ ତ୍ୟାଗ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଅନେକ କାଳଧରି ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହୋଇଛି । ଏତଦ୍‌ବ୍ୟତୀତ ସେହି ଦେଶଗୁଡ଼ିକର ଉନ୍ନତି ବିଧାନ ନିମିତ୍ତ ଦେଶବାସୀ ଦୀର୍ଘ ସମୟ ଧରି ଉତ୍କଣ୍ଠା ଏବଂ ଉତ୍ସାହ ପ୍ରଦର୍ଶନ କରି ଆସିଛନ୍ତି । ଭାରତରେ ବହୁଳ ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ, ସେହି ଦେଶଗୁଡ଼ିକ ତୁଳନାରେ ଭାରତବର୍ଷ ଅନେକ ପଛରେ ପଡ଼ିରହିଛି । ଅର୍ଥନୀତିଜ୍ଞମାନେ କହିଥାନ୍ତି ଯେ ବିଶ୍ୱର ଶାନ୍ତି ନିମିତ୍ତ ଏବଂ ଦେଶ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମିତ୍ତ, ସମୃଦ୍ଧିଶାଳୀ ଦେଶ ଓ ଆର୍ଥନୀତିକ ଦୃଷ୍ଟିରୁ ଅନଗ୍ରସର ଦେଶଗୁଡ଼ିକ ମଧ୍ୟରେ ଥିବା ବିଭେଦକୁ ଦୂର କରିବା ଉଚିତ । ତା' ନହେଲେ, ଦେଶ ଦେଶ ମଧ୍ୟରେ ଯୁଦ୍ଧ ବିଗ୍ରହ, ଅଶାନ୍ତି ଏବଂ ହିଂସାଭାବର ଅବସାନ ହେବନାହିଁ ।

ଭାରତବର୍ଷ ଏକ ବିକାଶୋନ୍ମୁଖୀ ରାଷ୍ଟ୍ର । ଦୀର୍ଘଦିନ ଧରି ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ରହି କୃଷି, ବାଣିଜ୍ୟ, ଶିଳ୍ପ, ଓ ଅନ୍ୟ ସବୁ କ୍ଷେତ୍ରରେ ଏ ଦେଶ ପଛରେ ପଡ଼ି ରହିଥିଲା । ସ୍ୱାଧୀନତାର ସୂର୍ଯ୍ୟ ଭାରତ ଆକାଶରେ ଉଦୟ ହେଲା ଦିନଠାରୁ ଏ ଦେଶର ଜାତୀୟ ସରକାର, ଦେଶର ସମୂହ ଉନ୍ନତି ଉଦ୍ଦେଶ୍ୟରେ ୧୯୫୧ ମସିହାଠାରୁ ପଞ୍ଚବାର୍ଷିକ ଯୋଜନାମାନ ପ୍ରଣୟନ କରି ଆସୁଛନ୍ତି । ଯୋଜନା ମାଧ୍ୟମରେ ଆମେ କୃଷି, ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ଅନେକ ଅଗ୍ରସର ହୋଇଥିଲେହେଁ ସମୂହ ବିକାଶ ନିମନ୍ତେ ଅନେକ କିଛି ବାକିରହିଛି । ଏହି ଦେଶ, ଏକ ସମସ୍ୟାବହୁଳ ଦେଶ । ଦେଶର ଜନସଂଖ୍ୟା ଖୁବ୍ ଦ୍ରୁତ ଗତିରେ ବଢ଼ିଚାଲିଛି । ଖାଦ୍ୟ ସମସ୍ୟା ଦୀର୍ଘଦିନ ଧରି ଲାଗିରହିଛି । ଦେଶର ଶ୍ରମଜୀବୀ ତଥା ଶିକ୍ଷିତ ଯୁବକମାନଙ୍କ ପାଇଁ ଯଥେଷ୍ଟ କର୍ମସଂସ୍ଥାନ କରାଯାଇ ପାରୁନାହିଁ । ବେକାର ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଏହା ସହିତ ବନ୍ୟାବିପାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ଅନେକ ସମୟରେ ଆର୍ଥିକ ମେରୁଦଣ୍ଡକୁ ଖୁବ୍ ଦୁର୍ବଳ କରିଦେଉଛି । ବହିଃ ଶତ୍ରୁର ଆକ୍ରମଣର ଆଶଙ୍କା ସବୁବେଳେ ଲାଗି ରହିଥିବାରୁ ଆମକୁ ସେଥିପାଇଁ

ପ୍ରସ୍ତୁତ ରହିବାକୁ ପଡ଼ୁଛି, ଆର୍ଥନୀତିକ ପ୍ରଗତି ପାଇଁ ସବୁବେଳେ ବିଦେଶୀ ଋଣ ଭାର ଏତେ ବେଶି ହେଲାଣି ଯେ ଏହାର ପରିଶୋଧ ପାଇଁ ସରକାରଙ୍କ ନିକଟରେ ଯଥେଷ୍ଟ ଅର୍ଥନାହିଁ। ପରିଶେଷରେ ବଙ୍ଗଳା ଦେଶରୁ ଶରଣାର୍ଥୀମାନେ ଆସିବା ଫଳରେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଆମେ ଯେଉଁସବୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ, ତାହା ହାସଲ କରିବା ସମ୍ଭବ ନ ହୋଇପାରେ। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଆର୍ଥନୀତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ।

କୌଣସି ଦେଶର ଆର୍ଥନୀତିକ ବିକାଶ କେବଳ ସେହି ଦେଶର ସରକାରଙ୍କର ଚେଷ୍ଟା ଦ୍ୱାରା ସମ୍ଭବ ହୋଇ ନଥାଏ। କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କର ଉଦ୍ୟମ ଫଳରେ ମଧ୍ୟ ଏହା ସମ୍ଭବ ହୋଇ ନପାରେ। ଏଥିପାଇଁ ସମସ୍ତ ଜନସାଧାରଣ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ। ଏହା ବ୍ୟତୀତ ଆର୍ଥନୀତିକ ଉନ୍ନତିର ଉତ୍ତମ ଫଳ ଯେହେତୁ ସମସ୍ତେ ଭୋଗ କରିଥାନ୍ତି, ସେଥିପାଇଁ ସମସ୍ତଙ୍କର ଏ ଦିଗରେ ଅବଦାନ ରହିବା ଆବଶ୍ୟକ। ଯଦି ଆର୍ଥନୀତିକ ବିକାଶ ଆମମାନଙ୍କର ଲକ୍ଷ୍ୟ ବୋଲି ଧରି ନିଆଯାଏ, ସେଥିପାଇଁ ପ୍ରଧାନତଃ ଦୁଇଟି ବସ୍ତୁର ପ୍ରୟୋଜନ।

ପ୍ରଥମତଃ ସର୍ବ ସାଧାରଣଙ୍କର "ମନୋଭାବ" (attitude) ରେ ପରିବର୍ତ୍ତନ ହେବା ଆବଶ୍ୟକ। ସାଧାରଣତଃ ଅନୁନ୍ନତ ଦେଶମାନଙ୍କର ଲୋକେ ଭାଗ୍ୟବାଦୀ (fatalist)। ସେମାନଙ୍କ ମତରେ, ମନୁଷ୍ୟର ଚେଷ୍ଟା ଦ୍ୱାରା କୌଣସି ପ୍ରକାର ସମୃଦ୍ଧି ସମ୍ଭବ ହେବନାହିଁ। ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ସବୁ ପ୍ରକାର ସମୃଦ୍ଧି ଲାଭ କରା ହୋଇଥାଏ। କିନ୍ତୁ ଆଜିକାଲି ଏ ମତବାଦର ସମର୍ଥକ ଖୁବ୍ କମ୍ ଦେଖାଯାଆନ୍ତି। ଆମର ପ୍ରଥମେ ଦୃଢ଼ ବିଶ୍ୱାସ ହେବା ଦରକାର ଯେ ଆମରି ଚେଷ୍ଟା ବଳରେ ଆମେ ଆମର ଆର୍ଥିକ ମାନର ଅଭିବୃଦ୍ଧି ଘଟାଇ ପାରିବା। ଏହି ପ୍ରକାର ମନୋଭାବ ପୋଷଣ ନକଲେ ଆର୍ଥନୀତିକ ସମୃଦ୍ଧି ସମ୍ଭବ ହେବନାହିଁ। ପ୍ରତ୍ୟେକ ବୁଝିବା ଉଚିତ ଯେ ଦେଶର ଆର୍ଥିକ ପ୍ରଗତି ପାଇଁ ପ୍ରତ୍ୟେକଙ୍କର କିଛି ନା କିଛି କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ସେମାନେ କିପରି ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରି ପାରିବେ ତାହା ସେମାନଙ୍କ ଉପରେ ନିର୍ଭର କରେ। ଆର୍ଥନୀତିକ ବିକାଶ ପାଇଁ ଏ ପ୍ରକାର ଆନ୍ତରିକତା, ମନୋଭାବ ବା ସହାନୁଭୂତି ରହିଲେ ଆମର ପ୍ରଗତି ଖୁବ୍ ସହଜସାଧ୍ୟ ହେବ। କାରଣ ଏଥିପାଇଁ ସମସ୍ତଙ୍କର ସହଯୋଗ ମିଳିବା ସଙ୍ଗେ ସଙ୍ଗେ ସମସ୍ତେ ଏଥିପ୍ରତି ସଚେତନ ରହିବେ।

ଦ୍ୱିତୀୟତଃ, ପ୍ରତ୍ୟେକଙ୍କୁ ଆର୍ଥନୀତିକ ପ୍ରଗତି ପାଇଁ ତ୍ୟାଗ ସ୍ୱୀକାର କରିବାକୁ ହେବ। ପ୍ରତ୍ୟେକ ସମୃଦ୍ଧିଶାଳୀ ଦେଶର ସମୃଦ୍ଧି ପଛରେ ସେହି ଦେଶର ଜନସାଧାରଣଙ୍କର ତ୍ୟାଗର ଦୃଷ୍ଟାନ୍ତ ରହିଛି। ଅତୀତର ତ୍ୟାଗ ଫଳରେ ବର୍ତ୍ତମାନ ସେମାନେ ବିଶ୍ୱରେ ବିଭବଶାଳୀ ଦେଶରୂପେ ପରିଗଣିତ ହେଉଛନ୍ତି। ଯଦି ଆମେ ବର୍ତ୍ତମାନ ତ୍ୟାଗ ସ୍ୱୀକାର କରିବାପାଇଁ ପ୍ରସ୍ତୁତ ନୋହୁଁ ଭବିଷ୍ୟତର ସୁଖ-ସ୍ୱପ୍ନ ଦେଖିବା ମଧ୍ୟ ଆମ ପକ୍ଷରେ ଅନୁଚିତ। ବର୍ତ୍ତମାନର ତ୍ୟାଗ ଭବିଷ୍ୟତର ଦିଗ୍‌ଦର୍ଶନ। ଏହି ତ୍ୟାଗ ଶାରୀରିକ ହୋଇପାରେ, ଅର୍ଥାତ୍ ପ୍ରତ୍ୟେକଙ୍କୁ ଅଧିକ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ଅନ୍ୟ ଦେଶ ତୁଳନାରେ ଆମ ଦେଶର ଲୋକମାନେ ଅଳ୍ପ ପରିଶ୍ରମ କରିବାକୁ ଶିଖିଥାନ୍ତି। ଅନ୍ୟ ଦେଶର ଲୋକମାନେ ଦୈନିକ ୬।୭ ଘଣ୍ଟା ଶ୍ରମ କରିବା ବେଳେ ଆମେମାନେ ଦୈନିକ ୩।୪ ଘଣ୍ଟା ପରିଶ୍ରମ କରିଥାଉ। ଏ ପ୍ରକାର ଅବସ୍ଥା, ଦେଶର ପ୍ରଗତି ପଥରେ ବାଧା ସୃଷ୍ଟି କରିବ।

ତ୍ୟାଗର ଅନ୍ୟ ଏକ ପ୍ରଧାନ ଦିଗ ହେଉ ଆର୍ଥିକ ତ୍ୟାଗ। ଆର୍ଥନୀତିକ ପ୍ରଗତି ପାଇଁ ପୁଞ୍ଜି ଆହରଣ (capital formation) ଏବଂ ଏହାର ସଦୁପଯୋଗ (investment) ଏକାନ୍ତ ଭାବେ ପ୍ରୟୋଜନ। ଅଧିକ ସଞ୍ଚୟ ଫଳରେ ଅଧିକ ପୁଞ୍ଜି ଆହରଣ କରାଯାଇପାରିଥାଏ ଏବଂ ଏହାର ବିନିଯୋଗ ଫଳରେ କୃଷି, ବାଣିଜ୍ୟ ଏବଂ ଶିଳ୍ପର ଉନ୍ନତି ଘଟିଥାଏ। ଏଠାରେ ଲକ୍ଷ୍ୟ କରିବାର କଥା ଏହି ଯେ, ଆର୍ଥନୀତିକ ପ୍ରଗତିର ମୂଳପିଣ୍ଡ ପୁଞ୍ଜି ଉପରେ ନିର୍ଭର କରେ। ଧନଶାଳୀ ଦେଶଗୁଡ଼ିକରେ ଜାତୀୟ ଆୟର ଶତକଡ଼ା ୧୫–୨୦ ଭାଗ ସଞ୍ଚୟ କରାହେଉଥିବା ବେଳେ, ଆମ ଦେଶରେ ଜାତୀୟ ଆୟର ମାତ୍ର ଶତକଡ଼ା ୭–୮ ଭାଗ ସଞ୍ଚୟ ହୋଇଥାଏ। ସଞ୍ଚୟ ଏବଂ ପୁଞ୍ଜି ବିନିଯୋଗର ମାତ୍ରା ବୃଦ୍ଧି ପାଇଲେ, ଆର୍ଥନୀତିକ ପ୍ରଗତିର ଗତି ମଧ୍ୟ କ୍ଷିପ୍ର ହୋଇଥାଏ।

ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ଜନସାଧାରଣଙ୍କର ଅର୍ଥ ବ୍ୟୟ କରିବାର ପ୍ରବୃତ୍ତି ଅଧିକ। ଆର୍ଥନୀତିକ ଅଭିବୃଦ୍ଧି ସହିତ ଆୟର ମାତ୍ରା ବୃଦ୍ଧି ପାଇଲେ ମଧ୍ୟ ବ୍ୟୟ ଏହା ସହିତ ସମାନୁପାତୀ ହୋଇ ନଥିବାରୁ ସଞ୍ଚୟର ମାତ୍ରା ବୃଦ୍ଧିପାଏ ନାହିଁ ବରଂ ହ୍ରାସ ପାଇଥାଏ। ଆମକୁ ତ୍ୟାଗ ସ୍ୱୀକାର କରିବାକୁ ହେଲେ, ଆମର ଏହିପ୍ରକାର ଅଭ୍ୟାସର ପରିବର୍ତ୍ତନ ଦରକାର। ଆୟ ଅନୁପାତରେ ବ୍ୟୟ କରିବାକୁ ହେବ କିମ୍ବା ବ୍ୟୟର ଅନୁପାତକୁ କମାଇ ବଳକା ଅର୍ଥକୁ ସଞ୍ଚୟ କରିବାକୁ ହେବ। ଅନେକ କହନ୍ତି ଯେ ବ୍ୟକ୍ତିଗତ ସଞ୍ଚୟ

ଏବେ ସ୍ୱଳ୍ପ ଯେ ତାହା ପୁଞ୍ଜି ଆହରଣ ପାଇଁ ବିଶେଷ ଫଳପ୍ରଦ ହେବନାହିଁ। କିନ୍ତୁ ଆମେ ମନେରଖିବା ଉଚିତ ଯେ ବିନ୍ଦୁ ବିନ୍ଦୁ ଜଳର ମିଶ୍ରଣ ଫଳରେ ଯେପରି ମହାସାଗରର ସୃଷ୍ଟି ହୋଇଥାଏ ବ୍ୟକ୍ତିଗତ ସଞ୍ଚୟର ଏକତ୍ରୀକରଣରେ ପୁଞ୍ଜିର ପରିମାଣ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ସରକାରଙ୍କ ତରଫରୁ ମଧ୍ୟ ସ୍ୱଳ୍ପ ସଞ୍ଚୟ ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି। ଡାକଘରମାନଙ୍କରେ ଏବଂ ବ୍ୟାଙ୍କମାନଙ୍କରେ ଏଥିପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି। ଦେଶର ପ୍ରଗତି ପାଇଁ ସମସ୍ତଙ୍କର କର୍ତ୍ତବ୍ୟ ରହିଛି। ତେଣୁ, ପ୍ରଗତି ପାଇଁ ପ୍ରତ୍ୟେକଙ୍କର କିଛି ନା କିଛି ସଞ୍ଚୟ କରିବା ମଧ୍ୟ ଉଚିତ। କେତେକ କହନ୍ତି ଯେ, ଜିନିଷପତ୍ରର ଦରଦାମ ଏପରି ବୃଦ୍ଧି ପାଇଛି ଯେ, ସଞ୍ଚୟ କରିବା ସମ୍ଭବ ହେବନାହିଁ। ଏହା କେତେକାଂଶରେ ଅବଶ୍ୟ ସତ୍ୟ, କିନ୍ତୁ ସ୍ୱଳ୍ପ ସଞ୍ଚୟ ପାଇଁ ଏହା ପ୍ରତିକୂଳ ନୁହେଁ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅଂଶ ଗ୍ରହଣ କରିବା ଉଚିତ ଏବଂ ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକଙ୍କର ଜୀବନ ଧାରଣର ଆର୍ଥିକ ମାନଦଣ୍ଡକୁ ଉନ୍ନତ ଏବଂ ବଳିଷ୍ଠ କରିବା ଉଚିତ।

———



# ସାଧାରଣ ଲୋକଙ୍କୁ ଠକି ଦିଆଯାଉଛି

ହଁ……ସାଧାରଣତଃ ଖୁଚୁରା କାରବାର ବେଳେ ଏହାହିଁ ହୋଇଥାଏ……ଏପରିକି ସାଧାରଣ ଓଜନ ବା ମାପ କଲାବେଳେ ଯଦି ଦୋକାନୀ ଗ୍ରାମେ ଦଶ ଓଜନରେ ଏପଟ-ସେପଟ କରିଦିଅନ୍ତି, ତାହାହେଲେ ପ୍ରତିବର୍ଷ ସାଧାରଣଲୋକେ ପ୍ରାୟ ୧୭୦ କୋଟି ଟଙ୍କା ଠକି ଯାଉଛନ୍ତି ।

କିନ୍ତୁ ଆପଣ ଚାହିଁଲେ ଏହାକୁ ବନ୍ଦ କରି ଦେଇ ପାରିବେ । ସରକାର ଦେଇଥିବା ଓଜନ ବା ମାପ ସାହାଯ୍ୟରେ ଆପଣ ଜିନିଷପତ୍ର କିଣନ୍ତୁ ।

କିନ୍ତୁ ଯେତେବେଳେ ଯଦି ବ୍ୟବସାୟୀମାନେ କୌଣସି ଅସତ୍ ଉପାୟ ଅବଲମ୍ବନ କରୁଛନ୍ତି, ତାହାଲେ ଆପଣଙ୍କର ନିକଟତମ ଓଜନ ଓ ମାପ ବିଭାଗୀୟ ଇନ୍ସପେକ୍ଟରଙ୍କୁ ରିପୋର୍ଟ କରନ୍ତୁ ।

**ମେଟ୍ରିକ୍ ଓଜନ ଓ ମାପ ପଦ୍ଧତି ଖାଉଟିମାନଙ୍କୁ ସାହାଯ୍ୟ କରିଥାଏ ।**

dnp 71/

କାଳୀ ଚରଣ ପଟ୍ଟନାୟକ

# ଓଡ଼ିଶୀ ନୃତ୍ୟର ଅତୀତ ଓ ବର୍ତ୍ତମାନ

ପାଠ ବୋଇଲା—"ଗୀତ ବାଦିତ୍ର ନୃତ୍ୟାଣାଂ ତ୍ରୟଂ ସଙ୍ଗୀତ ମୁଚ୍ୟତେ" । ନୃତ୍ୟ, ସଙ୍ଗୀତର ଅନ୍ୟତମ ଅଂଶ ବା ବିଭାଗ ।

"ଗେୟାଦ୍ଭୁରିଷ୍ଟତେ ବାଦ୍ୟଂ ବାଦ୍ୟାଦ୍ଭୁରିଷ୍ଟତେ ଲୟଃ

ଲୟତାଳ ସମାରବ୍ଧଂ ତତୋନୃତ୍ୟ ପ୍ରବର୍ତ୍ତତେ ।"

(ଅ: ଦ: ପ୍ର:)

ଗୀତ ବା ସଙ୍ଗୀତ, ଦେଶ ବା ଅଞ୍ଚଳର ପରଂପରା ବା ସଂସ୍କୃତିକୁ ନେଇ ସବଭାବର ପ୍ରତିଷ୍ଠିତ । ଏହାକୁ କୁହା ଯାଉଛି "ପ୍ରବୃତ୍ତି" ।

ଆନୁମାନିକ ଖ୍ରୀ: ପୂ: ୩ୟ / ୨ୟ ଶତକରେ ନାନା ଦେଶ ଦେଶାନ୍ତରର ପ୍ରତି ବିଶ୍ୱର ଦୃଷ୍ଟି ରଖି ଭରତମୁନି ନାଟ୍ୟ ଶାସ୍ତ୍ରର ଚତୁର୍ଦ୍ଦଶ ଅଧ୍ୟାୟରେ ଚତୁର୍ବିଧ ପ୍ରବୃତ୍ତି ବିଭାଗ ଲିପିବଦ୍ଧ କରି ଯାଇଛନ୍ତି । କୁହାଯାଇଅଛି —" ଅବନ୍ତି ଦାକ୍ଷିଣାତ୍ୟାଚ ପାଞ୍ଚାଳୀ ଚୌଡ୍ର ମାଗଧୀ" ଓଡ୍ର-ଉତ୍କଳ ଦେଶ-ଓଡ଼ିଶାର ରୀତି ନୀତି, ଶୈଳି ଚଳଣି, ବେଶ ବେଶାନ୍ତର ତଥା ଭାଷା କଥନ ଭଙ୍ଗୀରେ ଯେପରି ସ୍ୱତନ୍ତ୍ରତା ରହିଛି ସଙ୍ଗୀତରେ ମଧ୍ୟ ଭାରତର ଅନ୍ୟାନ୍ୟ ଦେଶ ବା ଅଞ୍ଚଳଠାରୁ ସେହିପରି ଭେଦ ରହିବା ସ୍ୱାଭାବିକ । ଏହି ରୀତିରେ ଓଡ଼ିଶୀ ସଙ୍ଗୀତ ଓଡ଼ିଶୀ ବାଦ୍ୟ ଏବଂ ତହିଁର ପରିଣତି ବା ସମନ୍ୱୟରେ ପ୍ରସୂତ ନୃତ୍ୟ ମଧ୍ୟ ସ୍ୱତନ୍ତ୍ର ଶୈଳୀ ନେଇ ପ୍ରଚଳିତ । ଏହାହିଁ ବୋଲାଏ ଓଡ଼ିଶୀ ନୃତ୍ୟ ।

ଓଡ୍ରଦେଶ-କଳିଙ୍ଗ ଉତ୍କଳ ବା ଓଡ଼ିଶାରେ ଖ୍ରୀ: ପୂ: ପ୍ରଥମ ଶତକରୁ ନୃତ୍ୟ ଗୀତର ପ୍ରତିଷ୍ଠା ସମ୍ବନ୍ଧେ ବିଚାର କରାଯାଉ । ତତ୍କାଳୀନ କଳିଙ୍ଗ ସମ୍ରାଟ ମହାମେଘବାହନ ଖାରବେଳଙ୍କ ରାଜତ୍ୱ କାଳରେ ଖଣ୍ଡଗିରି ହାତୀଗୁମ୍ଫାର ଅଭିଲେଖ ଶିଳାଲେଖ ଘୋଷଣା କରେ—" ତୃତୀୟ ପୁନବର୍ଷେ ଗନ୍ଧର୍ବବେଦ ବୁଧ ଦପ ନୃତ ବାଦିତ୍ର ସନ୍ଦର୍ଶ ନେହିଉସବ ସମାଜ କାରଣାହି କୀଡ଼ୟତି ନଗରୀମ୍ । ତହିଁ ପରେ ଅନେକ କାଳ ପର୍ଯ୍ୟନ୍ତ ଆମକୁ ପୋଥିପତ୍ର ପ୍ରତୀକ ମୂର୍ତ୍ତି ବା ଶିଳାଲେଖର ପ୍ରମାଣ ମିଳୁନଥିଲେ ମଧ୍ୟ ଓଡ଼ିଶାରେ ନୃତ୍ୟର ଯେ ଯଥେଷ୍ଟ ଚର୍ଚ୍ଚା ଓ ସମାଦର ଥିଲା ତାହାର ପ୍ରମାଣ ଦିଏ ୭ମ ଖ୍ରୀଷ୍ଟାବ୍ଦର ପରଶୁରାମେଶ୍ୱର ମନ୍ଦିରରେ ପ୍ରତିଷ୍ଠିତ ଜୀବନ୍ତ ପ୍ରତିମ ନଟରାଜ ମୂର୍ତ୍ତି ।

ଅଷ୍ଟମ ନବମ ଶତକରେ—ଏଣିକି ଆମେ ସେହି ଅଭିସାରିକା ନାୟିକା ମୂର୍ତ୍ତି ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ଦେଖୁଁ ତାହାର ଭଙ୍ଗୀରେ ଥିବା ଓଡ଼ିଶୀ ନୃତ୍ୟ ଭଙ୍ଗୀର ଅନ୍ୟତମ ସୁଷମା ।

ନବମ–ଦଶମ ଶତକର ରାଜରାଣୀ ମନ୍ଦିର ଓଡ଼ିଶୀ ନୃତ୍ୟର ଏକାନ୍ତ ସ୍ୱତନ୍ତ୍ର ତ୍ରିଭଙ୍ଗଠାମ ମୁରଲୀଧର ନଟବର ମୂର୍ତ୍ତି ଏବଂ ତାଣ୍ଡବ ନୃତ୍ୟକାରୀ ନଟରାଜ ମୂର୍ତ୍ତି ସେହି ଓଡ଼ିଶୀ ନୃତ୍ୟ ସମାଦରର ସୂଚନା ଦିଏ । ମତାନ୍ତରେ ଦଶମ ଶତାବ୍ଦୀର ଶେଷାର୍ଦ୍ଧରେ ମୁକ୍ତେଶ୍ୱର ଓ ରାଜରାଣୀ ମନ୍ଦିର ନିର୍ମିତ । ଦଶମ–ଏକାଦଶ ଶତାବ୍ଦୀ ନିର୍ମିତ ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲେଖ ଘୋଷଣା କରେ ଯେ ଓଡ଼ିଶୀ ନୃତ୍ୟ କେବଳ ଜନ–ମନ ରଞ୍ଜନ ଭଙ୍ଗୀ ଭବିଷ୍ୟ ନୁହେଁ, ମୁଖ୍ୟତଃ ଦେବାର୍ଚ୍ଚନ ଏହାର ଲକ୍ଷ୍ୟ । ତଦାନୀନ୍ତନ ଭକ୍ତିମତୀ ରାଜ୍ଞୀ ରାଜରାଣୀ କୋଲାବତୀ ଦେବ ସେବା ପାଇଁ କେତେକ ଦେବଦାସୀ ଉତ୍ସର୍ଗୀକୃତ ଅର୍ପଣ କରି ଶିଳାରେ ଉତ୍କୀର୍ଣ୍ଣ କରାଇଛନ୍ତି—

"ଉତ୍ତୁଙ୍ଗ ଭୃଙ୍ଗ ଭୂଷିତାଙ୍ଗ" ସୁଷମା ଦେଦୀପ୍ୟମାନା ଦିବଃ

* * * * * * *

ସୁବର୍ଣ୍ଣୋଜ୍ଜ୍ୱଳ କଳାପିକାଂ ଭବ ବ୍ରହ୍ମାମଦଃ ପ୍ରତିଷ୍ଠାନ୍ତଣାମପ୍ୟେଂ
ତରଳ–ଶଙ୍ଖନାଭ–ନୟନା ଦଉଲ୍ଲସା ଭାସିକାଃ" ।

କେବଳ ଏତିକି ନୁହେଁ, ବ୍ରହ୍ମେଶ୍ୱର ମନ୍ଦିର ଗାତ୍ର ମଧ୍ୟ ଓଡ଼ିଶୀ ଶୈଳୀର ବିବିଧ ରମଣୀୟ ରମଣୀ ନୃତ୍ୟ ମୂର୍ତ୍ତିରେ ସୁଶୋଭିତ ।

ଏହା ପରେ କୋଟି କଣ୍ଠରେ ଉଚ୍ଛୁଳି ଉଠିଲା—"ପ୍ରଣିପତ୍ୟ ଜଗନ୍ନାଥ ସର୍ବଜ୍ଞ ବରାର୍ଦ୍ଧିତମ ।" – ପୁନ ନିର୍ମିତ ହେଲା ଇନ୍ଦ୍ରଦ୍ୟୁମ୍ନ ପ୍ରତିଷ୍ଠିତ ଜରାଜୀର୍ଣ୍ଣ ଶ୍ରୀମନ୍ଦିର, ଯଯାତି କେଶରୀଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ଏହି ଦ୍ୱାଦଶ ଶତକର ଶେଷ ଦଶକରେ ମେଘେଶ୍ୱର ମନ୍ଦିରରେ ଦେବତା ପୂଜନର ବିଶିଷ୍ଟ ସେବା ରୂପେ ଉତ୍କଳୀୟ ନର୍ତ୍ତନ ପ୍ରଥା ପ୍ରଚଳନର ପ୍ରସିଦ୍ଧି ଆଜି ମଧ୍ୟ ମନ୍ଦିର ଗାତ୍ରର ଶିଳାଲେଖ କୀର୍ତ୍ତନମୁଖର ହୋଇ ଅଗଣିତ ଦର୍ଶକଙ୍କୁ ପାଠ କରାଏ—

"ଯାସାଂ ନେତ୍ରାଞ୍ଚଳ ତରଳିମା ବିଶ୍ୱବଶ୍ୟୈକ ମନ୍ତ୍ରଃ

* * * * * *

ତସ୍ମୈ ବଲ୍ଲାଭିସ୍ପୃହ ଭର୍ଯ୍ୟନେ ତେନ ତାସ୍ତା ମୃଗାକ୍ଷ୍ୟଃ ।"

(ଓଡ଼ିଶା ଇତିହାସ)

ଖ୍ରୀଷ୍ଟୀୟ ତ୍ରୟୋଦଶ ଶତକର ପ୍ରଥମ ଚରଣ ପରେ ପରେ ଶ୍ରୀମନ୍ଦିରର ନାଟ ମଣ୍ଡପ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ସହସ୍ର ସହସ୍ର ଦେବ ଦର୍ଶନାର୍ଥୀ ଭକ୍ତପ୍ରାଣ ଯାତ୍ରୀଙ୍କ ମନ ନୟନକୁ ମୁଗ୍ଧ ଚକିତ କରାଇଲା ଓଡ଼ିଶୀ ନୃତ୍ୟ ବିହିତ ବେଶ ଭୂଷା ଓ ମଧୁର ନୂପୁର ନିକ୍ୱଣରେ ।

"ଉଭୌ ତୌ ଦମ୍ପତୌ ତତ୍ର ଏକ ପ୍ରାଣ ବଭୂବ ତୌ
ନୃତ୍ୟନ୍ତୌ ସୁଖି ଗାୟନ୍ତୌ ଶ୍ରୀକୃଷ୍ଣାର୍ଚ୍ଚନ ତତ ପରୌ ।"

ଭାରତର ଆଦି ସଙ୍ଗୀତ ସ୍ରଷ୍ଟା—

"ଜଗନ୍ନାଥ ପୁରୀ ପ୍ରାନ୍ତେ ଦେଶେଚୈ ବୋଦ୍ ଗନ୍ଧାବିଧ୍ୟେ"

କେନ୍ଦୁଲି ଶାସନ ନିବାସୀ ପଦ୍ମାବତୀ ଚରଣ ସ୍ମରଣ ଚକ୍ରବର୍ତ୍ତୀ ସାଧୁପ୍ରଧାନ ଜୟଦେବ ଓଡ଼ିଶୀ ରାଗ ତାଳ ସମନ୍ୱିତ ଶ୍ରୀ ଗୀତଗୋବିନ୍ଦ ରଚନା ଓ ଗାୟନ କରି ଶ୍ରୀମନ୍ଦିରର ଗର୍ଭଗୃହ ଝଙ୍କୃତ କରିବା ସଙ୍ଗେ ସଙ୍ଗେ ଦେବଦାସୀ ରୂପେ ଶ୍ରୀଜଗନ୍ନାଥଙ୍କ ଚରଣରେ ଉତ୍ସର୍ଗୀକୃତା ପଦ୍ମାବତୀଙ୍କର ଓଡ଼ିଶୀ ନୃତ୍ୟଛନ୍ଦ ବିପୁଳ ଦର୍ଶକ ଭକ୍ତଙ୍କୁ ସମ୍ମୋହିତ କଲା । ୧୩ଶ ଖ୍ରୀଷ୍ଟାବ୍ଦର ମଧ୍ୟ ପାଦରେ ନିର୍ଜନ ବେଳା ଭୂମିରେ ଗଢ଼ା ହେଲା ପୃଥିବୀବିଖ୍ୟାତ କୋଣାର୍କ ମନ୍ଦିର । ଏହାର ନାଟ ମଣ୍ଡପ ବିଭିନ୍ନ ଓଡ଼ିଶୀ ଭଙ୍ଗୀର ନର୍ତ୍ତକୀ ଓ ବାଦ୍ୟ ସହୀମାନଙ୍କର ଜୀବନ୍ତ ପ୍ରତିମୂର୍ତ୍ତି ଓଡ଼ିଶୀ ନୃତ୍ୟ କଳାର ପରାକାଷ୍ଠା ପ୍ରକାଶ କରେ ।

ଆହୁରି ମଧ୍ୟ ଏହି ତ୍ରୟୋଦଶ ଖ୍ରୀଷ୍ଟାବ୍ଦରେ ଦୂରେ ଥାଉ ସାଧାରଣ ସମାଜର ଏମନ୍ତ କି ରାଜ ଅନ୍ତଃପୁରବାସିନୀ ଉତ୍କଳ ରାଜବଂଶର କଳାକୁଶଳା ଭକ୍ତିମତୀ ଚନ୍ଦ୍ରା ଦେବୀ (ଚନ୍ଦ୍ରିକା) ସ୍ୱୟଂ ନୃତ୍ୟ ଛନ୍ଦରେ ଦେବଦାସୀ ରୂପେ ଅନନ୍ତ ବାସୁଦେବଙ୍କର ଆରାଧନା କରୁଥିବାର ପ୍ରମାଣ ଦିଏ ଏହି ମନ୍ଦିରର ଶିଳାଲେଖ—"ଗୀତଜ୍ଞାନସ୍ୟ ତାଳ–ନର୍ତ୍ତନ କଳା–କୌଶଲ୍ୟ ଲୀଳାଳୟା......ଇତ୍ୟାଦି" । ପରେ ପରେ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଭୋଗ ନୀତିରେ ଧୂପ ଠାରୁ ବଡ଼ ଶିଙ୍ଗାର ପର୍ଯ୍ୟନ୍ତ ରୀତିମତ ଭାବେ ଦେବଦାସୀ ନୃତ୍ୟ ଆଜ୍ଞା କରାଇଲେ ମହାରାଜା କପିଳେନ୍ଦ୍ର ଦେବ । ଏଣୁ ମର୍ଦ୍ଦଳ ଏହି ନୃତ୍ୟର ସହଯୋଗୀ ବାଦ୍ୟ ରୂପେ ପ୍ରଚଳିତ । ଏହା ଓଡ଼ିଶୀ ମର୍ଦ୍ଦଳ ନାମରେ ପ୍ରଖ୍ୟାତ । ଓଡ଼ିଶୀ ସଙ୍ଗୀତରେ ପ୍ରଚଳିତ ନବତାଳ ସ୍ୱତନ୍ତ୍ର ବାଣୀ ବା ଉକ୍ତିରେ ବାଦିତ ହୁଏ । ଭାରତୀୟ ସଙ୍ଗୀତ କ୍ଷେତ୍ରରେ ଅନ୍ୟତ୍ର ବିରଳ ଏବଂ ସ୍ୱତନ୍ତ୍ର ନାମ ବହନ କରି ପହପଟ ଓ ଝୁମ୍ପା ଇତ୍ୟାଦି ତାଳମାନ ଓଡ଼ିଶୀ ନୃତ୍ୟର ମନ ମୁଗ୍ଧକର କମନୀୟ ସଂଯୋଗ ।

୧୬ଶ ଶତାବ୍ଦୀରେ ଓଡ଼ିଶୀ ନୃତ୍ୟର ଲାସ୍ୟ ଗୀତାବଳି ଦେବ ମଣ୍ଡିର ନିପୁଣ ରଚନା କରୁଥିଲେ ଭକ୍ତ ରାୟ ରାମାନନ୍ଦ ପଟ୍ଟନାୟକ, ସେହି ଦାସୀମାନଙ୍କର । ଚୈତନ୍ୟ ଚରିତାମୃତ ଅମରାକ୍ଷରରେ ଏହା ଘୋଷଣା କରେ ।

ଦେବଦାସୀ ମାନେ ହୋଇଥିଲେ ମାହାରୀ, ମାହାରୀ ନୃତ୍ୟ କୈଶିକୀ ବୃତ୍ତି ସମାହିତ ଲାସ୍ୟ ଭଙ୍ଗୀରେ ଓଡ଼ିଶୀ ନୃତ୍ୟର ସ୍ୱତନ୍ତ୍ରତା ପ୍ରକଟ କରେ ।

ଏହା ପରେ ଆସେ ଓଡ଼ିଶାର ଦୁର୍ଦ୍ଦିନ । ବହିଃ ଶତ୍ରୁ ବିଶେଷତଃ ଯବନ ଶତ୍ରୁର ଆକ୍ରମଣରେ ଓଡ଼ିଶାର କଳା ସଂସ୍କୃତି ଅଧୋଗାମୀ ହୁଏତେ ଅବସ୍ଥା ଦୃଷ୍ଟିରୁ ଓଡ଼ିଶୀ ନୃତ୍ୟ ଲାଗି ପାତ୍ରୀ ବଦଳରେ ପାତ୍ର-ମାନଙ୍କୁ ଗ୍ରହଣ କରାଗଲା । ଏମାନେ ଗୋଟିପୁଅ ବା ଆଖଡ଼ା ପିଲା ବୋଲାଇଲେ । ଶ୍ରୀମନ୍ଦିରରେ ଦେବଦାସୀ ବା ମାହାରୀ ନୃତ୍ୟ ସେବା ଦୈନନ୍ଦିନ ନୀତି ରୂପେ ଅଦ୍ୟାପି ପ୍ରଚଳିତ ହେଉଥିଲେ ମଧ୍ୟ ଚାପ ଓ ଝୁଲଣ ଆଦି ଯାତ୍ରାମାନଙ୍କରେ ତଥା ଜନ ସମାଜର ବିବିଧ ଲୌକିକ ଅନୁଷ୍ଠାନ ଓ ମନୋରଞ୍ଜନ ଅବସରରେ ଏହି ନୃତ୍ୟ ପ୍ରାୟ ଗୋଟିପୁଅମାନଙ୍କ ଦ୍ୱାରାହିଁ ପ୍ରଦର୍ଶିତ ହୋଇ ଆସୁଅଛି ।

ଏହି ବିଶିଷ୍ଟ ଲାସ୍ୟ ନୃତ୍ୟର ଶିକ୍ଷା ଓ ପରିବେଷଣ ବିଧି ନିମ୍ନ-ପ୍ରଦର୍ଶିତମତେ ପରିଗୃହିତ—

୧—ରଙ୍ଗ ପ୍ରବେଶ ବା ପାତ୍ର ପ୍ରବେଶ

୨—ପୁଷ୍ପାଞ୍ଜଳି ପ୍ରଦାନ (ଯଥା ପୁଷ୍ପାଞ୍ଜଳି—"ବ୍ରହ୍ମଣାୟବିଷ୍ଣବେ, ଶିବାୟ, ରୁଦ୍ରେ ଗଣେଶାୟ") ଧ: ବ: ପ୍ର:

୩—ବିଘ୍ନରାଜ (ଗଣପତି) ବନ୍ଦନା

୪—ସଭାର ଅନୁମତି ପ୍ରାର୍ଥନା

୫—ଭୂମି, ଗୁରୁ ପ୍ରଣାମ

୬—ବଟୁ ନୃତ୍ୟ (ନଟରାଜ ଭୈରବ ବା ବଟୁକ ଭୈରବଙ୍କ ଆବାହନ, ସଂସ୍ଥାପନ ଓ ପ୍ରଣତି ନିବେଦନ—ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ପ୍ରଦାନ ବିଧି)

ଭୈରବ ପୂଜନ ଓ ତୁଷ୍ଟି ହେତୁ ଲାସ୍ୟପ୍ରଧାନ ଓଡ଼ିଶୀ ନୃତ୍ୟର ଏହି ବିଭାଗରେ କେତେକ ପରିମାଣରେ ତାଣ୍ଡବ ନୃତ୍ୟଭଙ୍ଗୀ ପ୍ରଦର୍ଶିତ ହୁଏ । ବଟୁ ନୃତ୍ୟରେ ଖୋଳ ଏଣି ବାଦ୍ୟର ଉପଯୋଗ କରା-ଯିବାର ବିଧାନ ଅଛି ।

୭—ପଲ୍ଲବୀ ନୃତ୍ୟ—ଏହାର ସ୍ୱର ଓ ତାଳ ପଲ୍ଲବୀ ରୂପେ ଦ୍ରୁତ ଭାବରେ ବିଗତ । ସେହି ଗୀତର ଅଭିନୟ ଏହା ପରେ ପରିବେଷିତ ହେବ ତାହାର ମୁଖ ରାଗାଳାପ ଓ ତାଳ (ବାଦ୍ୟ) ଯୋଜନା ।

୮—ସାଭିନୟ ନୃତ୍ୟ (ଗୀତର ପଦାର୍ଥାଭିନୟ)

୯—ମୋକ୍ଷ ବା ଆନନ୍ଦ ନୃତ୍ୟ—ତାଳକ ବା ଦ୍ରୁତ ଗତିର ତାଳ (ପଞ୍ଚ ପଦ ଓ ଝୁଲା)ରେ ଏହା ପ୍ରଦର୍ଶିତ ହୁଏ ।

ଏ ଗୁଡ଼ିକ ହେଲ ଓଡ଼ିଶୀ ନୃତ୍ୟର ସାଧାରଣ ପରିବେଷଣ ବିଧି । ମୂଳତଃ ଶାସ୍ତ୍ରୀୟ ନୃତ୍ୟର ଚତୁର୍ବିଧ ଅଙ୍ଗ (ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଏବଂ ସାତ୍ତ୍ୱିକ) ବିଭାଗମାନଙ୍କରେ ଏପରି ଏକତ୍ର ସମାବେଶ ଓଡ଼ିଶୀ ନୃତ୍ୟର ଐତିହାସିକ ବିଶେଷତ୍ୱ । ସାକ୍ଷୀ ଭଙ୍ଗୀ (ଯାହାରେ ଓଡ଼ିଶୀ ନୃତ୍ୟର ଏକ ସ୍ୱତନ୍ତ୍ରତା ଅଛି) । ଏହା ନଟବର ଭଙ୍ଗୀ ବା ତ୍ରିଭଙ୍ଗ ଠାଣି ।

ଉଠା ବଇଠା, ଠିଆ ଚିରା, ଚଉକ, ଭଉଁରି ଓ ପାଲି ଇତ୍ୟାଦି ଓଡ଼ିଶୀ ନୃତ୍ୟର ବିଶେଷ ପରିବେଷଣ ପ୍ରକାର ।

କେତେଗୁଡ଼ିଏ ସ୍ୱତନ୍ତ୍ର ମୁଦ୍ରା (ହସ୍ତକ ବା ପାରିଜା) ଏବଂ ଠାଣିର ପ୍ରଚଳନ ମଧ୍ୟ ଓଡ଼ିଶୀ ନୃତ୍ୟରେ ଅନୁସୃତ ଯଥା—ମର୍ଦ୍ଦଳା, ଅଳସା, ଆବୃଷଳା, ନିବୃଷଳା ଓ ଯୋଡ଼ଳା ଇତ୍ୟାଦି ଇତ୍ୟାଦି । ଶାସ୍ତ୍ରୀୟ ରୀତି ଅନୁସରଣରେ ବହୁ ଭଙ୍ଗୀର ମୂର୍ତ୍ତି ଓଡ଼ିଶାର ମନ୍ଦିର ଗାତ୍ରରେ ବିରାଜିତ ।

ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ବିଶେଷ ଆଲୋଚନାରୁ କ୍ଷାନ୍ତ ହୋଇ ଏହା ପରେ ଓଡ଼ିଶୀ ନୃତ୍ୟର ବର୍ତ୍ତମାନ ଗତି ସମ୍ବନ୍ଧେ ଯତ୍-ସାମାନ୍ୟ ସଂକେତ ନିମ୍ନରେ ଉପସ୍ଥାପିତ କରାଯାଉଅଛି ।—

ଅଧୁନା ପର୍ବପର୍ବାଣି ଓ ମଜଲିସ ବୈଠକମାନଙ୍କରେ ଠାବେ ଠାବେ ପ୍ରଦର୍ଶିତ ହେଉଥିଲେ ମଧ୍ୟ ବହୁଳ ପ୍ରଚାର ପ୍ରସାର ମାନସରେ ୧୯୪୬—୧୯୪୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶୀ ନୃତ୍ୟକୁ ରଙ୍ଗମଞ୍ଚ ମାଧ୍ୟମରେ ମୁଁ ମୋର ଓଡ଼ିଶା ଥିଏଟର୍ସରେ ଅଭିନୀତ ଅଭିବନ୍ଧା ଜଗନ୍ନାଥ ଦାସ ନାଟକରେ ପରିବେଷଣ କରାଇଲି । ମଞ୍ଚରେ ପ୍ରଥମ ଥର ପାଇଁ ଏହି ନୃତ୍ୟ ପରିବେଷକ ବାଳକ ଦୁଇଟି ହେଲେ ଅଧୁନା ସୁପରିଚିତ ନୃତ୍ୟ ଗୁରୁ ଶ୍ରୀମାନ ମାୟାଧର ରାଉତ ଏବଂ ବର୍ତ୍ତମାନ ଅଗ୍ରଣୀ "ଏ" ଗ୍ରେଡ଼ର ଆକାଶବାଣୀ ନୃତ୍ୟ ଶିଳ୍ପୀ ଶ୍ରୀ ଗୋପୀନାଥ ବେହେରା ।

ଏହାର କେତେକ ବର୍ଷ ପରେ ସେତେବେଳର ସଙ୍ଗୀତ ନାଟକ ଏକାଡେମୀ (ଉତ୍କଳ ନୃତ୍ୟ ସଙ୍ଗୀତ ନାଟ୍ୟକଳା ପରିଷଦ) ସାଙ୍ଗୀ-

ଗୋପାଳ ନୃତ୍ୟ ନାଟିକା ଦିଲ୍ଲୀରେ ପରିବେଷଣ କଲେ । ନାଟିକାଟି ମୁଁ ରଚନା କରିଥିଲି ଏବଂ ଏହା ସମ୍ପୂର୍ଣ୍ଣ ଓଡ଼ିଶୀ ଶୈଳୀରେ ରଚିତ ପ୍ରଥମ ନୃତ୍ୟ ନାଟିକା । ଦିଲ୍ଲୀରେ ଏହାର ପରିବେଷଣ ଅତ୍ୟନ୍ତ ସମାଦୃତ ହୋଇ ସୁଖ୍ୟାତି ଅର୍ଜନ କଲା ।



ବିଶିଷ୍ଟ କଳାପ୍ରେମିକ ସ୍ୱର୍ଗତ ସ୍ୱର୍ଣ୍ଣସହୋଦ୍ରୀ ପତ୍ର ପତ୍ରିକା ଜରିଆରେ ଉଚ୍ଛ୍ୱସିତ ପ୍ରଶଂସା କରି ଓଡ଼ିଶୀ ନୃତ୍ୟ ଶୈଳୀର ମହତ୍ ସର୍ବତ୍ର ପ୍ରଚାର କଲେ । ପରିଷଦର ତତ୍କାଳୀନ ସମ୍ପାଦକ ଶ୍ରୀ ବିମଳ ଘୋଷଙ୍କର ଶ୍ରମ, ସାଧନା, ଉତ୍ସାହ ଅତ୍ୟନ୍ତ ପ୍ରଶଂସନୀୟ । ନୃତ୍ୟାଭିନୟରେ ଅଂଶ ଗ୍ରହଣ କରିଥିଲେ କୁମାରୀ ପ୍ରିୟମ୍ବଦା, କୁମାରୀ ଦଳବେହେରା ଓ କୁମାରୀ ମହାନ୍ତି ପ୍ରମୁଖ କେତେକ ନୃତ୍ୟ ଶିଳ୍ପୀ । ନୃତ୍ୟ, ଗୀତ

ଓ ପରିକଳ୍ପନା ଓ ସହଯୋଗିତା କରିଥିଲେ ସର୍ବଶ୍ରୀ ଭୁବନେଶ୍ୱର ମିଶ୍ର, କେଳୁ ଚରଣ ମହାପାତ୍ର, ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ ଏବଂ ଆଉ କେତେକ ସଙ୍ଗୀତ ଶିଳ୍ପୀ ।

ନୃତ୍ୟଶିଳ୍ପୀ ଶ୍ରୀମତୀ ଇନ୍ଦ୍ରାଣୀ ରହମନ ଓଡ଼ିଶୀ ନୃତ୍ୟ ଶୈଳୀ ପ୍ରତି ଆକୃଷ୍ଟ ହୋଇ ନିଜେ ନୃତ୍ୟ ଶିକ୍ଷା କରି ଭାରତ ତଥା ଭାରତ ବାହାରେ ଓଡ଼ିଶୀ ନୃତ୍ୟର ଯେଉଁ ପ୍ରସ୍ତର ଚଳାଇଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ ।

ବାସ୍ତବରେ ଡକଟର ପାଣ୍ଡୁଙ୍କର ଅପୂର୍ବ ପ୍ରୋତ୍ସାହନ ଓ ଶ୍ରୀମତୀ ଇନ୍ଦ୍ରାଣୀଙ୍କର ପ୍ରସ୍ତର ଏ ଦିଗରେ ଅବିସ୍ମରଣୀୟ ।

କ୍ରମେ ଓଡ଼ିଶୀ ନୃତ୍ୟ ପ୍ରତି ଓଡ଼ିଶା ଏବଂ ଓଡ଼ିଶା ବାହାରେ ସମଧିକ ଆଦର ବଢିଲା । ଲୋକେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟତା ଗୌରବ ଉପଲବ୍ଧି କରି ପ୍ରଶଂସାରେ ଶତଜିହ୍ୱ ହେଲେ ।

୧୯୫୮ର କଥା । କଳା ବିକାଶ କେନ୍ଦ୍ର ମାଡ୍ରାଜ ସଙ୍ଗୀତ ସମାରୋହକୁ ନିମନ୍ତ୍ରିତ ହେଲେ । ସେଠାରେ ଓଡ଼ିଶୀ ନୃତ୍ୟ ସମ୍ବନ୍ଧେ ସନ୍ଦର୍ଭ ପାଠ ଓ ନୃତ୍ୟ ପ୍ରଦର୍ଶନର ପ୍ରସ୍ତାବ ଥିଲା । ଶ୍ରୀ ବାବୁଲାଲ ଜୋଶୀ ଉଦ୍ୟମରେ ଲାଗି ପଡ଼ିଲେ । ତାଙ୍କ ଅନୁରୋଧକ୍ରମେ ମୁଁ ଇଂରାଜୀରେ ଗୋଟିଏ ସନ୍ଦର୍ଭ ଲେଖିଲି । ଶ୍ରୀ ନୀଳମାଧବ ବୋଷ ମୋତେ ଏଥିରେ ସାହାଯ୍ୟ ଦେଲେ । ସୁକଣ୍ଠ ଗାୟକ ବାଳକୃଷ୍ଣ, ନୃତ୍ୟ ଗୁରୁ କେଳୁ ଚରଣ, କୁମାରୀ ଅଙ୍ଗୁର ଇତ୍ୟାଦିଙ୍କୁ ସଙ୍ଗରେ ନେଇ ଶ୍ରୀ ବାବୁଲାଲ ମାଡ୍ରାସ ଯାତ୍ରା କଲେ । ଶ୍ରୀମତୀ ସଂଯୁକ୍ତା ସେତେବେଳେ ମାଡ୍ରାଜରେ ନୃତ୍ୟ ଛାତ୍ରୀ । ସେ ସନ୍ଦର୍ଭ ଅନୁଯାୟୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

ଏଥି ପୂର୍ବରୁ ଶାସ୍ତ୍ରୀୟ ବିଧିବିଧାନ ଉପରେ ସୁପ୍ରତିଷ୍ଠିତ ଏପରି ସନ୍ଦର୍ଭ ବୟାନ ସହିତ ଏଭଳି ଏକ ସୁନ୍ଦର ଓଡ଼ିଶୀ ନୃତ୍ୟ ମାଡ୍ରାଜରେ କେବେ ପରିବେଷିତ ହୋଇ ନ ଥିଲା । ଡା: ଭି: ରାଘବନ ଓଡ଼ିଶୀ ନୃତ୍ୟ ଶୈଳୀର ଭୂରି ଭୂରି ପ୍ରଶଂସା କଲେ । ତହିଁ ପରଦିନ ଏକ ଆଲୋଚନାଚକ୍ର ଆୟୋଜିତ ହେଲା । ମାଡ୍ରାଜର ନୃତ୍ୟ ସଙ୍ଗୀତ ବିଦ୍ୱାନମାନେ ମୋତେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟତା ସମ୍ବନ୍ଧେ ନାନା ପ୍ରଶ୍ନ କଲେ ଏବଂ ତାହାର ଯଥାର୍ଥ ଉତ୍ତର ଲାଭ କରି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କଲେ ।

ଏହାର କେତେକ ମାସପରେ ଦିଲ୍ଲୀ ସଙ୍ଗୀତ ନାଟକ ଏକାଡେମୀ ଗୋଟିଏ ସର୍ବ ଭାରତୀୟ ନୃତ୍ୟ ସେମିନାର ବସାଇଲେ । ମୋତେ ଏକାଡେମୀ ପକ୍ଷରୁ ଆହ୍ୱାନ କରାଗଲା । ତହିଁରେ ଓଡ଼ିଶୀ ନୃତ୍ୟ ସମ୍ବନ୍ଧେ ସନ୍ଦର୍ଭ ପାଠ ସହ ନୃତ୍ୟ ପରିବେଷିତ (Demonstrative Lecture) କରିବାକୁ ଅନୁରୋଧ କରିଥିଲେ ।

ଯଥାସମୟରେ ମୁଁ ଇଂରାଜୀରେ ଏକ ଦୀର୍ଘ ସନ୍ଦର୍ଭ ଏକାଡେମୀକୁ ପଠାଇଦେଲି । କଳା ବିକାଶ କେନ୍ଦ୍ରର ତଦାନୀନ୍ତନ ନୃତ୍ୟ ଛାତ୍ରୀ କୁମାରୀ ଜୟନ୍ତୀକୁ ସନ୍ଦର୍ଭ ଅନୁଯାୟୀ ନୃତ୍ୟ ପରିବେଷଣ ବ୍ୟବସ୍ଥା କରି ଶ୍ରୀ ବାବୁଲାଲ ଜୋଶୀ, ଶ୍ରୀକେଳୁଚରଣ ମହାପାତ୍ରଙ୍କ ସଙ୍ଗରେ ଦିଲ୍ଲୀ ଗଲେ ।

ସଙ୍ଗୀତ ନାଟକ ଏକାଡେମୀରେ ସେତେବେଳେ ସେକ୍ରେଟେରୀ ଥାଆନ୍ତି ଶ୍ରୀମତୀ ନିର୍ମଳା ଯୋଶୀ । ସନ୍ଦର୍ଭ ପାଠ ଓ ତଦନୁଯାୟୀ ନୃତ୍ୟ ପ୍ରଦର୍ଶନ ପାଇଁ ଶ୍ରୀମତୀ ଯୋଶୀ ପ୍ରଥମେ ସମୟ ଦେବାକୁ କୁଣ୍ଠିତା ଥିଲେ । ପରେ ଡା: ନୃସିଂହ ଚରଣ ସାମନ୍ତ ସିଂହାର, ଏମ୍. ପି; କଳାହାଣ୍ଡିର ମହାରାଜା ଏମ୍. ପି. ସ୍ୱର୍ଗତ ଉମାଚରଣ ପଟ୍ଟନାୟକ, ଏମ୍. ପି. ଓ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ, ଏମ୍. ପି. ପ୍ରଭୃତିଙ୍କ ଚେଷ୍ଟା ଓ ତାଡ଼ନାରେ ଶ୍ରୀମତୀ ଯୋଶୀ ଅଧଘଣ୍ଟାଏ ସମୟଦେଲେ । କିନ୍ତୁ ତିନି ଘଣ୍ଟାରୁ ଊର୍ଦ୍ଧ୍ୱକାଳ ଓଡ଼ିଶୀ ନୃତ୍ୟର ଆଲୋଚନା ଓ ପ୍ରଦର୍ଶନୀ ଚାଲିଲା ଭାରତର ବିଭିନ୍ନ ପ୍ରାନ୍ତର ନର୍ତ୍ତକ, ନୃତ୍ୟପଣ୍ଡିତ ନୃତ୍ୟପ୍ରେମୀମାନଙ୍କ ଦାବୀରେ ।

ସାରା ସହର ମତ ହେଲା ଯେ ଓଡ଼ିଶୀ ନୃତ୍ୟ ବାସ୍ତବରେ ଶାସ୍ତ୍ରୀୟ । କିନ୍ତୁ କେତେକ ଅସୂୟାପରବଶ ବିଶିଷ୍ଟ ବ୍ୟକ୍ତିଙ୍କ ତରଫରୁ ଏହା ଦୀର୍ଘକାଳ ଶାସ୍ତ୍ରୀୟରୂପେ ଅନୁମୋଦନ ପାଇପାରି ନ ଥିଲା । ଏ ବିଷୟର ବିଶଦ ଆଲୋଚନା ସ୍ଥାନ ଓ କାଳସାପେକ୍ଷ । ଭବିଷ୍ୟତ ହିଁ ଏହାର ବିଚାର କରିବ । ସ୍ୱାର୍ଥନିହିତ ବହୁବାଧା ସତ୍ତ୍ୱେ ଓଡ଼ିଶୀ ନୃତ୍ୟ ଯେ ଭାରତ ତଥା ଭାରତ ବାହାରେ ସମାଦୃତ ସମାନିତ ହେଲାଣି ଏଥିରେ ସନ୍ଦେହ ନାହିଁ । ଏ ବାବଦରେ ଯେଉଁମାନେ କର୍ମ ଓ ପ୍ରୋତ୍ସାହନ କରିଛନ୍ତି ଓ କରୁଛନ୍ତି ସେମାନଙ୍କ ମଧ୍ୟରେ ନୃତ୍ୟଗୁରୁ ଶ୍ରୀମାନ କେଳୁ ଚରଣ ମହାପାତ୍ରଙ୍କୁ ମୁଁ ପ୍ରଥମ ସ୍ଥାନ ଦେଉଛି । ଅନ୍ୟାନ୍ୟ ନୃତ୍ୟଗୁରୁ ହେଲେ ସର୍ବଶ୍ରୀ ଶ୍ରୀମାନ ମାୟାଧର ରାଉତ, ଦେବପ୍ରସାଦ ଦାସ, ପଙ୍କଜ ଚରଣ ଦାସ ଓ ମହାଦେବ ରାଉତ ପ୍ରଭୃତି । ଭାରତ ଓ ଭାରତ ବାହାରେ ଆଜି ଓଡ଼ିଶୀ ନୃତ୍ୟର ଶିକ୍ଷା ଓ ପ୍ରସାର ଏହିମାନଙ୍କ ଦ୍ୱାରା ସମ୍ଭବ ହୋଇଛି । ଶ୍ରୀମତୀ ଇନ୍ଦ୍ରାଣୀ ରହମନ୍ ପ୍ରଥମେ ଓଡ଼ିଶୀ ନୃତ୍ୟକୁ ଭାରତ ଓ ଭାରତ ବାହାରେ ପ୍ରସ୍ତର କରି ଆମର ଅଶେଷ ଧନ୍ୟବାଦର ପାତ୍ରୀ ।

ଡା: ଚାର୍ଲସ ପାବ୍ରୀ ଆର୍ଟ ସ୍ୱର୍ଗବାସୀ । ମୋ ଜାଣିବାରେ ଏହି ଏକମାତ୍ର ସ୍ୱାର୍ଥହୀନ ସହୃଦୟ ବ୍ୟକ୍ତି ଯେ କି ଓଡ଼ିଶୀ ନୃତ୍ୟର ପ୍ରସାର ପ୍ରସ୍ତର ଲାଗି ଦୃଢ଼ଭାବରେ ଲେଖନୀ ଧରିଥିଲେ ।

ଓଡ଼ିଶୀ ନୃତ୍ୟର—

ଦିଲ୍ଲୀ ସଙ୍ଗୀତ ନାଟକ ଏକାଡେମୀର ସଂପାଦକ ଡ଼ାଃ ସୁରେଶ ଅବସ୍ଥି ଓଡ଼ିଶୀ ନୃତ୍ୟର ଜଣେ ବିଶିଷ୍ଟ ପୃଷ୍ଠପୋଷକ । ଶ୍ରୀ ମୋହନ ଖୋକର ଓଡ଼ିଶୀ ନୃତ୍ୟ ସମ୍ବନ୍ଧେ ବହୁ ଆଲୋଚନା କରି ପୁସ୍ତକ-ମାନ ପତ୍ରପତ୍ରିକାରେ ଲିପିବଦ୍ଧ କରିଛନ୍ତି । ତାଙ୍କର ଗୁଣଗ୍ରାହକତା ପ୍ରଶଂସନୀୟ ।

ଶ୍ରୀ ସୁନୀଲ କୋଠାରୀ ଓଡ଼ିଶୀ ନୃତ୍ୟର ଜଣେ ପରମ ଭକ୍ତ । ଶ୍ରୀ କୋଠାରୀ ଏହାର ଶିକ୍ଷା ଓ ପ୍ରସାର ଲାଗି ନିରତ ଯତ୍ନବାନ, ଆମେ ତାଙ୍କୁ ପାଶୋରି ପାରିବୁ ନାହିଁ ।

ସେହିଁ ନୃତ୍ୟ ଶିଳ୍ପୀମାନେ ଭାରତ ଓ ଭାରତ ବାହାରେ ଓଡ଼ିଶୀ ନୃତ୍ୟର ଶିକ୍ଷା, ଚର୍ଚ୍ଚା ଓ ପ୍ରଚୁର ପ୍ରସାର କରି ବେଶ ଖ୍ୟାତି ସ୍ନେହ, ଶ୍ରଦ୍ଧା ଓ ପ୍ରଶଂସାର ପାତ୍ରୀ ହୋଇଛନ୍ତି, ସେମାନେ ହେଲେ ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ଡ଼ାଃ ମିନତୀ ମିଶ୍ର, କୁମାରୀ ପ୍ରିୟମ ଦାସ ଓ କୁମାରୀ କୁକୁମିନା ଇତ୍ୟାଦି ।

ଏମାନଙ୍କ ବ୍ୟତୀତ ଆଜିକାଲି ବହୁ କୁମାରୀ ଓଡ଼ିଶୀ ନୃତ୍ୟରେ ଖ୍ୟାତି ଅର୍ଜ୍ଜନ କଲେଣି ଓ କରୁଛନ୍ତି । ଦିନକୁ ଦିନ ଏହାର ସମାଦର ବଢୁଥିବାର ଏକ ଶୁଭ ଲକ୍ଷଣ । ଓଡ଼ିଶୀ ନୃତ୍ୟର ଗବେଷଣା ଓ ପ୍ରଚାର ଦିଗରେ କଳା ବିକାଶ କେନ୍ଦ୍ରର ଅଦମ୍ୟ ପ୍ରଚେଷ୍ଟା ବାସ୍ତବରେ ଅବିସ୍ମରଣୀୟ ।

ତ୍ରିଲୋଚନ ସିଂହଦେଓ

# ସୋରିଷ ଏକ ଅର୍ଥକରୀ ଓ ଲାଭଜନକ ଫସଲ

ଆଧୁନିକ କୃଷି କେବଳ ଯେ ଜଳସେଚନର ସୁବିଧାସୁଯୋଗ ନେଇ ଜମିରୁ ବହୁବିଧ ଶସ୍ୟ ଉତ୍ପାଦନ ଦିଗରେ ବିଶେଷ ସହାୟକ ହେଉଛି ତାହାନୁହେଁ, ବରଂ ଭିନ୍ନଭିନ୍ନ ଜମିରେ ଉପଯୁକ୍ତ ପରିମାଣର ଜଳ ବ୍ୟବସ୍ଥା ଏବଂ ନିଜର ରୁଚି ଅନୁଯାୟୀ ଫସଲ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି । ବୈଜ୍ଞାନିକ ପଦ୍ଧତି ବ୍ୟବହାର କରି ଖୁବ୍ ଅଳ୍ପ ସମୟ ମଧ୍ୟରେ ଅଧିକ ଅମଳକ୍ଷମ ଫସଲ କରି ଜମିର ଉତ୍ପାଦିକାଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜମିକୁ ବହୁ ଫସଲି ତଥା ଗୋଟିଏ ଫସଲ ପରେ ଆଉ ଏକ ଫସଲ ଉତ୍ପନ୍ନ କରିବାର ସୁବିଧା ସୁଯୋଗ ମିଳୁଛି ।

କୃଷି ଦୃଷ୍ଟିରୁ ଅର୍ଥକରୀ ଫସଲ କିମ୍ବା ଲାଭଜନକ ଫସଲ, ଏହିପରି କୌଣସି ଶ୍ରେଣୀ ବିଭାଗ ନ ଥାଏ । ଏଣୁ ସେ ଗୁଡ଼ିକୁ ସମ୍ପୂର୍ଣ୍ଣ ପୃଥକ୍ ପୃଥକ ଶ୍ରେଣୀରେ ବିଭକ୍ତ କରାଯାଇ ନ ପାରେ । ଅନ୍ୟାନ୍ୟ ଫସଲଠାରୁ ବିଶେଷତ୍ୱ ଥିବା ଏକଜାତୀୟ ଫସଲକୁ ଭିନ୍ନ ସମୟରେ କିମ୍ବା ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଏକ ଲାଭଜନକ ଫସଲ ରୂପେ ଗ୍ରହଣ କରାଯାଇ ପାରୁଛି ।

ଦୁଇଗୋଟି ପ୍ରଧାନ ଫସଲ ମଧ୍ୟରେ ଥିବା ସମୟ ମଧ୍ୟରେ ଯେଉଁ ଫସଲ ସ୍ୱଳ୍ପ ଉଠାଯାଇ ଥାଏ, ତାକୁ ସାଧାରଣତଃ ଲାଭଜନକ ଫସଲ କୁହାଯାଇ ଥାଏ । ଆହୁରି ମଧ୍ୟ ଆର୍ଥିକ ଉନ୍ନତିର ସୁବିଧା ଦୃଷ୍ଟିରୁ ଏକ ଉନ୍ନତ ଧରଣର ଫସଲକୁ ମନୋନୀତ କରାଯାଇ ଥାଏ । ଦେଶରେ କୃଷକମାନଙ୍କର ଆର୍ଥିକ ବିକାଶ ନିମନ୍ତେ ଅଧିକ ତୈଳବୀଜ ଉତ୍ପାଦନର ଏକାନ୍ତ ଆବଶ୍ୟକତା ରହିଛି ବୋଲି ବିଶେଷଭାବେ ଅନୁଭବ କରାଯାଉଛି ଏବଂ ବର୍ତ୍ତମାନ ମିଳୁଥିବା ଉନ୍ନତ ଧରଣର ତୈଳବୀଜ ସୋରିଷ ବିଶେଷ ଲୋକ ପ୍ରିୟ ହୋଇ ପାରିଛି । ଦୁଇ ପ୍ରକାରର ଉନ୍ନତ ଧରଣର ସୋରିଷ ସ୍ୱଷ ସଂପର୍କରେ ସଂକ୍ଷେପରେ ଏଠାରେ ଆଲୋଚନା କରାଯାଉଛି, ଯଥା—ଲାଭଜନକ ଫସଲ ଏବଂ ଅର୍ଥକରୀ ଫସଲ ।

ଓଡ଼ିଶା ସରକାରଙ୍କ କୃଷି ବିଭାଗ ଦ୍ୱାରା ସୋରିଷ-୨୭ ଏବଂ ଆପ୍ରେସେଡ୍ ମ୍ୟୁଟାଣ୍ଟ (Appressed Mutant) ଏହି ଭଳି ଦୁଇଟି ଉନ୍ନତ ଧରଣର ସୋରିଷ ସ୍ୱଷ ବଜାରରେ ଉପଲବ୍ଧ କରାଯାଇଥିଲା ।

ସୋରିଷ-୨୭, ଯାହାକି ଉନ୍ନତ ଜାତୀୟ ସାରସନ (Sarsan) ସୋରିଷର ଅନ୍ତର୍ଗତ ଏବଂ ଏହା ସାଧାରଣତଃ ୭୫ ଦିନ ମଧ୍ୟରେ ସ୍ଥାନୀୟ ଦେଶୀ ସୋରିଷ ଅପେକ୍ଷା ଅଧିକ ଅମଳ ହୋଇଥାଏ ।

ଅତି ଅଳ୍ପ ସମୟ ମଧ୍ୟରେ ଏହି ସୋରିଷ ଅମଳ ହୋଇପାରୁଥିବାରୁ ସୋରିଷ ବୁଣା ଋତୁରେ ଅଧିକ ପରିମାଣରେ ଏହା ଚାଷ କରାଯାଇଥାଏ । ସେପ୍ଟେମ୍ବର ମାସ ଆରମ୍ଭରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଏହି ପ୍ରକାର ସୋରିଷ ଜମିରେ ବୁଣାଯାଇ ପାରେ । କିନ୍ତୁ ଅଧିକ ଅମଳ ପାଇଁ ଏହି ଫସଲ ବୁଣିବାର ଉପଯୁକ୍ତ ସମୟ ହେଉଛି ସେପ୍ଟେମ୍ବର ମାସ ଶେଷଠାରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ । ନିୟମ ଅନୁଯାୟୀ ସୋରିଷ ଫସଲ ଅତ୍ୟଧିକ ଜଳ ଦରକାର କରେ ନାହିଁ । ମାତ୍ର ଉକ୍ତ ଫସଲ ବେଳେ ଯେଉଁ ସ୍ଥାନରେ ଶୀତ ଋତୁରେ ଅସରାଏ କିମ୍ବା ଦୁଇ ଅସରା ବର୍ଷାର ସମ୍ଭାବନା ରହିଛି କିମ୍ବା ନିମ୍ନ ଧରଣର ଜଳ ସେଚନର ସୁବିଧା ରହିଛି, ସେହି ସ୍ଥାନ ସୋରିଷ ଚାଷ ପକ୍ଷରେ ଅନୁକୂଳ ଅଟେ ।

ସାଧାରଣତଃ ଦୋରସା ବାଲିଆ ମାଟିରେ ଯଥେଷ୍ଟ ପରିମାଣରେ ସାର ଦେଲେ ସୋରିଷ ଭଲ ହୁଏ । ଦେଖା ଯାଇଛି, ଏହି ଚାଷପାଇଁ ସବୁପ୍ରକାରର ଅନୁକୂଳ ବ୍ୟବସ୍ଥା ରହିଥିଲେ ସ୍ଥାନୀୟ ଦେଶୀ ସୋରିଷ ଅମଳ ଅପେକ୍ଷା, ସୋରିଷ–୨୭ ବର୍ଷକେ ହାରା ହାରି $୨\frac{୧}{୨}$ ଥର ଅମଳ ହୋଇ ଯିବା ସଙ୍ଗେ ସଙ୍ଗେ ଏହି ଜାତୀୟ ସୋରିଷ ଏକର ପିଛା ୬ ରୁ ୭ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରାଯାଇ ପାରିବ ଏବଂ ବଜାରରେ କୁଇଣ୍ଟାଲ ପିଛା ଟ୧,୫୦୦ ଙ୍କାରେ ବିକ୍ରି କରାଯାଇ ପାରିବ । ଏହି ସୋରିଷ ଅମଳ ପାଇଁ ଏକର ପିଛା ମୋଟ ୨୫୦ ଟଙ୍କାରୁ ୩୦୦ ଟଙ୍କା ମଧ୍ୟରେ ଖର୍ଚ୍ଚ ହୋଇଥାଏ । ମୂଳ ଖର୍ଚ୍ଚକୁ ବାଦ ଦେଇ ପରେ ଏକର ପିଛା ଟ୧,୨୦୦ଙ୍କା ଲାଭ ମିଳି ଥାଏ । ସେପଟେମ୍ବର ମାସର ଶେଷ ଭାଗକୁ ଯେଉଁ ଅଞ୍ଚଳରେ ଜଳ ସେଚନର ସୁବିଧା ନାହିଁ କିମ୍ବା ଜଳ ଯୋଗାଣର ଅଭାବ ପରି-ଲକ୍ଷିତ ହୁଏ, ସେହି ଅଞ୍ଚଳରେ ଏହି ଜାତୀୟ ସୋରିଷ ଚାଷ ଏକ ଅର୍ଥକରୀ ଫସଲ ରୂପେ କରାଯାଇ ପାରେ । ଯେଉଁଠାରେ ଜମିରେ ଜଳ ସେଚନ ପାଇଁ ସୁବିଧା ସୁଯୋଗ ରହିଛି ସେଠାରେ ଦୁଇଗୋଟି ମୁଖ୍ୟ ଫସଲ ମଧ୍ୟଭାଗରେ ଏହି ସୋରିଷ ଚାଷ ଏକ ଆଦର୍ଶ କିମ୍ବା ଲାଭଜନକ ଫସଲ ରୂପେ ଗ୍ରହଣ କରାଯାଇଥାଏ । ସେହିଭଳି ଜମିରେ ତିନୋଟି ପର୍ଯ୍ୟାୟରେ ଯଥାକ୍ରମେ ଧାନ ଏବଂ ମକା କିମ୍ବା ଧାନ ପରେ ଧାନ ଅଥବା ଧାନ ଓ ମାଣ୍ଡିଆ ଏହିପରି ୩ ଗୋଟି ଫସଲ ଅମଳ ନିମନ୍ତେ ଉପଯୁକ୍ତ ବିବେଚିତ ହୋଇଥାଏ ।

ଆପ୍ରେସେଡ୍ ମ୍ୟୁଟାଣ୍ଟ (Appressed mutant) ଜାତୀୟ ସୋରିଷ ସୋରିଷ-୨୭ ଅପେକ୍ଷା ଅଧିକ ଉନ୍ନତ । ଏହା ଅପେକ୍ଷା ଜତ ଅଧିକ ଡେଙ୍ଗା ଓ ଘଞ୍ଚ ହୋଇଥାଏ । ଏହା ବୁଣା ହେବା ଦିନଠାରୁ ଅମଳ ପର୍ଯ୍ୟନ୍ତ ପ୍ରାୟ ୧୧୦ ଦିନ ନେଇଥାଏ । ଉଚ୍ଚ ଭଲ ଭାବରେ ବଢିଗଲେ ଏହାର ଉଚ୍ଚତା ପ୍ରାୟ ୭ ଫୁଟ ପର୍ଯ୍ୟନ୍ତ ଲମ୍ବ ହୋଇଯାଏ । ପୁରା ଶୀତ ସମୟରେ ଏହି ସୋରିଷ ଭଲ ଭାବରେ ବଢିପାରେ ବୋଲି ସୋରିଷ-୨୭ ଭଳି ଅକ୍ଟୋବର ମାସ ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ଏହା ବୁଣା ଯାଇଥାଏ । ଆବଶ୍ୟକ ଅନୁଯାୟୀ ଯେଉଁ ସ୍ଥାନରେ ଅନ୍ତତଃ ୫ । ୬ ଥର ପର୍ଯ୍ୟନ୍ତ ଜଳ ସେଚନ କରାଯାଇ ପାରିବ ସେହି ସବୁ ସ୍ଥାନରେ ଏହି ଜାତୀୟ ସୋରିଷ ଚାଷ କରିବା ଉଚିତ । ଯେଉଁ ଜମିରେ ତିନୋଟି ଫସଲ ହେବା ସମ୍ଭବପର ନୁହେଁ, ସେହି ଜମି ନିମନ୍ତେ ଏହି ଜାତୀୟ ସୋରିଷ ଚାଷପାଇଁ ଉପଯୁକ୍ତ ହୋଇ ଥାଏ । ଏପରିକି ଏହା ଏକ ଲାଭଜନକ ଫସଲ ନ ହୋଇ ପାରେ କିନ୍ତୁ ଏକ ଅର୍ଥକରୀ ଫସଲ ହୋଇଥାଏ । ଏହି ଜାତୀୟ ଫସଲ ଏକର ପିଛା ହାରାହାରି ୮ କୁଇଣ୍ଟାଲ ଅମଳ ହୋଇଥାଏ ମାତ୍ର ସମସ୍ତ ପ୍ରକାରର ଅନୁକୂଳ ବାତାବରଣ ପାଇଲେ, ଏହାର ଅମଳ ଏକର ପିଛା ୧୪ କୁଇଣ୍ଟାଲ ମଧ୍ୟ ବୃଦ୍ଧି ପାଇ ଥାଏ । ହିସାବ କରି ଦେଖା ଯାଉଛି ଯେ, କୁଇଣ୍ଟାଲ ପିଛା ୨୦୦ ଟଙ୍କା ହେଲେ ମୋଟ ଖର୍ଚ୍ଚ ବାଦଦାଇ ଅଧିକ ୨,୦୦ ଟଙ୍କାରୁ ୨,୫୦୦ ଟଙ୍କା ମଧ୍ୟରେ ଲାଭ ମିଳି ପାରୁଛି ।

ଅତ୍ୟଧିକ ପରିମାଣରେ ସାର ପ୍ରୟୋଗ, ବିଶେଷ ମେଘୁ ପାଗ ଏବଂ ଦିନ ଦିନ ଧରି ଆକାଶ ମେଘାଚ୍ଛନ୍ନ ରହିଲେ, ଜମିରେ ଗଛଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଏ ଏବଂ ଗଛଗୁଡ଼ିକ ନଷ୍ଟ ହୋଇ ଯିବାର ଅନ୍ୟ ଏକ କାରଣ ହେଉଛି ବିଭିନ୍ନ ଧରଣ କୀଟ । ଏହି ଜାତୀୟ ସୋରିଷ ଚାଷ କରିବା ପୂର୍ବରୁ ମେଟାସାଇଷ୍ଟ (Metasystox) ନାମକ ଏକ କୀଟନାଶକ ଔଷ ପକାଇବା ପାଇଁ ବ୍ୟବସ୍ଥା କରି ରଖିବା ଉଚିତ ଏବଂ ମେଘୁ ପାଗରେ ଯେତେବେଳେ ଆବଶ୍ୟକ ପଡ଼ିବ, ଏହି ମେଟାସାଇଷ୍ଟ ବ୍ୟବହାର କରା ଯାଇ ପାରେ ।

ତେଣୁ ଯେଉଁ ଜମିରେ ସୋରିଷ ଚାଷକରା ଯିବ, ତାହା ଚାଷ ଜମିକୁ ସୁହାଇଲା ଭଳି ଓ ଜଳର ସୁବିଧା, ଅଳ୍ପ ଖର୍ଚ୍ଚ ତଥା ଗୋଟି ଫସଲ ପରେ ଅନ୍ୟ ଏକ ଫସଲ ଚାଷ ହୋଇ ପାରିବା ଭଳି ଏ ଯୋଜନା ପ୍ରସ୍ତୁତ କରିବା ଏକାନ୍ତ ଆବଶ୍ୟକ, ଯଦିଓ ଏ ବିଷୟରେ ବିଶେଷ ଆଲୋଚନା କରା ନ ଯାଏ କିମ୍ବା ଜମିର ଆବଶ୍ୟ ବିଷୟ ପ୍ରତି ଦୃଷ୍ଟି ଦିଆ ନ ଯାଏ, ତା ହେଲେ ଏହା ଚାଷୀର ଇ ମୁତାବକ ଅର୍ଥକରୀ ତଥା ଲାଭ ଜନକ ଫସଲ ହୋଇ ପାରିବ ନା

ଶ୍ରୀହରି ନାୟକ

# ପର୍ଯ୍ୟଟନ ଶିଳ୍ପ

ବିଗତ ଶତାବ୍ଦୀମାନଙ୍କର ଇତିହାସ ଅନୁଧ୍ୟାନ କଲେ ଏହା ସ୍ୱତଃ ପ୍ରତୀୟମାନ ହୁଏ ଯେ ଭାରତ ପ୍ରତି ବିଦେଶୀମାନଙ୍କ ମନରେ ଏକ କୌତୁହଳ ରହି ଆସିଛି । ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ—ଏହି ଉକ୍ତିର ସାର୍ଥକତା ପ୍ରତିପାଦନ କରି ଭାରତ ବିଦେଶୀ ପରିବ୍ରାଜକ, ସାମ୍ରାଜ୍ୟଲୋଭୀ ଶାସକ ଏବଂ କଳାପ୍ରେମୀ ପଣ୍ଡିତମାନଙ୍କୁ ଆକୃଷ୍ଟ କରି ଆସିଛି । ଆଲେକଜାଣ୍ଡାରଙ୍କଠାରୁ ଆରମ୍ଭ କରି ଇଂରେଜ ବଣିକ ପର୍ଯ୍ୟନ୍ତ ସମସ୍ତେ ଏହି ଦେଶର ପ୍ରାଚୁର୍ଯ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି । ପରିବ୍ରାଜକ ଫାହିଯାନ୍, ହୁଏନ୍‌ସାଂ ପ୍ରଭୃତି ପଣ୍ଡିତଗଣ ଏହି ଦେଶର ବୈଶିଷ୍ଟ୍ୟର ସାରବତ୍ତା ସ୍ୱଚକ୍ଷୁରେ ଦେଖିବା ସକାଶେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ନାବିକ କଲମ୍ବସ ଭାରତକୁ ରାସ୍ତା ଖୋଜୁ ଖୋଜୁ ଆବିଷ୍କାର କରିଛନ୍ତି ଆଉ ଏକ ନୂତନ ଜନପଦ । ଆମ ଦେଶର ବିଶାଳତା, ଏହାର ଚିତ୍ତାକର୍ଷକ ପ୍ରାକୃତିକ ସୌନ୍ଦର୍ଯ୍ୟ, ଆକାଶଚୁମ୍ବୀ ନଗାଧିରାଜ, ଘଞ୍ଚ ବନାନୀର ବନ୍ୟ ସଂପଦ ଏବଂ ସର୍ବଶେଷରେ ଏହାର ପାହାଡ଼, ମନ୍ଦିର ଗାତ୍ରରେ ଜୀବନ୍ତପ୍ରାୟ ଅଲୌକିକ ଚାରୁକଳା ସବୁରି ମନରେ ଅପାର ପୁଲକ, ଅନୁସନ୍ଧିତ୍ସା ଏବଂ ପ୍ରାଣ ପ୍ରବାହ ଜାଗ୍ରତ କରାଇ ଆସିଛି ।

ସ୍ୱାଧୀନତା ପରେ ଆମ ଦେଶରେ ସର୍ବଶ୍ରେଷ୍ଠ ଏବଂ ସର୍ବ ବୃହତ୍ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇପାରିଛି । ଭାଷା, ଜାତି, ଧର୍ମର ବିଭିନ୍ନତା ମଧ୍ୟରେ ଯେଉଁ ଏକତା ପ୍ରତିଷ୍ଠା ହୋଇଛି ତାହା ଆଧୁନିକ ଜଗତ ସମକ୍ଷରେ ଏକ ଆଦର୍ଶର ଅବତାରଣା । ମାତ୍ର କେତୋଟି ବର୍ଷର ସ୍ୱାଧୀନତା ଲାଭପରେ ଆମ ଦେଶ ଅଗ୍ରଗତି ପଥରେ ଯେପରି ଭାବରେ ଆଗେଇ ଚାଲିଛି ଏବଂ ବିଭିନ୍ନ ପ୍ରକାର ଉନ୍ନୟନ ଯୋଜନାଦ୍ୱାରା ଆମେ ଯେପରି ଭାବରେ ଆମଦେଶକୁ ଗଢି ତୋଳୁଛୁ ତାହା ମଧ୍ୟ ବିଦେଶୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଚହଳ ପକାଇ ଦେଇଛି । ପଡ଼ୋଶୀ ରାଜ୍ୟମାନଙ୍କରେ ଗଣତନ୍ତ୍ରର ଅବସାନ ଘଟୁଥିଲେ ମଧ୍ୟ ନାନା ପ୍ରକାର ବିଭିନ୍ନତା ମଧ୍ୟରେ ଆମେ ଯେପରି ଆମର ଗଣତନ୍ତ୍ରକୁ ସୁରକ୍ଷା କରି ଶିକ୍ଷା, ସଂସ୍କୃତି, ଶିଳ୍ପ, କୃଷି ଇତ୍ୟାଦି ବିଷୟରେ ଉନ୍ନତି କରି ଚାଲିଛୁ ତାହା ଅନ୍ୟମାନଙ୍କୁ କମ୍ ଆଶ୍ଚର୍ଯ୍ୟ କରିନାହିଁ । ଏଥିପାଇଁ ଆମ ଦେଶକୁ ବୈଦେଶିକ ପରିବ୍ରାଜକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ବୈଦେଶିକ ପରିବ୍ରାଜକଙ୍କ ସଂଖ୍ୟା ଯେତିକି ଯେତିକି ବଢ଼ିବ ଅର୍ଥନୈତିକ କ୍ଷେତ୍ରରେ ଆମେ ସେତିକି ସେତିକି ବେଶି ବୈଦେଶିକ ମୁଦ୍ରା ଅର୍ଜ୍ଜନ କରିବୁ । ଆଜିର ପରସ୍ପର ନିର୍ଭରଶୀଳ ଅର୍ଥନୀତିରେ

ବୈଦେଶିକ ମୁଦ୍ରାର ଯେ କେତେ ପ୍ରୟୋଜନ ସେ କଥା କୁହାଯାଇ ନ ପାରେ—ବିଶେଷତଃ ଆମଦେଶ ଭଳି ଏକ ବର୍ଦ୍ଧନଶୀଳ ଦେଶ ପକ୍ଷରେ । ଖାଲି ସେତିକି ନୁହେଁ, ଦେଶରେ ମଧ୍ୟ ଭ୍ରମଣପିପାସୁ ଅନେକ ବ୍ୟକ୍ତି ଅଛନ୍ତି । ଏକ ପ୍ରଦେଶର ଲୋକେ ଅନ୍ୟ ଏକ ପ୍ରଦେଶକୁ ଯିବା ଆସିବା କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ପ୍ରତିଷ୍ଠା ହେବା ସଙ୍ଗେସଙ୍ଗେ ସହନଶୀଳତା ବଢ଼େ ଏବଂ ଭାବର ଆଦାନ ପ୍ରଦାନ ହୋଇଥାଏ । ଅଖଣ୍ଡ ଭାରତର କାମନା କରି ଏବଂ ଭ୍ରାତୃତ୍ୱ ଜାଗରଣ କରିବା ସକାଶେ ହୁଏତ ଆମ ଦେଶରେ ଚତୁର୍ଦ୍ଧାମର ସୃଷ୍ଟି ହୋଇଥିଲା । ଲୋକେ ଚତୁର୍ଦ୍ଧାମ ଦର୍ଶନ କରି ଧର୍ମାର୍ଜ୍ଜନ ପିପାସା ମେଣ୍ଟେଇବା ସଙ୍ଗେ ସଙ୍ଗେ ନୂତନ ସ୍ଥାନ ଦର୍ଶନର ସୁବିଧା ମଧ୍ୟ ପାଇ ପାରୁଛନ୍ତି ।

ପର୍ଯ୍ୟଟନକୁ ଗୋଟିଏ ଶିଳ୍ପ ଆଖ୍ୟା ଦିଆଯାଇପାରେ । ବିନା ଅର୍ଥ ବ୍ୟୟରେ ଅର୍ଥାଗମର ଏ ଏକ ସୁଚିନ୍ତିତ ପନ୍ଥା । ଏହି ଶିଳ୍ପର ଅଭିବୃଦ୍ଧି ସକାଶେ ଆମକୁ ପର୍ଯ୍ୟଟକଙ୍କର ସୁବିଧା ଦେଖିବାକୁ ହେବ । ସେମାନେ ଯେମିତି କୌଣସି ପ୍ରକାରେ ହଇରାଣ ନ ହୁଅନ୍ତି ସେଥିପାଇଁ ସେମାନେ ପହଞ୍ଚିବା ମାତ୍ରେ ସେମାନଙ୍କୁ ସାହାଯ୍ୟ ଦେବାପାଇଁ ପ୍ରତ୍ୟେକ ଦର୍ଶନୀୟ ସ୍ଥାନର ଯାନ ଅବତରଣ କେନ୍ଦ୍ରମାନଙ୍କରେ ଅଭ୍ୟର୍ଥନାକାରୀ ରହିବା ଦରକାର । ସେମାନଙ୍କର ରହିବା ଏବଂ ଖାଦ୍ୟପେୟ ସକାଶେ ବିଭିନ୍ନ ରୁଚି ଅନୁଯାୟୀ ଖାଦ୍ୟ ପରିବେଷଣ କରିପାରୁଥିବା ଉନ୍ନତ ଧରଣର ହୋଟେଲ, ଯାତାୟାତ ସକାଶେ ଦ୍ରୁତଗାମୀ ତଥା ସୁଖପ୍ରଦ ଯାନ ଏବଂ ଉନ୍ନତ ଧରଣର ରାସ୍ତା ଆବଶ୍ୟକ । ବିଭିନ୍ନ ସ୍ଥାନ ସମ୍ବନ୍ଧରେ ସେମାନଙ୍କୁ ସମ୍ୟକ ଜ୍ଞାନ ଦେବା ସକାଶେ ଉପାଦେୟ ପୁସ୍ତକାବଳୀ ଏବଂ ଦର୍ଶନୀୟ ସ୍ଥାନମାନଙ୍କରେ ବିଭିନ୍ନ ବିଷୟ ସହିତ ପରିଚୟ କରାଇବା ସଙ୍ଗେ ସଙ୍ଗେ ପ୍ରତ୍ୟେକର ତାତ୍ପର୍ଯ୍ୟ ମନୋଜ୍ଞ ପ୍ରକାରେ ବୁଝାଇ ପାରିଲା ଭଳି ପ୍ରଦର୍ଶକ ବା ଗାଇଡ୍ ଆବଶ୍ୟକ । ଆମର ମନେ ରଖିବା ଉଚିତ ଯେ ପର୍ଯ୍ୟଟକମାନେ ପ୍ରଚୁର ପଇସା ଖର୍ଚ୍ଚ କରିଥାନ୍ତି । ତେଣୁ ଅଳ୍ପ ସମୟ ମଧ୍ୟରେ ସେମାନେ ଯେପ... ବହୁତ ସ୍ଥାନ ଦେଖି ପାରନ୍ତି ସେଥିପ୍ରତି ଆମର ଦୃ... ଦେବା ଦରକାର । ସେମାନେ ଯେମିତି କୌଣସି ପ୍ରକାର ପ୍ରତାର... ନ ପଡ଼ନ୍ତି ସେଥିପ୍ରତି ମଧ୍ୟ ଆମର ସଜାଗ ରହିବା ଦରକାର । କାରଣ ଏହାଦ୍ୱାରା ସେମାନେ ଯେ ଖାଲି ହଇରାଣ ହୁଅନ୍ତି ତାହା ନୁହେଁ, ଆମ ଦେଶ ସମ୍ବନ୍ଧରେ ନିହାତି କଦର୍ଯ୍ୟ ମନୋଭାବ ପୋଷଣ କରନ୍ତି । ଏହାଦ୍ୱାରା ଆମର ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ପରିବର୍ତ୍ତେ ଅଧୋଗତି ଲାଭ କରିବ ।

ଏତଦ୍‌ବ୍ୟତୀତ ଆମଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କ ଚିତ୍ତାକର୍ଷକ ମାଧ୍ୟମରେ ପରିପ୍ରଚାର ହେବା ଆବଶ୍ୟକ । ଏ... ପର୍ଯ୍ୟଟନ ଶିଳ୍ପଦ୍ୱାରା ଖାଲି ଦେଶଦେଶ ମଧ୍ୟରେ ସଦ୍ଭାବ ସୃଷ୍ଟି ହୁଏ ନାହିଁ । ଏହାଦ୍ୱାରା ପ୍ରଚୁର ବୈଦେଶିକ ମୁଦ୍ରା ମଧ୍ୟ ଲାଭ ହୋଇଥାଏ । ବିଗତ ବର୍ଷମାନଙ୍କର ପର୍ଯ୍ୟଟନ ଶିଳ୍ପର ହିସାବ ଦେଖିଲେ ଜଣାଯିବ ଯେ ଏହାଦ୍ୱାରା ଆମଦେଶର ବୈଦେଶିକ ମୁଦ୍ରା ଧନରା... ବଢ଼ି ବଢ଼ି ଚାଲିଛି ।

ଆମ ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସକାଶେ ପ୍ରଚୁର କ୍ଷେତ୍ର ରହିଛି । ଏହାର କାରୁକାର୍ଯ୍ୟ ଖଚିତ ସୁଉଚ୍ଚ ମନ୍ଦିର... ଦର୍ଶକଙ୍କ ମନରେ ଆଶ୍ଚର୍ଯ୍ୟଜନକ ରେଖାପାତ କରିଥାଏ । ଏହା... ମନୋରମ ଜଳପ୍ରପାତ, ବିସ୍ତୀର୍ଣ୍ଣ ବନାନୀ, ଆମୋଦପ୍ରଦ ସମୁ... କୂଳ ପର୍ଯ୍ୟଟକଙ୍କୁ ଚିରଦିନ ଆକର୍ଷଣ କରୁଥିବ । ଆମର ସ୍ଥାନୀ... ସଂପଦ ଅଛି, ତାକୁ ଲୋକ ଲୋଚନକୁ ଆଣି ପର୍ଯ୍ୟଟନ ସେ... ସର୍ବବିଧ ସୁବିଧା କରାଇ ପାରିଲେ, ଆମ ଓଡ଼ିଶା ଯେ ଭାରତ... ଏହି ଶିଳ୍ପରେ ଯଥେଷ୍ଟ ଉନ୍ନତି ଲାଭ କରିବ ଏଥିରେ କିଛି ସନ୍ଦେହ ନାହିଁ । ଏହି ଶିଳ୍ପର ଉନ୍ନତି ସକାଶେ ଓଡ଼ିଶା ସରକାର ଯେଉଁସବୁ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି ଏବଂ କରୁ... ସେଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ ଆମ ଓଡ଼ିଶା ବିଶ୍ୱ ପର୍ଯ୍ୟ... ମାନଚିତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଦଖଲ କରିବ ।

(ଶ୍ରୀ ନାୟକ ହେଉଛନ୍ତି ଢାଙ୍କୀ ସବ୍‌ଡିଭିଜନାଲ୍ ଅଫିସର
ଗଞ୍ଜମ ଅଧିକା...

ସଂଜୟକୁମାର ମହାନ୍ତି

# ତିର୍ତ୍ତୋଲ ଧୋୟା ଅଞ୍ଚଳରେ ଉଠା ଜଳସେଚନ କାର୍ଯ୍ୟକ୍ରମ

ତିର୍ତ୍ତୋଲ ବ୍ଲକର ବନ୍ୟାପ୍ରପୀଡ଼ିତ ଅଞ୍ଚଳଟି ଚିର ଅବହେଳିତ ଅବସ୍ଥାରେ ପଡ଼ିଥିଲା । ଏହି ଅଞ୍ଚଳରେ ଜନସାଧାରଣଙ୍କ ଅର୍ଥନୈତିକ ମାନଦଣ୍ଡ ନିମ୍ନସ୍ତରର ହୋଇଥିବାରୁ ସେମାନେ କୌଣସି ଦିଗରେ ଆଗେଇ ପାରୁ ନ ଥିଲେ । ଏହି ଅଞ୍ଚଳରେ ବିସ୍ତୀର୍ଣ୍ଣ ଉର୍ବର ଭୂମି ଥିଲେ ମଧ୍ୟ ଜଳସେଚନର ସୁବିଧା ନ ଥିବାରୁ ବର୍ଷ ମଧ୍ୟରେ ମାତ୍ର ଗୋଟିଏ ଫସଲ ଉତ୍ପାଦନ କରାଯାଉଥାଏ । ଜଳସେଚନର ସୁବିଧା ନ ଥିବାରୁ ବୈଜ୍ଞାନିକ ପଦ୍ଧତି ଅନୁସରଣରେ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇପାରେ ନାହିଁ । କୃଷିର ଉନ୍ନତି ବିନା ଗାଁ ଗହଳର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି ପାଇବା ସମ୍ଭବ ନୁହେଁ ।

ଏହି ଅଞ୍ଚଳରେ ଶିକ୍ଷିତ ଯୁବଗୋଷ୍ଠୀର ସହଯୋଗିତାରେ ବାଙ୍କୀବରଣ ପାଠାଗାର, ଯୁବପରିଷଦ, ଯୋଗଦାଦେଇ ନାମରେ ଗୋଟିଏ ରେଜିଷ୍ଟ୍ରିକୃତ ଅନୁଷ୍ଠାନ ଗଠନ କରାଯାଇ ଅଞ୍ଚଳର ଉନ୍ନତିକଳ୍ପେ ସଭ୍ୟମାନେ ଘର ଘର ବୁଲି ବୈଜ୍ଞାନିକ ପଦ୍ଧତି ଅନୁସରଣରେ କୃଷି ଶିକ୍ଷାଦେବା, କମ୍ପୋଷ୍ଟଗାତ ଖନନ, ପନିପରିବା, ଛେଳିପାଳନ, କୁକୁଡ଼ାପାଳନ, ସ୍ୱାସ୍ଥ୍ୟର ଉନ୍ନତି, ପରିବାର ନିୟନ୍ତ୍ରଣ ଓ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟକ୍ରମରେ ପ୍ରତ୍ୟେକ ପାସବହି ଖୋଲିବା, ନିରକ୍ଷରତା ଦୂରୀକରଣ, ପାଠାଗାର, ସାଂସ୍କୃତିକ କାର୍ଯ୍ୟକ୍ରମ, ରାସ୍ତାରେ ବିଦ୍ୟୁତ୍ ଆଲୋକ ଦେବା, ରାସ୍ତାଘାଟର ଉନ୍ନତିକରିବା ଇତ୍ୟାଦି କାର୍ଯ୍ୟକ୍ରମ ହଲେ ।

ଜଳସେଚନର ଅଭାବ ଦୂରୀକରଣ ଦିଗରେ ଯୋଜନା ପ୍ରସ୍ତୁତ କରାଯାଇ ଜମିର ମାଲିକମାନେ ମିଳିତ ଭାବେ ବ୍ୟାଙ୍କରୁ ଋଣ ଉଠାଇ ଉଠା ଜଳସେଚନ କରାଇବା ପାଇଁ ଉଦ୍ୟମ କରାଯାଇ ଥିଲା । ମାତ୍ର ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଏହି ଉଦ୍ୟମର ମୁଖ୍ୟ ସହଯୋଗୀ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ମହାନ୍ତି, ଏମ୍.ଏଲ୍.ଏ. ରୂପେ ନିର୍ବାଚିତ ହେଲେ ଓ ଉଠା ଜଳସେଚନ ବିଭାଗମନ୍ତ୍ରୀ ହେଲେ । ମନ୍ତ୍ରୀ ମହୋଦୟଙ୍କ ଅକ୍ଳାନ୍ତ ଚେଷ୍ଟାରେ ତିର୍ତ୍ତୋଲର ଧୋୟା ଅଞ୍ଚଳରେ ସରକାରୀ ଉଦ୍ୟମରେ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଗଲା । ଏହି ଉଠା ଜଳସେଚନ ଯୋଜନା ନଳକୂପ ସାହାଯ୍ୟରେ ଓ ବିଦ୍ୟୁତ୍ ଚାଳିତ ପମ୍ପ ସାହାଯ୍ୟରେ ମାଟିତଳୁ ପାଣି ଉଠାଇ ଗୋଟିଏ ଘଣ୍ଟାରେ ୩୦ ରୁ ୧୦୦ ଏକର

ଜମିରେ ଜଳସେଚନ କରାଯାଇ ପାରୁଅଛି । ଏହିପରି ଧୋୟା ଅଞ୍ଚଳକୁ ବିଦ୍ୟୁତ୍ ଅଣାଯାଇ ବିଭିନ୍ନ ସ୍ଥାନରେ ଉଠା ଜଳସେଚନ କାର୍ଯ୍ୟକାରୀ କରାଯାଇଅଛି । ଗୋଟିଏ ପଏଣ୍ଟ ପାଇଁ ୩୦ ହଜାର ଟଙ୍କା ଖର୍ଚ୍ଚ କରା ଯାଉଅଛି । ଗୋଟିଏ ଏକର ଜମିକୁ ଜଳସେଚନ ପାଇଁ ସରକାର ୭୦ ରୁ ୭୫ ଟଙ୍କା ଜଳକର ଆଦାୟ କରିବେ, ତେଣୁ ଏ ଯୋଜନା ଦ୍ୱାରା ସରକାର ଲାଭବାନ୍ ହେବେ । ଗୋଟିଏ ପଏଣ୍ଟରେ ଖର୍ଚ୍ଚ ହୋଇଥିବା ଟଙ୍କାର ୫୦ ଗୁଣ ଟଙ୍କା ଫସଲ ଉତ୍ପାଦନ ଦ୍ୱାରା ମିଳି ପାରିବ । ଏହି ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଏ ଅଞ୍ଚଳ ବାତ୍ୟାର ତାଣ୍ଡବଲୀଳାରେ ହରାଇଥିବା ସଂପୂର୍ଣ୍ଣ ଧାନ ଫସଲକୁ ତାକୁଅଧିକ କରି ଉତ୍ପାଦନକରି ପାରିବ ଓ ଜନସାଧାରଣ ଅନାହାର ମୃତ୍ୟୁରୁ ରକ୍ଷାପାଇ ପାରିବେ । ବନ୍ୟା ଅଞ୍ଚଳ ହୋଇ ଥିବାରୁ ପ୍ରାୟ ଅଧିକାଂଶ ବର୍ଷ ପ୍ରବଳବନ୍ୟାରେ ଫସଲ ନଷ୍ଟ ହୁଏ ଓ ଦୁର୍ଭିକ୍ଷ ପଡ଼େ । କିନ୍ତୁ ଉଠା ଜଳସେଚନର ବ୍ୟବସ୍ଥା ହେବା ଫଳରେ ବନ୍ୟା, ବାତ୍ୟାରେ ଫସଲ ନଷ୍ଟ ହୋଇ ଗଲେ ମଧ୍ୟ ପୁଣି ଅନ୍ୟ ଏକ ଫସଲ ଉତ୍ପାଦନ କରାଯାଇ ପାରିବ । ଏ ଅଞ୍ଚଳରେ ଅନେକ ସମୟରେ ମରୁଡ଼ି ଦେଖା ଦେଇ ଥାଏ । କିନ୍ତୁ ଭବିଷ୍ୟତରେ ମରୁଡ଼ି ଦେଖା ଦେଲେ ଉଠା ଜଳସେଚନ ସାହାଯ୍ୟରେ ଜଳଯୋଗାଇ ଦିଆଯାଇ ମରୁଡ଼ିକୁ ହଟାଇ ଦିଆଯାଇ ପାରିବ ।

ଏହି ଉଠାଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଚିର ଅବହେଳିତ ବନ୍ୟାଅଞ୍ଚଳଟି ଚିର ଶସ୍ୟଶ୍ୟାମଳା ସବୁଜ କ୍ଷେତରେ ପରିଣତ ହେବ, ଏହାଦ୍ୱାରା ଏ ଅଞ୍ଚଳରେ ଅର୍ଥନୈତିକ ମାନଦଣ୍ଡ କ୍ରମେ ବୃଦ୍ଧି ପାଇବ । ଏହି ଅଞ୍ଚଳଟି ପାରାଦୀପ ବନ୍ଦରର ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରଚୁର ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରାଯାଇ ପାରିଲେ ତାହା ବାହାରକୁ ପଠାଯାଇ ପାରିବ ।

ଗତ ତା୨୩।୧।୧୯୭୨ ରିଖରେ ରାଜସ୍ୱ ଓ ଉଠା ଜଳସେଚନ ବିଭାଗ ମନ୍ତ୍ରୀ ଏହି ଅଂଚଳର ଉଠା ଜଳସେଚନ ଯୋଜନା ଉଦ୍‌ଘାଟନ କରିଥିଲେ । ଅନ୍ୟ ଅଂଚଳ ସହିତ ଏ ଅଂଚଳକୁ ସଂଯୋଗ କରି ଗମନାଗମନର ସୁବିଧା ପାଇଁ ମହାନଦୀରେ ଗୋଟିଏ ଖରାଦିନିଆ ରାସ୍ତା ମନ୍ତ୍ରୀ ମହୋଦୟ ମଧ୍ୟ ଉଦ୍‌ଘାଟନ କରିଥିଲେ । ଏହି ରାସ୍ତା ପାଇଁ ଏ ଅଂଚଳବାସୀ ମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ କାଳୀଚରଣ ପାଠାଗାର ଯୁବପରିଷଦ ଦ୍ୱାରା ପରିଚାଳିତ ବୈଜ୍ଞାନିକ ପଦ୍ଧତିରେ ଗୋଟିଏ ଛେଳି ପାଳନ କେନ୍ଦ୍ର (Goat Rearing Centre) ମନ୍ତ୍ରୀ ମହୋଦୟ ଉଦ୍‌ଘାଟନ କରିଥିଲେ । ଆନୁଷ୍ଠାନିକ ଭାବେ ବିଦ୍ୟୁତ୍ ଶକ୍ତି ଉଦ୍‌ଘାଟନ କରିଥିଲେ ।

କାଳୀଚରଣ ପାଠାଗାର ଯୁବପରିଷଦ ତରଫରୁ ସାଧାରଣ ସଂପାଦକ ଶ୍ରୀ ସଂଜୟ କୁମାର ମହାନ୍ତି ମନ୍ତ୍ରୀ ମହୋଦୟଙ୍କୁ ସାଧାରଣ ସଭାରେ ଗୋଟିଏ ମାନପତ୍ର ପ୍ରଦାନ କରିଥିଲେ । ବାତ୍ୟାରେ ଭୁଷୁଡ଼ି ପଡ଼ିଥିବାରୁ ଅନୁଷ୍ଠାନ ପାଇଁ ଗୋଟିଏ ସ୍ଥାୟୀ ବଡ଼ ଘରଦ୍ୱାର ନିର୍ମାଣପାଇଁ ସରକାରଙ୍କ ନିକଟରେ ଦାବୀ କରିଥିଲେ । ତୋଳାପାଇକା ଭଣ୍ଡଠାରୁ ଯୋଗଦେଇ ଦେଇ ରାହାମା ପର୍ଯ୍ୟନ୍ତ ପ୍ରତାପ ରାଜପଥକୁ ସରକାରୀ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବୀ କରାଯାଇଥିଲା । ମନ୍ତ୍ରୀ ମହୋଦୟ ସମସ୍ତ ବିଷୟ ଶୀଘ୍ର ବିଚାର କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

———

# ଓଡ଼ିଶାରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ଅଗ୍ରଗତି

ଲୋକମାନଙ୍କର ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ଓ ଅର୍ଥକୁ ବିଜ୍ଞତାର ସହ ବିନିଯୋଗ କରାଇବା ହେଉଛି ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ମୂଳ ଲକ୍ଷ୍ୟ। ଏହା ଲୋକମାନଙ୍କୁ ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟିରେ ଅର୍ଥ ବିନିଯୋଗ କରି ଜାତୀୟ ଉନ୍ନୟନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଉତ୍ସାହିତ କରେ। ସ୍ୱଳ୍ପ ସଞ୍ଚୟ ଯୋଜନା ମାଧ୍ୟମରେ ସଂଗୃହୀତ ଅର୍ଥ ଆମ ଦେଶର ପଞ୍ଚବାର୍ଷିକ ଯୋଜନା-ଗୁଡ଼ିକୁ ସଫଳ କରିବାରେ ସାହାଯ୍ୟ କରେ। ସ୍ୱଳ୍ପ ସଞ୍ଚୟ ଦ୍ୱାରା ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକ ସାଧିତ ହୋଇଥାଏ —

(କ) ଦେଶର ପଞ୍ଚବାର୍ଷିକ ଯୋଜନାଗୁଡ଼ିକ ନିମନ୍ତେ ଅର୍ଥ ଯୋଗାଏ।

(ଖ) ଦେଶର ପ୍ରତିରକ୍ଷା ନିମନ୍ତେ ଆବଶ୍ୟକ ପଡୁଥିବା ଅର୍ଥ ମଧ୍ୟ ଏହି ଯୋଜନା ମାଧ୍ୟମରେ ସଂଗ୍ରହ କରାଯାଏ।

(ଗ) ମୁଦ୍ରାସ୍ଫିତି ରୋକିବା ଦିଗରେ ଏହା ସାହାଯ୍ୟ କରେ।

(ଘ) ଯେଉଁ ଶ୍ରେଣୀର ଲୋକମାନେ ସରକାରୀ ଋଣ ଯୋଜନାରେ ଅର୍ଥ ବିନିଯୋଗ କରି ପାରନ୍ତି ନାହିଁ ସେମାନଙ୍କୁ ଏହି ସ୍ୱଳ୍ପ ସଞ୍ଚୟ ଯୋଜନା ମାଧ୍ୟମରେ ଅର୍ଥ ବିନିଯୋଗ କରିବାର ସୁଯୋଗ ଦିଆ ଯାଇଥାଏ।

(ଙ) ଲୋକମାନଙ୍କ ମନରେ ସଞ୍ଚୟ ମନୋବୃତ୍ତି ସୃଷ୍ଟି କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ।

ଯେଉଁ ଅର୍ଥ ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିନିଯୋଗ କରାଯାଏ ତା' ଉପରେ ପ୍ରତ୍ୟେକ ବ୍ୟକ୍ତି ସୁଧ ପାଆନ୍ତି।

## ଶାସନ ସଂସ୍ଥା

(କ) ରାଜ୍ୟ ସ୍ତରରେ—ଓଡ଼ିଶାରେ ୧୯୫୭ ମସିହାରେ ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟର କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶାର ଅର୍ଥ ସଚିବ ହେଉଛନ୍ତି ଏହି ସଂସ୍ଥାର ଏକ୍ସ ଅଫିସିଓ ନିର୍ଦ୍ଦେଶକ। ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜଣେ ଉପନିର୍ଦ୍ଦେଶକ, ତିନିଜଣ ସହକାରୀ, ଜଣେ ସୁପରଭାଇଜର ଓ ଜଣେ ଟାଇପିଷ୍ଟ ରହିଛନ୍ତି।

ଜିଲ୍ଲା ସ୍ତରରେ, ୬ଟି ଜିଲ୍ଲାରେ ଜଣେକରି ଅପର ଡିଭିଜନ ଜିଲ୍ଲା ସ୍ତରରେ, ୬ଟି ଜିଲ୍ଲାରେ ପ୍ରତ୍ୟେକଟିରେ ଶିରାଣୀ ଓ ଅନ୍ୟ ୬ଟି ଜିଲ୍ଲାରେ ପ୍ରତ୍ୟେକଟିରେ ଜଣେକରି ସ୍ୱଳ୍ପ ସଞ୍ଚୟ ସୁପରଭାଇଜର କାର୍ଯ୍ୟ କରୁଛନ୍ତି। ଏହି ସୁପରଭାଇଜରମାନେ ନିଜ ନିଜ ଜିଲ୍ଲାରେ ଗସ୍ତ କରି ସଞ୍ଚୟ ଆନ୍ଦୋଳନକୁ ବ୍ୟାପକ ଓ ସକ୍ରିୟ କରିବା ଦିଗରେ କାର୍ଯ୍ୟ କରୁଛନ୍ତି।

(ଖ) କେନ୍ଦ୍ରୀୟ ଶାସନ ସଂସ୍ଥା—କଟକ ଠାରେ ଏହି ସଂସ୍ଥାର ଏକ ଆଞ୍ଚଳିକ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି। ଉପନିର୍ଦ୍ଦେଶକ ଜାତୀୟ ସଞ୍ଚୟ ସଂଗଠନ ବର୍ତ୍ତମାନ ସେହି ସଂସ୍ଥାର ମୁଖ୍ୟ। ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ପାଞ୍ଚଜଣ ସହକାରୀ ଆଞ୍ଚଳିକ ନିର୍ଦ୍ଦେଶକ ଏବଂ ୧୮ ଜଣ ଜାତୀୟ ସଞ୍ଚୟ ସଂଗଠକ।

(ଗ) ପ୍ରତ୍ୟେକଟି ସଂସ୍ଥାର କାର୍ଯ୍ୟ ଏବଂ ଉଭୟ ସଂସ୍ଥାର ସମନ୍ୱୟ କାର୍ଯ୍ୟ ଧାରା—

ଗ୍ରାମ ଓ ନଗରମାନଙ୍କରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନକୁ ସକ୍ରିୟ କରିବା, ଏଜେଣ୍ଟ ନିଯୁକ୍ତି କରିବା, ସେମାନଙ୍କୁ ଟ୍ରେନିଂ ଦେବା, ଜମାକାରୀମାନଙ୍କୁ ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟି ସମ୍ପର୍କରେ ବିଶଦ ବିବରଣୀ ଜଣାଇ ସେଇ ସିକ୍ୟୁରିଟିରେ ସେମାନେ ଅର୍ଥ ବିନିଯୋଗ କରିବାକୁ ଚାହାନ୍ତି ସେଥିରେ ତାଙ୍କୁ ସାହାଯ୍ୟ କରିବା ସରକାରୀ ଓ ବେସରକାରୀ ଅଫିସ୍ ଓ ଶିଳ୍ପ ସଂସ୍ଥାମାନଙ୍କରେ ବେତନ ପଂକ୍ତି ସଞ୍ଚୟ ଗୋଷ୍ଠୀ ଗଠନ କରିବା ହେଉଛି ଏହି ସଂସ୍ଥାର କାର୍ଯ୍ୟ।

ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ରାଜ୍ୟ ନିର୍ଦ୍ଦେଶାଳୟ କେନ୍ଦ୍ର ଆଞ୍ଚଳିକ ନିର୍ଦ୍ଦେଶାଳୟ ସହିତ ସମନ୍ୱୟ ରକ୍ଷାକରେ ଓ ଜାତୀୟ ସଞ୍ଚୟ ସଂଗଠକମାନେ ନିଜ ନିଜର ଜିଲ୍ଲା କଲେକ୍ଟରମାନଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରନ୍ତି।

ସ୍ୱଳ୍ପ ସଞ୍ଚୟରେ କିଭଳି ଅର୍ଥ ବିନିଯୋଗ କରାଯାଏ—

(କ) ପୋଷ୍ଟ ଅଫିସ୍ ଜରିଆରେ—ସେଭିଙ୍ଗସ୍‌ବ୍ୟାଙ୍କ କାର୍ଯ୍ୟ କରୁଥିବା ପୋଷ୍ଟ ଅଫିସ୍‌ମାନଙ୍କରେ ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟିରେ ଅର୍ଥ ବିନିଯୋଗ କରାଯାଏ। ଜାତୀୟ ସଞ୍ଚୟ ସାର୍ଟିଫିକେଟ ୨ୟ, ୩ୟ ଓ ଚତୁର୍ଥ ପ୍ରଚଳନ ପୋଷ୍ଟ ଅଫିସ୍ ସେଭିଙ୍ଗସ୍‌ବ୍ୟାଙ୍କ କାଉଣ୍ଟରରେ କିଣିବାକୁ ମିଳେ। ଏହା ବ୍ୟତୀତ ଅନ୍ୟାନ୍ୟ ନୂଆ ଏକାଉଣ୍ଟଗୁଡ଼ିକ ହେଉଛି ପୋଷ୍ଟ ଅଫିସ୍ ଟାଇମ୍ ଡିପୋଜିଟ୍, ପୋଷ୍ଟ ଅଫିସ୍ ରେକରିଂ ଡିପୋଜିଟ୍ ଏବଂ କ୍ୟୁମୁଲେଟିଭ୍ ଟାଇମ୍ ଡିପୋଜିଟ୍। ସାରା ଓଡ଼ିଶାରେ ଯେତେ ପୋଷ୍ଟ ଅଫିସ୍ ଅଛି ତା ମଧ୍ୟରୁ ଦୁଇ ତୃତୀୟାଂଶ ଏପରିକି ଗାଁ ଗହଳିରେ କାର୍ଯ୍ୟ କରୁଥିବା ବ୍ରାଞ୍ଚ୍, ପୋଷ୍ଟ ଅଫିସ୍‌ମାନଙ୍କୁ ମଧ୍ୟ ସେଭିଙ୍ଗସ୍‌ବ୍ୟାଙ୍କ କ୍ଷମତା ପ୍ରଦାନ କରାଯାଇଛି। ଏହା ଦ୍ୱାରା ଗାଁ ଗହଳର ଲୋକେ ମଧ୍ୟ ପୋଷ୍ଟ ଅଫିସ୍ ସେଭିଙ୍ଗସ୍ ବ୍ୟାଙ୍କରେ ଟଙ୍କା ଜମାଇ ପାରୁଛନ୍ତି।

(ଖ) ବ୍ୟାଙ୍କ୍ ଜରିଆରେ—ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ ଯୋଜନା ରହିଛି ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ପ୍ରଚଳନ ମିଳେ।

(ଗ) ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ—ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଭୁକ୍ତ ଷ୍ଟାଣ୍ଡାର୍ଡାଇଜ୍‌ଡ୍ ଏଜେନ୍‌ସି ସିଷ୍ଟମ୍ ପ୍ରଚଳନ ଫଳରେ ଲୋକେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜାତି ଉଦ୍ଦେଶ୍ୟରେ ଏକ ସାମାଜିକ ଏବଂ ଦେଶାତ୍ମବୋଧ କାର୍ଯ୍ୟ କରିବା ପାଇଁ ମଧ୍ୟ ସୁଯୋଗ ପାଇଥାନ୍ତି। କ୍ଷମତାପ୍ରାପ୍ତ ଏଜେଣ୍ଟ ହେବା ଦ୍ୱାରା ଲୋକ ସମ୍ପର୍କର ସୁଯୋଗ ମିଳେ। ନିଜର ସାମାଜିକ ସମ୍ପର୍କ ସଂପ୍ରସାରିତ ହୁଏ ଏବଂ ନିଜର ବ୍ୟକ୍ତିତ୍ୱ ମଧ୍ୟ ବିକାଶ ହୋଇଥାଏ। ଏହା ଦ୍ୱାରା ନାଗରିକମାନଙ୍କ ସେବା କରିବାର ସୁଯୋଗ ମଧ୍ୟ ମିଳେ। ସଞ୍ଚୟ ଏଜେଣ୍ଟ ନିଜର ପ୍ରବର୍ତ୍ତନାରେ ସଞ୍ଚୟ କାରୀମାନଙ୍କ ଅର୍ଥ ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟିରେ ବିନିଯୋଗ କରାଇବା ଦ୍ୱାରା ବେଶ୍ ଆକର୍ଷଣୀୟ ହାରରେ କମିସନ୍ ପାଇଥାନ୍ତି। ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ଗୁଡ଼ିକ ମଧ୍ୟ ଏଜେଣ୍ଟ ରୂପେ କାମ କରିପାରିବେ। ଏଜେଣ୍ଟମାନେ ନିମ୍ନଲିଖିତ ସିକ୍ୟୁରିଟି ଗୁଡ଼ିକରେ ଅର୍ଥ ବିନିଯୋଗ କରି ପାରିବେ—

(୧) (ଜାତୀୟ ସଞ୍ଚୟ ସାର୍ଟିଫିକେଟ୍) ନ୍ୟାସ୍‌ନାଲ୍ ସେଭିଙ୍ଗସ୍ ସାର୍ଟିଫିକେଟ୍ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ପ୍ରଚଳନ

(ଚ) ପୋଷ୍ଟ ଅଫିସ୍ ସାମୟିକ ଜମା (ପୋଷ୍ଟ ଅଫିସ ଟାଇମ ଡିପୋଜିଟ୍)

ଜାତୀୟ ସଞ୍ଚୟ ସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଦ୍ୱାରା ମଧ୍ୟ ଏଜେଣ୍ଟମାନେ ଅଥରାଇଜଡ଼୍ ଏଜେଣ୍ଟସ୍ (ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ ଯୋଜନା) ମାଧ୍ୟମରେ ନିଯୁକ୍ତ ହୋଇଥାଆନ୍ତି । ଜଣେ ବ୍ୟକ୍ତି ଏହି ସମସ୍ତ ଏଜେନ୍ସି ମଧ୍ୟ ନେଇପାରନ୍ତି ।

(ଗ) ପୋଷ୍ଟ ଅଫିସ୍ ସେଭିଙ୍ଗସ୍ ବ୍ୟାଙ୍କ—୧୯୭୦–୭୧ ମସିହାରେ ୮୦,୦୦୦ ନୂଆ ପୋଷ୍ଟ ଅଫିସ୍ ସେଭିଙ୍ଗସ୍ ବ୍ୟାଙ୍କ୍ ଏକାଉଣ୍ଟ ଏବଂ ୧୭,୫୦୦ କମଶବନ୍ଧିକୃ ଜମା ଏକାଉଣ୍ଟ ଖୋଲାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସଂଗୃହୀତ ରିପୋର୍ଟ ଅନୁଯାୟୀ ସେହି ବର୍ଷ ୫୭,୦୫୩ ପୋଷ୍ଟ ଅଫିସ୍ ସେଭିଙ୍ଗସ୍ ବ୍ୟାଙ୍କ୍ ଏକାଉଣ୍ଟ ଏବଂ ୧୨,୫୩୮ ସି. ଟି. ଡି. ଏକାଉଣ୍ଟ ଖୋଲଯାଇ ପାରିଅଛି । ୧୯୭୧–୭୨ ମସିହାରେ ୮୦,୦୦୦ ପୋଷ୍ଟ ଅଫିସ୍ ସେଭିଙ୍ଗସ୍ ବ୍ୟାଙ୍କ୍ ଏକାଉଣ୍ଟ ଏବଂ ୧୮,୦୦୦ ସି. ଟି. ଡି. ଏକାଉଣ୍ଟ ଖୋଲଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଅଛି ।

## ନିଟ୍ ଆଦାୟର ଲକ୍ଷ୍ୟ ଧାର୍ଯ୍ୟ

ରାଜ୍ୟରେ କେତେ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାକୁ ନଜରରେ ରଖି ବିଭିନ୍ନ ଜିଲ୍ଲା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥାଏ । ୧୯୬୬-୬୭ ରୁ ୧୯୭୦-୭୧ ପର୍ଯ୍ୟନ୍ତ ନିମ୍ନଲିଖିତ ଲକ୍ଷ୍ୟଗୁଡ଼ିକ ଧାର୍ଯ୍ୟ କରାଯାଇଛି —

| | |
|---|---|
| ୧୯୬୬–୬୭ | .. ଟ ୩,୮୨ ଲକ୍ଷ |
| ୧୯୬୭–୬୮ | .. ଟ ୪,୧୫ ଲକ୍ଷ |
| ୧୯୬୮–୬୯ | .. ଟ ୪,୪୫ ଲକ୍ଷ |
| ୧୯୬୯–୭୦ | .. ଟ ୪,୨୦ ଲକ୍ଷ |
| ୧୯୭୦–୭୧ | .. ଟ ୪,୦୦ ଲକ୍ଷ |

ଏହି ବର୍ଷମାନଙ୍କରେ ଜିଲ୍ଲାଓ୍ୱାରୀ ନିଟ୍ ସଞ୍ଚୟ ନିମ୍ନଲିଖିତ ପ୍ରକାରେ ହୋଇଅଛି ।

୧୯୬୬–୬୭, ୧୯୬୭–୬୮, ୧୯୬୮-୬୯, ୧୯୬୯–୭୦ ରେ ହୋଇଥିବା ଜିଲ୍ଲାଓ୍ୱାରୀ ଧାର୍ଯ୍ୟ ଲକ୍ଷ୍ୟ ଏବଂ ସଂଗୃହୀତ ପରିମାଣର ହିସାବ

(ଲକ୍ଷ ଟଙ୍କାରେ)

| କ୍ରମିକ ନମ୍ବର | ଜିଲ୍ଲାର ନାମ | ୧୯୬୬-୬୭ ଲକ୍ଷ | ୧୯୬୬-୬୭ ସଞ୍ଚୟ ପରିମାଣ | ୧୯୬୭–୬୮ ଲକ୍ଷ | ୧୯୬୭–୬୮ ସଞ୍ଚୟ ପରିମାଣ | ୧୯୬୮–୬୯ ଲକ୍ଷ | ୧୯୬୮–୬୯ ସଞ୍ଚୟ ପରିମାଣ | ୧୯୬୯-୭୦ ଲକ୍ଷ | ୧୯୬୯-୭୦ ସଞ୍ଚୟ ପରିମାଣ | ୧୯୭୦-୭୧ ଲକ୍ଷ | ୧୯୭୦-୭୧ ସଞ୍ଚୟ ପରିମାଣ |
|---|---|---|---|---|---|---|---|---|---|---|---|
| ୧ | କଟକ .. | ୮୦ | ୩୬'୭୮ | ୭୦ | ୫୫'୬୭ | ୭୦ | ୩୧'୯୭ | ୬୦ | ୨୧'୧୨ | ୩୦ | ୪୧'୬୪ |
| ୨ | ପୁରୀ .. | ୨୫ | ୧୪'୬୬ | ୨୫ | ୧୬'୦୧ | ୨୫ | ୨୬'୭୬ | ୨୫ | ୧୧'୭୦ | ୧୬ | ୨୨'୪୯ |
| ୩ | ବାଲେଶ୍ୱର .. | ୨୩ | ୧୬'୦୬ | ୨୩ | ୧୪'୦୭ | ୨୩ | ୬'୨୨ | ୨୦ | ୮'୮୨ | ୧୨ | ୮'୧୪ |
| ୪ | ମୟୂରଭଞ୍ଜ .. | ୧୫ | ୧୬'୧୬ | ୧୮ | ୨୪'୮୬ | ୨୪ | ୨'୯୯ | ୧୬ | ୦'୧୮ | ୭ | ୫'୬୯ |
| ୫ | ସମ୍ବଲପୁର .. | ୪୦ | ୧୨'୧୬ | ୩୨ | ୧୪'୯୦ | ୩୨ | ୩୨'୩୯ | ୩୫ | ୪୫'୬୯ | ୬୦ | ୩୨'୬୨ |
| ୬ | ସୁନ୍ଦରଗଡ଼ .. | ୧,୨୦ | ୧,୩୫'୯୮ | ୧,୫୮ | ୧,୪୬'୧୨ | ୧,୭୦ | ୧,୬୫'୧୩ | ୧,୭୦ | ୬୫'୫୪ | ୧,୫୦ | ୧୦୦'୦୦ |
| ୭ | ବଲାଙ୍ଗୀର .. | ୧୦ | (–)୪'୭୭ | ୮ | ୧୩'୩୯ | ୧୪ | ୨୩'୦୪ | ୧୪ | ୨,୧୩'୫୩ | ୨୯ | ୩'୨୭ |
| ୮ | ଢେଙ୍କାନାଳ .. | ୧୦ | ୪'୦୨ | ୧୨ | ୭'୬୮ | ୧୨ | ୧୧'୨୦ | ୧୨ | ୧୦'୬୫ | ୧୪ | ୯'୨୩ |
| ୯ | କେନ୍ଦୁଝର .. | ୧୨ | ୧୭'୦୩ | ୧୮ | ୨୦'୮୯ | ୨୪ | ୩'୪୫ | ୨୦ | ୫'୯୦ | ୮ | ୧୧'୯୯ |
| ୧୦ | ଗଞ୍ଜାମ .. | ୨୨ | ୭'୫୨ | ୨୧ | ୩'୮୫ | ୨୧ | ୧୪'୯୪ | ୨୧ | ୨୦'୩୪ | ୨୮ | ୨୩'୧୫ |
| ୧୧ | ଫୁଲବାଣୀ .. | ୬ | ୩'୦୪ | ୬ | ୩'୭୦ | ୬ | ୪'୧୮ | ୬ | ୭'୮୫ | ୧୦ | ୫'୦୪ |
| ୧୨ | କୋରାପୁଟ .. | ୧୨ | ୭'୩୮ | ୧୮ | ୧୩'୨୨ | ୧୮ | ୧୬'୫୩ | ୧୫ | ୨୧'୧୧ | ୨୯ | ୨୭'୬୮ |
| ୧୩ | କଳାହାଣ୍ଡି .. | ୭ | ୦'୦୮ | ୬ | ୩.୪୭ | ୬ | ୨'୬୩ | ୬ | ୫'୪୮ | ୭ | ୧୩'୪୮ |
| | ମୋଟ୍ .. | ୩୮୨ | ୨,୬୭'୧୧ | ୪,୧୫ | ୩,୪୬'୩୮ | ୪,୪୫ | ୩୪୧'୩୪ | ୪,୨୦ | ୨,୪୬'୦୧ | ୪,୦୦ | ୩,୬୪'୬୮ |

୧୯୬୯–୭୦ ଏବଂ ୧୯୭୦–୭୧ ମସିହାରେ ରାଜ୍ୟରେ ବିଭିନ୍ନ ସିକ୍ୟୁରିଟିରେ ନିମ୍ନଲିଖିତ ପ୍ରକାରରେ ଟଙ୍କା ବିନିଯୋଗ ହୋଇଛି । (ଲକ୍ଷଟଙ୍କାରେ) ।

| ସିକ୍ୟୁରିଟିର ନାମ | | ୧୯୬୯–୭୦ | | ୧୯୭୦–୭୧ | |
|---|---|---|---|---|---|
| | | ଗ୍ରସ୍ | ନିଟ୍ | ଗ୍ରସ୍ | ନିଟ୍ |
| (୧) | | (୨) | (୩) | (୪) | (୫) |
| ପୋଷ୍ଟ ଅଫିସ୍ ସେଭିଙ୍ଗସ୍‌ବ୍ୟାଙ୍କ | .. | ୧୨,୫୯,୯୧ | ୯୪,୪୭ | ୧୫,୪୮,୮୦ | ୧,୫୪,୬୭ |
| କ୍ରମବର୍ଦ୍ଧିଷ୍ଣୁଜମା (ସି:ଟି:ଡ଼ି:) | .. | ୬୮,୪୨ | ୪୬,୯୯ | ୯୪,୭୫ | ୬୧,୬୮ |
| ନିର୍ଦ୍ଦିଷ୍ଟ ଜମା— | | | | | |
| (କ) ପୋଷ୍ଟଅଫିସ୍ | .. | ୧୦୭ | ୧୦୭ | ୧'୮୦ | ୧'୮୦ |
| (ଖ) ବ୍ୟାଙ୍କ୍ | | | | | |
| ଜାତୀୟ ସଂଚୟ ସାର୍ଟିଫିକେଟ— | | | | | |
| ଦ୍ୱିତୀୟ ଚଳନ | .. | .. | .. | ୩୨'୨୩ | ୩୨'୨[illegible] |
| ତୃତୀୟ ଚଳନ | .. | .. | .. | ୦'୪୨ | ୦'୪[illegible] |
| ଚତୁର୍ଥ ଚଳନ | .. | .. | .. | ୨୦'୯୬ | ୨୦'୯[illegible] |
| ପୋଷ୍ଟ ଅଫିସ୍ ସାମୟିକ ଜମା] | .. | .. | .. | ୧,୩୭,୬୨ | ୧,୩୦,୬[illegible] |
| *ପୋଷ୍ଟ ଅଫିସ୍‌ରେ ରେକରିଂ‌ଡ଼ିପୋଜିଟ୍ | .. | .. | .. | ୧'୦୨ | ୧'୦[illegible] |
| ଆନୁଇଟି ସାର୍ଟିଫିକେଟ | .. | ୭ | (—)୪୧ | .. | (—)୪[illegible] |
| ୧୯୭୦ ମସିହାରୁ ବନ୍ଦ୍ ହୋଇ ଥିବା ସାର୍ଟିଫିକେଟ୍ | .. | ୯୨'୪୮ | ୫୨'୩୫ | ୧'୦୦ | (—)୪୨'[illegible] |
| ମୋଟ | .. | ୧୪,୨୧'୯୫ | ୧,୯୪'୪୭ | ୧୮,୩୭'୬୧ | ୩,୫୫'[illegible] |
| ପୋଷ୍ଟଅଫିସ୍ ସେଭିଂସ୍ ବ୍ୟାଙ୍କ୍‌ରେ ହିସାବ କରାଯାଇଥିବା ସୁଧ | .. | ୬୫'୦୦ | ୬୫'୦୦ | ୭୩'୦୦ | ୭୩'[illegible] |

ଜାତୀୟ ସଂଚୟ ସାର୍ଟିଫିକେଟ୍ (ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ପ୍ରଚଳନ) ୧୯୭୦ ମସିହା ଏପ୍ରିଲ ମାସଠାରୁ ପ୍ରଚଳନ କରାଯାଇଅଛି । ନିର୍ଦ୍ଦିଷ୍ଟ ଜମା ଯୋଜନା ଏବଂ ୧୫ ବର୍ଷିଆ ଆନୁ୍ୟଟି ସାର୍ଟିଫିକେଟ୍ର ପ୍ରଚଳନ ଯଥାକ୍ରମେ ୧୯୭୧ ମସିହା ଅଗଷ୍ଟ ପହିଲା ଏବଂ ୧୯୭୧ ମସିହା ଅଗଷ୍ଟ ୩୧ ତାରିଖ ଠାରୁ ବନ୍ଦ କରାଯାଇ ଅଛି ।

ଲିଖିତ ତାଲିକାରୁ ଦେଖାଯାଉଛି ଯେ ୧୯୬୯—୭୦ ମସିହା ତୁଳନାରେ ୧୯୭୦—୭୧ ମସିହାରେ ପୋଷ୍ଟ ଅଫିସ୍ ସେଭିଂସ୍ ବ୍ୟାଙ୍କ୍ ଓ କ୍ରମବର୍ଦ୍ଧିଷ୍ଣୁ ସାମୟିକ ଜମାରେ ଅପେକ୍ଷାକୃତ ଅଧିକ ପରିମାଣରେ ଅର୍ଥ ବିନିଯୁକ୍ତ ହୋଇଅଛି ।

ପୋଷ୍ଟ ଅଫିସରୁ ମିଳୁଥିବା ସୂଧକୁ ହିସାବକୁ ନେଲେ ଜଣାଯାଏ ଯେ ୧୯୬୯—୭୦ ମସିହାରେ ମୋଟ ନିଟ୍ ୭୨,୫୯,୪୬ ଏବଂ ୧୯୭୦—୭୧ ମସିହାରେ ୭୪,୨୮,୫୩ ସଂଗୃହୀତ ହୋଇଅଛି ।

ଭାରତ ସରକାରଙ୍କଠାରୁ ମିଳୁଥିବା ଋଣ ସାହାଯ୍ୟ—

ଉନ୍ନତିମୂଳକ ଯୋଜନାରେ ଅର୍ଥ ଖଟାଇବା ପାଇଁ ଭାରତ ସରକାର ସଂଚୟ କରାଯାଇଥିବା ନିଟ୍ ଆଦାୟ ଟଙ୍କାର ଦୁଇ ତୃତୀୟାଂଶ ରାଜ୍ୟ ସରକାରମାନଙ୍କୁ ଋଣ ଦେଇ ଥାଆନ୍ତି ।

ଗତ ପାଞ୍ଚବର୍ଷରେ ଏହି ନିଟ୍ ଆଦାୟକୁ ଭିତ୍ତିକରି ରାଜ୍ୟ ସରକାର ନିମ୍ନ ଲିଖିତ ଭାବେ ଋଣ ପାଇଛନ୍ତି ।

| ବର୍ଷ | ପ୍ରାପ୍ୟଋଣର ପରିମାଣ (ଲକ୍ଷ ଟଙ୍କାରେ) | ବର୍ଷ ମଧ୍ୟରେ ମିଳିଥିବା ଋଣ (ଲକ୍ଷ ଟଙ୍କାରେ) | ପରବର୍ତ୍ତୀ ବର୍ଷରେ ମିଳିଥିବା ଋଣ (ଲକ୍ଷ ଟଙ୍କାରେ) | ମୋଟ୍ ଋଣ (ଲକ୍ଷ ଟଙ୍କାରେ) |
|---|---|---|---|---|
| (୧) | (୨) | (୩) | (୪) | (୫) |
| ୧୯୬୬—୬୭ | ୨୧୧ | ୧୪୪ | ୫୪ | ୧୯୮ |
| ୧୯୬୭—୬୮ | ୨୩୭ | ୧୫୬ | ୮୦ | ୨୩୬ |
| ୧୯୬୮—୬୯ | ୨୪୬ | ୨୦୫ } ୧୩ } (୧୯୬୬—୬୭ର ପ୍ରାପ୍ୟବାକିଥିବା ଋଣ) | ୪୧ | ୨୫୯ |
| ୧୯୬୯—୭୦ | ୧୭୩ | ୧୫୬ | ୧୭ | ୧୭୩ |
| ୧୯୭୦—୭୧ | ୨୮୨ | ୧୬୭ | ୯୭ } ୧୮ } (୧୯୬୭—୬୮ରେ ଅଧିକା ଦିଆଯାଇଥିବା ବାବଦ ଋଣ ମଜୁରା କରାଗଲା) | ୨୬୪ |

ରାଜ୍ୟପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ସାହାଯ୍ୟ:—

ଓଡ଼ିଶାର ଏକାଉଣ୍ଟାଣ୍ଟ ଜେନେରାଲଙ୍କ ତଥ୍ୟ ଉପରେ ନିର୍ଭର କରି ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଂଚୟ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କ ବାବଦ ଖର୍ଚ୍ଚର ଶତକଡ଼ା ୫୦ ଭାଗ ଭାରତ ସରକାର ବହନ କରନ୍ତି ।

ଏହି ସାହାଯ୍ୟ ୧୯୬୫—୬୬ ମସିହା ସୁଦ୍ଧା ଖର୍ଚ୍ଚର ଶତକଡ଼ା ୫୦ ଭାଗ ଅର୍ଥ ଭାରତ ସରକାରଙ୍କ ଠାରୁ ମିଳି ଯାଇଛି । ୧୯୬୬—୬୭ ମସିହାରୁ ସାହାଯ୍ୟ ଏପର୍ଯ୍ୟନ୍ତ ମିଳିନାହିଁ । ଉକ୍ତ ବର୍ଷ ମାନଙ୍କରେ ନିମ୍ନ ଲିଖିତ ପରିମାଣରେ ଖର୍ଚ୍ଚ ହୋଇଛି —

| | | |
|---|---|---|
| ୧୯୬୬—୬୭ | .. | ୫୮,୮୭୪.୪୪ |
| ୧୯୬୭—୬୮ | .. | ୭୦,୫୯୨.୨୮ |
| ୧୯୬୮—୬୯ | .. | ୯୪,୯୯୯.୩୦ |
| ୧୯୬୯—୭୦ | .. | ୯୩,୬୧୭.୪୯ |
| ୧୯୭୦—୭୧ | .. | ୧୦୪,୫୯୪.୪୫ |

ପ୍ରଚାର—ଓଡ଼ିଶାର ଲୋକ ସଂପର୍କ ବିଭାଗ ଓ ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟର ମିଳିତ ଉଦ୍ୟମରେ ସ୍ୱଳ୍ପ ସଂଚୟ କାର୍ଯ୍ୟକ୍ରମର ପ୍ରଚାର କରାଯାଇଥାଏ । ପ୍ରଚାରବାବଦରେ ଯେଉଁ ଖର୍ଚ୍ଚହୁଏ ଭାରତ ସରକାର ତାହା ସଂପୂର୍ଣ୍ଣ ବହନ କରନ୍ତି ଏବଂ ଏବାବଦକୁ ବାର୍ଷିକ ସାହାଯ୍ୟ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକଙ୍କ କର୍ତ୍ତୃତ୍ୱରେ ରଖାଯାଏ । ରାଜ୍ୟସ୍ତରୀୟ ପ୍ରଚାର ସମନ୍ୱୟ କମିଟିର ସୁପାରିଶ୍ ଅନୁସାରେ ଏହି ଆର୍ଥିକ ସାହାଯ୍ୟ ବିଭିନ୍ନ ପ୍ରଚାର କାର୍ଯ୍ୟରେ ବିନିଯୋଗ କରାଯାଏ । ପତ୍ରପତ୍ରିକା କରିଆରେ ପ୍ରଚାର ସ୍ୱଳ୍ପ ସଂଚୟ ପ୍ରଚାରପତ୍ର, ପୁସ୍ତକ ଆଦି ବଣ୍ଟନ ରାଜ୍ୟ ସଦର ମହକୁମା ଓ ବିଭିନ୍ନ ଜିଲ୍ଲାରେ ସର୍ବପର୍ବାଣୀ ଉପଲକ୍ଷେ ହେଉଥିବା ମେଳାରେ ସ୍ୱଳ୍ପ ସଂଚୟ ପ୍ରଦର୍ଶନୀ, ସିନେମାହଲରେ ସ୍ଲାଇଡ୍ ଓ ସ୍ୱଳ୍ପ ସଂଚୟ ଚଳଚ୍ଚିତ୍ର ପ୍ରଦର୍ଶନ, ହୋଡ଼ିଂ ନିର୍ମାଣ ପ୍ରଭୃତି କରି ଗୁରୁତ୍ୱପୂର୍ଣ୍ଣ ଯାତ୍ରାମାନଙ୍କରେ ପ୍ରଦର୍ଶନୀ ପ୍ରଭୃତି କାର୍ଯ୍ୟ ମାଧ୍ୟମରେ ସ୍ୱଳ୍ପ ସଂଚୟ ପ୍ରଚାର କରାଯାଏ ।

ସ୍ୱଳ୍ପ ସଂଚୟ କାର୍ଯ୍ୟପାଇଁ ଭାରତ ସରକାର ଗତ ୫ ବର୍ଷ ମଧ୍ୟରେ ନିମ୍ନ ଲିଖିତ ପରିମାଣର ଟଙ୍କା ମଂଜୁର କରିଛନ୍ତି—

| | | (ଟଙ୍କା) |
|---|---|---|
| ୧୯୬୭—୬୮ | .. | ୬୦,୦୦୦ |
| ୧୯୬୮—୬୯ | .. | ୪୮,୭୫୦ |
| ୧୯୬୯—୭୦ | .. | ୪୯,୦୦୦ |
| ୧୯୭୦—୭୧ | .. | ୫୦,୦୦୦ |
| ୧୯୭୧—୭୨ | .. | ୫୦,୦୦୦ |

ଓଡ଼ିଆ ମେଗାଜିନ୍ ସଂଚୟ ପତ୍ରିକାର ପ୍ରକାଶନ ବନ୍ଦ କରାଯାଇଛି ଏବଂ ତାହା ପରିବର୍ତ୍ତେ ଉତ୍କଳ ପ୍ରସଙ୍ଗରେ "ସ୍ୱଳ୍ପ ସଂଚୟ" ଏକ କ୍ରୋଡ଼ପତ୍ର ରୂପେ ପ୍ରକାଶ କରାଯାଉଛି । ଏହା ବ୍ୟତୀତ ମେଳା ମହୋତ୍ସବ ମାନଙ୍କରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ସଂଚୟ ପ୍ରଦର୍ଶନୀ ଖୋଲା ଯାଇଥାଏ । ସେଠାରେ ସ୍ୱଳ୍ପ ସଂଚୟ ପତାକା, ପୋଷ୍ଟର, ଚାର୍ଟ ଆଦି ପ୍ରଦର୍ଶନ କରାଯାଏ । ସ୍ୱଳ୍ପ ସଂଚୟ ରେକର୍ଡ ବଜା ହୋଇଥାଏ । ସଂଚୟ ପୁସ୍ତିକାଦି ବଣ୍ଟନ କରାଯାଏ ଏବଂ ନାଟକ ଓ ବାଇସ୍କୋପିଆ ପ୍ରଭୃତି ପ୍ରଦର୍ଶନ କରାଯାଏ ।

ପରାମର୍ଶ ଦାତା କମିଟି ଏବଂ ସେମାନଙ୍କର କାର୍ଯ୍ୟ—

(କ) ରାଜ୍ୟ ସ୍ୱଳ୍ପ ସଂଚୟ ପରାମର୍ଶ ଦାତା କମିଟି:—

ରାଜ୍ୟ ସ୍ତରରେ ଗୋଟିଏ ସ୍ୱଳ୍ପ ସଂଚୟ ପରାମର୍ଶଦାତା କମିଟି ରହିଛି ଏବଂ ତାହା ପ୍ରତିବର୍ଷ ପୁନର୍ଗଠିତ ହୁଏ । ତା ୧।୯।୧୯୭୦ରେ ଏହି କମିଟି ପୁନର୍ଗଠନ ହୋଇ ଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ସଭାପତି, ଚିଫ୍ ସେକ୍ରେଟେରୀ ଉପସଭାପତି ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଓ ବେସରକାରୀ ବ୍ୟକ୍ତି ସଭ୍ୟ ରହିଛନ୍ତି । ଏହି କମିଟିର କାର୍ଯ୍ୟ ହେଉଛି ସ୍ୱଳ୍ପ ସଂଚୟ ସଂପର୍କୀୟ ବିଷୟ ମାନଙ୍କରେ ସରକାରଙ୍କୁ ପରାମର୍ଶ ଦେବା, ରାଜ୍ୟରେ ସ୍ୱଳ୍ପ ସଂଚୟ ସୂତ୍ରରେ କିପରି ଅର୍ଥ ସଂଗୃହୀତ ହେଉଛି ତାହା ଦେଖିବା । ଜିଲ୍ଲା ପରାମର୍ଶ ଦାତା କମିଟିମାନ ଯେଉଁ ପ୍ରସ୍ତାବ ଦେଉଥିବେ ସେ ସଂପର୍କରେ ଆଲୋଚନା କରିବା । ଏହାବ୍ୟତୀତ ଏହି ବୋର୍ଡ଼ ସଭ୍ୟ ମାନେ ଗାଁ ଗହଳି ଓ ସହରମାନଙ୍କରେ ଗସ୍ତ କରି ସ୍ୱଳ୍ପ ସଂଚୟ ଯୋଜନା ପ୍ରଚାରରେ ସାହାଯ୍ୟ କରନ୍ତି ।

(ଖ) ରାଜ୍ୟ ସ୍ତରୀୟ ପ୍ରଚାର ସମନ୍ୱୟ କମିଟି:—

ଗୋଟିଏ ପ୍ରଚାର ସମନ୍ୱୟ କମିଟି ଅର୍ଥ ବିଭାଗ ସେକ୍ରେଟାରୀଙ୍କ ଅଧ୍ୟକ୍ଷତାରେ ଗଢ଼ାଯାଇଛି ଓ ନିମ୍ନଲିଖିତ ବ୍ୟକ୍ତି ଏହାର ସଭ୍ୟ ଅଛନ୍ତି—

| | | |
|---|---|---|
| ୧ । ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ | .. | ସଭ୍ୟ |
| ୨ । ଆଞ୍ଚଳିକ ଉପନିର୍ଦ୍ଦେଶକ, ଜାତୀୟ ସଂଚୟ, ଭାରତ ସରକାର, କଟକ-୧ । | | ସଭ୍ୟ |
| ୩ । ରିଜିଓନାଲ ଅଫିସର, କ୍ଷେତ୍ରପ୍ରଚାର ନିର୍ଦ୍ଦେଶାଳୟ | .. | ସଭ୍ୟ |
| ୪ । ଉପନିର୍ଦ୍ଦେଶକ, ପୋଷ୍ଟାଲ୍ (ମହାଡ଼ାକପାଳଙ୍କ ଦପ୍ତର) । | | ସଭ୍ୟ |
| ୫ । ଷ୍ଟେସନ ଡିରେକଟର, ଅଲଇଣ୍ଡିଆ ରେଡ଼ିଓ | .. | ସଭ୍ୟ |
| ୬ । ଉପନିର୍ଦ୍ଦେଶକ, ସ୍ୱଳ୍ପସଂଚୟ | .. | ଆବାହକ |

ରାଜ୍ୟରେ ସ୍ୱଳ୍ପ ସଂଚୟ ପ୍ରଚାର କାର୍ଯ୍ୟକ୍ରମ ଏହି କମିଟି ପ୍ରସ୍ତୁତ କରିଥାନ୍ତି । ଲୋକ ସଂପର୍କ ବିଭାଗ ଏହି କମିଟିର ସୁପାରିଶ୍ ଅନୁଯାୟୀ ପ୍ରଚାରକାର୍ଯ୍ୟ କରନ୍ତି ।

ପୋଷ୍ଟାଲ୍ ସମନ୍ୱୟ କମିଟି—ପୋଷ୍ଟ ଅଫିସ୍ ମାନଙ୍କରେ ସ୍ୱଳ୍ପ ସଂଚୟ ଏଜେଣ୍ଟ ଓ ଜମାକାରୀଙ୍କର ଯେଉଁ ଅସୁବିଧା ହୁଏ ସେଗୁଡ଼ିକୁ ସଧାରିବାପାଇଁ ଗୋଟାଏ ପୋଷ୍ଟାଲ୍ ସମନ୍ୱୟ କମିଟି ରାଜ୍ୟ

ସ୍ତରରେ ଗଢ଼ାଯାଇଛି ଓ ଓଡ଼ିଶାର ମହା ଡାକପାଳ ଏହାର ସଭାପତି ଓ ଜାତୀୟ ସଂଚୟ ଉପ ଆଞ୍ଚଳିକ ନିର୍ଦ୍ଦେଶକ ଏହାର ସଭ୍ୟ ଅଟନ୍ତି ।

ଜିଲ୍ଲା ସ୍ୱଳ୍ପ ସଂଚୟ ପରାମର୍ଶଦାତା କମିଟି ।

ରାଜ୍ୟ ଜାତୀୟ ସଂଚୟ ପରାମର୍ଶ ଦାତା ବୋର୍ଡର ସୁପାରିଶ ଅନୁଯାୟୀ ଜିଲ୍ଲା ପ୍ରଚାର ସମନ୍ୱୟ କମିଟି ଓ ଜିଲ୍ଲା ପୋଷ୍ଟାଲ୍ ସମନ୍ୱୟ କମିଟି ଦ୍ୱୟକୁ ଉଠାଇ ଦିଆଯାଇ ତା ପରିବର୍ତ୍ତେ ଜିଲ୍ଲା ସ୍ୱଳ୍ପ ସଂଚୟ ପରାମର୍ଶ ଦାତା କମିଟି ମାନ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗଢ଼ାଯାଇଛି ।

୧ । ଜିଲ୍ଲା ଦାୟିତ୍ୱରେ ଥିବା ମନ୍ତ୍ରୀ କିମ୍ବା ଉପମନ୍ତ୍ରୀ । .. ସଭାପତି

୨ । ଜିଲ୍ଲା କଲେକ୍ଟର .. ଉପସଭାପତି

୩ । ସୁପରିନ୍‌ଟେଣ୍ଡେଣ୍ଟ ଅଫ୍ ପୋଷ୍ଟ ଅଫିସେସ୍ । .. ସଭ୍ୟ

୪ । ରାଜ୍ୟ ସଂଚୟ ପରାମର୍ଶଦାତା ବୋର୍ଡ ବୈଠକରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ବେସରକାରୀ ସଭ୍ୟ । .. ସଭ୍ୟ

୫ । ଜିଲ୍ଲା ଜାତୀୟ ସଂଚୟ ସଙ୍ଗଠକ .. ସଭ୍ୟ

୬ । ଜିଲ୍ଲା ଲୋକସଂପର୍କ ଅଫିସର .. ସଭ୍ୟ

୭ । ଶିକ୍ଷ ଓ ଶ୍ରେଣୀ ଅଞ୍ଚଳରୁ ୩ ଜଣ ପ୍ରତିନିଧି .. ସଭ୍ୟ

୮ । ବ୍ୟବସାୟ ଗୋଷ୍ଠୀ ମଧ୍ୟରୁ ଜଣେ ପ୍ରତିନିଧି । .. ସଭ୍ୟ

୯ । ଜିଲ୍ଲା ଉନ୍ନୟନ ଅଫିସର .. ସଭ୍ୟ ଏବଂ ସେକ୍ରେଟାରୀ

ଏହି କମିଟିର କାର୍ଯ୍ୟ ହେଉଛି ଅନ୍ୟାନ୍ୟ କାର୍ଯ୍ୟ ସହିତ ସ୍ୱଳ୍ପ ସଞ୍ଚୟରେ କେତେ ଲେଖାଏଁ ଟଙ୍କା ଜମା ହୋଇଛି ତାହା ଦେଖିବା, କିପରି ଧାର୍ଯ୍ୟ ଲକ୍ଷ୍ୟ ପୂର୍ଣ୍ଣହେବ ତାହା ଦେଖିବା, ସ୍ଥାନୀୟ ସମସ୍ୟା ଓ ପୋଷ୍ଟଅଫିସ୍ ଅସୁବିଧା ସମ୍ପର୍କରେ ଆଲୋଚନା, ଜିଲ୍ଲାରେ ସ୍ୱଳ୍ପ ସଞ୍ଚୟ ପ୍ରଚାର ଏବଂ ଲୋକେ କିପରି ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରିବେ ସେ ବିଷୟରେ ପରାମର୍ଶ ଦେବା । ପ୍ରତି ଜିଲ୍ଲାରେ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ମଧ୍ୟ ସ୍ୱଳ୍ପ ସଞ୍ଚୟ କମିଟିମାନ ଗଢ଼ାଯାଇଛି । ସେମାନେ ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ କେତେଦୂର କାର୍ଯ୍ୟ ଅଗ୍ରସର ହେଉଛି ତାହା ପର୍ଯ୍ୟବେକ୍ଷଣ କରନ୍ତି ।

ପୁରସ୍କାର ଯୋଜନା:—

ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟିରେ କିପରି ଅଧିକ ଅର୍ଥ ବିନିଯୋଗ କରାଯାଇ ପାରିବ ସେଥିପାଇଁ ଏବଂ ସରକାରୀ ଓ ବେସରକାରୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ୱଳ୍ପ ସଞ୍ଚୟ ପ୍ରସାର ନିମନ୍ତେ ଆଗ୍ରହ ସୃଷ୍ଟି କରିବା ଭଳି ସୁସ୍ଥ ପରମ୍ପରା ଗଢ଼ିବାପାଇଁ ସରକାର ଅନେକଗୁଡ଼ିଏ ବ୍ୟକ୍ତି ଓ ଅନୁଷ୍ଠାନକୁ ସାର୍ଟିଫିକେଟ୍, ସିଲ୍‌ଡ ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରୁଛନ୍ତି ।

(କ) ଅନ୍ୟାନ୍ୟ ଜିଲ୍ଲାମାନଙ୍କ ମଧ୍ୟରେ ଅଧିକ ହାରରେ ଅର୍ଥ ସଂଗ୍ରହ କରିଥିବା ହେତୁ କଲେକ୍ଟରଙ୍କୁ ରନିଂ ସିଲ୍‌ଡ—

୧୯୬୯-୭୦ ପାଇଁ କଲେକ୍ଟର ବଲାଙ୍ଗୀରଙ୍କୁ ଏହି ସିଲ୍‌ଡ ପ୍ରଦାନ କରାଯାଇଛି । ଉକ୍ତ ବର୍ଷ ୧୪ ଲକ୍ଷ ଟଙ୍କା ବଲାଙ୍ଗୀର ଜିଲ୍ଲାରୁ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଏବଂ ଏହି ଜିଲ୍ଲାରୁ ୨୧'୫୩ ଲକ୍ଷ ଟଙ୍କା ସଂଗ୍ରହ କରା ଯାଇଥିଲା । ଫଳରେ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୧୫୪ ଭାଗ ସଂଗ୍ରହ କରାଯାଇ ଥିବାରୁ ଓଡ଼ିଶାର ସବୁ ଜିଲ୍ଲାମାନଙ୍କ ମଧ୍ୟରେ ଏହି ଜିଲ୍ଲା ସର୍ବାଧିକ ହାରରେ ଅଧିକ ଅର୍ଥ ସଂଗ୍ରହ କରିପାରିଛି ।

(ଖ) ଓଡ଼ିଶାର ଯେଉଁ ଜିଲ୍ଲା ସର୍ବାଧିକ ଅର୍ଥସଂଗ୍ରହ କରିପାରିଛି ସେଠାକାର କଲେକ୍ଟରଙ୍କୁ ରନିଂ ସିଲ୍‌ଡ ପୁରସ୍କାର ଦେବା ଯୋଜନା—

୧୯୬୯-୭୦ ରେ ସୁନ୍ଦରଗଡ଼ ଜିଲ୍ଲା ସର୍ବାଧିକ ଅର୍ଥ (ଟ ୬୫'୫୪ ଲକ୍ଷ ଟଙ୍କା) ସଂଗ୍ରହ କରିପାରିଛି । ତେଣୁ ସେଠାକାର କଲେକ୍ଟରଙ୍କୁ ଉକ୍ତ ବର୍ଷ ପାଇଁ ରନିଂ ସିଲ୍‌ଡ ପ୍ରଦାନ କରାଯାଇଛି ।

(ଗ) ସର୍ବୋତ୍କୃଷ୍ଟ ଏଜେଣ୍ଟକୁ ପୁରସ୍କାର ଯୋଜନା— ୧୯୬୯-୭୦ରେ ସର୍ବାଧିକ ଅର୍ଥ ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିନିଯୋଗ କରାଯାଇ ପାରିଥିବାରୁ କଟକ ଜିଲ୍ଲାର କ୍ଷମତାପ୍ରାପ୍ତ ଏଜେଣ୍ଟ ଶ୍ରୀ ନୀଳମଣି ମହାନ୍ତିଙ୍କୁ ସର୍ବୋତ୍କୃଷ୍ଟ ଏଜେଣ୍ଟ ପାଇଁ ଉଦ୍ଦିଷ୍ଟ ରନିଂ ସିଲ୍‌ଡ ପ୍ରଦାନ କରାଯାଇଛି । ସେ ଉକ୍ତ ବର୍ଷ ୫,୩୩୧ ଟଙ୍କା କମିସନ୍ ପାଇଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇ ପାରେଯେ ଶ୍ରୀ ନୀଳମଣି ମହାନ୍ତି ଗତ ୪ ବର୍ଷ ଧରି ଓଡ଼ିଶାର ସର୍ବୋତ୍କୃଷ୍ଟ ଏଜେଣ୍ଟ ରୂପେ ବିବେଚିତ ହୋଇ ଆସିଛନ୍ତି।

(ଗ) ସର୍ବୋତ୍କୃଷ୍ଟ ଶିକ୍ଷା ଅନୁଷ୍ଠାନକୁ ରନିଂ ସିଲ୍ଡ—୧୯୬୯-୭୦ରେ କଣାଇଗଡ଼ର ରାଜା ଧରଣୀଧର ହାଇସ୍କୁଲ୍ ଓଡ଼ିଶାର ସ୍କୁଲମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଅର୍ଥ ବିନିଯୋଗ କରି ରାଜ୍ୟ ସ୍ତରୀୟ ରନିଂ ସିଲ୍ଡ ଲାଭ କରିବାର ଗୌରବ ହାସଲ କରିଛନ୍ତି।

(ଘ) ରାଜ୍ୟର ସର୍ବୋତ୍କୃଷ୍ଟ ବିବେଚିତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ସନନ୍ଦ:—୧୯୬୯-୭୦ ମସିହାରେ ରାଜା ଧରଣୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ତ୍ରିଲୋଚନ ଦାଶ ସ୍ୱଳ୍ପ ସଞ୍ଚୟ ଯୋଜନାକୁ ପିଲଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ କରାଇ ପାରିଥିବାରୁ ତାଙ୍କ କାର୍ଯ୍ୟ ବିଶେଷ ପ୍ରଶଂସିତ ହୋଇଛି ଓ ତାଙ୍କ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏକ ସନନ୍ଦ ଲାଭ କରିବେ।

(ଙ) ପ୍ରତ୍ୟେକ ଜିଲ୍ଲା ସ୍ତରରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିବା ବାଳକ ହାଇସ୍କୁଲକୁ ପୁରସ୍କାର ଯୋଜନା—ଜିଲ୍ଲା ସ୍ତରରେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଯେଉଁ ବାଳକ ସ୍କୁଲ ସବୁଠାରୁ ଅଧିକ ଅର୍ଥ ବିନିଯୋଗକରେ, ତାକୁ ରନିଂ ସିଲ୍ଡ ପ୍ରଦାନ କରାଯାଏ ଏବଂ ସେହି ସ୍କୁଲର ଯେଉଁ କ୍ଲାସ ସର୍ବାଧିକ ଅର୍ଥ ବିନିଯୋଗ କରିଥାଏ ତାକୁ ରନିଂ କପ୍ ପ୍ରଦାନ କରାଯାଏ।

(ଚ) ପ୍ରତ୍ୟେକ ଜିଲ୍ଲା ସ୍ତରରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିବା ବାଳିକା ହାଇସ୍କୁଲକୁ ପୁରସ୍କାର ଯୋଜନା:—ଜିଲ୍ଲା ସ୍ତରରେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଯେଉଁ ବାଳିକା ହାଇସ୍କୁଲ ସବୁଠାରୁ ଅଧିକ ଅର୍ଥ ବିନିଯୋଗ କରେ ତାକୁ ରନିଂ ସିଲ୍ଡ ପ୍ରଦାନ କରାଯାଏ।

(ଛ) ସର୍ବୋତ୍କୃଷ୍ଟ ସବ୍‌ଡିଭିଜନକୁ ରନିଂ ସିଲ୍ଡ ପୁରସ୍କାର ଯୋଜନା—୧୯୬୮-୬୯ ରେ ଦେଓଗଡ଼ ସବ୍‌ଡିଭିଜନ୍ ଓ ପାନପୋଷ୍ ସବ୍‌ଡିଭିଜନକୁ ଏହି ରନିଂ ସିଲ୍ଡ ପ୍ରଦାନ କରା ଯାଇଥିଲା। ଦେଓଗଡ଼ରେ ଉକ୍ତ ବର୍ଷ ମୋଟ ୧,୯୫,୪୯୯ ଟଙ୍କା ଓ ପାନପୋଷ୍‌ରେ ୧,୨୧,୬୮,୫୯୦ ଟଙ୍କା ସ୍ୱଳ୍ପ ସଞ୍ଚୟ ସୂତ୍ରରେ ସଂଗୃହୀତ ହୋଇଥିଲା। ମୟୂରଭଞ୍ଜର କରଞ୍ଜିଆ, କଳାହାଣ୍ଡିର ନୂଆପଡ଼ା, ଗଞ୍ଜାମର ବରହମ୍ପୁର, ବାଲେଶ୍ୱରର ନୀଳଗିରି ଓ ଫୁଲବାଣୀର ବୌଦ୍ଧ ସବ୍‌ଡିଭିଜନ୍ ୧୯୬୮–୬୯ ରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇଛନ୍ତି।

ଗଞ୍ଜାମ ଜିଲ୍ଲାର ବରହମ୍ପୁର ସବ୍‌ଡିଭିଜନ୍, ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର ସଦର ସବ୍‌ଡିଭିଜନ୍, କେନ୍ଦୁଝର ଜିଲ୍ଲାର ଚମ୍ପୁଆ ସବ୍‌ଡିଭିଜନ୍, କଟକ ଜିଲ୍ଲାର ଜଗତ୍‌ସିଂହପୁର, ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା, ସମ୍ବଲପୁର ଜିଲ୍ଲାର ଦେଓଗଡ଼ ୧୯୬୯-୭୦ ସାଲରେ ସର୍ବୋତ୍କୃଷ୍ଟ ସବ୍‌ଡିଭିଜନ୍ ରୂପେ ବିବେଚିତ ହୋଇଛନ୍ତି।

(ଜ) ସର୍ବୋତ୍କୃଷ୍ଟ ପଞ୍ଚାୟତ ସମିତିମାନଙ୍କୁ ପୁରସ୍କାର ଯୋଜନା—୧୯୬୪-୬୫ ମସିହା ଠାରୁ ପ୍ରତ୍ୟେକ ଜିଲ୍ଲାରେ ଯେଉଁ ପଞ୍ଚାୟତ ସମିତି ସର୍ବାଧିକ ଅର୍ଥ ସ୍ୱଳ୍ପ ସଞ୍ଚୟ ଯୋଜନାରେ ବିନିଯୋଗ କରିଥାଏ ତାକୁ ରନିଂ ସିଲ୍ଡ ପ୍ରଦାନ କରାଯାଏ।

(ଝ) ଯେଉଁ ସ୍ୱେଚ୍ଛା ସେବକମାନେ ସବୁଠାରୁ ଅଧିକ ସ୍ୱୀକୃତି ପତ୍ର ସଂଗ୍ରହ କରନ୍ତି ସେମାନଙ୍କୁ ପୁରସ୍କାର ଯୋଜନା—ଯେଉଁ ସ୍ୱେଚ୍ଛା ସେବକମାନେ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସଂସ୍ଥାରେ ଥିବା ବେତନ ସଞ୍ଚିତି ସଞ୍ଚୟ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବାପାଇଁ ଉତ୍ସାହିତ କରି ସର୍ବାଧିକ ସ୍ୱୀକୃତିପତ୍ର ସଂଗ୍ରହ କରିପାରନ୍ତି ସେମାନଙ୍କୁ ଟ ୨୫ ପୁରସ୍କାର ଦିଆଯାଏ। ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, କଟକ ଓ କୋରାପୁଟ ଜିଲ୍ଲାକୁ ୨ଟି କରି ଓ ଭାରତକେନ୍ଦ୍ର ପାଇଁ ଅଠଟି ଏଭଳି ପୁରସ୍କାର ରହିଛି।

(ଟ) ସ୍ୱଳ୍ପ ସଞ୍ଚୟ ପ୍ରବନ୍ଧ ନିମିତ୍ତ ପୁରସ୍କାର—କଲେଜ ଛାତ୍ରମାନଙ୍କ ମଧ୍ୟରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ପ୍ରସାର ପାଇଁ ୧୯୬୯-୭୦ ମସିହାରେ ରାଜ୍ୟର କଲେଜ ଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା କରା-ଯାଇଥିଲା। ଦେଶର ଅର୍ଥନୈତିକ ଉନ୍ନତିରେ ସ୍ୱଳ୍ପ ସଞ୍ଚୟର ଭୂମିକା ଥିଲା ପ୍ରବନ୍ଧର ବିଷୟବସ୍ତୁ। ୧୯୭୦-୭୧ ରେ ନିମ୍ନଲିଖିତ ଛାତ୍ରମାନଙ୍କର ପ୍ରବନ୍ଧ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିଲା ଓ ସେମାନେ ପ୍ରତ୍ୟେକେ ୫୦ ଟଙ୍କା କରି ପୁରସ୍କୃତ ହେବେ ବୋଲି ସ୍ଥିର କରାଯାଇଛି—

୧—ଶ୍ରୀ ଶୈଳେନ୍ଦ୍ର କୁମାର ଷଡ଼ଙ୍ଗୀ, ପୋଷ୍ଟଗ୍ରାଜୁଏଟ୍ ଡିପାର୍ଟମେଣ୍ଟ, ବାଣୀବିହାର।

୨—ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ଖଲ୍ଲିକୋଟ୍ କଲେଜ, ବରହମ୍ପୁର।

୩—ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର, ଉତ୍କଳ କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର।

୪—ଶ୍ରୀମତୀ ରୀତା ବେନ୍, କନ୍ଦଡ଼ ମହିଳା ମହାବିଦ୍ୟାଳୟ, ସମ୍ବଲପୁର।

(ଠ) ଶିଳ୍ପ ଓ ଖଣି ଅଞ୍ଚଳରେ ଏବଂ ସରକାରୀ ଅଫିସ୍‌ରେ ସର୍ବୋତ୍କୃଷ୍ଟ ବେତନ ପୁଂଜି ସଞ୍ଚୟ ଗୋଷ୍ଠୀକୁ ରନିଂ ସିଲ୍ଡ଼ ପୁରସ୍କାର ଯୋଜନା—ରାଜ୍ୟ ସଞ୍ଚୟ ପରାମର୍ଶ-ଦାତା କମିଟିର ସୁପାରିଶ୍ ଅନୁସାରେ ରାଜ୍ୟର ପ୍ରତ୍ୟେକ ରେଭିନ୍ୟୁ ଡିଭିଜନ ପାଇଁ ଦୁଇଟି ଲେଖାଏଁ ରନିଂ ସିଲ୍ଡ଼ ଶିଳ୍ପ ଓ ଖଣି ଅନୁଷ୍ଠାନ ଏବଂ ସରକାରୀ ଅଫିସ୍‌ରେ ଥିବା ସର୍ବୋତ୍କୃଷ୍ଟ ବେତନ ପୁଂଜି ସଞ୍ଚୟ ଗୋଷ୍ଠୀକୁ ପ୍ରଦାନ କରାଯାଉଛି ।

୧୯୬୮-୬୯ ରେ ନିମ୍ନଲିଖିତ ବେତନ ପୁଂଜି ସଞ୍ଚୟ ଗୋଷ୍ଠୀଗୁଡ଼ିକୁ ରନିଂ ସିଲ୍ଡ଼ ପ୍ରଦାନ କରାଯାଇଛି—

| ରେଭିନ୍ୟୁ ଡିଭିଜନ | ଶିଳ୍ପ ଓ ଖଣି ଅନୁଷ୍ଠାନ | କେନ୍ଦ୍ର ଏବଂ ସରକାରୀ ଅଫିସ୍ |
|---|---|---|
| ୧—ଉତ୍ତରାଞ୍ଚଳ | .. ଏଇଚ୍, ଏସ. ଏଲ୍., ରାଉରକେଲା | ଓ. ଏମ୍. ପି., ଝାରସୁଗୁଡ଼ା |
| ୨—କେନ୍ଦ୍ରାଞ୍ଚଳ | ଟିଟାଗଡ଼ ପେପରମିଲ୍ ନମ୍ବର ୩, ଚଉଦ୍ୱାର | ପ୍ରୁଫ୍ ଏଣ୍ଡ ଏକ୍ସ୍‌ପେରିମେଣ୍ଟାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ, ବାଲେଶ୍ୱର । |
| ୩—ଦକ୍ଷିଣାଞ୍ଚଳ | ହିନ୍ଦୁସ୍ଥାନ୍ ଏରୋନେଟିକ୍ସ ଲିମିଟେଡ୍ ସୁନାବେଡ଼ା । | |

(ଡ) ଯେଉଁ କଲେକ୍ଟରମାନେ ନିଜ ଜିଲ୍ଲା ପ୍ରତି ଧାର୍ଯ୍ୟ ଲକ୍ଷ୍ୟ ଟପିଯାଇ ପାରନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ଦିଆଯାଉଥିବା ସାର୍ଟିଫିକେଟ ଯୋଜନା—ଯେଉଁ କଲେକ୍ଟର-ମାନେ ନିଜ ଜିଲ୍ଲା ପାଇଁ ଧାର୍ଯ୍ୟ କରାଯାଉଥିବା ଲକ୍ଷ୍ୟ ଅତିକ୍ରମ କରିଯାଇପାରନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଦସ୍ତଖତରେ ସାର୍ଟିଫିକେଟ ପ୍ରଦାନ କରିଥାନ୍ତି । ୧୯୬୯—୭୦ ପାଇଁ ବଲାଙ୍ଗୀରର କଲେକ୍ଟର ଶ୍ରୀ ଏମ୍. ଓ୍ୱାଇ. ରାଓ, ସୁନ୍ଦରଗଡ଼ର ତତ୍କାଳୀନ କଲେକ୍ଟର ଶ୍ରୀ ଏସ. ସୁନ୍ଦର-ରାଜନ୍, ଫୁଲବାଣୀର ତତ୍କାଳୀନ କଲେକ୍ଟର ଶ୍ରୀ ସ୍ତ. ଏନ. ମଲ୍ଲିକ, ସମ୍ବଲପୁରର ତତ୍କାଳୀନ କଲେକ୍ଟର ଶ୍ରୀ ଏନ୍. ସି. ବେହୁରିଆ ଓ କୋରାପୁଟର ତତ୍କାଳୀନ କଲେକ୍ଟର ଶ୍ରୀ ପି. ଏନ୍. ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ସାଟଫିକେଟ୍ ଦିଆଯାଇଛି ।

(ଢ) ସରକାରୀ କର୍ମଚାରୀଙ୍କୁ ପ୍ରଶଂସା ପତ୍ର—ଯେଉଁ ସରକାରୀ କର୍ମଚାରୀମାନେ ବିଭିନ୍ନ ସ୍ତରରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ପ୍ରସାର ପାଇଁ ନିଷ୍ଠାପର ଭାବରେ କାର୍ଯ୍ୟକରିଥାନ୍ତି କଲେକ୍ଟରମାନଙ୍କ ସୁପାରିଶ୍ କ୍ରମେ ସେମାନଙ୍କୁ ପ୍ରଶଂସା ପତ୍ର ଅର୍ଥ ବିଭାଗ ସେକ୍ରେଟାରୀଙ୍କ ଦସ୍ତଖତରେ ଦିଆଯାଏ ।

(ତ) ବେସରକାରୀ ବ୍ୟକ୍ତିଙ୍କୁ ପ୍ରଶଂସା ପତ୍ର—ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନକୁ ପ୍ରସାର କରିବା ଦିଗରେ ଯେଉଁ ବେସରକାରୀ ବ୍ୟକ୍ତିମାନେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି, ସେମାନଙ୍କୁ କେନ୍ଦ୍ର ଅର୍ଥ ବିଭାଗ ମନ୍ତ୍ରୀଙ୍କ ଦସ୍ତଖତରେ ପ୍ରଶଂସା ପତ୍ର ଦିଆଯାଏ ।

(ଥ) ବେସରକାରୀ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ପ୍ରଶଂସା ପତ୍ର—ପ୍ରତି ଜିଲ୍ଲାରେ ୧୯୭୦-୭୧ ମସିହାଠାରୁ ଯେଉଁ ବେସରକାରୀ ବ୍ୟକ୍ତି ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ ପ୍ରଶଂସା ପତ୍ର ପ୍ରଦାନ କରାଯିବାର ସ୍ଥିର ହୋଇଛି । ପ୍ରତି ଜିଲ୍ଲାର ଜଣେ ମାତ୍ର ବେସରକାରୀ ବ୍ୟକ୍ତି ଏହି ପ୍ରଶଂସା ପତ୍ର ପାଇବେ ।

ସକ୍ରିୟ ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ ଓ ବେସରକାରୀ କର୍ମୀଙ୍କୁ ରେକ୍ସିନ୍ ବ୍ୟାଗ୍ ପ୍ରଦାନର ବ୍ୟବସ୍ଥା—

୧୯୭୦-୭୧ ମସିହା ଠାରୁ ଯେଉଁ ଏଜେଣ୍ଟ ଓ ବେସରକାରୀ କର୍ମୀମାନେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନର ସଫଳତା ପାଇଁ ନିଷ୍ଠାପର ଭାବରେ ପ୍ରଶଂସନୀୟ କାର୍ଯ୍ୟ କରିଥିବେ ସେମାନଙ୍କୁ ରେକ୍ସିନ୍ ବ୍ୟାଗ୍ ଦିଆଯିବା ପାଇଁ ସ୍ଥିର କରାଯାଇଛି ।




୩ ଜଣ ମହିଳା । ୩ଟି ଏକଦମ ଅଲଗା-ଅଲଗା ସ୍ପୃହା । ଅର୍ଥାତ୍, ୩ଟି ଅଲଗା-ଅଲଗା ଲୁଗାପଟା ଧୋଇବାର ପାଉଡର ?
"ନା, ମୋଟେ ନୁହେଁ," ଆମର ଗବେଷଣାଗାରର ଟେକ୍‌ନିସିଆନ କହିଲେ, "ଆମେ ଏପରି ଏକ ଲୁଗାଧୁଆ ପାଉଡର ଉଦ୍ଭାବନ କରିବୁ ଯାହା ଏହି ୩ଟି ସ୍ପୃହା ପୂରଣ କରିବ"

ଏହାର ପରିଣାମ:

# ନୂଆ ତ୍ରିବିଧ କ୍ରିୟାଶୀଳ ଡେଟ୍

* ନୂଆ ଡେଟ୍ ଏକ ଅଧିକ ଶୁଭ୍ର ପାଉଡର ଯେଉଁଥିରେ ସର୍ବୋତ୍ତମ ଶୁଭ୍ରତା ପ୍ରଦାନକାରୀ ଏକ ଉତ୍କୃଷ୍ଟ ଉପାଦାନ ମିଶ୍ରିତ ।

* ନୂଆ ଡେଟ୍ ଲୁଗାପଟାକୁ ଅଧିକ ପରିଷ୍କାର ପରିଚ୍ଛନ୍ନ କରୁଥିବା ଶକ୍ତିଶାଳୀ ପାଉଡର ଯାହା ଲୁଗାପଟାରେ ଜମିଥିବା ମଇଳାକୁ ସଫା କରି ଦିଏ ଓ ରଙ୍ଗୀନ ଲୁଗାପଟାକୁ ଅଧିକ ଉଜ୍ଜ୍ୱଳ କରି ଦିଏ

* ନୂଆ ଡେଟ୍ ପ୍ରଚୁର ଫେଣ ଦିଏ ଯେଉଁଥିରେ ଲୁଗାପଟାକୁ ନରମ କରିବା ପାଇଁ ଏକ ବିଶେଷ ଦ୍ରବ୍ୟ ମିଶ୍ରିତ । ଏହା ଆପଣଙ୍କ ଲୁଗାପଟାକୁ ସର୍ବାଧିକ ସୁରକ୍ଷା ସହିତ ଧୁଏ ଓ ଆପଣଙ୍କ ହାତକୁ ମଧ୍ୟ ମୋଲାୟମ ରଖେ ।

**୫ଟି ନୂଆ ସାଇଜରେ ଉପଲବ୍ଧ : ଡେଟ୍ ୨୦୦, ୪୦୦, ୬୦୦, ୮୦୦, ୧୦୦୦**




Shilpi-HPMA 61F/71 Ori

ବାସୁଦେବ ମିଶ୍ର

# ଅବେକ୍ଷା ଆଇନ ଓ ଏହାର ବୈଶିଷ୍ଟ୍ୟ

ସମୁଦ୍ର ମନ୍ଥନ କାଳରେ ଯେଉଁ ମହାଯୋଗୀ ବିଶ୍ୱର ମଙ୍ଗଳ ପାଇଁ ବିଷ ପାନ କରିଥିଲେ, ପତିତର ଉଦ୍ଧାର ପାଇଁ ଯେଉଁ ଧୂର୍ଜଟି ଜଟାରୁ ସୁରଧୁନୀ ଝରି ଆସିଥିଲା—ସେ କେବଳ ଏକ କାହାଣୀର ନାୟକ ନୁହଁନ୍ତି—ସେ ଏକ ସଙ୍କେତ । ଏ ସୃଷ୍ଟି ମଙ୍ଗଳମୟ । ସୃଷ୍ଟିର ମଙ୍ଗଳ ପାଇଁ, ମନୁଷ୍ୟ ସମାଜର କଲ୍ୟାଣ ପାଇଁ ସେ ଏକ ସାଧନାର ପ୍ରତୀକ । ଏ ସମାଜକୁ ସରସ ସୁନ୍ଦର କରିବାପାଇଁ ଯୁଗେ ଯୁଗେ ଏହିପରି ସାଧନା ଚାଲିଅଛି । ଅସୁନ୍ଦରକୁ ସୁନ୍ଦର କରିବା, ଅସାମାଜିକତାକୁ ପରିମାର୍ଜିତ କରି ସୁସ୍ଥ ସମାଜ ଗଠନ କରିବାର ଉଦ୍ୟମ ଅବ୍ୟାହତ ରହିଅଛି । "ସର୍ବେ ଭଦ୍ରାଣି ପଶ୍ୟନ୍ତୁ"—ଏହା ହେଉ ଆମ ସାମାଜିକ ଜୀବନର ଆଦର୍ଶ ।

ଏଇ ପରିପ୍ରେକ୍ଷୀରେ ଅବେକ୍ଷା ଆଇନର ବୈଶିଷ୍ଟ୍ୟ ଆଲୋଚନା କରାଯାଉ । ଆମ ପିଲାଟି ଦୁଶ୍ଚରିତ୍ର ହେଲେ ଆମେ ତାକୁ ଭଲ ବାଟକୁ ଆଣିବାକୁ ଚେଷ୍ଟାକରୁ । ତା'ଉପରେ ନଜର ରଖୁ, ତାକୁ ଶାସନ କରୁ, ଉପଦେଶ ଦେଉ । ସେହିପରି ଏ ମାନବ ଜାତିକୁ ଯଦି ଗୋଟିଏ ପରିବାର ବୋଲି ମନେ କରାଯାଏ ତେବେ କ'ଣ ଜଣେ ଅପରାଧୀକୁ ସତ୍ ପଥକୁ ଫେରାଇ ଆଣିବା ସମାଜର କର୍ତ୍ତବ୍ୟ ନୁହେଁ ? ଏ ଜାତିର ମଙ୍ଗଳ ପାଇଁ ତାକୁ ଅବାଟରୁ ଫେରାଇ ଆଣିବାକୁ ହେବ । ଏ ଏକ ସମୂହ ଦାୟିତ୍ୱ । ସେଇଥିପାଇଁ ଅବେକ୍ଷା ଆଇନ ପ୍ରଣୀତ ଏବଂ କେବଳ ଉପଯୁକ୍ତ କ୍ଷେତ୍ରରେ ଏହା ପ୍ରୟୋଗ କରାଯାଏ ।

ପ୍ରାରମ୍ଭିକ ତଦନ୍ତ ପ୍ରଣାଳୀ— ଦଣ୍ଡବିଧି ଆଇନର ୫୬୨ ଦଫାରେ ଏହିଭଳି ଅପରାଧୀଙ୍କୁ ପରୀକ୍ଷାମୂଳକଭାବେ ମୁକ୍ତ କରାଇବାର ବ୍ୟବସ୍ଥା କରାଯାଇଥିଲା ସତ, କିନ୍ତୁ ଅପରାଧୀ ଏଭଳି ସୁଯୋଗ ପାଇବା ପାଇଁ ଉପଯୁକ୍ତ କି ନୁହେଁ ଏଥିପାଇଁ ତଦନ୍ତ ବ୍ୟବସ୍ଥା ନଥିଲା । ସେହି କାରଣରୁ ଏହା ବିଶେଷ ଫଳପ୍ରଦ ହୋଇନଥିଲା । ତେଣୁ ଅବେକ୍ଷା ଆଇନରେ ଅପରାଧୀକୁ ଖଲାସ କରାଯିବା ପୂର୍ବରୁ ଏକ "ପ୍ରାରମ୍ଭିକ ତଦନ୍ତ" (Preliminary Enquiry)ର ବ୍ୟବସ୍ଥା କରାଯାଇଅଛି ।

ତେବେ କ'ଣ ପୁଲିସ ତଦନ୍ତ ପରେ ଆଉଥରେ ତଦନ୍ତ ହୁଏ ?

ହଁ, ପୁଲିସ ତଦନ୍ତ କରି ଅଦାଲତ ଆଗରେ ଅପରାଧୀକୁ ବିଚାର ପାଇଁ ପଠାନ୍ତି । ପୁଲିସ ସାଧାରଣତଃ ଅପରାଧ ସମ୍ପର୍କ ବିଷୟରେ ତଦନ୍ତ କରିଥାନ୍ତି । ଆବଶ୍ୟକ ନପଡ଼ିଲେ ଅପରାଧୀ ପରକୁଥିବା

ବା ତା'ର ପିତାମାତା ଓ ଆତ୍ମୀୟସ୍ୱଜନଙ୍କ ବିଷୟରେ ଖବର ସଂଗ୍ରହ କରିବା ସେମାନଙ୍କର ତଦନ୍ତ ପରିସର ମଧ୍ୟରେ ନଥାଏ । ମନେ କରନ୍ତୁ ନୟାଗଡ଼ର ଜଣେ ଲୋକ ଭୁବନେଶ୍ୱରରେ କୌଣସି ଅପରାଧ କରି ଧରାପଡ଼ିଲା । ତାହାର ଦୋଷ ପ୍ରମାଣ କରିବାପାଇଁ ଯଦି ଭୁବନେଶ୍ୱରରେ ଯଥେଷ୍ଟ ପ୍ରମାଣ ମିଳିଗଲା, ତେବେ ଅନ୍ୟଠାରେ ଅନୁସନ୍ଧାନ କରାଯାଏ ନାହିଁ । ସମସ୍ତ ସମୟରେ ଅପରାଧୀ ସାମାଜିକ ଭୟରୁ ହେଉ ବା ଭବିଷ୍ୟତ ଦୋଷ ପାଇଁ ଅଧିକ ଦଣ୍ଡ ଭୋଗରୁ ରକ୍ଷା ପାଇବା ପାଇଁ ହେଉ (u/s 75 I.P. C.) ତଦନ୍ତକାରୀ ପୁଲିସଙ୍କ ନିକଟରେ ନିଜର ନାମ, ପିତାଙ୍କ ନାମ ଓ ଘର ଠିକଣା ସବୁ ଭୁଲ ଲେଖାଇ ଦେଇଥାଏ । ଅବେକ୍ଷା ଆଇନରେ ଖଲାସ ହେବାର ଗୋଟିଏ ସର୍ତ୍ତ ହେଉଛି ଯେ—ଅପରାଧୀର ଗୋଟିଏ ନିର୍ଦ୍ଦିଷ୍ଟ ବାସସ୍ଥାନ ଥିବ । ତେଣୁ ମୋକଦ୍ଦମାର ସାକ୍ଷ୍ୟ ପ୍ରମାଣ ନିଆ ସରିବା ପରେ ଉପଯୁକ୍ତ କ୍ଷେତ୍ରରେ ବିଚାରପତି ଲଫାଫାରେ ଏଭଳି ପ୍ରାରମ୍ଭିକ ତଦନ୍ତପାଇଁ ଅବେକ୍ଷାଧିକାରୀଙ୍କୁ ଆଦେଶ ଦିଅନ୍ତି ।

ଅପରାଧ ଯେଉଁ ସ୍ଥାନରେ ଘଟିଥାଉନା କାହିଁକି, ଅବେକ୍ଷାଧିକାରୀ ଅପରାଧୀ ସହ ସାକ୍ଷାତ କରି ତା'ର ଶାରୀରିକ ଓ ମାନସିକ ଅବସ୍ଥା, ବ୍ୟବହାର, ପିତା ମାତାଙ୍କ ସହ ସମ୍ପର୍କ, ଶିକ୍ଷା, ନିଯୁକ୍ତି, ଆର୍ଥିକଅବସ୍ଥା, ଅପରାଧ ପ୍ରତି ତା'ର ମନୋଭାବ ଇତ୍ୟାଦି ବିଷୟରେ ବିବରଣୀ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ତା'ର ବାସସ୍ଥାନକୁ ଯାଇ ତା'ର ପିତାମାତା, ଭାଇ ବନ୍ଧୁ, ସ୍ଥାନୀୟ ବିଶିଷ୍ଟ ଲୋକ, ଶିକ୍ଷକ ଓ ନିଯୁକ୍ତକାରୀଙ୍କଠାରୁ ତା ବିଷୟରେ ବିସ୍ତୃତ ବିବରଣୀ ସଂଗ୍ରହ କରି ବିଚାରପତିଙ୍କୁ ଯୋଗାଇ ଦିଅନ୍ତି । ଏହି ତଦନ୍ତ ବିବରଣୀକୁ ଗୋପନୀୟ ରଖାଯାଏ ।

ଉପରୋକ୍ତ ତଦନ୍ତ ପ୍ରଣାଳୀରୁ ବେଶ୍ ବୁଝିହେବ ଯେ ସବୁ ଅପରାଧୀ ଅବେକ୍ଷା ଆଇନ ବଳରେ ଖଲାସ ହୁଅନ୍ତି ନାହିଁ । କେବଳ ଉପଯୁକ୍ତ କ୍ଷେତ୍ରରେ ଏହା ପ୍ରୟୋଗ କରାଯାଏ । ଅପରାଧର ଗୁରୁତ୍ୱ, ଅପରାଧୀର ଅନୁଶୋଚନା, ଚରିତ୍ର ସଂଶୋଧନ ପ୍ରତି ତାର ଆଗ୍ରହ, ତା'ର ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗ ସାଥୀଙ୍କର ତା' ଉପରେ ପ୍ରଭାବ, ପିତା ମାତାଙ୍କର ତା' ପ୍ରତି ଓ ତା'ର ପିତା ମାତାଙ୍କ ପ୍ରତି ଆଗ୍ରହ, ଆର୍ଥିକ ଅବସ୍ଥା, ନିଯୁକ୍ତିର ସମ୍ଭାବନା, ଏପରିକି ସ୍ଥାନୀୟ ଲୋକଙ୍କର ମତାମତ—ଏ ସକଳ କଥା ବିଚାରକୁ ନେଇ କେବଳ ଉପଯୁକ୍ତ କ୍ଷେତ୍ରରେ ଅବେକ୍ଷାଧିକାରୀ ସୁପାରିଶ କରିଥାନ୍ତି । ସାମାଜିକ ନିରାପତ୍ତା ଯେପରି ବିପନ୍ନ ନହୁଏ, ଅପରାଧ ନିରୋଧ ଓ ନିରାକରଣରେ ତା'ର ମୁକ୍ତି ଯେପରି ଅନ୍ତରାୟ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦିଆଯାଏ ଓ ସେହି ମର୍ମରେ ସେ ଏକ ଚୁକ୍ତିପତ୍ର ଲେଖିଦିଏ । ଆବଶ୍ୟକ ସ୍ଥଳେ ତାକୁ ମଧ୍ୟ ଏଥିପାଇଁ ଏକ ଜାମିନଦାର (Surety) ଦେବାକୁ ହୁଏ । ସେ ଏହି ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କଲେ ତାକୁ ପୁଣି ବିଚାରାଳୟର ସମ୍ମୁଖୀନ ହୋଇ ଦଣ୍ଡ ଭୋଗ କରିବାକୁ ପଡ଼େ ।

ତତ୍ତ୍ୱାବଧାନ—ବର୍ତ୍ତମାନ ପ୍ରଶ୍ନ ହେଲା ଅବେକ୍ଷିତ (Probationer) ବିଚାରାଳୟରୁ ଖଲାସ ହେବାପରେ ଉପରୋକ୍ତ ସର୍ତ୍ତ ପାଳନ କଲାକି ନାହିଁ ଏହା କିପରି ଜଣାଯିବ ?

ସେଥିପାଇଁ ଅବେକ୍ଷା ଆଇନରେ ତତ୍ତ୍ୱାବଧାନର ବ୍ୟବସ୍ଥା ରହିଅଛି । ସାଧାରଣତଃ ଅପରାଧୀକୁ ଏହି ଆଇନ ବଳରେ ଖଲାସ କରାଗଲେ ତାକୁ ଜଣେ ଅବେକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଛଡ଼ାଯାଏ । ଅବେକ୍ଷାଧିକାରୀ ନିୟମ ଅନୁସାରେ ପ୍ରତି ମାସରେ ଅବେକ୍ଷିତର ତତ୍ତ୍ୱାବଧାନ କରି ତା'ର ପିତାମାତା, ଗ୍ରାମବାସୀ ଓ ସ୍ଥାନୀୟ ଲୋକଙ୍କଠାରୁ ତା' ଚରିତ୍ର ସମ୍ପର୍କରେ ମତାମତ ସଂଗ୍ରହ କରନ୍ତି ଓ ତାହା ବିଚାରପତିଙ୍କୁ ଜଣାଇ ଦିଅନ୍ତି ।

ଏହି ଆଇନ ବଳରେ ଅପରାଧୀକୁ ଖଲାସ କଲାବେଳେ ବିଚାରପତି ତତ୍ତ୍ୱାବଧାନର ସମୟ ଧାର୍ଯ୍ୟ କରିଦେଇଥାନ୍ତି । ଏହା ଏକବର୍ଷରୁ କମ୍ ବା ତିନିବର୍ଷରୁ ଅଧିକ ନୁହେଁ । ଏହି ସମୟ ମଧ୍ୟରେ ତା'ର ଚରିତ୍ର, ସ୍ୱଭାବ ଭଲ ଥିବାର ଉପରୋକ୍ତ ବିବରଣୀରୁ ଜଣାଗଲେ, ଏହି ସମୟ ମିଆଦ ପରେ ସେ ସମ୍ପୂର୍ଣ୍ଣରୂପେ ମୁକ୍ତ ହୁଏ ।

କିନ୍ତୁ ଯଦି ସେ ଏହି ସମୟ ମଧ୍ୟରେ ଅବେକ୍ଷା ଆଇନର ସର୍ତ୍ତାବଳୀ ପାଳନ ନକରେ ବା ଅନ୍ୟ କୌଣସି ଅପରାଧ କରେ ବା କରିବାକୁ ଚେଷ୍ଟା କରୁଥିବା ଜଣାଯାଏ, ତାହା ଉପରୋକ୍ତ ବିବରଣୀ ଦ୍ୱାରା ବିଚାରପତିଙ୍କୁ ଜଣାଇ ଦିଆଯାଏ । ବିଚାରପତିଙ୍କର ହୃଦ୍‌ବୋଧ ହେଲେ, ସେ ଅପରାଧୀକୁ ଓ ଆବଶ୍ୟକ ସ୍ଥଳେ ତା'ର ଜାମିନଦାରକୁ ନିର୍ଦ୍ଦିଷ୍ଟ ତାରିଖରେ ବିଚାରାଳୟରେ ହାଜର ହେବାକୁ ଆଦେଶ ଦିଅନ୍ତି । ଶୁଣାଣି ପରେ ଯଦି ସେ ଆଇନ ଖିଲାପ କରିଥିବା ବିଚାରପତିଙ୍କର ବିଶ୍ୱାସ ହୁଏ ତେବେ ତାକୁ—

(୧) ମୂଳ ଅପରାଧ ପାଇଁ ଜେଲ ଦଣ୍ଡାଦେଶ ହୁଏ ; ବା

(୨) ଯଦି ସର୍ତ୍ତଗୁଡ଼ିକ ପାଳନ କରିବାରେ ସାମାନ୍ୟ ତ୍ରୁଟି କରିଥାଏ । ତେବେ ପ୍ରଥମଥର ପାଇଁ ବିଚାରପତି ତାକୁ ପଚାଶ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡ କରି ପୁନର୍ବାର ଅବେକ୍ଷାଧୀନ ରହିବାକୁ ଆଦେଶ ଦିଅନ୍ତି ।

ଅବେକ୍ଷିତର ଦୋଷ ଖୋଜି ବାହାର କରିବା ଏବଂ ତା ଗୋଡ଼ରେ ଆଇନର ବେଡ଼ି ପକାଇ ତାକୁ ଜଗି ରଖିବା, ତତ୍ତ୍ୱାବଧାନର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ । ଅବେକ୍ଷିତକୁ ସୁନାଗରିକ କରି ସମାଜରେ ଛିଡ଼ା କରାଇବା ସବୁଠାରୁ ବଡ଼ କାମ । ସେଥିପାଇଁ ଅବେକ୍ଷିତର ପାରିବାରିକ ସମ୍ପର୍କରେ ଉନ୍ନତି ଘଟାଇବା, ପିତାମାତା ଓ ଗୁରୁଜନଙ୍କ ପ୍ରତି ଭକ୍ତି, ଆଦେଶ ପାଳନ, ପିତା ମାତାଙ୍କର ତା' ପ୍ରତି ଓ ତା'ର ପିତାମାତାଙ୍କ ପ୍ରତି ମମତା ବୃଦ୍ଧି କରିବା ; ତାହାକୁ ଉପାର୍ଜନ କ୍ଷମ ହେବାରେ ସାହାଯ୍ୟ କରିବା ; ଆବଶ୍ୟକ ସ୍ଥଳେ ତା'ର ବୃତ୍ତିମୂଳକ ତାଲିମ ବ୍ୟବସ୍ଥା କରିବା ; ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଚେଷ୍ଟା କରିବା ; ଜୁଆ, ମଦଭାଟି, ଉଲଗ୍ନ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ପରିବେଶରୁ ତାକୁ ମୁକ୍ତ ରହିବା ପାଇଁ ଉପଦେଶ ଦେବା ; ତା'ର ନୈତିକତା ବୃଦ୍ଧି କରିବା ଓ ଆଇନ ଶୃଙ୍ଖଳା ବିଷୟରେ ତାକୁ ଅବହିତ କରାଇବା ତତ୍ତ୍ୱାବଧାନର ଗଠନ-ମୂଳକ ପନ୍ଥା ଓ ପ୍ରଣାଳୀ । ସାର୍ଥକ ତତ୍ତ୍ୱାବଧାନ ଉପରେ ହିଁ ଅବେକ୍ଷା ଆଇନର ସଫଳତା ନିର୍ଭର କରେ ।

ଶେଷରେ ଏତିକି କୁହାଯାଇପାରେ ଯେ— ତତ୍ତ୍ୱାବଧାନକାରୀ ଅବେକ୍ଷାଧିକାରୀ ଜଣେ ସାମାନ୍ୟ ମନୁଷ୍ୟ । ସେ ଯାଦୁକର ନୁହଁନ୍ତି ଯେ କୁହୁକ ବଳରେ ଅପରାଧୀର କଳୁଷ କାଳିମା ଧୋଇଦେବେ । ସେ କେବଳ ଜଣେ ସାହାଯ୍ୟକାରୀ, ଜଣେ ଉପଦେଷ୍ଟା । ଅପରାଧୀର ଚରିତ୍ର ପରିବର୍ତ୍ତନ ପ୍ରଥମତଃ ତା' ନିଜ ଉପରେ ନିର୍ଭର କରେ, ଆଉ ନିର୍ଭର କରେ ତା'ର ପିତାମାତା, ଭାଇବନ୍ଧୁ ଓ ପଡ଼ୋଶୀଙ୍କ ଉପରେ । ସେହିମାନଙ୍କ ଗହଣରେ ସେ ସର୍ବଦା ଚଳେ । ତା'ର କର୍ମ-ଅପକର୍ମ ସକଳ ବିଷୟରେ ସେମାନେ ବିଶେଷ ଅବହିତ । ସେହିମାନଙ୍କ ଉପଦେଶ ଓ ନିର୍ଦ୍ଦେଶ ଅବେକ୍ଷିତକୁ ବାଟେଇ ନେବାରେ ସମର୍ଥ । ତେଣୁ ସେହିମାନେ ହିଁ ଏ ମହତ ଉଦ୍ଦେଶ୍ୟ ସାଧନରେ ସାହାଯ୍ୟ କରି ପାରିବେ ।

———

# ଆଉ ଗୋଟିଏ ସନ୍ତାନ ହେବା ଆଗରୁ

# ଭାବନ୍ତୁ

ଯେଉଁ ପୁଅଟି ଅଛି, ଆପଣ
ତାର ଠିକ୍ ଭାବରେ ଲାଳନ-
ପାଳନ କରି ପାରୁଛନ୍ତି ତ ?



ଆପଣଙ୍କର ଇଚ୍ଛା ହୁଏ ପୁଅଟିକୁ ପଢ଼ା ପଢ଼ାଇବେ ଡାକ୍ତର କରିବାକୁ — ତାର ସମସ୍ତ ସୁବିଧା ପୂରଣ କରି ତାକୁ ଜୀବନରେ ଜଣେ କରିବାକୁ । କିନ୍ତୁ ଏସବୁ ବ୍ୟବସ୍ଥା କରିବା ପୂର୍ବରୁ ହଠାତ୍ ଯଦି ଆଉ ଗୋଟିଏ ସନ୍ତାନ ଆସିଯାଏ··· ତେବେ ? ଏସବୁ ସର୍ତ୍ତ ପୂରଣ ଆପଣଙ୍କ ପକ୍ଷରେ ଅସମ୍ଭବ ହେବ ନାହିଁ ? ଆପଣ କଣ ତାକୁ ଏଡ଼ାଇବାକୁ ଚାହିଁବେ ନାହିଁ ?

ସାରା ଦୁନିଆର କୋଟି କୋଟି ଦମ୍ପତି ଏହି ବ୍ୟବସ୍ଥା କରୁଛନ୍ତି । ସବୁ କଥାକୁ ବିଚାର ପ୍ରସ୍ତୁତ ନ ହେଲାଯାଏ ସେମାନେ ଆଉ ଗୋଟିଏ ସନ୍ତାନର କଥା ଭାବୁ ନାହାନ୍ତି । ନିରୋଧ ବ୍ୟବହାର କରି ଆପଣ ମଧ୍ୟ ଏହା କରି ପାରିବେ । ନିରୋଧ ସାରା ପୃଥିବୀରେ ପୁରୁଷମାନଙ୍କ ଦ୍ୱାରା ଅଧିକ ରବର ନିରୋଧ ବ୍ୟବହୃତ ହେଉଥିଲା । ନିରାପଦରେ ଓ ସହଜରେ ବ୍ୟବହାର କରାଯାଏ ବୋଲି ଜନ୍ମନିରୋଧ ପାଇଁ ପୁରୁଷ ପୁରୁଷ ଏବେ ନିରୋଧ ବ୍ୟବହାର କରି ଆସୁଛନ୍ତି । ତେବେ ଆପଣ ବା କାହିଁକି ନିରୋଧ ବ୍ୟବହାର ନ କରିବେ ?

**ସରକାରୀ ସହାୟତା ବ୍ୟବସ୍ଥା ଯୋଗୁଁ ସବୁ ଜାଗାରେ 15 ପଇସାରେ 3ଟି ହିସାବରେ ନିରୋଧ ମିଳେ ।**




ଆଉ ଗୋଟିଏ ସନ୍ତାନ ଆଶା ନ କରିବାଯାଏ ବ୍ୟବହାର କରନ୍ତୁ

# ନିରୋଧ ▼

ଲକ୍ଷ ଲକ୍ଷ ଲୋକଙ୍କର ମନକୁ ପାଇଥିବା ରବର, ନିରାପଦ ଓ ସହଜରେ
ବ୍ୟବହାରଯୋଗ୍ୟ ରବର ଜନ୍ମନିରୋଧକ
**ଡାକ୍ତରଖାନା ଦୋକାନ, ପୁସ୍ତକ ଦୋକାନ ଓ କେମିଷ୍ଟ — ସମସ୍ତଙ୍କ ପାଖରେ ମିଳେ ।**

davp 71/119

ଶ୍ରୀ ଦ୍ୱିଜବର ସାହୁ

# ମୃତ୍ତିକା ପରୀକ୍ଷା

## ମୃତ୍ତିକା ପରୀକ୍ଷାର ଆବଶ୍ୟକତା—

ଖତ, ସାର ବ୍ୟବହାର ଫଳେ ଫସଲର ଉତ୍ପାଦନ ଅଧିକ ହୁଏ, ଫସଲ ଦ୍ୱାରା ମାଟିରୁ ଅପସାରିତ ଖାଦ୍ୟ ଉପାଦାନର କ୍ଷତି ପୂରଣ ହୁଏ ଏବଂ ମାଟିର ଉର୍ବରତା ରକ୍ଷା ହୁଏ, କିନ୍ତୁ ସାରର ସଦୁପଯୋଗ କରି ଉପଯୁକ୍ତ ଲାଭ ପାଇବାକୁ ହେଲେ—

* ଉଚିତ ପ୍ରକାରର ସାର ଆବଶ୍ୟକ ପରିମାଣରେ,
* ଠିକ୍ ସମୟରେ,
* ଏବଂ ଠିକ୍ ପ୍ରଣାଳୀରେ

ପ୍ରୟୋଗ କରିବାକୁ ହେବ । ଆବଶ୍ୟକ ଠାରୁ ଅଧିକ ସାର ପ୍ରୟୋଗ କଲେ ସାର ବାବଦରେ ଖର୍ଚ୍ଚ ଅଧିକ ହୁଏ । ସେହିପରି ସାର ପରିମାଣ କମ୍ ହୋଇଗଲେ ଅମଳ ଆଶାନୁରୂପ ହୁଏ ନାହିଁ । ଏହା ବ୍ୟତୀତ ଫସଲକୁ ଆବଶ୍ୟକ ମୁଖ୍ୟ ଉପାଦାନ ଯୋଗାଇବା ପାଇଁ ବିଭିନ୍ନ ପ୍ରକାରର ସାର ଦରକାର ଅନୁଯାୟୀ ପ୍ରୟୋଗ କରିବା ଉଚିତ୍ । ଅନେକ ସମୟରେ କୃଷୀ, ଯେଉଁ ଉପାଦାନ ମାଟିରେ ଯଥେଷ୍ଟ ପରିମାଣରେ ଥାଏ, ସେହି ଉପାଦାନ ପୁଣି ସାର ଆକାରରେ ପ୍ରୟୋଗ କରିଥାଏ, ଅଥଚ ଯେଉଁ ଉପାଦାନ ମାଟିରେ ଅଭାବ ତାହା ପ୍ରୟୋଗ କରିବାକୁ ଭୁଲି ଯାଇଥାଏ । ଏହା ଫଳରେ ଫସଲର ଉତ୍ପାଦନ କମିଯାଏ ।

ତା' ସଙ୍ଗେ ସଙ୍ଗେ ମାଟିରେ କମ୍ ଥିବା ଉପାଦାନଟି ମାଟିରୁ ପୁରାପୁରି ସରିଯାଇପାରେ, ଯାହା ଦ୍ୱାରା ମାଟିର ଗୁଣ ଏବଂ ଉର୍ବରତା ନଷ୍ଟ ହୁଏ । ଯେଉଁ ଉପାଦାନଟି ସାର ଆକାରରେ ଅଧିକ ପରିମାଣରେ ପ୍ରୟୋଗ କରାଗଲା ତା'ର ସଦ୍‌ବ୍ୟବହାର ହୋଇପାରେ ନାହିଁ । ତେଣୁ ବିଭିନ୍ନ ପ୍ରକାର ସାର ସୁଷମ ଆକାରରେ ଆବଶ୍ୟକ ପରିମାଣରେ ପ୍ରୟୋଗ କରିବାକୁ ହେବ । ସେହିପରି ଯେଉଁ ସାର ଫସଲର ଯେଉଁ ସମୟରେ ଦରକାର ସେହି ସମୟରେ ଯୋଗାଇ ଦେବାକୁ ହେବ ଏବଂ ଫସଲର ଚେର ସାରକୁ ସହଜରେ ଏବଂ ସୁବିଧାରେ ଗ୍ରହଣ କରି ପାରିବା ଭଳି ସ୍ଥାନରେ ପ୍ରୟୋଗ କରିବାକୁ ହେବ ।

କୌଣସି ନିର୍ଦ୍ଦିଷ୍ଟ ଫସଲରେ କେଉଁ ସାର କେତେ ପରିମାଣରେ ପ୍ରୟୋଗ କରିବା ଆବଶ୍ୟକ, ତାହା ମାଟିର ଉର୍ବରତା ଉପରେ

ନିର୍ଭର କରେ । ସବୁ ମାଟିର ଉର୍ବରତା ସମାନ ନୁହେଁ । ମାଟିର ରାସାୟନିକ ପରୀକ୍ଷା ଦ୍ୱାରା ମାଟିର ଉର୍ବରତା ସଠିକ୍ ଭାବରେ ନିରୂପଣ କରାଯାଇ ପାରେ ଏବଂ ମାଟି ପରୀକ୍ଷାର ଫଳାଫଳ ତଥା ଗବେଷଣାଲବ୍ଧ ଜ୍ଞାନରୁ କିଭଳି କରି ଫସଲ ପାଇଁ କେଉଁ ସାର କେତେ ପରିମାଣରେ, କେଉଁ ସମୟରେ ଏବଂ କିପରି ପ୍ରୟୋଗ କରିବାକୁ ହେବ ତାହା ଅନୁମୋଦନ କରାଯାଏ । ଏହା ବ୍ୟତୀତ ମାଟି ଯଦି ଅତ୍ୟଧିକ ଅମ୍ଳ ବା କ୍ଷାରି ହୋଇଥାଏ ତେବେ କେତେ ପରିମାଣରେ ଚୁନ ବା ଜିପ୍‌ସମ୍ ପ୍ରୟୋଗ କରିବା କଥା ତାହା ମଧ୍ୟ ମାଟି ପରୀକ୍ଷାରୁ ଜଣାପଡ଼େ । ଯେପରି ଡାକ୍ତରୀ ପରୀକ୍ଷାଦ୍ୱାରା ରୋଗୀ ପାଇଁ ସଠିକ ଔଷଧ ନିର୍ବାଚନ କରାଯାଇ ଥାଏ, ସେହିପରି ଫସଲ ପାଇଁ ସାରର ପରିମାଣ ଠିକ୍ କରାଯାଏ ମାଟି ପରୀକ୍ଷା ଦ୍ୱାରା ।

## ନମୁନା ମାଟି (Soil Sample)

ମାଟି ପରୀକ୍ଷା କହିଲେ ଜମିରୁ ସଂଗୃହୀତ ନମୁନା ମାଟିର ପରୀକ୍ଷାକୁ ବୁଝାଏ । ସାଧାରଣତଃ ପରୀକ୍ଷାଗାରରେ ପ୍ରତ୍ୟେକ ପ୍ରକାର ପରୀକ୍ଷା ପାଇଁ ନମୁନା ମାଟିରୁ ମାତ୍ର ୧ ରୁ ୧୦ ଗ୍ରାମ୍ ମାଟି ନିଆଯାଏ । ଏହାର ଫଳାଫଳ ଭିତ୍ତି କରି ଅନୁମୋଦନ ଲେଖାଯାଏ । ତେଣୁ ଅନୁମୋଦନର ମାନ ଏବଂ ସଠିକତା ମୁଖ୍ୟତଃ ନମୁନା ମାଟିର ଗୁଣ ଉପରେ ନିର୍ଭର କରେ । ଜମିରୁ ସଂଗୃହୀତ ନମୁନା ଠିକ୍ ଜମି ମାଟିର ଗୁଣାନୁରୂପ (Exact Representative) ହେଲେ ମୃତ୍ତିକା ପରୀକ୍ଷାର ଅନୁମୋଦନ, ସଠିକ୍ ଭାବରେ ଜମି ପାଇଁ ପ୍ରଯୁଜ୍ୟ ଏବଂ ଫଳପ୍ରଦ ହେବ ।

## ନମୁନା ମାଟି ସଂଗ୍ରହ ( Collection of Representative Soil Sample )

### ୧ । ମାଟିର ଅବସ୍ଥା—

ଚଷ କରାଯାଇ ନ ଥିବା, ହଳ ପାଇଁ ଉପଯୁକ୍ତ ଜଉଳ ବା ପାଗଥିବା ଅବସ୍ଥାରେ ଜମିରୁ ନମୁନା ମାଟି ସଂଗ୍ରହ କରିବା ଉଚିତ । କିନ୍ତୁ ଆବଶ୍ୟକ ସ୍ଥଳେ ଅତି ଓଦା, ଅତି ଶୁଖିଲା ବା ଚଷ କରାହୋଇଥିବା ଜମିରୁ ମଧ୍ୟ ନମୁନା ମାଟି ସଂଗ୍ରହ କରାଯାଇ ପାରେ । ସାର ପ୍ରୟୋଗର ଅଳ୍ପ ଦିନ ମଧ୍ୟରେ ଜମିର ମାଟି ପରୀକ୍ଷା କରାଇବା ଅନାବଶ୍ୟକ ।

### ୨ । ଆବଶ୍ୟକୀୟ ଉପକରଣ ( Required Tools )

ମାଟି ଖୋଳିବା ପାଇଁ କୋଦାଳ ଏବଂ ଖୁରୁପି ବ୍ୟବହାର କରାଯାଇ ପାରେ କିନ୍ତୁ ମାଟି ସଂଗ୍ରହ ନଳି ( Soil Sampling Tube ) ଏବଂ ମାଟି ସଂଗ୍ରହ ଭର୍ମର ( Sampling Auger ) ସାହାଯ୍ୟରେ କମ୍ ସମୟରେ ନମୁନା ମାଟି ସଂଗ୍ରହ କରିବା ସହଜ । ସଂଗ୍ରହ କରାଯାଇଥିବା ବେଳେ ମାଟି ରଖିବା ପାଇଁ ବାଲ୍‌ଟି, ତାଗରା ବା କୌଣସି ଓସାରିଆ ମୁହଁ ବଡ଼ ପାତ୍ର, ମାଟି ଶୁଖାଇବା ପାଇଁ ବଡ଼ କାଗଜ ପଡା, ଚିଣପଟା, ପରିଷ୍କାର ଖାଲିଅଖା ବା ଛିଣ୍ଡି ନ ମିଳିଲେ ପରିଷ୍କାର ସିମେଣ୍ଟ୍ ଚଟାଣ; ତଥା ମାଟି ପଠାଇବା ପାଇଁ ୧ କି. ଗ୍ରା. ମାଟି ଧରିବା ଭଳି ପରିଷ୍କାର କନା ମୁଣି ଆବଶ୍ୟକ

———



ହରିଶଙ୍କର ମେଳାଠାରେ ଅନୁଷ୍ଠିତ ଢେଲ ନୃତ୍ୟର ଏକ ଦୃଶ୍ୟ.

## ଚିତ୍ରେ ସମ୍ବାଦ

ଢେଲ ନୃତ୍ୟର ଆଉ ଏକ ଦୃଶ୍ୟ





ହରିଶଙ୍କରଠାରେ ଛେଉ ନୃତ୍ୟର ଅନ୍ୟ ଏକ ଦୃଶ୍ୟ

## ଚିତ୍ରେ ସମ୍ବାଦ

ନିର୍ମାଣ ଅବସ୍ଥାରେ ବରଗଡ଼ ସମବାୟ ଚିନି କଳ





ତା ୧୭ । ୪ । ୧୯୭୨ ରେ ଡ଼ି. ଏ. ଭି. ମହିଳା କଲେଜର ଛାତ୍ରୀ ଶ୍ରୀମତୀ ନଳିନୀ ସୁତାର
ପାକିସ୍ଥାନରେ ଥିବା ଭାରତୀୟ ଭୁକ୍ତ ଯୁଦ୍ଧବନ୍ଦୀମାନଙ୍କ ଉଦ୍ଦେଶ୍ୟରେ କାତୁବା।ମ ପ୍ରତିଆ
ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ହସ୍ତରେ ଅର୍ପଣ କରିଥିଲେ ।

## ଚିତ୍ର ସମ୍ବାଦ

ଓଡ଼ିଶାର ଶ୍ରମ କମିଶନର ଶ୍ରୀ ଆର. ସି. ପାତ୍ର ତା ୪ । ୪ । ୧୯୭୨ ରେ ଭୁବନେଶ୍ୱରଠାରେ
ଏକ ଉତ୍ସବରେ ସମ୍ବଲପୁର ପେପର ମିଲର ପ୍ରତିନିଧିଙ୍କୁ ୧୯୭୧ର ସର୍ବୋଚ୍ଚସ୍ତରୀୟ
ନିରାପତ୍ତା ପୁରସ୍କାର ପ୍ରଦାନ କରିଥିଲେ ।





ତା ୨ । ୪ । ୧୯୭୨ ରେ ରାଜଗାଙ୍ଗପୁରଠାରେ ଓଡ଼ିଶା ସିମେଣ୍ଟ କଲୋନିର ଶିଶୁମାନେ
ମହିଳା କ୍ଲବର ବାର୍ଷିକୋତ୍ସବରେ ଦଶାବତାର ନୃତ୍ୟନାଟିକା ପରିବେଷଣ କରିଥିଲେ ।

## ଚତ୍ରେ ସମ୍ବାଦ

ହରିଶଙ୍କର ମେଳାରେ ପ୍ରଦର୍ଶିତ ଲୋକନୃତ୍ୟ



# ବାଲିଶଙ୍କରା ବ୍ଲକ୍‌ରେ ଦିନେ

ଏହି ବ୍ଲକ ସୁନ୍ଦରଗଡ଼ଠାରୁ ୪୬ କିଲୋମିଟର ଦୂରରେ ଅବସ୍ଥିତ । ସୁନ୍ଦରଗଡ଼-ଯଶିପୁର ରାସ୍ତା ଉପରେ ଏ ବ୍ଲକ ଅବସ୍ଥିତ । ଏହି ବ୍ଲକର ପୂର୍ବରେ ବଡ଼ଗାଁ ବ୍ଲକ, ପଶ୍ଚିମରେ ଲେଫ୍‌ରିପଡ଼ା, ଉତ୍ତରରେ ମଧ୍ୟପ୍ରଦେଶ, ଦକ୍ଷିଣରେ ସବ୍‌ଡ଼େଗା ଓ ଟାଙ୍ଗରପାଲି ବ୍ଲକ ଅବସ୍ଥିତ । ଏ ବ୍ଲକଟିର ଆୟତନ ୧୭୦ ବର୍ଗ ମାଇଲ ଓ ଲୋକସଂଖ୍ୟା ୫୨,୮୦୦ ଅଟେ ।

ଏ ପଞ୍ଚାୟତ ସମିତିର ସଭାପତି କହନ୍ତି ଯେ ଏ ସମିତିଟି ଆଦିବାସୀବହୁଳ । ଏ ବ୍ଲକଟି ବିହାର, ମଧ୍ୟପ୍ରଦେଶ ସୀମାରେ ଅବସ୍ଥିତ ଏଠାର ଲୋକମାନଙ୍କ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଜଳସେଚନର ସୁବିଧା ନାହିଁ । ଏଠାରେ କେବଳ ତିନୋଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଛି । ଭଣ୍ଡାରି ଶଳଦା, ଯୋଡ଼ି କୁଆଁଗାଁ ଓ କୁରେଇ ମଧ୍ୟମଧରଣ ଜଳସେଚନ ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି । ଲେଇକାନି ଗ୍ରାମପଞ୍ଚାୟତରେ ତୁରୁତୁରାନାଳ ଜଳସେଚନ ଯୋଜନାଟି ଅବସ୍ଥିତ । ଏ ଅଞ୍ଚଳ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନ ବହୁତ ପଛରେ ପଡ଼ିରହିଛି । ଏ ଅଞ୍ଚଳରେ ୮ଟି ହାଇସ୍କୁଲ ଅବସ୍ଥିତ । ଏଥିରୁ ୨ଟି ବାଳିକା ଉଚ୍ଚ-ବିଦ୍ୟାଳୟ; କିନ୍ତୁ ଏଗୁଡ଼ିକ ବେସରକାରୀ ହୋଇଥିବାରୁ ଏଗୁଡ଼ିକର ଆର୍ଥିକ ଅବସ୍ଥା ଭଲ ନୁହେଁ । ଏଣୁ ରାଜ୍ୟ ସରକାର ଉଦ୍ୟମ କରି ଏଗୁଡ଼ିକୁ ସୀମାନ୍ତ ଅଞ୍ଚଳ ଦୃଷ୍ଟିରୁ ପୂରା ହାତକୁ ନେବା ଉଚିତ । ଏ ଅଞ୍ଚଳର ମୃତ୍ତିକା ଉର୍ବର ନୁହେଁ । ଏଣୁ ଜଳସେଚନ ଯୋଜନା ସମଧିକ ପରିମାଣରେ କାର୍ଯ୍ୟକାରୀ ହେଲେ, ଏ ବ୍ଲକଟି ସ୍ୱର୍ଣ୍ଣପ୍ରସୂ ଅଞ୍ଚଳ ହୋଇପାରିବ । ଏ ଅଞ୍ଚଳର ଅଧିକାଂଶ ଲୋକ ଚାଷୀ, ନାରୀ ଶିକ୍ଷାର ପ୍ରସାର ହୋଇପାରୁ ନଥିବାରୁ ଏଠାରେ ତିଲିଆ ଗ୍ରାମରେ ଏକ କନ୍ୟାଶ୍ରମ ଖୋଲାହେବା ଉଚିତ । ଏଠାର ପଶୁପାଳନ ବିଭାଗ କର୍ମକର୍ତ୍ତା ସୁରେନ୍ଦ୍ର କୁମାର ମହାପାତ୍ର ସାକ୍ଷାତକାରରେ କହନ୍ତି—ଏ ବ୍ଲକରେ ଗୋଟିଏ ପଶୁ ଚିକିତ୍ସାଳୟ ଓ ୬ଟି ପଶୁଚିକିତ୍ସା କେନ୍ଦ୍ର ଅଛି । ଉପକୂଳ ଅଞ୍ଚଳ ଅପେକ୍ଷା ଏ ଅଞ୍ଚଳର ଅଧିବାସୀମାନେ ଅଧିକ ପଶୁପାଳନ କରନ୍ତି ।

ଘାସ ଚାଷର ପ୍ରସାର ପାଇଁ ଜଳସେଚନର ସୁବିଧା ନଥିବାରୁ ଘାସ ଚାଷ ପାଇଁ ଲୋକେ ଆଗ୍ରହୀ ହୋଇ ପାରୁନାହାନ୍ତି । ତଥାପି ଏ ବିଭାଗ ତରଫରୁ ଏ ଦିଗରେ ଉତ୍ସାହିତ କରାଯାଉଛି । ଏ ବ୍ଲକରେ ଦୁଇଟି ଷଣ୍ଢ ପାଳନ କେନ୍ଦ୍ର ଅଛି । ଏହଦ୍ୱାରା ପ୍ରାକୃତିକ ପ୍ରଜନନ କାର୍ଯ୍ୟ ହୋଇପାରୁଛି । ଏ ବ୍ଲକର ୧୦ ଟି ପଞ୍ଚାୟତ ମଧ୍ୟରୁ ୭ଟି ପଞ୍ଚାୟତରେ ଏ ଚିକିତ୍ସାର ସୁବିଧା ଅଛି । କିନ୍ତୁ ୨ଟି ପଞ୍ଚାୟତରେ ପଶୁ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଦାବୀ ହେଉଛି (ରାମପୁର, କୁସମରା) । ଅନ୍ୟ ଏକ ସାକ୍ଷାତ-କାରରେ ଏ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଉମାନନ୍ଦ ଦାସ

କହନ୍ତି ଯେ ସେ ୨୪-୬-୭୦ ରେ ଏ ବ୍ଲକର ଅଧିକାରୀ ହେଲେ। ସେ ଦିନଠାରୁ ତାଙ୍କର ଧାରଣା ଜନ୍ମିଛି ଯେ ଏ ବ୍ଲକରେ ତା୧-୧୦-୫୯ ରୁ ପ୍ରାକ୍ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଗୋଷ୍ଠୀ ଉନ୍ନୟନର ପ୍ରଥମ ପର୍ଯ୍ୟାୟ ତା ୧-୧୦-୬୦ ରିଖରୁ ଆରମ୍ଭ ହୋଇ ୬ ବର୍ଷରେ ଦ୍ୱିତୀୟପର୍ଯ୍ୟାୟରୁ ହେଲା। ଏ ବ୍ଲକର ଆଦିବାସୀ ଲୋକଙ୍କ ସଂଖ୍ୟା ଶତକଡ଼ା ୬୮% ହୋଇଥିବାରୁ ଏହାକୁ ଏକ ଆଦିବାସୀ ବ୍ଲକରୂପେ ତା ୧-୪-୬୪ ରିଖରୁ ଆରମ୍ଭ କରାଗଲା। ବର୍ତ୍ତମାନ ଏ ବ୍ଲକ T.D. ୨ୟ ପର୍ଯ୍ୟାୟ ୩ୟ ବର୍ଷରେ ପଦାର୍ପଣ କରିଛି। ତା ୧-୧୦-୭୧ ରିଖରୁ post stage ହେଲା। ଏ ଅଞ୍ଚଳରେ ଉନ୍ନତ ଧରଣର କୃଷିର ବହୁଳ ପ୍ରସାର କରାଯିବା ପାଇଁ ବିଭିନ୍ନ ପ୍ରଦର୍ଶନ କ୍ଷେତ୍ର କରାଯାଇଅଛି। ଜଳ ସେଚନର ବିଶେଷ ସୁବିଧା ନଥିଲେ ମଧ୍ୟ ବେସରକାରୀ ବିଦ୍ୟାଳୟରେ ପମ୍ପ ସାହାଯ୍ୟରେ ଉନ୍ନତ ଧରଣର ଚିନାବାଦାମ, ଗହମ, ସୋରିଷ ପ୍ରଭୃତି ଚାଷ କରାଯାଇଛି। ଗତବର୍ଷ ୨୦ ଏକର ଜମିରେ ଗହମ ଚାଷ କରାଯାଇଥିଲା। ଚଳିତ ବର୍ଷ ୪୦ ଏକର ଜମିରେ ଗହମ ଚାଷ ହୋଇଛି। ସେହିପରି ଗତବର୍ଷ ଅଧିକଅମଳକ୍ଷମ ସୋରିଷ ( M. 27 ) ୧୨ ଏକର ଜମିରେ ଚାଷ କରାଯାଇଥିଲା ଏବଂ ଏ ବର୍ଷ ୨୦୦ ଏକର ଜମିରେ ଚାଷ କରାଯାଇଛି। ଏଥିରୁ ପ୍ରତୀୟମାନ ହୁଏ ଯେ ଏ ଅଞ୍ଚଳର ଚାଷୀମାନେ ଚାଷପାଇଁ ଅଧିକ ଆଗ୍ରହୀ।

ଗତ ବର୍ଷ ୪୧୨ ଏକର ଜମିରେ ଅଧିକ ଅମଳକ୍ଷମ ଧାନ, ଯଥା:— ଜୟା, ପଦ୍ମା, ତାଇଚୁଙ୍ଗ ଓ ଆଇ ଆର-୮ ଚାଷ ହୋଇଥିବା ସ୍ଥଳେ ଚଳିତ ବର୍ଷ ୫୩୦ ଏକର ଜମିରେ ଏହି ଚାଷ କରାଯାଇଛି। ଚଳିତ ଶୀତ ଋତୁରେ ୫୦ ଏକର ଜମିରେ ଡାଲୁଅ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି ଏବଂ ୨୫ ଏକର ଜମିରେ ଉନ୍ନତ ଧରଣର ଚିନାବାଦାମ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାହୋଇଛି।

ଚଳିତ ବର୍ଷ ବ୍ଲକ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଅଛି। ତନ୍ମଧ୍ୟରୁ ବନ୍ଧବାହାଲ୍ ବାଳିକା ଉଚ୍ଚଇଂରାଜି ବିଦ୍ୟାଳୟ ଓ ହଷ୍ଟେଲ୍ ଗୃହ ନିର୍ମାଣ, କଣ୍ଠା ବାହାଲ୍ ଓ କାଳି ଶଙ୍କରା ଉଚ୍ଚ ଇଂରାଜି ବିଦ୍ୟାଳୟ ଗୃହ ନିର୍ମାଣ ଏବଂ ଭୁମୁକିଆ ମଧ୍ୟଇଂରାଜି ବିଦ୍ୟାଳୟ ଗୃହ ନିର୍ମାଣ ଉଲ୍ଲେଖଯୋଗ୍ୟ। ଏତଦ୍ ବ୍ୟତୀତ ପଞ୍ଚାୟତ ସମିତି ଅଞ୍ଚଳରେ ବିଭିନ୍ନ ରାସ୍ତାରେ ପୋଲ ନିର୍ମାଣ କାର୍ଯ୍ୟ କରାଯାଇଛି। ଚଳିତ ବର୍ଷ କ୍ରାସ୍ ପ୍ରୋଗ୍ରାମ୍ ଅନ୍ତର୍ଭୁକ୍ତ ୧୨ଟି ପ୍ରୋଜେକ୍ଟ ମଧ୍ୟରୁ ୩ ଗୋଟି ପ୍ରୋଜେକ୍ଟ ବର୍ତ୍ତମାନ କାର୍ଯ୍ୟକାରୀ ହେଉଅଛି। ସେଥି-ମଧ୍ୟରୁ ଗୋଟିଏ ହେଲା ଉଠିକିବନ୍ଧ ଜଳସେଚନ ଯୋଜନା ଏବଂ ଅନ୍ୟ ଦୁଇଟିରେ ରାସ୍ତା କାମ ହେଉଅଛି। ବାକୀ ଯୋଜନାଗୁଡ଼ିକ ଶୀଘ୍ର କାର୍ଯ୍ୟକାରୀ ହେବାପାଇଁ ବ୍ୟବସ୍ଥା ହେଉଅଛି।

୧୨ ଏକର ଜମିରେ ସମିତିର ଏକ ଉପବନ ଆରମ୍ଭ କରାଯାଇଛି ଓ ସେଥିରେ ଲଙ୍କାଚାଷ, ଲେମ୍ବୁ, କମଳା ମୌସୁମ୍ବି ଓ ଚଳିତ ବର୍ଷ ଠାରୁ ୬ ଏକର ଜମିରେ ଉନ୍ନତଧରଣର ଗହମ ଚାଷ କରାଯାଉଛି। ସ୍ତରି ଏକର ଜମିରେ ଅଧିକ ଅମଳକ୍ଷମ ମୁଗ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରୁ ଉତ୍ପନ୍ନ ଧାନ ସମିତିର ପି: ଏଲ୍: ଆକାଉଣ୍ଟରେ ମହଜୁତ ରଖାଯାଇଛି। ସମିତି ଏବେ କାଳିଶଙ୍କରା ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ନିର୍ମାଣ କରୁଛନ୍ତି। ଏ ଅଞ୍ଚଳର ଯୋଗର ଏକ ଦର୍ଶନୀୟ ସ୍ଥାନ ହୋଇଥିବାରୁ ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ଏକ ନିବାସ ପାଇଁ ପ୍ରସ୍ତାବ ଅଛି।

ଏ ସମିତିର ସମବାୟ ସଂପ୍ରସାରଣ ଅଧିକାରୀ ଶ୍ରୀ ଅଲେଖ ଚନ୍ଦ୍ର ଜେନା କହନ୍ତି ଯେ ସେ ଏ ବ୍ଲକରେ ତା ୧୪-୧୧-୬୯ ରିଖରେ ଯୋଗଦେବାପରେ ଏଠାରେ ୭ଟି ସମବାୟ ସମିତି କାର୍ଯ୍ୟ କରୁଛି। ଏହାର ସଭ୍ୟ ସଂଖ୍ୟା ୩,୭୬୦ ଅଟେ। ଏଥିରୁ ୪ଟି ସମିତିରେ ଧାନ ଓ ସାର ଓ ନଗଦ ଟଙ୍କା ଋଣ ଦିଆଯାଇଛି। ଏହା ଚାଷର ଉନ୍ନତି ପାଇଁ ବିନିଯୋଗ କରାଯାଇଛି।

କୋରେଇର ଚାଷୀ ସର୍ଦ୍ଦାର ଲମ୍ବୋଧର ମାଝି, ଖମ୍ଭୁରଭଙ୍ଗାର ଶେଖର ଦେଓ ଓ ରାମପୁରର ରତନ ନାଏକ, ଶଙ୍କର ମହାକୁଡ଼, ଦାଉଦ୍ ରାମ, ହୃଦାନନ୍ଦ ସାହୁ, ରଞ୍ଜିତ ନାଏକ, ବନ୍ଧୁରାମ ସୁରୁଖିଆ, ଦାଉଦ୍ ଖାଲ୍‌କୋ ପାଣିପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ପାଇ ପାରୁଛନ୍ତି। ଏହାଛଡ଼ା ତେଲିକୋଲର ଗୌରୀଶଙ୍କର ପଟେଲ୍ ରେଙ୍ଗାଲିର ଚୂଡ଼ାମଣି ଗଡ଼ତିଆ ଟ୍ରାକ୍ଟର କିଣି ଜମି ଚାଷରେ ବିଶେଷ ସଫଳତା ହାସଲ କରିପାରିଛନ୍ତି।

ଏ ସମିତିର ଗ୍ରାମ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସାକ୍ଷାତ-କାରରେ କହନ୍ତି ଯେ ସେ ଏଠାରେ ତା ୬-୩-୬୯ରିଖରେ ଯୋଗ-ଦେଲେ। ଏଠାରେ ଆଦିବାସୀମାନଙ୍କ ପାଇଁ ୪୩ କୂପ ଓ ୩୩ଟି ଆଦିବାସୀ ଘର କରାଯାଇଛି। ଗତବର୍ଷ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ସ୍ୱରୂପ ଏକ ଲକ୍ଷ, ସାତହଜାର, ଛଅଶହ ଏକଟଙ୍କା ଦିଆଯାଇଥିଲା। ଗତବର୍ଷ ୬ଜଣ ବିମୁକ୍ତ ଜାତିକୁ (Denotified tribe) ୬ ହଳ ବଳଦ ଓ ୧୩ ଜଣକୁ ଉନ୍ନତ ଧାନ ବିହନ କ୍ୱିଂ୨୧।୦।୮୫୦ ଗ୍ରାମ୍ ବଣ୍ଟନ କରାଯାଇଛି। ୧୯୭୧-୭୨ ରେ ପ୍ରାଥମିକ ସ୍କୁଲରେ ଅଧ୍ୟୟନ କରୁଥିବା ୧,୭୧୫ ଜଣ ଆଦିବାସୀ ଓ

ହରିଜନ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଓ ପାଠୋପକରଣ ଯୋଗାଇ ଦିଆଯାଉଅଛି । ସେବାଶ୍ରମରେ ଅଧ୍ୟୟନ କରୁଥିବା ଆଦିବାସୀ ଓ ହରିଜନ ଛାତ୍ରଙ୍କୁ ଏହି ବର୍ଷ ୬୦ ଖଣ୍ଡ କମିଜ, ୭୬ ଖଣ୍ଡ ଫ୍ରକ୍ ଓ ୧୦୯ ଖଣ୍ଡ ଚଡ଼ି ବଣ୍ଟନ କରାଯାଇଛି । ଗତବର୍ଷ ଭଣ୍ଡାବାହାଲର ଜଣେ ଝିଅକୁ କୁଟୀରଶିଳ୍ପ ନିମନ୍ତେ ଗୋଟିଏ ସିଲେଇ ମେସିନ୍ ଯୋଗାଇ ଦିଆହୋଇଛି ।

ଏ ସମିତିର ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଉତ୍ତମୋହନ ନାଏକ ଏକ ସାକ୍ଷାତକାରରେ କହିଲେ ଯେ ଏ ସମିତିର ୧୦ ଟି ପଞ୍ଚାୟତ ମଧ୍ୟରୁ ବନ୍ଧବାହାଲ ଗ୍ରାମପଞ୍ଚାୟତଟି ଆର୍ଥିକ ଦିଗରୁ ସ୍ୱଚ୍ଛଳ ଅଟେ । ଏ ବନ୍ଧବାହାଲ୍ ଗ୍ରାମପଞ୍ଚାୟତ ପଞ୍ଚାୟତ ପ୍ରତିଯୋଗିତାରେ ୧୯୭୦-୭୧ ରେ ଯୋଗଦେଇ ୨ୟ ପୁରସ୍କାର ପାଇଛି । ଏଥିପାଇଁ ସେମାନେ ୫ ହଜାର ଟଙ୍କା ପାଇ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ଗୃହ ନିର୍ମାଣ କରିଛନ୍ତି । ଆହୁରି ୨୫ ହଜାର ଟଙ୍କା ଏକ ଶିଳ୍ପ କାରଖାନା ନିର୍ମାଣ ପାଇଁ ରଖାଯାଇଛି । ଏଥିରେ ଗୋଟିଏ ଟେଁକି ଶିଳ୍ପ କାରଖାନା ନିର୍ମାଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି । ଗତ ତା ୨୬-୧୨-୭୧ ରିଖରେ ବିନିକ୍ ବନ୍ଧକୁ ଏକ ସଞ୍ଚୟ ଗ୍ରାମ ରୂପେ ଘୋଷିତ କରାଯାଇଥିଲା । ଏଥିରେ ସମ୍ବଲପୁରର କମିଶନର ଶ୍ରୀଯୁକ୍ତ ଗୋପାଳ ଦାଶ ଓ ସୁନ୍ଦରଗଡ଼ର ଜିଲ୍ଲାପାଳ ଶ୍ରୀଯୁକ୍ତ ସୁନ୍ଦର ରାଜନ୍ ଯୋଗଦେଇ ଲୋକମାନଙ୍କୁ ଉତ୍ସାହିତ କରିଥିଲେ । ଶାଳବାହାଲ ଗ୍ରାମପଞ୍ଚାୟତରେ ଏକ ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏ ବ୍ଲକ୍‌ରେ ୨୫ ଟି ମହିଳା ସମିତି ମଧ୍ୟରୁ ୨୦ଟିରେ କେୟାର ସଂସ୍ଥା ମାଧ୍ୟମରେ ମଧ୍ୟାହ୍ନ ଭୋଜନ କେନ୍ଦ୍ର କରାଯାଇଛି । ଏମାନଙ୍କ ମଧ୍ୟରୁ ଜିନିର୍ ବଡ଼ ମହିଳା ସମିତି ପ୍ରତିଯୋଗିତାରେ ଜିଲ୍ଲା ମଧ୍ୟରେ ପ୍ରଥମ ପୁରସ୍କାର ହାସଲ କରି ୯୦୦ ଟଙ୍କା ପାଇଛନ୍ତି ଓ ଯୁବକ ସଂଘ ପ୍ରତିଯୋଗିତାରେ ୧୦୦୦ ଟଙ୍କା ୧ମ ପୁରସ୍କାର ସ୍ୱରୂପ ପାଇଛନ୍ତି । ଶିକାଜୋର ବଡ଼ ବାହାଲର ମଧ୍ୟ ଇଂରାଜି ବିଦ୍ୟାଳୟ ଏକ ସଞ୍ଚୟ ସ୍କୁଲ ହୋଇପାରିଛି । କିଂଚିତିଲେଇ ଏବ ବିଦ୍ୟାଳୟକୁ ଏକ ସଞ୍ଚୟ ବିଦ୍ୟାଳୟ କରାଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ବେତାରସଞ୍ଚ ରବାରକ ପଣ୍ଡରୁ ଯୋଗାଇ ଦିଆଯାଇଛି ।

ଏଠାରେ ଦୁଇଟି ପଲ୍ଲୀଶ୍ରୋତା ମଣ୍ଡଳୀ ଗଠିତ ହୋଇଛି । ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମର ପ୍ରସାର ପାଇଁ ସମସ୍ତ ଚେଷ୍ଟା କରାଯାଉଛି । ଗତ ବାତ୍ୟା ଓ ବନ୍ୟା ଅଞ୍ଚଳ ପାଇଁ ଏ ସମିତି ଟ ୫,୪୦୦ ଦାନ କରିଛନ୍ତି । ଏ ସମିତିରେ ୩ଟି ଧାନକୁଟା କଳ ସ୍ଥାପିତହେଉଛି ।



କୃଷି ଓ ଶିଳ୍ପ
ପ୍ରଗତି ପାଇଁ

*Kirloskar*

କିର୍ଲୋସ୍କାର

**This pumpset gives more water saves time saves cost.**

**5 HP**
WATER COOLED
**DIESEL ENGINE PUMPING SETS**
TYPE AV1

AUTHORISED DISTRIBUTORS

- ବିଭିନ୍ନ ଶିଳ୍ପ ପାଇଁ ପମ୍ପ୍, ଜଳସେଚନ ପାଇଁ ପମ୍ପ୍, ସ୍ଲୁଲସ୍ ଭାଲ୍ଭ୍, ରିଫ୍ଲେକ୍ସ ଭାଲ୍ଭ୍, ହଳ ଲଙ୍ଗଳ, ଆଖୁ ପେଡ଼ା କଳ, ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର, ବିହନ ବୁଣିବା କଳ, ଶିଳ୍ପ ପାଇଁ ସିଲ୍‌ଡ କମ୍ପ୍ରେସର ଓ ମେସିନ୍ ଟୁଲସ୍ ।

  **କିର୍ଲୋସ୍କାର ବ୍ରଦର୍ସ ଲି:, ପୁନା-୨**

- ଶିଳ୍ପ, ସାମୁଦ୍ରିକ ଓ ଜଳସେଚନ ପାଇଁ ଡିଜେଲ ଇଞ୍ଜିନ୍ ଏବଂ ଜେନେରେଟିଂ ସେଟ୍

  **କିର୍ଲୋସ୍କାର ଅଏଲ ଇଞ୍ଜିନସ୍ ଲି:, ପୁନା**

- ଇଣ୍ଡକସନ୍ ମୋଟର, ସିଙ୍କ୍ରୋ ମୋଟର, ଭେରିଡ୍ରାଇଭ୍ ମୋଟର ଓ ଟ୍ରାନ୍ସଫରମର୍ ଏବଂ ଡ଼. ସି. ମେସିନ୍

  **କିର୍ଲୋସ୍କାର ଇଲେକ୍ଟ୍ରିକ୍ କମ୍ପାନି ଲି:, ବାଙ୍ଗାଲୋର**

- ଇଲେକ୍ଟ୍ରିକ୍ କଣ୍ଟ୍ରୋଲ ଗିଅର ଏବଂ ଷ୍ଟାର୍ଟର୍

  **କିର୍ଲୋସ୍କାର ଏସିଆ ଲି:, ବାଙ୍ଗାଲୋର**

ବିଶେଷ ବିବରଣୀ ପାଇଁ

**କିର୍ଲୋସ୍କାର ବ୍ରଦର୍ସ ଲିମିଟେଡ୍**

ଷ୍ଟେସନ ସର୍କଲ
ଇଉନିଟ୍-୩, ପୋଷ୍ଟ ବକ୍ସ ନଂ ୪୫
ଭୁବନେଶ୍ୱର-୧

ଟେଲିଫୋନ୍ :—
ଅଫିସ—୧୦୯୫
ବାସଗୃହ—୧୦୯୭

ଟେଲିଗ୍ରାମ—
କିର୍ଲୋସ୍କାର
ଭୁବନେଶ୍ୱର

ପ୍ରକାଶପଥେ :—

# ନବରଙ୍ଗପୁର ଲାଖ ସମବାୟ ସମିତି

ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ଗୋଟିଏ ଛୋଟିଆ ସହର। ଏହି ସହରର ଏକ ପାର୍ଶ୍ୱରେ ଅବସ୍ଥିତ ଲାଖ ସମବାୟ ସମିତି ବର୍ତ୍ତମାନ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

ଏହି ସମିତିରେ ମାତ୍ର ୪୪ ଜଣ କାରିଗର କାମ କରନ୍ତି। କିନ୍ତୁ ଓଡ଼ିଶାର ହସ୍ତଶିଳ୍ପର ପରମ୍ପରାକୁ ବଜାୟ ରଖିବାପାଇଁ ଏହି କ୍ଷୁଦ୍ର ସମିତି ଯେଉଁ ଦାୟିତ୍ୱ ବହନ କରିଛି, ତାହା ବିରାଟ ଏବଂ ପ୍ରଶଂସନୀୟ। ଓଡ଼ିଶାର ପାରମ୍ପରିକ କାରିଗରୀ ବିଦ୍ୟାକୁ ବଞ୍ଚାଇ ରଖିବା ପାଇଁ ଉକ୍ତ ସମିତି ଅଦମ୍ୟ ଚେଷ୍ଟା କରୁଛି। ସୁଖର କଥା ଯେ ପ୍ରଗାଢ଼ ଉଦ୍ୟମ ଫଳରେ ଉକ୍ତ ସମିତିର କାର୍ଯ୍ୟକଳାପ ଦେଶ ତଥା ବିଦେଶରେ ସୁପରିଚିତ ହୋଇପାରିଛି। ବର୍ତ୍ତମାନ ଉକ୍ତ ସମିତି ଯେଉଁସବୁ ଦ୍ରବ୍ୟ ଉତ୍ପନ୍ନ କରୁଛି, ତାହା ନିଖିଳଭାରତୀୟ ଭାରତୀୟ ହସ୍ତଶିଳ୍ପ ଓ ତନ୍ତୁବାୟ ରପ୍ତାନୀ କର୍ପୋରେସନ ଲିମିଟେଡ୍, ଓଡ଼ିଶା ହସ୍ତଶିଳ୍ପ ସମବାୟ କର୍ପୋରେସନ ଓ ବମ୍ବେସ୍ଥିତ କଳା ଓ ଶିଳ୍ପ ଅନୁଷ୍ଠାନ ଜରିଆରେ ବିଭିନ୍ନ ସ୍ଥାନକୁ ରପ୍ତାନୀ ହେବାକୁ ଆରମ୍ଭ କଲାଣି। ଏହି ସମିତିର କେତେକ ଉଲ୍ଲେଖ ଯୋଗ୍ୟ ଜିନିଷ ଯଥା—ଲାଖ, ବାଉଁଶ ପେଡ଼ି, ବିଭିନ୍ନ ରଙ୍ଗର ମାଛି, କାନଫୁଲ, ଚୁଡ଼ି, ପ୍ରତିମା, ପେପର ଓଏଟ୍, ଆସ୍‌ଟ୍ରେ ପ୍ରଭୃତି ବିଦେଶୀ ବଜାରରେ ଯଥେଷ୍ଟ ସ୍ପୃହିଦା ରହିଛି।

ଏହି ସମିତିରେ ବର୍ଷକୁ ପ୍ରାୟ ୪୦ ହଜାର ଟଙ୍କା ମୂଲ୍ୟର ଜିନିଷ ଉତ୍ପାଦିତ ହେଉଛି। ସମିତିର ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଦେଶ ତଥା ବିଦେଶରେ ବହୁ ସଂଗ୍ରହାଳୟ, ଏମ୍ପୋରିୟମ୍ ତଥା ପ୍ରଦର୍ଶନୀଗୁଡ଼ିକରେ ସ୍ଥାନ ପାଇଛି।

କହିବା ବାହୁଲ୍ୟ ଯେ, ଏହି ସମିତିର ଜଣେ ଶିଳ୍ପୀ ଶ୍ରୀମତୀ ନିଶାମଣି ବେହେରା ତାଙ୍କର ଶିଳ୍ପ କୁଶଳତା ନିମନ୍ତେ ଶ୍ରେଷ୍ଠ ଶିଳ୍ପୀ ରୂପେ ୧୯୬୭ ମସିହାରେ ଜାତୀୟ ପୁରସ୍କାର ଲାଭ କରିଥିଲେ। ଶ୍ରୀମତୀ ବେହେରାଙ୍କ ଦ୍ୱାରା ଲାଖ ନିର୍ମିତ ପେଡ଼ି ଲୋକ ଢାଞ୍ଚା (ଫେକ୍ ପ୍ୟାଟର୍ଣ୍ଣ) ରେ ସୁସଜ୍ଜିତ ହୋଇଥିବାରୁ ସେ ଉକ୍ତ ପୁରସ୍କାରର ଅଧିକାରିଣୀ ହୋଇପାରିଥିଲେ। ଉକ୍ତ ସମିତିର ପରିଚାଳକ ଶ୍ରୀ ବନମାଳୀ ବେହେରା ମଧ୍ୟ ଜଣେ କୁଶଳୀ ହସ୍ତଶିଳ୍ପ କାରିଗର। ୧୯୬୧ ମସିହା ଜାତୀୟ ପୁରସ୍କାର ପ୍ରତିଯୋଗିତା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବଛା ଯାଇଥିବା ୧୦ ଜଣ କୃତୀ ହସ୍ତଶିଳ୍ପ କାରିଗରଙ୍କ ମଧ୍ୟରେ ଶ୍ରୀ ବେହେରା ଅନ୍ୟତମ ଥିଲେ।

# ସଞ୍ଚୟ ଆଭିମୁଖ୍ୟ ବୃଦ୍ଧି ପାଇବା ଉଚିତ

## ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ କେନ୍ଦ୍ର ଯୋଜନା ମନ୍ତ୍ରୀ ଶ୍ରୀ ସି. ସୁବ୍ରମନ୍ୟମଙ୍କ ଅଭିଭାଷଣରୁ ଉଦ୍ଧୃତ

ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ବିଶ୍ୱ ସଞ୍ଚୟ ଦିବସ ପାଳିତ ହୋଇଥାଏ । ୧୯୭୧ ମସିହାରେ ମଧ୍ୟ ସାରା ବିଶ୍ୱରେ ସଞ୍ଚୟ ଦିବସ'ର' ୪୭ତମ ବାର୍ଷିକୋତ୍ସବ ପାଳିତ ହେବାକୁ ଯାଉଛି । ଲୋକଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତିକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଥମତଃ ବିଭିନ୍ନ ବ୍ୟାଙ୍କ ଓ ସଞ୍ଚୟ ସଙ୍ଗଠନମାନ ସେମାନଙ୍କର ବ୍ୟବସାୟ ଦୃଷ୍ଟିକୋଣରୁ ସଂଚୟ ଆନ୍ଦୋଳନ ଆରମ୍ଭ କରିଥିଲେ । ବର୍ତ୍ତମାନ ଦେଶରେ ସର୍ବତ୍ର ଏହି ଆନ୍ଦୋଳନର ପ୍ରସାର ଘଟିବା ସଙ୍ଗେ ସଙ୍ଗେ ଜନ ସାଧାରଣଙ୍କ ଦୃଷ୍ଟି ଏଦିଗକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ସରକାର ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି ।

ଆମ ଦେଶରେ ମଧ୍ୟ ନଭେମ୍ବର ମାସ ପ୍ରଥମ ପକ୍ଷକୁ ସଞ୍ଚୟ ପକ୍ଷ ରୂପେ ପାଳନ କରାଯାଉଛି । ବିଭିନ୍ନ ଶ୍ରେଣୀ ତଥା ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କ ନିକଟରେ ସଂଚୟ ଅଭିଯାନର ବାର୍ତ୍ତା ପହଞ୍ଚାଇବା ଅଭିପ୍ରାୟରେ ବହୁ ନୀତି ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

ସଞ୍ଚୟ ଅଭିଯାନ ମାଧ୍ୟମରେ ଆମ୍ଭମାନଙ୍କର ସମ୍ବଳ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ହେବ । ଆୟବୃଦ୍ଧି ହାର ଅର୍ଥ ବିନିଯୋଗ ହାର ଓ ତଦନୁଯାୟୀ ସଞ୍ଚୟ ହାର ମଧ୍ୟରେ ନିବିଡ଼ ସଂପର୍କ ରହିଛି । ଦେଶମଧ୍ୟରୁ କିମ୍ବା ବିଦେଶୀ ସମ୍ବଳରୁ ମଧ୍ୟ ସଞ୍ଚୟ ବୃଦ୍ଧି କରାଯାଇ ପାରିବ । ବିଭିନ୍ନ ଅର୍ଥନୈତିକ ତଥା ରାଜନୈତିକ କାରଣରୁ ବୈଦେଶିକ ସଞ୍ଚୟ ଉପରୁ ନିର୍ଭରଶୀଳତାକୁ ହ୍ରାସ କରିବା ନିମନ୍ତେ ଆମ୍ଭେମାନେ ଯୋଜନା ପ୍ରସ୍ତୁତ କରୁଛୁ । ଆପଣମାନେ ଲକ୍ଷ୍ୟ ରଖିଥିବେ ଯେ ଚତୁର୍ଥ ଯୋଜନା କାଳ ମଧ୍ୟରେ ବୈଦେଶିକ ସାହାଯ୍ୟ ହ୍ରାସ କରିବା, ଋଣଭାର କମାଇବା ଓ ସୁଧ ଦେବା ଦିଗରେ ଯୋଜନା କାଳ ପୂର୍ବ ତୁଳନାରେ ୪ର୍ଥ ଯୋଜନା ଶେଷ ସୁଦ୍ଧା ପ୍ରାୟ ଅର୍ଦ୍ଧକୁ ହ୍ରାସ କରିବା ନିମନ୍ତେ ଏକ ନୀତି ଅନୁସୃତ କରାଯାଉଛି । ବଙ୍ଗଳା ଦେଶ ସମସ୍ୟା, ଆମର ମୁଖ୍ୟ ଋଣଦାତା ଯୁକ୍ତରାଷ୍ଟ୍ର ଆମେରିକା ଠାରୁ ଋଣ ମିଳିବାର ଅନିଶ୍ଚିତତା ଯୋଗୁଁ ଏହି ଋଣ ପୂରଣର ଗୁରୁତ୍ୱ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବିଦେଶରୁ ସାହାଯ୍ୟ ମିଳିବା ଦିଗରେ ଆମର ଆଶା କମିଯାଉଛି ।

ଏହାବ୍ୟତୀତ ଆପଣମାନେ ଲକ୍ଷ୍ୟ କରିଥିବେ ବଙ୍ଗଳାଦେଶ ସମସ୍ୟା ସହିତ ଜଡ଼ିତ ଥିବା ଅପ୍ରତ୍ୟାଶିତ ସମସ୍ୟାଗୁଡ଼ିକ ଫଳରେ ଆମର ବିକାଶମୂଳକ କାର୍ଯ୍ୟ ନିମନ୍ତେ ରଖାଯାଇଥିବା ଅର୍ଥ ଗୋଟିଏ ଯୋଜନାରୁ ଅନ୍ୟ ଯୋଜନାକୁ ଚାଲିଯାଉଛି । ବିନିଯୋଗ ନିମନ୍ତେ ଅର୍ଥର ଆବଶ୍ୟକତା ସେହିଭଳି ବୃଦ୍ଧି ପାଉଥିବାରେ ଲାଗିଛି । ୪ର୍ଥ ଯୋଜନାର ସମୁଦାୟ ଅର୍ଥ ବରାଦର ପରିମାଣ ୧ମ ଯୋଜନାର ପ୍ରାୟ ଆଠଗୁଣ । ଚଳିତ ବର୍ଷର ବାର୍ଷିକ ଯୋଜନା ଖର୍ଚ୍ଚ ୧ମ ଯୋଜନାର ସମୁଦାୟ ଅର୍ଥ ବରାଦ ଅପେକ୍ଷା କିଛି ବେଶୀ । ବିଭିନ୍ନ କାର୍ଯ୍ୟପାଇଁ ଓ ବିଭିନ୍ନ ଅଞ୍ଚଳ ପାଇଁ କିପରି ଏହି ସମସ୍ତ ଅର୍ଥ ବଣ୍ଟାଯାଇ ପାରିବ ସେ ସଂକ୍ରାନ୍ତରେ ବିଭିନ୍ନ ମତପୋଷଣ କରାଯାଉଥିଲେହେଁ ଅନ୍ୟ ଦିଗରେ ଆମର ସଂପ୍ରତିକ ଆୟସ୍ତର, ଜନସଂଖ୍ୟା ବୃଦ୍ଧି ଓ ବିକାଶମୂଳକ କାର୍ଯ୍ୟପାଇଁ ଅର୍ଥ ବରାଦ ଯେ ବୃଦ୍ଧି ପାଉଥିବାରେ ଲାଗିଛି ସେ ସଂପର୍କରେ ଗୁରୁତ୍ୱର ସହିତ ଆଲୋଚନା କରାଯାଉ ନାହିଁ । ସଂପ୍ରତିକ ଆୟ ବୃଦ୍ଧି କରିବା ଓ ବିଭିନ୍ନ ଦିଗରେ ବିକାଶ-ମୂଳକ କାର୍ଯ୍ୟ ପାଇଁ ଅର୍ଥ ବରାଦ ବୃଦ୍ଧି କରିବା ପାଇଁ ଅସନ୍ତୋଷ ବଢ଼ି ଚାଲିଛି । ଯୋଜନା କମିସନର ଉପାଧ୍ୟକ୍ଷ ରୂପେ ମୁଁ ପ୍ରାୟ ପ୍ରତ୍ୟେକ ଦିନ ଗୋଟିଏ ସମସ୍ୟାର ସମ୍ମୁଖୀନ ହେଉଛି, ତାହା ହେଉଛି କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନେ ଯଥେଷ୍ଟ

...ମାଣର ଅଧିକ ସନ୍ତ୍ର ଦିଅନ୍ତୁ ।

ଏହି ସମସ୍ୟା କେବଳ ଆମର ୩ଗୋଟି ପ୍ରଧାନ ସଞ୍ଚୟ ...ଗୁଡ଼ିକର ଉପାୟ ଦ୍ୱାରା ପୂରଣ କରାଯାଇ ପାରିବ । ସେ ଗୁଡ଼ିକ ...ଲା ଟିକସ ଆଦାୟ, ଋଣ ଓ ସ୍ୱଳ୍ପ ସଞ୍ଚୟ । କେତେକ ମତରେ ...ରିଥିବା ଅର୍ଥ କରାଦକୁ ଅଧିକ ସମ୍ପଦ ସଂଗ୍ରହ ରୂପେ ଗଣା ...ଯାଏ ମାତ୍ର ଏ ସଂପର୍କରେ ଭଲ୍ଭାବେ ପର୍ଯ୍ୟାଲୋଚନା କଲେ ...ଯିବ ସେ ଦେଶରେ ଅଧିକ ସଞ୍ଚୟ ବ୍ୟତୀତ ଅନ୍ୟଗତି ...ହିଁ ।

ଦେଶରେ ପ୍ରତିରକ୍ଷା ଓ ବିକାଶମୂଳକ କାର୍ଯ୍ୟ ପାଇଁ ବିପୁଳ ...ମାଣର ଅର୍ଥ ଲୋଡ଼ା । ସେ ସବୁ କାର୍ଯ୍ୟପାଇଁ ସରକାରଙ୍କୁ ...ଧିକ ଟିକସ ଓ ଅଧିକ ସଞ୍ଚୟ ମଧ୍ୟରୁ ଗୋଟିକୁ ବାଛି ନେବାକୁ ...ଡ଼ିବ । ଟିକସ ସାଧାରଣତଃ ବାଧ୍ୟତାମୂଳକ ଭାବେ ଜନ-...ସାଧାରଣଙ୍କଠାରୁ ଆଦାୟ କରାଯାଇଥାଏ ଓ ଏହା ସେମାନଙ୍କୁ ...ଫେରସ୍ତ ଦିଆଯାଇପାରେ ନାହିଁ । ମାତ୍ର ସଞ୍ଚୟ ହେଉଛି ସ୍ୱେଚ୍ଛାକୃତ ... ସେଗୁଡ଼ିକ ଜନସାଧାରଣଙ୍କୁ ଫେରସ୍ତ ଦିଆଯାଇ ପାରିବ ...ବାର ପ୍ରତିଶ୍ରୁତି ଦିଆଯାଇଥାଏ । ଏହା ନିଶ୍ଚିତ ରୂପେ ଗୁରୁତ୍ୱ-...ପୂର୍ଣ୍ଣ ମାତ୍ର ଆମ ଦେଶର ଗ୍ରାମ୍ୟ ଅର୍ଥନୀତି ସାଧାରଣବିଶାର ...ଥିବାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଟିକସ ବିଶେଷ ଭାବେ ...ଫଳପ୍ରଦ ହୋଇ ପାରିବ ନାହିଁ । ଆମଦେଶର ଶତକଡ଼ା ୭୫ ...ଭାଗ ଲୋକ ନିଜର କ୍ଷେତରେ କାମ କରିଥାନ୍ତି । ସେମାନେ କ୍ଷେତରୁ ...ଯାହା ଅର୍ଜ୍ଜନ କରନ୍ତି ତାହା ଉପରେ ସାଧାରଣତଃ ଟିକସ ପଡ଼େ ...ନାହିଁ । ସୁତରାଂ ସ୍ୱେଚ୍ଛାକୃତ ଭାବରେ ସେମାନେ କିଛି ସଞ୍ଚୟ ...କରିପାରିବେ ଓ ତଦ୍ୱାରା ସରକାରୀ ଉଦ୍ୟୋଗରେ ତାହା ବିନିଯୋଗ ...କରାଯାଇ ପାରିବ । ସେହିଭଳି ଗ୍ରାମାଞ୍ଚଳ ଗୁଡ଼ିକରେ ଅନେକ ...ଛୋଟ ଛୋଟ ବ୍ୟବସାୟୀ, କାରିଗର ରହିଛନ୍ତି, ସେମାନଙ୍କର ...ଆୟ ଅପେକ୍ଷାକୃତ କମ୍ ଓ ସେମାନଙ୍କର ସଞ୍ଚୟ କରିବାର କ୍ଷମତା ...ମଧ୍ୟ କମ୍ । ସେମାନେ ଜିନିଷପତ୍ର ଉପରେ ଟିକସ ଆକାରରେ ...କିଛି ଦେଇଥାନ୍ତି । ସେମାନଙ୍କ ନିକଟରେ ଯଦି ସଞ୍ଚୟ ସଂପର୍କରେ ...କୌଣସି ତଥ୍ୟ ପହଞ୍ଚାଇ ଦିଆଯାଇ ପାରିବ, ତେବେ ତାହା ...ଅଳ୍ପ ପରିମାଣରେ ହେଲେ ମଧ୍ୟ ସେଥିରୁ ଯେ ବହୁପରିମାଣର ...ଅର୍ଥ ସଂଗୃହୀତ ହୋଇ ପାରିବ ଏଥିରେ କୌଣସି ସନ୍ଦେହ ନାହିଁ ... ସଂପର୍କରେ କିମ୍ୟୁଲେଟିଭ୍ ଟାଇମ୍ ଡିପୋଜିଟ୍, ଡାକଘର ...ସେଭିଂସ୍ ଆକାଉଣ୍ଟ, ବେତନ ସଞ୍ଚୟ ପରିକଳ୍ପନା ପ୍ରଭୃତି ଉଲ୍ଲେଖ ...ଯୋଗ୍ୟ ।

ଏହିସବୁ ପରିକଳ୍ପନା ଅନୁଯାୟୀ ସମୁଦାୟ କେତେ ପରିମାଣର ଅର୍ଥ ସଂଗୃହୀତ ହୋଇଅଛି ତାହାର ଏକ ସବିଶେଷ ବିବରଣୀ ଜାତୀୟ ସଞ୍ଚୟ ସଂଗଠନର ଏକ ପୁସ୍ତିକାରେ ପ୍ରକାଶିତ ହୋଇଛି ଓ ସେ ସଂପର୍କରେ ମୁଁ ଏଠାରେ ପୁନରାବୃତ୍ତି କରିବାକୁ ଚାହୁଁ-ନାହିଁ । ଏ ଦିଗରେ କରାଯାଇଥିବା ଯୋଜନାକୁ ଲକ୍ଷ୍ୟ ରଖି ଯେଉଁ ପରିମାଣରେ ଅର୍ଥ ସଂଗୃହୀତ ହୋଇଛି ତାହା ସନ୍ତୋଷଜନକ । ଏ ସଂକ୍ରାନ୍ତରେ ମୋର ସହକର୍ମୀ ଶ୍ରୀମତୀ ସେହ୍‌ଗାଲ ଓ ତାଙ୍କର କର୍ମୀମାନଙ୍କର ଉଦ୍ୟମ ପ୍ରଶଂସନୀୟ । ବ୍ୟକ୍ତି ବିଶେଷଙ୍କର କିପରି କିପରି ଭାବେ ସଞ୍ଚୟ ମନୋଭାବ ବୃଦ୍ଧି କରାଯାଇ ପାରିବ ତାହା ହେଉଛି ମୁଖ୍ୟ ସମସ୍ୟା । ସରକାରୀ ଉଦ୍ୟୋଗରେ ବିଭିନ୍ନ ଅନୁଷ୍ଠାନ ବା ସଂଗଠନ କରିଥାରେ ଯେଉଁ ପରିମାଣରେ ଅର୍ଥ ସଂଗୃହୀତ ହୋଇପାରିବ ତାହା ଅପେକ୍ଷା ବ୍ୟକ୍ତି ବିଶେଷଙ୍କର ସଞ୍ଚୟ ମନୋଭାବଦ୍ୱାରା ଯେ ଅଧିକ ସଞ୍ଚୟ କରାଯାଇ ପାରିବ ଏଥିରେ ସନ୍ଦେହ ନାହିଁ । କେଉଁ ଉପାୟରେ ଅଧିକ ଟଙ୍କା ସଂଗୃହୀତ ହୋଇ ପାରିବ ଓ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନ କିଭଳି ଭାବେ କାର୍ଯ୍ୟକାରୀ ହେଉଛି ତାହାର ଏକ ତୁଳନାତ୍ମକ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ଆପଣମାନେ ଅବଗତ ଅଛନ୍ତି ଯେ ଚତୁର୍ଥ ଯୋଜନା କାଳର ମଧ୍ୟବର୍ତ୍ତୀକାଳୀନ ମୂଲ୍ୟାଙ୍କନ ବର୍ତ୍ତମାନ ଆରମ୍ଭ ହୋଇଛି । ଏହାର ମୂଲ୍ୟାଙ୍କନ ନିମନ୍ତେ ସମ୍ପଦ ସଂଗ୍ରହ ଉଦ୍ୟମର ବିଶେଷ ପ୍ରୟୋଜନୀୟତା ରହିଛି । ଯଦିଓ ମୁଁ ଆପଣମାନଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥର ହିସାବ ବର୍ତ୍ତମାନ ଦେଇପାରୁ ନାହିଁ, ତେବେ ଏହାର ଆବଶ୍ୟକତା ଯେ ବିଶେଷ ରହିଛି, ତାହା କହିବା ନିଷ୍ପ୍ରୟୋଜନ ।

ଏ ସଂକ୍ରାନ୍ତରେ ମୁଁ ନିମ୍ନୋକ୍ତ କେତେକ ବିଷୟବସ୍ତୁ ପ୍ରତି ଆପଣ-ମାନଙ୍କ ଦୃଷ୍ଟି ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ଏ ସଂପର୍କରେ ଆପଣ-ମାନଙ୍କର ମତାମତ ମୁଁ ଆହ୍ୱାନ କରୁଛି ।

(କ) ଅର୍ଥ ବିନିଯୋଗକୁ ବୃଦ୍ଧି କରିବା ଓ ମୁଦ୍ରାସ୍ଫୀତି ରୋକିବାର ଆବଶ୍ୟକତା ଦୃଷ୍ଟିରୁ ଦେଶର ହାରାହାରି ଆୟ ଠାରୁ ଅଧିକ ଆୟସଂପନ୍ନ ବ୍ୟକ୍ତିଙ୍କ ପ୍ରତି କେତେକ ପରିମାଣରେ ବାଧ୍ୟତାମୂଳକ ସଞ୍ଚୟ ପ୍ରବର୍ତ୍ତନ କରିବା କେତେଦୂର ସମୀଚୀନ ଯଦି ଏହା ହୁଏ ତେବେ ଏହି ବାଧ୍ୟତାମୂଳକ ସଞ୍ଚୟ ଓ ଏ ପ୍ରସଙ୍ଗରେ ଯେଉଁ ଅସୁବିଧା ଉପୁଜିବ ତାହାର ସୁରକ୍ଷା ନିମନ୍ତେ କେଉଁ ଧରଣର ନୀତି ନିୟମ ଅନୁସୃତ ହେବ ?

(ଖ) ଅଧିକ ଅମଳକ୍ଷମ ଫସଲ ଯୋଗୁଁ ଗ୍ରାମାଞ୍ଚଳରେ ଅର୍ଥନୈତିକ ବିକାଶ ଘଟିଛି, ମାତ୍ର ବହୁ କାରଣରୁ ଏହା ଉପରେ ଟିକସ ଧାର୍ଯ୍ୟ କରାଯାଇ ପାରୁ ନାହିଁ। ଆମର ସଞ୍ଚୟ ସଂଗ୍ରହକୁ ବଢ଼ାଇବା ପାଇଁ ଅନ୍ତତଃ ପକ୍ଷେ ଏହି ବଳକା ଆୟରୁ କିଛି ଅଂଶ ଉପରେ ଟିକସ ଧାର୍ଯ୍ୟ କରିବା ପାଇଁ କେଉଁ ଉପାୟ ଅବଲମ୍ବନ କରାଯାଇ ପାରିବ ? ଏ ଦିଗରେ ଜାତୀୟକରଣ କରାଯାଇ ଥିବା କମର୍ସିଆଲ ବ୍ୟାଙ୍କ, ଜୀବନବୀମା କର୍ପୋରେସନ ତଥା ଅନୁରୂପ ଅର୍ଥ ଯୋଗାଣ ସଂସ୍ଥାର ଭୂମିକା କ'ଣ ହୋଇ ପାରେ ଓ ଆଗାମୀ କେତେବର୍ଷ ନିମନ୍ତେ କେଉଁ ପରିମାଣର ଅର୍ଥ ସଞ୍ଚୟ ନିମନ୍ତେ ଲକ୍ଷ୍ୟ ରଖା ଯାଇପାରେ ?

(ଗ) ସଞ୍ଚୟ ପରିକଳ୍ପନା ଅନୁଯାୟୀ ଯେଉଁ ପରିମାଣର ସୁଧର ହାର ଦିଆଯାଉଛି ତାକୁ ପରିବର୍ତ୍ତନ କରିବା ଦିଗରେ ଆମର ଗ୍ରାମ ତଥା ସହରାଞ୍ଚଳର ସଞ୍ଚୟକାରୀମାନେ କେତେଦୂର ସଚେତନ ରହିଛନ୍ତି। ବିଭିନ୍ନ ପ୍ରକାରର ଅମାନତ ଟଙ୍କା ପାଇଁ କେଉଁ ପ୍ରକାରର ସୁଧର ହାର ହେବା ଉଚିତ, ଯାହା ଫଳରେ ବେସରକାରୀ ସ୍ତରରୁ ପୂର୍ଣ୍ଣ ପ୍ରାଣରେ ସଞ୍ଚୟ ମନୋଭାବ ସୃଷ୍ଟି ହୋଇପାରିବ ଏବଂ ଅର୍ଥ ଦେଶର ବିଭିନ୍ନ କାର୍ଯ୍ୟରେ ସହାୟକ ହେବ।

(ଘ) କୌଣସି ଅଞ୍ଚଳରୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସଂଗ୍ରହ କରି ସେହି ଅଞ୍ଚଳର ବିକାଶ ନିମନ୍ତେ ବ୍ୟୟ କରାଯିବାର ପ୍ରତିଶ୍ରୁତି ଦେଲେ ଏହି ଆନ୍ଦୋଳନ କରିଆରେ ବହୁ ଅର୍ଥ ସଂଗୃହୀତ ହୋଇ ପାରିବ କି ? ଏହିଭଳି ବିକେନ୍ଦ୍ରୀଭୂତ ଅର୍ଥ ସଂଗ୍ରହ ଓ ତାହାର ବିନିଯୋଗ ଫଳରେ ସମଗ୍ର ଅଭିଯାନ ଏକ ଶୀର୍ଷସ୍ଥାନରେ ପହଂଚି ପାରିବ କି ?

(ଙ) ଯେଉଁ ଗୋଷ୍ଠୀ ସରକାରୀ ସଞ୍ଚୟ ପରିକଳ୍ପନାଗୁଡ଼ିକରେ ଅର୍ଥ ବିନିଯୋଗ କରିବାକୁ ଦ୍ୱିଧା ପ୍ରକାଶ କରୁଛନ୍ତି, ସେମାନଙ୍କର ଅର୍ଥ କିଭଳି ବିନିଯୋଗ ହେଉଛି ଓ କେଉଁ ଉଦ୍ଦେଶ୍ୟରେ ବିନିଯୋଗ ହେଉଛି ସେ ସବୁ ଦିଗରେ ସେମାନଙ୍କୁ ଅବହିତ କରାଗଲେ ଅନ୍ତତଃ ପକ୍ଷେ ସେମାନେ ସରକାରୀ ସଞ୍ଚୟ ପରିକଳ୍ପନାରେ ଅର୍ଥ ବିନିଯୋଗ କରିବାରେ ଇଚ୍ଛା ପ୍ରକାଶ କରନ୍ତେ। ଜନସାଧାରଣଙ୍କ ମନରେ ଏକ ଧାରଣା ଉପୁଜିଛି ଯେ ସରକାରଙ୍କ ନିକଟରେ ଅର୍ଥ ବିନିଯୋଗ କରିବାର ଅର୍ଥ, ନିଜ ଧନର ଅପଚୟ ଘଟିବା ଓ ସେଗୁଡ଼ିକ ଅଦରକାରୀ ହୋଇଥାଏ। ତେଣୁ ସଞ୍ଚୟ ବାବଦ ସଂଗୃହୀତ ଅର୍ଥ ସରକାରୀ ସ୍ତରରେ ସଂରକ୍ଷିତ ହୋଇ ରହିବା ଉଚିତ। ସରକାରୀ ଯୋଜନାଗୁଡ଼ିକ ଯେପରି ଭାବେ ପରିଶୃଙ୍ଖଳିତ ହୋଇ ପାରିବ, ସେଥିପାଇଁ ବିଶେଷ ଧ୍ୟାନ ଦିଆଯାଉଛି। କେତେକ ଦକ୍ଷ ଇଂଜିନିୟର, ମ୍ୟାନେଜର ଓ ଅନ୍ୟ କେତେଜଣଙ୍କୁ ନେଇ କେତେକ ବୃହତ୍ ସରକାରୀ ଶିଳ୍ପାନୁଷ୍ଠାନ କାର୍ଯ୍ୟ ସଂପର୍କରେ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେହି ସଂସ୍ଥା ଗୁଡ଼ିକର କାର୍ଯ୍ୟବିଧି କିଭଳି ବୃଦ୍ଧି ପାଇବ ତାହାର ବ୍ୟବସ୍ଥା ସୁପାରିଶ କରିବା ନିମନ୍ତେ ଏକ ନୀତି ନିୟମ ସଂପର୍କରେ ବର୍ତ୍ତମାନ ଚିନ୍ତା କରାଯାଉଛି । ଆମେ ଆଶା କରୁଛୁ ଯେ ଏହି ଉଦ୍ୟମ ଫଳରେ ବର୍ତ୍ତମାନ ଅନୁସୃତ ହେଉଥିବା ବିଭିନ୍ନ ନୀତିନିୟମରେ ଯେଉଁ ସବୁ ବ୍ୟବଧାନ ଓ ତ୍ରୁଟି ପରିଲକ୍ଷିତ ହେଉଛି ସେଗୁଡ଼ିକ ଦୂରୀଭୂତ ହେବା ସଙ୍ଗେ ସଙ୍ଗେ ଏହି ସରକାରୀ ଶିଳ୍ପସଂସ୍ଥାଗୁଡ଼ିକ କିପରି ଦକ୍ଷତାର ସହିତ କାର୍ଯ୍ୟ କରିପାରିବେ ସେଥିନିମନ୍ତେ ପାଥେୟ ଯୋଗାଇବ।

ଏହି ଭଳି କେତେକ ପ୍ରଶ୍ନ ସଂପର୍କରେ ମୁଁ ଯାହା ଚିନ୍ତା କରିଥିଲି ତାହା ଏହି ଅବସରରେ ଆପଣମାନଙ୍କ ଆଲୋଚନା ନିମନ୍ତେ ରଖୁଛି। ଅର୍ଥନୈତିକ ଯୋଜନା କ୍ଷେତ୍ରରେ ଏ ବିଶ୍ୱବିଦ୍ୟାଳୟର ରହିଥିବା ଖ୍ୟାତି ସଂପର୍କରେ ମୁଁ ସଚେତନ ରହିଛି । ଏହି ବିଶ୍ୱବିଦ୍ୟାଳୟର କେତେକ କୃତୀ ଛାତ୍ର ଆଜିର ଯୋଜନା କମିଶନରେ ଅଂଶ ଗ୍ରହଣ କରିଛନ୍ତି । ତେଣୁ ଏହି ସବୁ ବିଷୟଗୁଡ଼ିକ ସଂପର୍କରେ ଆଲୋକପାତ କରିବା ପାଇଁ ମୁଁ ଆପଣମାନଙ୍କ ନିକଟରେ ଉପସ୍ଥାପିତ କରୁଛି। ବର୍ତ୍ତମାନର ଏ ସନ୍ଧିସନ୍ଧି ବେଳେ ଯେତେବେଳେ ଉଭୟ ବିକାଶମୂଳକ କାର୍ଯ୍ୟ ଓ ପ୍ରତିରକ୍ଷା କାର୍ଯ୍ୟ ପାଇଁ ବହୁ ଅର୍ଥ ଆବଶ୍ୟକ, ସେତେବେଳେ ଏହି କାର୍ଯ୍ୟପାଇଁ ଅଧିକ ସମ୍ବଳ ସଂଗ୍ରହର ଉଦ୍ୟମ ପାଇଁ ଆମକୁ ଉପାୟ ସ୍ଥିର କରିବାକୁ ପଡ଼ିବ। ଆଜି ଆମର ଦୁର୍ଦ୍ଦିନରେ ଆମେମାନେ ଆପଣମାନଙ୍କର ଯୋଜନା ସଂସଦରୁ ଆଶାତୀତ ସାହାଯ୍ୟ ଓ ସହଯୋଗ ପାଇବୁ ବୋଲି ମୁଁ ଆଶା କରୁଛି।

---

# ହରିଶଙ୍କର

ହରିଶଙ୍କର ଏକ ତୀର୍ଥସ୍ଥାନ ଭାବରେ ପ୍ରସିଦ୍ଧି ଲାଭ କରିଛି। ପ୍ରତ୍ୟେକ ତୀର୍ଥସ୍ଥାନ ମଧ୍ୟରେ ପ୍ରକାର ଭେଦରେ ବିଶେଷତ୍ୱ ରହିଥାଏ। ହରିଶଙ୍କର ତୀର୍ଥସ୍ଥାନ ଭାବରେ ସ୍ୱୀକୃତି ଲାଭ କରିଥିଲେ ହେଁ ଏହା ଏକ ରମଣୀୟ ଏବଂ ସ୍ୱାସ୍ଥ୍ୟକର ସ୍ଥାନରୂପେ ପରିଗଣିତ। ତେଣୁ ହରିଶଙ୍କ ର ପ୍ରତି ଦେଶବିଦେଶର ବହୁ ଦର୍ଶନାଭିଳାଷୀ ତଥା ସ୍ଥାନୀୟ ଧାର୍ମିକ ଜନସାଧାରଣ ବିଶେଷଭାବରେ ଆକୃଷ୍ଟ ହୋଇଥାନ୍ତି। କ୍ରମପରିମାଣରେ ଏହାର ପ୍ରାଧାନ୍ୟ ବିପୁଳ ବିଶ୍ୱାସ ନେଇ ବୃଦ୍ଧି ଲାଭ କରିଛି। ତେଣୁ ଏହାର ପରିପୂର୍ଣ୍ଣ ବିକାଶ ସକାଶେ ଯଥାସାଧ୍ୟ ଉଦ୍ୟମ ହୋଇଆସିଛି। ବର୍ତ୍ତମାନ ସରକାରୀ ସ୍ତରରେ ଏହି ସ୍ଥାନର ସର୍ବବିଧ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

ହରିଶଙ୍କର ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ସବ୍‌ଡ଼ିଭିଜନ ଅନ୍ତର୍ଗତ ଖପ୍ରାଖୋଲ ପଞ୍ଚାୟତ ସମିତି ମଧ୍ୟରେ ପୁରାଣପ୍ରସିଦ୍ଧ ତଥା ଐତିହାସିକ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ। ଏହି ପର୍ବତ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ସୀମାରେଖା ଭାବରେ ପୂର୍ବ-ପଶ୍ଚିମ ଆଡ଼କୁ ବହୁ ମାଇଲବ୍ୟାପୀ ବିସ୍ତୃତ ହୋଇ ରହିଛି। ପର୍ବତର ଦକ୍ଷିଣ ପାର୍ଶ୍ୱରେ ହରିଶଙ୍କର ସ୍ୱୀୟ କୀର୍ତ୍ତି ସମ୍ଭାର ମଧ୍ୟରେ ପ୍ରତିଷ୍ଠିତ ଥିଲାବେଳେ ଏହାର ଅପର ପାର୍ଶ୍ୱରେ ସମ୍ବଲପୁର ଜିଲ୍ଲା ମଧ୍ୟରେ ସ୍ୱକୀୟ ଗୌରବଗରିମା ନେଇ ପ୍ରତିଷ୍ଠିତ ପ୍ରଖ୍ୟାତ ନୃସିଂହନାଥ ମନ୍ଦିର। ପ୍ରକୃତିର ମନମତାଣିଆ ଅନୁପମ ସୌନ୍ଦର୍ଯ୍ୟ ଓ ବନଶ୍ରୀଭରା ସମ୍ପଦ ମଧ୍ୟରେ ଗନ୍ଧମାର୍ଦ୍ଦନ ପରି ଏକ ବିରାଟ ପର୍ବତର ଗୋଟିଏ ଦିଗରେ ଶିବ ଓ ବିଷ୍ଣୁଙ୍କର ମିଳନସ୍ଥଳ ହରିଶଙ୍କର ଓ ଅନ୍ୟ ଦିଗରେ ନୃସିଂହନାଥ ମନ୍ଦିର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ। ଐତିହାସିକ ଦୃଷ୍ଟିକୋଣରୁ ପ୍ରାଚୀନ କଳାସଂସ୍କୃତି, ଆସ୍ଥରବିସ୍ତର, ଇତିହାସ ଅଥବା ସଭ୍ୟତାର ମାପକାଠି ଭାବରେ ଏହା ବିଶେଷଭାବରେ ମଧ୍ୟ ଅର୍ଥପୂର୍ଣ୍ଣ। ଓଡ଼ିଶା ରାଜ୍ୟ ଯୁଗ ଯୁଗ-ବ୍ୟାପୀ ପ୍ରତ୍ୟେକ କ୍ଷେତ୍ରରେ କିପରି କୀର୍ତ୍ତି ପୁଣ୍ୟ ଅର୍ଜନ କରିଥିଲା ତାହାର ନିଦର୍ଶନ ଭାବରେ ହରିଶଙ୍କର ପରି ଅନେକ ଗୌରବମୟ ସ୍ଥାନ ପରିପୂର୍ଣ୍ଣ ଭାବରେ ଅଥବା ତାହାର ଭଗ୍ନାଂଶ ଧରି ଏବେ ମଧ୍ୟ ତିଷ୍ଠି ରହିଛି।

ବଲାଙ୍ଗୀର ସହରଠାରୁ ୮୦ କିଲୋମିଟର ଦୂରରେ ଏହାର ଅବସ୍ଥିତି। ବଲାଙ୍ଗୀରଠାରୁ ପାଟଣାଗଡ଼ ଦେଇ ଏକ ପକ୍କା ରାସ୍ତା ହରିଶଙ୍କରକୁ ସଂଯୁକ୍ତ କରୁଛି। ପୂର୍ବେ ଏହି ରାସ୍ତା ବର୍ଷର ଅନେକ ସମୟରେ ଚଳନ ଉପଯୋଗୀ ନଥିଲା। କେତେକ କ୍ଷୁଦ୍ର ନଈ ନାଳ ଉପରେ ପୋଲର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଅନେକ ପୋଲ ନିର୍ମାଣ କରାଯାଇ ରାସ୍ତାର ପୁନର୍ନିର୍ମାଣ

ସୁନ୍ଦର ଭାବରେ କରାଯାଉଛି । ତେଣୁ ବର୍ଷର ସବୁ ସମୟରେ ଯାନବାହନର ଯାତାୟାତ ସୁବିଧା ହେବା ସଙ୍ଗେ ସଙ୍ଗେ ସୁଗମ୍ୟ ତୀର୍ଥ ବା ରମଣୀୟ ସ୍ୱାସ୍ଥ୍ୟକର ସ୍ଥାନ ହିସାବରେ ହରିଶଙ୍କରର ପ୍ରାଧାନ୍ୟ ବୃଦ୍ଧି ପାଇବ ଏବଂ ଏହାଦ୍ୱାରା ଏହି ଅଞ୍ଚଳର ଆର୍ଥିକ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିବ । ଏହା ବ୍ୟତୀତ ରାୟପୁର ଓ ବିଜୟନଗରମକୁ ସଂଯୋଗ କରୁଥିବା ରେଳରାସ୍ତାର ହରିଶଙ୍କର ରୋଡ଼ ରେଲ ଷ୍ଟେସନ୍ ହରିଶଙ୍କରଠାରୁ ମାତ୍ର ୩୨ କିଲୋମିଟର ଦୂର । ହରିଶଙ୍କର ରୋଡ଼ ବା ଲାଠୋରଠାରୁ ଏକ ପକ୍କା ରାସ୍ତା ହରିଶଙ୍କରକୁ ମଧ୍ୟ ସଂଯୋଗ କରୁଛି ।

ଗନ୍ଧମାର୍ଦନ ପର୍ବତର ଦୁଇ ବିପରୀତ ପାର୍ଶ୍ୱରେ ହରିଶଙ୍କର ଓ ନୃସିଂହନାଥ ନିଜ ନିଜର ମହିମାରେ ଅବସ୍ଥିତ ରହିଥିଲେ ମଧ୍ୟ ଏହି ଦୁଇ ସ୍ଥାନର ପୌରାଣିକ ଅଥବା ଆଧ୍ୟାତ୍ମିକ ଓ ସାମାଜିକ ଚିନ୍ତାଧାରାରେ ବହୁ ମୌଳିକ ବିଶେଷତ୍ୱ ରହିଛି । ଦୁଇ ବିପରୀତ ଧର୍ମସ୍ଥାନ, ସ୍ଥାନର ମାହାତ୍ମ୍ୟ କିମ୍ବା ଆଦର୍ଶ ଅଥବା ବହୁ କର୍ମଧାରାର ଆପାତ ପାର୍ଥକ୍ୟ ଭିତରେ ଐକ୍ୟ ପ୍ରତିଷ୍ଠା କରି ଏକ ନୂତନ ରୂପରେଖରେ ସ୍ୱତନ୍ତ୍ର ବିଶ୍ୱଦର୍ଶନ ସୃଷ୍ଟି କରିବା ହେଉଛି ଏ ଦେଶ ବା ଜାତିର ପରମ୍ପରା । ଏହାହିଁ ଘଟିଛି ଗନ୍ଧମାର୍ଦନର ହରିଶଙ୍କର ଓ ନୃସିଂହନାଥଠାରେ । ନୃସିଂହନାଥଠାରୁ ହରିଶଙ୍କର ପର୍ଯ୍ୟନ୍ତ ଗନ୍ଧମାର୍ଦନର ବହୁ ବିପଦସଙ୍କୁଳ ପାର୍ବତ୍ୟ ପଥ ଦେଇ ଧର୍ମ ଅର୍ଜନ କରିବା ଉଦ୍ଦେଶ୍ୟରେ ବହୁ ଲୋକ ଆସିଥାନ୍ତି । ଏହାର ଦୂରତ୍ୱ ୧୬ କିଲୋମିଟର । ନୃସିଂହ ଚତୁର୍ଦ୍ଦଶୀ ଦିନ ଏହି ଦୁର୍ଗମ ଗିରିପଥ ଅତିକ୍ରମ କରି ଯାତ୍ରୀମାନେ ହରିଶଙ୍କରକୁ ଯିବାଆସିବା କରିବା ଦ୍ୱାରା ବହୁ ପୁଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ କରନ୍ତି ।

ଇତିହାସ ବହୁ ଐତିହ୍ୟର ବାହକ; ସତ୍ୟର ପ୍ରାମାଣିକ ଗ୍ରନ୍ଥ ଏବଂ ସଭ୍ୟତାର ନିଦର୍ଶନ । ଗନ୍ଧମାର୍ଦନ ପର୍ବତ-ଶ୍ରେଣୀ ଏହିପରି ଅନେକ ଐତିହାସିକ ସତ୍ୟ ଧରି ରଖିଛି ବୋଲି ମନେ ହୁଏ । କୁହାଯାଏ, ଦ୍ୱିତୀୟ ଶତାବ୍ଦୀରେ ଯେତେବେଳେ ଦକ୍ଷିଣ କୋଶଳ ଅଞ୍ଚଳ ସାତବାହନଙ୍କର ଶାସନାଧୀନ ଥିଲା ସେତେବେଳେ ତତ୍କାଳୀନ ଶାସକ ଗୌତମୀପୁତ୍ର ସାତକର୍ଣ୍ଣି ତାଙ୍କର ଦାର୍ଶନିକ ବନ୍ଧୁ ନାଗାର୍ଜୁନଙ୍କ ପାଇଁ ଗୋଟିଏ ସୁନ୍ଦର ବିହାର ନିର୍ମାଣ କରିଥିଲେ । ତାହା ସେତେବେଳେ "ପୋ. ଲୋ. ମୋ. ଲୋ କଲି" ନାମରେ କଥିତ ହୋଇଥିଲା । କିନ୍ତୁ ତାହା ହୁଏତ ପରିମଳଗିରି ହୋଇଥିବ ବୋଲି ଆଜି ବିଶ୍ୱାସ କରାଯାଉଛି । ଏହି ପୋ. ଲୋ. ମୋ. ଲୋ କଲି ବା ପରିମଳଗିରି ସମ୍ପର୍କରେ ଐତିହାସିକ ଚିନ୍ତାଧାରା ନେଇ ଅନୁଧ୍ୟାନ କଲେ ଗନ୍ଧଗିରି ବା ଗନ୍ଧମାର୍ଦନ ପର୍ବତଶ୍ରେଣୀର ଉଲ୍ଲେଖଯୋଗ୍ୟ ଭୂମିକା ଅନୁମାନ କରିହେବ । ଚୀନ ପରିବ୍ରାଜକ ହୁଏନ୍‌ସାଂ ୭ମ ଶତାବ୍ଦୀରେ ଯେତେବେଳେ ଭାରତ ଭ୍ରମଣରେ ଆସିଥିଲେ ସେତେବେଳେ ଏହି ବିହାର ସମ୍ପର୍କରେ ତାଙ୍କର ବିବରଣୀ ସୁନ୍ଦରଭାବରେ ଲିପିବଦ୍ଧ କରିଯାଇଛନ୍ତି । ଏଠାରେ ଥିବା ଏକ ମନ୍ଦିରରେ ସ୍ୱର୍ଣ୍ଣ ନିର୍ମିତ ବୁଦ୍ଧଦେବଙ୍କର ପୂର୍ଣ୍ଣ ପ୍ରତିକୃତି ରହିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ଏବେ ମଧ୍ୟ ହରିଶଙ୍କରଠାରେ ଏକ ବିଶାଳ ଏବଂ ସୁନ୍ଦର ବୁଦ୍ଧ ମୂର୍ତ୍ତି ରହିଛି । ଏହି ବୁଦ୍ଧ ମୂର୍ତ୍ତି ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲରୁ ଅଣାଯାଇ ୧୯୧୬ ମସିହାରେ ଏଠାରେ ସ୍ଥାପନା କରାଯାଇଛି ବୋଲି ଶୁଣାଯାଏ । ଏହା ହେଲେ ମଧ୍ୟ ବୌଦ୍ଧ ଧର୍ମର ନିର୍ବାଣ ଯେତେବେଳେ ଏ ଦେଶରେ ଏକ ନୂତନ ବିପ୍ଳବ ଅଥବା ସଭ୍ୟତାର ସୂତ୍ରପାତ କରିଥିଲା ସେତେବେଳେ ଏହି ଅଞ୍ଚଳର ସାଂସ୍କୃତିକ ପରିବେଶ ଏବଂ ଧର୍ମ, କର୍ମ ଉପରେ ପର୍ଯ୍ୟବସିତ ମାନବିକ ସଦ୍‌ଗୁଣ କିପରି ଶୀର୍ଷତମ ସ୍ଥାନ ଅଧିକାର କରିଥିଲା ତାହା ସ୍ପଷ୍ଟ ଅନୁମାନ କରିହେବ । ପରିମଳଗିରିର ସଭ୍ୟତା ବା ସଂସ୍କୃତି ପ୍ରତି ଗନ୍ଧମାର୍ଦନ ପର୍ବତର ଅବଦାନ ବୋଧହୁଏ ବିଶେଷ ଭାବରେ ରହିଥିବାରୁ ଏହାର ଐତିହାସିକ ଖ୍ୟାତି ଯେପରି ସ୍ୱୀକୃତ ହୋଇଛି ସେହିପରି ପୌରାଣିକ ଚିନ୍ତାଧାରା ନେଇ ପ୍ରଚଳିତ କିମ୍ବଦନ୍ତୀରୁ ରାମାୟଣ ଯୁଗର ଏକ କାହାଣୀର ସତ୍ୟତା ଉପଲବ୍ଧି କରାଯାଉଛି । ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ନିର୍ଦ୍ଦିଷ୍ଟ ଔଷଧ "ବିଶଲ୍ୟକରଣୀ" ସଂଗ୍ରହ କରି ନପାରି ସମଗ୍ର ଗନ୍ଧମାର୍ଦନ ପର୍ବତକୁ ଉପାଡ଼ି ଆଣି କ୍ଷତ ସ୍ଥାନରେ ଔଷଧ ଦେଇ ଆରୋଗ୍ୟ କରିବା କଥା ଉଲ୍ଲେଖ ରହିଛି । ଏହି କିମ୍ବଦନ୍ତୀ ଅନୁସାରେ ଏହା ସତ୍ୟ ଯେ ଗନ୍ଧମାର୍ଦନ ପର୍ବତ ମଧ୍ୟରେ ଆଜି ବହୁ ଅମୂଲ୍ୟ ଏବଂ ଦୁର୍ମୂଲ୍ୟ ଆୟୁର୍ବେଦୀୟ ବୃକ୍ଷଲତା ଓ ଚେରମୂଳି ଆଦି ଭରପୂର ହୋଇ ରହିଛି । ପୂର୍ବେ ଏଠାରେ ଗୋଟିଏ ଆୟୁର୍ବେଦୀୟ ବୃକ୍ଷଲତାର ବଗିଚା ରହିଥିଲା । ଆୟୁର୍ବେଦ ପ୍ରଣାଳୀରେ ଚିକିତ୍ସା କରିବା ଉଦ୍ଦେଶ୍ୟରେ ବିଭିନ୍ନ ଭେଷଜର ଗବେଷଣା ପାଇଁ ଏହି ବଗିଚା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । କାଳକ୍ରମେ ଏହି ବଗିଚା ଉପଯୁକ୍ତ ଦୃଷ୍ଟି ଅଭାବରୁ ନଷ୍ଟ ହୋଇ ଯାଇଛି । ବର୍ତ୍ତମାନ ଜଙ୍ଗଲ ବିଭାଗର ପରିକଳ୍ପନାରେ ଏହାକୁ ପୁନର୍ବାର କାର୍ଯ୍ୟକାରୀ କରିବା ପାଇଁ ଯତ୍ନ କରାଯାଉଛି । ଗନ୍ଧମାର୍ଦନ ପର୍ବତରୁ ଆୟୁର୍ବେଦୀୟ ବୃକ୍ଷଲତା ସଂଗ୍ରହ କରାଯାଇ ଜଙ୍ଗଲ ବିଭାଗର ବିଶ୍ରାମ ଗୃହ ହତା ମଧ୍ୟରେ ଲଗାଯାଉଛି । ହୁଏତ ଜନସାଧାରଣ ଓ ଲୋକପ୍ରତିନିଧିଙ୍କ ପ୍ରଯତ୍ନରେ ସରକାରୀ ସାହାଯ୍ୟ ନେଇ ଏହାର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଆୟୁର୍ବେଦୀୟ ଚିକିତ୍ସାର ଗବେଷଣା କାର୍ଯ୍ୟ ଅତି ବ୍ୟାପକ ଭାବରେ ସମ୍ଭବ ହେବ ବୋଲି ଆଶା କରାଯାଉଛି ।



ଗନ୍ଧମାର୍ଦ୍ଦନ ପର୍ବତରୁ ବାହାରିଥିବା ଝରଣାର ଦୃଶ୍ୟ



ହରିଶଙ୍କର ମନ୍ଦିର ନିକଟରେ ବହିଯାଉଥିବା ଝରଣାରେ ଯାତ୍ରୀମାନଙ୍କର ସ୍ନାନ

ହରିଶଙ୍କରଠାରେ ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ରମଣୀୟ । ଅତ୍ୟନ୍ତ ଏହି ବିଶାଳ ଗନ୍ଧମାର୍ଦନ ପର୍ବତ ମଧ୍ୟରେ ଯେପରି ଭରି ରହିଛି ମୂଲ୍ୟବାନ ଚିକ୍କଣ ଛୋଟ ବଡ଼ ପଥର ଖଣ୍ଡ, ସେହିପରି ପରିପୂର୍ଣ୍ଣ ହୋଇ ରହିଛି ସବୁଜ ସୁନ୍ଦର ଶାଳ୍ମଳିବନାନୀ । ଏହାର ଅପୂର୍ବ ରୂପଶ୍ରୀ ମଣିଷ ମନରେ ଏକ ସ୍ୱପ୍ନଭରା ରୋମାଞ୍ଚ ସୃଷ୍ଟିକରେ । ଗନ୍ଧମାର୍ଦନ ପର୍ବତର ସୌନ୍ଦର୍ଯ୍ୟର ପସରା ଭିତରେ ଭାଗବତ ଧର୍ମ ଓ ପବିତ୍ର କର୍ମର ଉଲ୍ଲାସ ଭରି ରହିଛି ବୋଲି ଯେ କୌଣସି ଲୋକ ସ୍ପଷ୍ଟ ଭାବରେ ଅନୁଭବ କରିପାରିବ । ଫଳତଃ ଏଠାରେ ଏକ ମହାଜୀବନର ସ୍ପନ୍ଦନ ଅନେକାଂଶରେ ସମସ୍ତଙ୍କୁ ଅନୁପ୍ରାଣିତ କରେ । ପର୍ବତର ଉପରିଭାଗ ୧୨ କିଲୋମିଟର ଆୟତନରେ ଏକ ବିସ୍ତୃତ ସମତଳ ଭୂମି ଖଣ୍ଡରେ ବିଦ୍ୟମାନ ରହିଛି । ଅନ୍ୟତ୍ର ଏହିପରି ସୁନ୍ଦର ସମତଳ କ୍ଷେତ୍ର କୌଣସି ପର୍ବତରେ ଦେଖାଯାଏ ନାହିଁ । ପର୍ବତର ଶିଖର ଦେଶରୁ ଗୋଟିଏ ସୁନ୍ଦର ଏବଂ ଚିରସ୍ରୋତା ଝରଣା ବହୁ ଶିଳାଖଣ୍ଡ ଦେଇ ସମତଳ ଆଡ଼କୁ ବହି ଆସିଛି । ଏହି ଜଳଧାର ବହୁ ଗାଁ ଓ ବିଲମାଳ ଅତିକ୍ରମ କରି ସୁକ୍‌ତେଲ ନାମରେ ସୋନପୁରଠାରେ ତେଲ୍ ନଦୀରେ ମିଶି ଯାଇଛି । ଏହି ଝରଣାର ଜଳ ବହି ଆସିଲା ବେଳେ କୁଳୁ କୁଳୁ ଧ୍ୱନିରେ ଅଥବା ଭୀଷଣ ଗର୍ଜନରେ ଏକ ପ୍ରାଣସ୍ପର୍ଶୀ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟିକରେ । ସ୍ୱଚ୍ଛ ନିର୍ଝରର ଜଳ ବେଶ୍ ଶୀତଳ ଏବଂ ସ୍ନାନ ଓ ପାନ ପାଇଁ ଏହା ଅତ୍ୟନ୍ତ ତୃପ୍ତିକର । ଏହି ଜଳ ନିକଟସ୍ଥ କୃଷି କ୍ଷେତ୍ରରେ ଅନେକ ସମୟରେ ବିନିଯୋଗ କରାଯାଇଛି । କିଛି ବର୍ଷପୂର୍ବେ ମହରାପଦର ଗ୍ରାମପଞ୍ଚାୟତ ହରିଶଙ୍କର ସଂଲଗ୍ନ ବିସ୍ତୃତ ଏକ କ୍ଷେତ୍ରରେ ଏହି ପାଣିକୁ ବିନିଯୋଗ କରି ଗୋଟିଏ ପ୍ରକାଣ୍ଡ କଦଳୀ ବଗିଚା କରିଥିଲେ ଏହା ଲାଭଦାୟକ ହୋଇଥିଲା । କିନ୍ତୁ ଏହାର ରକ୍ଷଣାବେକ୍ଷଣ ତଥା ଅନ୍ୟାନ୍ୟ ଅନେକ ଆନୁସଙ୍ଗିକ କାରଣରୁ ଏହି ଯୋଜନା ଆଉ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ତେବେ ହରିଶଙ୍କର ନିକଟବର୍ତ୍ତୀ ବହୁ ସ୍ଥାନରେ ଜମିର ଉର୍ବରତା ଓ ଜଳର ସୁବ୍ୟବସ୍ଥା ଯୋଗୁଁ ଉତ୍ତମ ଫଳ ବଗିଚାମାନ ଦୃଷ୍ଟିଗୋଚର ହୁଏ । ହୁଏତ ଅନେକ ଅର୍ଥକାରୀ ଯୋଜନା ବ୍ୟକ୍ତିଗତ ଉଦ୍ୟମରେ କିମ୍ବା ସରକାରୀ ଉଦ୍ୟୋଗରେ ସମ୍ଭବ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି ।

ପର୍ବତର ଶୀର୍ଷଦେଶରୁ ଏହି ଝରଣା ବହି ଆସି ଏକ ସ୍ଥାନରେ ପ୍ରସାରିତ ବିରାଟ ଶିଳା ଖଣ୍ଡ ଉପରେ ପଡ଼ିଲା ବେଳେ ଗୋଟିଏ କ୍ଷୁଦ୍ର ଜଳପ୍ରପାତରେ ପରିଣତ ହୋଇଛି । ପ୍ରପାତର ଉଚ୍ଚତମ ଅଂଶ କପିଳଧାର ନାମରେ କଥିତ ହୋଇଛି । ଦେଉଳ ନିକଟରୁ କପିଳଧାର ପର୍ଯ୍ୟନ୍ତ ପାବଚ୍ଛ ଶ୍ରେଣୀ ନିର୍ମାଣ କରାଯାଇଛି । ଏହି ସ୍ୱଚ୍ଛ ଜଳଧାର କିମ୍ବଦନ୍ତୀ କିମ୍ବା ପୌରାଣିକ ମତ ଅନୁସାରେ ଅତ୍ୟନ୍ତ ପବିତ୍ର । ତେଣୁ ଆଦିବାସୀ ଓ ଅସଂଖ୍ୟ ଅନ୍ୟାନ୍ୟ ତୀର୍ଥଯାତ୍ରୀ ସେମାନଙ୍କର ପୂର୍ବଜନ୍ମ ଓ ଇହଜନ୍ମର ମୁକ୍ତି କାମନା କରି କପିଳ ଧାରା ନିକଟରେ ସ୍ନାନ କରିଥାନ୍ତି । ଏହି ବିଶ୍ୱାସ ନେଇ ନିଜ ନିଜ ଆତ୍ମୀୟସ୍ୱଜନଙ୍କର ମୃତ୍ୟୁପରେ ସେମାନଙ୍କର ଅସ୍ଥି ବିସର୍ଜନ ମଧ୍ୟ ଏହିଠାରେ କରିଥାନ୍ତି । ବିଶ୍ୱବରେଣ୍ୟ ନେତା ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କର ଚିତାଭସ୍ମ ହରିଶଙ୍କର ଠାରେ ତା ୩।୬।୧୯୬୪ ଦିନ ବିପୁଳ ଜନସମାଗମ ମଧ୍ୟରେ ବୈଦିକ ରୀତିରେ ବିସର୍ଜନ କରାଯାଇଥିଲା । ହରିଶଙ୍କର ତୀର୍ଥସ୍ଥାନ ହିସାବରେ ଯେପରି ଜନସମୀକ୍ଷାରେ ସର୍ବୋତ୍ତମ, ସେହିପରି ଏକ ରମଣୀୟ ଏବଂ ସ୍ୱାସ୍ଥ୍ୟକର ସ୍ଥାନ ବୋଲି ବିବେଚିତ ହୋଇଛି । ଏହାର ସ୍ୱଚ୍ଛ ଗିରିଝର ସ୍ନାନ ପକ୍ଷରେ ଯେପରି ଅନୁକୂଳ ସେହିପରି ରୁଚିକର । ଗନ୍ଧମାର୍ଦନର ଚୂଡ଼ାଭାଗରୁ ବୃକ୍ଷଲତା, ଫୁଲଫଳ ସ୍ପର୍ଶ କରି ଯେଉଁ ମୁକ୍ତ ପବନ ବହି ଆସେ, ତାହା ଗ୍ରୀଷ୍ମ ଋତୁରେ ତାପଦଗ୍ଧ ଜୀବନକୁ ଶାନ୍ତଶୀତଳ କରେ । ମହାରାଜାଙ୍କର ଏହା ଗ୍ରୀଷ୍ମ-ନିବାସ ଭାବରେ ସ୍ୱୀକୃତ ହୋଇଥିଲା ।

ହରିଶଙ୍କର ଦେଉଳର ଅନତି ଦୂରରେ ଝରଣାର ଧାର ମଧ୍ୟରେ ରହିଛି, ପାପନାଶିନୀ କୁଣ୍ଡ ଏଠାରେ ସ୍ନାନ କରି ପାପନାଶ କରାଯାଏ ବୋଲି ବିଶ୍ୱାସ ରହିଛି । ଏଠାରେ ସ୍ନାନ କରିବା ଅତ୍ୟନ୍ତ ଆରାମଦାୟକ ପାପନାଶିନୀ କୁଣ୍ଡ ନିକଟରେ ରହିଛି ନୃତ୍ୟରତ ଗଣେଶଙ୍କର ଏକ ପ୍ରତିମୂର୍ତ୍ତି ।

ହରିଶଙ୍କରଠାରେ ଥିବା ମନ୍ଦିରଗୁଡ଼ିକ ମଧ୍ୟରୁ ଶିବ ଓ ଜଗନ୍ନାଥ ମନ୍ଦିର ଉଲ୍ଲେଖଯୋଗ୍ୟ । ମନ୍ଦିର ନିର୍ମାଣ ସଂପର୍କରେ ଏକ କାହାଣୀରୁ ଜଣାପଡ଼େ ଯେ କନ୍ଧ ଜାତିର ଏକ ବୃଦ୍ଧବ୍ୟକ୍ତି ଏହି ସ୍ଥାନରେ କୌଣସି ମୂଳ ଜାତୀୟ ଜିନିଷ ଖୋଳୁଥିଲେ । ଖୋଳୁ ଖୋଳୁ ଗୋଟିଏ ପଥର ଉପରେ ଖଣତି ବାଜିବାରୁ ସେହି ପଥର ତଳୁ ଗୋଟିଏ ଝରଣା ଦେଖାଗଲା । ବୃଦ୍ଧବ୍ୟକ୍ତି ଫେରି ଆସିଲେ । ରାତିରେ ଶୋଇଥିବା ବେଳେ ଗୋଟିଏ ସ୍ୱପ୍ନ ଦେଖିଲେ ଯେ ସେ ଯେଉଁ ସ୍ଥାନରେ ମୂଳ ଖୋଳୁଥିଲେ, ସେଠାରେ ସ୍ୱୟଂ ଶିବଙ୍କର ଆବିର୍ଭାବ ଘଟିଛି । ତତ୍କାଳୀନ ରାଜା ରାମେଇ ଦେଓଙ୍କୁ ଉକ୍ତ ବୃଦ୍ଧ ମୂଳଖୋଜା, ଝରଣାର ଆବିର୍ଭାବ ଓ ନିଜର ସ୍ୱପ୍ନକଥା ସବୁ ବର୍ଣ୍ଣନା କଲେ । ରାମେଇ ଦେଓ ମଧ୍ୟ ଅନୁରୂପ ସ୍ୱପ୍ନ ସେହିପରି ପୂର୍ବରାତିରେ ଦେଖିଥିଲେ । ତା'ପରେ ଶିବ ଶକ୍ତିରେ ପରମ ବିଶ୍ୱାସ ରଖି ମନ୍ଦିର ନିର୍ମାଣ କରାଗଲା ।

ପାଟଣାଗଡ଼ର ଚୌହାନ ବଂଶର ପ୍ରତିଷ୍ଠାତା ଥିଲେ ରାଜା ରାମେଇ ଦେଓ । ଚତୁର୍ଦ୍ଦଶ ଶତାବ୍ଦୀରେ ଆଉ ଏକ କାହାଣୀରୁ ଜଣାଯାଏ ଯେ ପାଟଣାର (ବଲାଙ୍ଗୀର) ରାଜା ବୈଜଳ ଦେଓଙ୍କ ରାଣୀ ଦୁର୍ଲ୍ଲଭା ଦେବୀ (୧୪୮୦–୧୫୧୦) ହରିଶଙ୍କର ମନ୍ଦିର ନିର୍ମାଣ କରାଇଥିଲେ । ବୈଜଳ ଦେଓ ରାଜା ରାମେଇ ଦେଓଙ୍କର ବଂଶଧର ଥିଲେ ଏବଂ ଏହି ବୈଜଳ ଦେଓ ହରିଶଙ୍କରର ଅପର ପାର୍ଶ୍ୱରେ ଥିବା ନୃସିଂହ ନାଥ ମନ୍ଦିର ମଧ୍ୟ ପ୍ରତିଷ୍ଠା କରିଥିଲେ । ପଞ୍ଚଦଶ ଶତାବ୍ଦୀରେ ଏହାର ନିର୍ମାଣ କାଳ ବୋଲି ଅନୁମାନ କରାଯାଇ ପାରେ । ଶିବ ଓ ଜଗନ୍ନାଥ ମନ୍ଦିର ବ୍ୟତୀତ ଆଉ ଏକ ମନ୍ଦିରରେ ଶିବଙ୍କର ଅନ୍ୟତମା ଶକ୍ତି ଭୈରବୀ ମୂର୍ତ୍ତି ରହିଛି । ଭୈରବୀ ମୂର୍ତ୍ତି ଦେହରେ ଓଡ଼ିଆ ଭାଷା ଏକ ଶିଳାଲିପି ରହିଛି । ଦେବନାଗରୀ ଅକ୍ଷରରୁ ଓଡ଼ିଆ ଅକ୍ଷରଲିଖନ ଶୈଳୀ କିପରି ଅନୁସୃତ ହୋଇଥିଲା ତାହା ଏହି ଶିଳାଲିପିରୁ ଜଣାପଡ଼େ । ଏପର୍ଯ୍ୟନ୍ତ ଏହି ଶିଳା-ଲିପିର ପାଠୋଦ୍ଧାର ସଂପୂର୍ଣ୍ଣ ଭାବରେ ହୋଇ ପାରିନାହିଁ । ଏହାର ପାଠୋଦ୍ଧାର ହେଲେ, ଏହି ଶିଳାଲିପି ସହିତ ନୃସିଂହ ନାଥ ମନ୍ଦିରର ଶିଳାଲିପି ଏବଂ ସାଂସ୍କୃତିକ କିମ୍ବଦନ୍ତୀ ଅଥବା ଅନେକ କୀର୍ତ୍ତିର ଭଗ୍ନାବଶେଷ ସବୁ ବିଷୟରକୁ ନେଇ ସେ ଯୁଗରେ ଏହି ଜାତିର, ସଂସ୍କୃତି, ଶାସନ, ସଭ୍ୟତା, କଳା, କୃଷି, ସୁଖସମୃଦ୍ଧି ପ୍ରତି ହରିଶଙ୍କରର କି ଅବଦାନ ରହିଥିଲା ଏବଂ ସୁଦୂର ଅତୀତରେ ହରିଶଙ୍କର କିପରି ପ୍ରାଧାନ୍ୟ ଲାଭ କରିଥିଲା, ତାହା ନିର୍ଣ୍ଣୟ କରିହେବ । ପ୍ରତ୍ନତାତ୍ତ୍ୱିକ ଗବେଷଣା ବା ଐତିହାସିକମାନଙ୍କର ଅନୁଶୀଳନରେ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ଦ୍ୱାର ଉନ୍ମୋଚିତ ହୋଇ ପାରିବ ବୋଲି ଆଶା କରାଯାଉ ଅଛି ।

ପୌରାଣିକ ମତ ଅନୁସାରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ହରିଶଙ୍କର ରୂପରେ ଏହିଠାରେ ଦମନକ ନାମରେ ଏକ ଦୈତ୍ୟକୁ ବଧ କରିଥିଲେ । ଏହି ଚିନ୍ତାଧାରାକୁ ଗ୍ରହଣ କରି ହରିଶଙ୍କର ସ୍ଥାପିତ ହୋଇଥାଉ କି ନ ଥାଉ, ଏହା କିନ୍ତୁ ସତ୍ୟ । ହରି ଓ ଶଙ୍କରଙ୍କର ମିଳନ କ୍ଷେତ୍ର ଏହି ହରିଶଙ୍କର ତା'ର ନାମର ସଂଯୋଜନାରେ ଲାଳିତ୍ୟ ରହିଥିବା କଥା ମନକୁ ବେଶ୍ ସ୍ପର୍ଶ କରେ । ବୈଷ୍ଣବ ଓ ଶୈବ ସଂସ୍କୃତିର ଅପୂର୍ବ ସମନ୍ୱୟରେ ହରିଶଙ୍କର ଗଢି ଉଠିଛି । ଏହା ସେତେବେଳେ ସଂସ୍କୃତି ଦୃଷ୍ଟିରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେ ହୁଏ । ଏହି ଧାରା କେବଳ ହରିଶଙ୍କରଠାରେ ନୁହେଁ, ଭୁବନେଶ୍ୱର, କଣ୍ଟିଲୋ ପ୍ରଭୃତି ଅନ୍ୟ ବହୁ ଧର୍ମପୀଠମାନଙ୍କରେ ମଧ୍ୟ ଦେଖାଯାଏ । ୬ଷ୍ଠ ଏବଂ ୭ମ ଶତାବ୍ଦୀ କାଳରୁ ସାଂସ୍କୃତିକ ଚିନ୍ତାଧାରା ଏହି ପରି ସମନ୍ୱୟ ଭିତରେ ଆତ୍ମପ୍ରକାଶ କରି ଆଧ୍ୟାତ୍ମିକ କ୍ଷେତ୍ରରେ ଯଥାର୍ଥ ବିଶେଷତ୍ୱ ପ୍ରତିପାଦନ କରିଛି

ଶିବଙ୍କ ଜଟ ପ୍ରକ୍ଷାଳନ ପାଇଁ ବିଷ୍ଣୁଙ୍କ ପାଦ ଭିତରୁ ଦେଇ ଗଙ୍ଗା ମାତାଙ୍କୁ ପୃଥିବୀକୁ ଅବତରଣ କରି ଆଣିବା କଥା ଏକ ପ୍ରସ୍ତରରେ ଖୋଦିତ ହୋଇ ଏଠାରେ ରଖାଯାଇଛି । ହରିଶଙ୍କର ନିର୍ମାଣ ବେଳେ ହୁଏତ ଏହି କାହାଣୀକୁ ପରିକଳ୍ପନା କରାଯାଇଛି ବୋଲି ବିଶ୍ୱାସ କରାଯାଇପାରେ । ସମସ୍ତ ମଣିଷ ସମାଜର ରାଶି ରାଶି ଦୁଃଖକଷ୍ଟକୁ ଆଶୀର୍ବାଦ ଦେଇ ଯେ ହରଣ କରେ ତାହାକୁ ଏଠାରେ ଗଙ୍ଗା ନାମରେ ନାମିତ କରାଯାଇଛି । ବିଷ୍ଣୁ ଓ ଶିବ ପରସ୍ପରର ଆବର୍ତ୍ତରେ ଘନିଷ୍ଠ ସମନ୍ୱୟ ରକ୍ଷି ଏବଂ ସେମାନେ ହରିଶଙ୍କରଠାରେ ଏକତ୍ର ହୋଇ ପ୍ରସ୍ତାବର ମିଳନରେ ଗଙ୍ଗାମାତାଙ୍କୁ ଅବତରଣ କରି ଆଣିବା କାର୍ଯ୍ୟରେ ସଫଳ ହୋଇ ଥିବାରୁ ସ୍ମୃତିରେ ବୋଧହୁଏ ହରିଶଙ୍କର ନିର୍ମାଣ କରାଯାଇଛି ବୋଲି ମଧ୍ୟ କୁହାଯାଇଛି । ବାସ୍ତବତଃ ହରିଶଙ୍କର ହରି ଓ ଶଙ୍କରଙ୍କର ଅପୂର୍ବ ମିଳନ କ୍ଷେତ୍ର । ଏହି ପରି କଳ୍ପନାରେ ଏହାର ଐଶ୍ୱରିକ ଶକ୍ତି କିମ୍ବା ଭଗବତ ଧର୍ମ ଅଥବା ଆଧ୍ୟାତ୍ମିକ ଚିନ୍ତାଧାରାର ଯଥେଷ୍ଟ ବିଶେଷତ୍ୱ ରହିଛି । ଶିବ ପ୍ରଳୟ ପାଇଁ ତାଣ୍ଡବ ସୃଷ୍ଟି କରନ୍ତି ଏବଂ ବିଷ୍ଣୁ ତ୍ରାଣକର୍ତ୍ତା ଭାବରେ ସମସ୍ତ ସୃଷ୍ଟିକୁ ପ୍ରତିପାଳନ କରନ୍ତି । ବିଷ୍ଣୁ ତାଙ୍କର ଅପୂର୍ବ ସହିଷ୍ଣୁ ଗୁଣରେ ପ୍ରତିପାଳନ କରିବାକୁ ଇଚ୍ଛା ରଖିଲା ବେଳେ ଶିବ ପ୍ରଳୟ ପାଇଁ ତାଣ୍ଡବ ସୃଷ୍ଟି କରନ୍ତି । ଏହିପରି ପରସ୍ପର ଆଦର୍ଶ ଭିତରେ ସହାବସ୍ଥାନ ନୀତି ଓ ନିୟମକୁ ରକ୍ଷାକରି ଏହି ଦେଶର ସଂସ୍କୃତିର ଚରମ ପରାକାଷ୍ଠା ପ୍ରକାଶ ପାଇଛି । ଏକ ବିଶାଳ ଜାତିର ପ୍ରାଣ ସ୍ପନ୍ଦନ ଏହିପରି ଉଦାରନୈତିକ ଚିନ୍ତା ମଧ୍ୟରେ ଅନୁଭୂତ ହୋଇଛି । ଏହି ଦେଶ ଭୂମିରେ ପ୍ରତ୍ୟେକ ତୀର୍ଥ ସ୍ଥାନ କଳାର ନୈପୁଣ୍ୟ ପ୍ରକାଶ ପାଇଛି ଓ ମନୋଜ୍ଞ ପରିକଳ୍ପନା ମଧ୍ୟରେ ପବିତ୍ରତା ରକ୍ଷା କରାଯାଇଛି । ନୈସର୍ଗିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଏହି ଜାତି ଦେବତ୍ୱର ସନ୍ଧାନ ନେଇ ଯୁଗଯୁଗ ସକାଶେ ଅପୂର୍ବ ସଂସ୍କୃତି ଅଥବା ସଭ୍ୟତାର ପରିଚୟ ଦେଇ ଆସିଛି । ଏହି ସବୁ କାରଣରୁ ହରିଶଙ୍କରର ନିଜସ୍ୱ ମହିମା ଚିରଭାସ୍ୱର ହୋଇ ରହିଛି ।

ହରିଶଙ୍କରରେ ପ୍ରତିବର୍ଷ ପ୍ରଧାନତଃ ଶିବରାତ୍ରି ଓ ନୃସିଂହ ଚତୁର୍ଦ୍ଦଶୀ ଦିନ ବହୁଯାତ୍ରୀଙ୍କର ସମାବେଶ ହୋଇଥାଏ । ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ନୃସିଂହ ଚତୁର୍ଦ୍ଦଶୀ ପାଳନ କରାଯାଏ । ଏହିଦିନ ବହୁଦୂର ଦୂରାନ୍ତରୁ ହଜାର ହଜାର ତୀର୍ଥଯାତ୍ରୀ ଏଠାରେ ଅନୁଷ୍ଠିତ ମେଳାରେ ଏକତ୍ରିତ ହୋଇ ଝରଣାରେ ସ୍ନାନପୂର୍ବକ ଠାକୁର ଦର୍ଶନ କରିଥାନ୍ତି । ନୃସିଂହନାଥଙ୍କଠାରେ ଏହିଦିନ ମଧ୍ୟ ଅନୁରୂପ ମେଳା ଅନୁଷ୍ଠିତ ହୁଏ । ଏହି ଗୋଟିଏ ଦିନରେ ନୃସିଂହ-ନାଥଠାରୁ ହରିଶଙ୍କର ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନର ପାର୍ବତ୍ୟ ପଥଦେଇ

ଯାତ୍ରୀମାନେ ଶୀତ ଆସିବା ପରି ଠାକୁର ଦର୍ଶନ କଲେ ପ୍ରକୃତ ଧର୍ମ ଅର୍ଜନ ହୁଏ ବୋଲି ସାଧାରଣରେ ଦୃଢ଼ ବିଶ୍ୱାସ ରହିଛି । ଚଳିତ ବର୍ଷ ହରିଶଙ୍କର ମନ୍ଦିରର ନିର୍ମାଣ କାଳ ୫୦୦ ବର୍ଷ ପୂର୍ଣ୍ଣ ହୋଇଛି ତେଣୁ ଆନୁଷ୍ଠାନିକ ଭାବରେ ଏହାକୁ ପାଳନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷାକରି ଏହାକୁ ବିରାଟ ଆକାରରେ ଅନୁଷ୍ଠିତ କରିବା ପାଇଁ ଉଦ୍ୟମ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଅଧିକ ଭାବରେ ମନୋଜ୍ଞ କରିବା ପାଇଁ ଗୋଟିଏ ରାଜ୍ୟସ୍ତରୀୟ ପ୍ରଦର୍ଶନୀର ବ୍ୟବସ୍ଥା କରାଯାଉଛି । ଏଥିରେ ବିଭିନ୍ନ ବିଭାଗମାନ ଯୋଗଦାନ କରି ଦର୍ଶକ ତଥା ତୀର୍ଥ ଯାତ୍ରୀମାନଙ୍କୁ ଅଭିନବ ଜାତୀୟ କର୍ମଯୋଜନା ପ୍ରତି ଉତ୍ସାହିତ କରିବେ ବୋଲି ପରିକଳ୍ପନା କରାଯାଉଛି । ତା' ଛଡ଼ା ଏହି ଧର୍ମପୀଠରେ କାର୍ଯ୍ୟକ୍ରମକୁ ଅଧିକ ଭାବରେ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ପ୍ରସ୍ୱର ବିଭାଗ ତରଫରୁ ଏଠାରେ ଲୋକନୃତ୍ୟ ଉତ୍ସବ ଆୟୋଜନ କରାଯାଉଛି । ଏହା ଦ୍ୱାରା ସ୍ଥାନୀୟ ଲୋକନୃତ୍ୟ ଦଳ ଉତ୍ସାହିତ ହେବେ ଏବଂ ଉପକୃତ ମଧ୍ୟ ହେବେ ।

ହରିଶଙ୍କରକୁ ଗୋଟିଏ ଉତ୍କୃଷ୍ଟ ପର୍ଯ୍ୟଟନ କେନ୍ଦ୍ର କରିବାପାଇଁ ବହୁ ଆକର୍ଷଣୀୟ ଯୋଜନାମାନ ହାତକୁ ନିଆଯାଉଛି । ସ୍ଥାନୀୟ ଲୋକ ପ୍ରତିନିଧି, ବିଭାଗୀୟ କର୍ମକର୍ତ୍ତାଗଣ ଓ ଜନସାଧାରଣ ଏଥି ସକାଶେ ମିଳିତ ଭାବରେ ଉଦ୍ୟମ ଚଳାଇଛନ୍ତି । ପାଟଣା-ଗଡ଼ଠାରୁ ହରିଶଙ୍କର ପର୍ଯ୍ୟନ୍ତ ରାସ୍ତା ଉପରେ ବର୍ତ୍ତମାନ ବହୁ ପୋଲ ନିର୍ମାଣ କରି ଏହାକୁ ବିସ୍ତୃତ କରାଯାଇଛି । ଏହାଦ୍ୱାରା ହରିଶଙ୍କରକୁ ସବୁ ସମୟରେ ଯିବାଆସିବା କରିହେବ । ହରିଶଙ୍କର ମନ୍ଦିର ନିକଟରୁ ଗନ୍ଧମାର୍ଦ୍ଦନ ପର୍ବତର ଅଗ୍ରଭାଗ ପର୍ଯ୍ୟନ୍ତ ଗୋଟିଏ ପକ୍କା ରାସ୍ତା ବର୍ତ୍ତମାନ ନିର୍ମାଣ କରାଯାଉଛି । ଉପରିଭାଗରେ ଗୋଟିଏ ଗୃହ ଅନେକ ଦିନରୁ ରହିଛି । ଏହାକୁ ସୁନ୍ଦର ଭାବରେ ପୁନଃ ନିର୍ମାଣ କରିବା ସକାଶେ ଉଦ୍ୟମ ରହିଛି । ପାର୍ବତ୍ୟ ଶୋଭାକୁ ଆଧାରକରି ଏହି ରାସ୍ତା ସର୍ପିଳ ଗତିରେ ପାଦଦେଶରୁ ଉଠିଯାଇଛି । ହୁଏତ ଏହି ରାସ୍ତା ନୃସିଂହନାଥ ପର୍ଯ୍ୟନ୍ତ ଯିବାପାଇଁ ବ୍ୟବସ୍ଥା ହୋଇପାରେ । ଏହିରାସ୍ତା ଦେଇ ଚାଲୁଥିବେଳେ ଗନ୍ଧମାର୍ଦ୍ଦନ ପର୍ବତର ଅତୁଳନୀୟ ଶୋଭାର ଭଣ୍ଡାର ଉପଲବ୍ଧି କରିହୁଏ ଓ ନିମ୍ନ ଦେଶର ବହୁଗାଁ ଭୂଇଁ, ତୋଟା କିମ୍ବା ବିଲମାଳର ସୌନ୍ଦର୍ଯ୍ୟ ମନ ଭିତରେ ଏକ ଆହ୍ଲାଦରା ଭାବ ସୃଷ୍ଟିକରେ ।

ରାଜ୍ୟ ଜଙ୍ଗଲ ବିଭାଗ ହରିଶଙ୍କରଠାରେ ଗୋଟିଏ ବିଶ୍ରାମାଗାର ନିର୍ମାଣ କରିଛନ୍ତି । ରାଜସ୍ୱ ବିଭାଗ ମଧ୍ୟ ଏଠାରେ ଗୋଟିଏ ଅନୁରୂପ ବିଶ୍ରାମାଗାର ନିର୍ମାଣ କରିଛନ୍ତି । ମହଲାପଦର ଗ୍ରାମ ପଞ୍ଚାୟତ ଯାତ୍ରୀ ତଥା ପର୍ଯ୍ୟଟକମାନଙ୍କ ସୁବିଧାପାଇଁ ଉତ୍ତମ ବ୍ୟବସ୍ଥା କରି ଗୋଟିଏ ପାନ୍ଥନିବାସ ନିର୍ମାଣ କରି ଏହାର ପରିଚାଳନା କରୁଛନ୍ତି । ଜଙ୍ଗଲ ବିଭାଗର ପରିଚାଳନାରେ ବିଶ୍ରାମାଗାର ସଂଲଗ୍ନ ଏକ ପ୍ରାକୃତିକ ପରିବେଶରେ "ମୃଗ ବିହାର" ନାମରେ କେତେକ ମୃଗମାନଙ୍କୁ ନେଇ ଗୋଟିଏ ଆକର୍ଷଣୀୟ ସଂରକ୍ଷଣାଗାର ନିର୍ମାଣ କରିଛନ୍ତି । ଏହା ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ମନରେ ଅଶେଷ ଆନନ୍ଦ ଜନ୍ମାଏ ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ହରିଶଙ୍କରର ପ୍ରାଧାନ୍ୟ ଯେପରି ଗୁରୁତ୍ୱପୂର୍ଣ୍ଣ, ସେହିପରି ଏହା ଏକ ରମଣୀୟ ଓ ସ୍ୱାସ୍ଥ୍ୟକର ସ୍ଥାନ । ଏହାର ଉତ୍ତରୋତ୍ତର ଉନ୍ନତିପାଇଁ ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ଜନସାଧାରଣ ଆନ୍ତରିକତା ରଖି ଯେପରି ଉଦ୍ୟମ ଚଳାଇଛନ୍ତି, ତାହା ଏକାନ୍ତ ଭାବରେ ପ୍ରଣିଧାନଯୋଗ୍ୟ ।

କେବଳ ହରିଶଙ୍କରର ବିକାଶ ପାଇଁ ଯେ ଉଦ୍ୟମ ଆରମ୍ଭ ହୋଇଛି, ତା' ନୁହେଁ, ସମଗ୍ର ବଲାଙ୍ଗୀର ଜିଲ୍ଲାର ଉନ୍ନତି ପାଇଁ ସମତୁଲ ଭାବରେ ଦୃଷ୍ଟି ଦିଆଯାଉଛି । ବଲାଙ୍ଗୀର ଜିଲ୍ଲା ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଆତ୍ମ ନିର୍ଭରଶୀଳ ଜୀବନ ପାଇଁ ସମସ୍ତଙ୍କର ଲକ୍ଷ୍ୟ ରହିଥିଲେ ମଧ୍ୟ ଅନେକ ସମସ୍ୟା ଏଥିରେ ଅନ୍ତରାୟ ସୃଷ୍ଟି କରିଛି । ବିଭିନ୍ନ କ୍ଷେତ୍ରରେ ଲୋକପ୍ରତିନିଧି, ଜନସାଧାରଣ ଏବଂ ସରକାର ମିଳିତ ଭାବରେ ଏହି ସମସ୍ୟାଗୁଡ଼ିକର ସମାଧାନରେ ଏକ ଦ୍ରୁତ ପରିବର୍ତ୍ତନ ଆଣିବା ପାଇଁ ଉତ୍ସାହଜନକ ଭାବରେ କାର୍ଯ୍ୟ କରୁଛନ୍ତି । କୃଷି ଏ ଦେଶରେ ପ୍ରଧାନ ଜୀବିକା । କିନ୍ତୁ କୃଷି ଅନେକ ସ୍ଥଳରେ ବର୍ଷା ଉପରେ ନିର୍ଭର କରେ । ତେଣୁ, କୃଷି ଉତ୍ପାଦନରେ ସ୍ଥିରତା ନ ଥିବାରୁ ସାଧାରଣ ଅର୍ଥନୈତିକ ଅବସ୍ଥା ଦୁର୍ବଳରୁ ଦୁର୍ବଳତର ହେଉଛି । ଏ ଦିଗରେ ଉପଯୁକ୍ତ କର୍ମପନ୍ଥା ଗ୍ରହଣ କରିବା ପାଇଁ ଦେଶର ଆର୍ଥିକ ସଙ୍ଗତିକୁ ଲକ୍ଷ୍ୟ ରଖି ବ୍ୟବସ୍ଥା କରାଯାଉଛି ।

ବଲାଙ୍ଗୀର ଜିଲ୍ଲା ଏହିପରି ମୁଖ୍ୟତଃ କୃଷି ଉପରେ ନିର୍ଭର କଲେ ମଧ୍ୟ ଅନେକ ଅଲଘନୀୟ ସମସ୍ୟାର ସମ୍ମୁଖୀନ ହୋଇ ଉତ୍ପାଦନ କ୍ଷେତ୍ରରେ ଆଶାଜନକ ଭାବରେ ପ୍ରଗତି କରିପାରି ନାହିଁ । ମହାନଦୀର ଅନ୍ୟତମ ଉପନଦୀ ଅଙ୍ଗ ଏବଂ ତେଲର ଅବବାହିକା ମଧ୍ୟରେ ବଲାଙ୍ଗୀର ଅବସ୍ଥିତ । ତେଲର ଉପନଦୀ ହିସାବରେ ଲାଣ୍ଡ, ସୋନେପୁର ଏବଂ ସୁକ୍ତେଲ ବଲାଙ୍ଗୀର ଜିଲ୍ଲାର କେତେକ ଅଞ୍ଚଳକୁ ପରିପୁଷ୍ଟ କରିଛି । ମାଟିର ଉର୍ବରତା ସମ୍ପର୍କରେ ଆଜି ସନ୍ଦେହ ପ୍ରକାଶ କରାଯାଇ ନାହିଁ । ଅଧୁନା ବିଜ୍ଞାନ ଯୁଗରେ ବିଭିନ୍ନ ରାସାୟନିକ ପ୍ରକ୍ରିୟା ନେଇ ଜମିର ଉର୍ବରତା ବା ଉତ୍ପାଦନ ଶକ୍ତି ସୃଷ୍ଟି କରାଯାଇ ପାରୁଛି । କିନ୍ତୁ ଜଳର ଅଭାବରେ ସବୁଠାରୁ ବେଶି ଉର୍ବର ଜମି

ମଧ୍ୟ ଅସାର ହୋଇଗଲେ। ଏହି କାରଣରୁ ଜଳସେଚନର ଆବଶ୍ୟକତା ଉପଲବ୍ଧି କରାଯାଇ କୃଷିକାର୍ଯ୍ୟକ୍ରମରେ ଏହାକୁ ଅଗ୍ରାଧିକାର ଦିଆଯାଇଛି। ହୀରାକୁଦ ବନ୍ଧ ଯୋଜନାରେ ଜିଲ୍ଲାର ତରଭା, ବିନିକା, ଡୁଙ୍ଗୁରିପାଲି ଏବଂ ଆଗଲପୁର ପଞ୍ଚାୟତ ସମିତିର ସହସ୍ରାଧିକ ଏକର ଜମି ଜଳସେଚିତ ହେଉଅଛି। ଏହା ବ୍ୟତୀତ ପଞ୍ଚାୟତ ସମିତିର କାର୍ଯ୍ୟକ୍ରମରେ ଯେଉଁଗୁଡ଼ିଏ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଛି ତାହା ସମସ୍ତ ଆବଶ୍ୟକତାକୁ ପୂରଣ କରିବ ନାହିଁ। ତେବେ ମଧ୍ୟ କୃଷିକ୍ଷେତ୍ରରେ ଆଶାଜନକ ଭାବରେ ସାଫଲ୍ୟ ଆଣିବାକୁ ଜିଲ୍ଲାର କୃଷିଜୀବୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଏହି ସବୁ ନଦୀ ବା ଉପନଦୀ ଅଥବା ଝରଣାଗୁଡ଼ିକର ଜଳ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଯୋଜନା କ୍ରମରେ ଉଦ୍ୟମ ହେବା ଆବଶ୍ୟକ। ଯେଉଁମାନଙ୍କ ଉପରେ ବିଶ୍ୱାସ ରଖି ଏହି ଜିଲ୍ଲାର ବିକାଶ ଆଜି ପର୍ଯ୍ୟାୟ ସ୍ତରରେ ଜନସ୍ୱୀକୃତି ଲାଭ କରିଛି, ସେହି ନେତୃତ୍ୱ ପ୍ରବଳ ଲୋକସମର୍ଥନ ପାଇଁ ଉନ୍ନୟନ-ମୂଳକ କାର୍ଯ୍ୟକ୍ରମରେ ପୂର୍ଣ୍ଣାଙ୍ଗ ସାଫଲ୍ୟ ଆଣି ହେବ ବୋଲି ବିଶ୍ୱାସ କରାଯାଉଛି। ପରିପୂରକ ସୁବିଧାସୁଯୋଗ ନ ପାଇ ମଧ୍ୟ ଏହି ଜିଲ୍ଲାର କୃଷିଜୀବୀମାନେ ଧାନ, ଆଖୁ, ତୈଳବୀଜ, ଗହମ, ମୁଗ, ବିରି, ଧୂଆଁପତ୍ର ଓ ବିଭିନ୍ନ ଋତୁ ଉପଯୋଗୀ ପନିପରିବା ଶସ୍ୟ ପ୍ରଚୁର ପରିମାଣରେ କରୁଛନ୍ତି। କୃଷିକାର୍ଯ୍ୟରେ ଏମାନଙ୍କର ନିପୁଣତା ପ୍ରତି ଦୃଷ୍ଟିପାତ କଲେ, ମନରେ ଗର୍ବ କଲାପରି ଭାବ ସଞ୍ଚାରିତ ହୁଏ। ସେହିମାନଙ୍କର ଶ୍ରମରେ ଓ କର୍ତ୍ତବ୍ୟ ନିଷ୍ଠାରେ ଏଦେଶର ପ୍ରାଣ ବିକଶି ଉଠେ ଏବଂ ଅଭାବ ଅନାଟନ ଅନେକାଂଶରେ ପୂରଣ ହୁଏ, ସେମାନେ ଦେଶର ଜାତିର ମେରୁଦଣ୍ଡ। ଆଦିବାସୀ, ଗ୍ରାମମଙ୍ଗଳ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ ପରିବହନ ଓ ଜଙ୍ଗଲ ଆଦିବିଭିନ୍ନ ବିଭାଗୀୟ ଉନ୍ନତ ବହୁ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ସୀମିତ ସମ୍ବଳ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳ ଭାବରେ କରିବା ଏବଂ ପ୍ରତ୍ୟେକ ଜିଲ୍ଲାର ଅତ୍ୟାବଶ୍ୟକ ସମସ୍ୟାର ସମାଧାନ ପାଇଁ ଅର୍ଥ ବିନିଯୋଗ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ ଜନସାଧାରଣଙ୍କର ଅପୂର୍ବ ସହଯୋଗ ଏବଂ ସରକାରୀ ନେତୃତ୍ୱର ଦକ୍ଷତାପୂର୍ଣ୍ଣ ପଦକ୍ଷେପକୁ ବିଭିନ୍ନ ପର୍ଯ୍ୟାୟରେ ଲୋକପ୍ରତିନିଧିମାନେ ସମନ୍ୱୟ ରଖି ରାଜ୍ୟ ଗଠନରେ ସାଫଲ୍ୟ ଅର୍ଜନ କରିଛନ୍ତି।

ବଲାଙ୍ଗୀର ଜିଲ୍ଲା ତା'ର ବିକାଶର ଅଭିମୁଖରେ ଅଗ୍ରଗତିର ସ୍ପଷ୍ଟ ପରିଚୟ ଦେଉଛି। ଅତୀତ ଯୁଗର ମହନୀୟ ପରମ୍ପରା ରଖି ବଲାଙ୍ଗୀର ଜିଲ୍ଲା ଯେପରି ସମୁନ୍ନତ ପରିବେଶର ଅକ୍ଷୟ ସ୍ମୃତି ସାଇତି ରଖିଛି, ଆଜି ସେହିପରି ପ୍ରାଚୁର୍ଯ୍ୟ ଭିତରେ ଏହି ଜିଲ୍ଲାକୁ ସର୍ବୋତ୍ତମ ଭାବରେ ଗଢ଼ିବା ନିମନ୍ତେ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଲାଗିଛି। ଉଦ୍ୟମର ଧାରା, ଶ୍ରମ, କର୍ମ, ଧର୍ମ, ଐକ୍ୟ ଓ ସଂହତି ଉପରେ ଆଧାରିତ ହୋଇ ଥିବାରୁ ବଲାଙ୍ଗୀର ଜିଲ୍ଲାର ଉନ୍ନତି ଅବଶ୍ୟମ୍ଭାବୀ, ଏଥିରେ ସନ୍ଦେହ ନାହିଁ

ଶିବସ୍ୟ ପରମୋ ବିଷ୍ଣୁ
ବିଷ୍ଣୁଶ୍ଚ ପରମଃ ଶିବଃ।
ଏକ ଏବ ଦ୍ୱିଧାଭୂତୋ
ଲୋକେ ଚରତି ନିତ୍ୟଶଃ॥
ନମଶ୍ଚର୍ମନିବାସାୟ
ନମସ୍ତେ ପାତକାଶବେ।
ନମୋସ୍ତୁ ଲକ୍ଷ୍ମୀପତୟେ
ଉମାୟାଃ ପତୟେ ନମଃ॥

—%—

ଶ୍ରୀ ପି ସି. ପଣ୍ଡା

# ଜେ. କେ. କାଗଜ କଳର ସଂପ୍ରସାରଣ

ଜେ. କେ. କାଗଜ କଳ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ। ଏହା ଜେପାଳ ଠାରେ ୧୯୩୯ ସାଲରୁ ପ୍ରତିଷ୍ଠିତ 'ସ୍ତ୍ରୁ ପ୍ରଡକ୍‌ଟସ୍' କମ୍ପାନୀ ଯେ କି କୃଷିଜାତ ପରିତ୍ୟକ୍ତ ଜିନିଷକୁ ବ୍ୟବହାର କରି ବିଭିନ୍ନ କିସମର ଉତ୍କୃଷ୍ଟ କାଗଜ ପଟା ବା ବୋର୍ଡ ନିର୍ମାଣରେ ବ୍ରତୀ ହୋଇଛି, ତାହାର ଏକ କାଗଜ ଉତ୍ପାଦନ ଶାଖା।

୧୯୫୪ ମସିହାରେ ଦେଶରେ କାଗଜର ଚାହିଦା ପୂରଣ ନିମିତ୍ତ ଏବଂ ଅଧିକ କର୍ମ ସଂସ୍ଥାନର ଲକ୍ଷ୍ୟ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ଓଡ଼ିଶାର ଦକ୍ଷିଣ ଭାଗ ଯହିଁରେ ପ୍ରଚୁର ବାଉଁଶ ପ୍ରଭୃତି ବନ୍ୟ ସମ୍ପଦ ଭରପୂର ହୋଇ ରହିଛି, ତାର ଉପଯୁକ୍ତ ବିନିଯୋଗ ପାଇଁ ଏକ କାଗଜକଳ ପ୍ରତିଷ୍ଠା କରାଗଲା । ବର୍ତ୍ତମାନ ଏହି କାଗଜ କଳ ଯୋଗୁଁ ଜେ.କେ. ପୁରଠାରେ ଅନୁର୍ବର ନିର୍ଜନ ବନ ପ୍ରାନ୍ତର ମଧ୍ୟରେ ଏକ ଆଧୁନିକ ଶିଳ୍ପ ନଗରୀ ଗଢ଼ି ଉଠି ଶିଳ୍ପୀକରଣର କୋଳାହଳରେ ମୁଖରିତ ହୋଇଉଠିଛି ଏବଂ ସ୍ଥାନୀୟ ଅନୁନ୍ନତ ଲୋକମାନଙ୍କର ଆର୍ଥିକ ସମୃଦ୍ଧି ଆଣି ଦେବାରେ ସାହାଯ୍ୟ କରୁଛି।

୧୯୫୮ ମସିହାରେ ପଶ୍ଚିମ ଜର୍ମାନୀର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ 'ଜେ. ଏମ୍. ଭଏଥ' କମ୍ପାନୀ ସଙ୍ଗେ କାଗଜ ଏବଂ କାଗଜମଣ୍ଡ ଉତ୍ପନ୍ନକାରୀ ସମ୍ପୂର୍ଣ୍ଣ କଳକବ୍ଜା ଯୋଗାଇ ଦେବାପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା। ଏହି କାରଖାନାର ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ କେବଳ ୯ ମାସ ସମୟ ଭିତରେ ସମ୍ପାଦିତ ହୋଇଥିଲା। ଏହି କାଗଜ କଳ ୧୯୬୨ ମସିହା ଅକ୍‌ଟୋବର ୧୮ ତାରିଖରେ ପ୍ରଥମ କାଗଜ ଉତ୍ପନ୍ନ କରି ଏକ ନବ ଯୁଗର ସୂତ୍ରପାତ କଲା।

ବାର୍ଷିକ ୧୮,୦୦୦ ଟନ୍ ଉତ୍ପାଦନ କ୍ଷମ ଏହି ଜେ. କେ. କାଗଜ କଳ ଦେଶର ଏକ ଅତ୍ୟାଧୁନିକ ଏବଂ ଦକ୍ଷ କାଗଜ କଳ ଯାହାକି ଲେଖିବା, ଛାପିବା ଏବଂ ବିଭିନ୍ନ କଳ କାରଖାନାରେ ବ୍ୟବହାରୋପଯୋଗୀ ଅତି ଉନ୍ନତ ଧରଣର ବହୁବିଧ କାଗଜ ପ୍ରସ୍ତୁତ କରୁଅଛି। ଦେଶ ଏବଂ ବିଦେଶର ବଜାରରେ ବିକ୍ରି ହେଉଥିବା ଜେ. କେ. କାଗଜର ଯଶ ଓ ଖ୍ୟାତି ବହୁ ସୁଦୂର ପ୍ରସାରୀ ହୋଇ ପାରିଛି। ଏହି କାରଖାନା ଏକ ଉଚ୍ଚାଙ୍ଗ ସଂପ୍ରସାରଣ କାର୍ଯ୍ୟ ହାତକୁ ନେଇଛି। ଏହି ସଂପ୍ରସାରଣର ପ୍ରଥମ ପର୍ଯ୍ୟାୟର ପରିସମାପ୍ତି ପରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୦,୦୦୦ ଟନ୍‌କୁ ବଢ଼ିଯିବ ଏବଂ ଏହା ଉଭୟ ଏମ୍. ଜି. ଏବଂ ଏମ୍. ଏଫ୍ (ମେସିନ୍ ଗ୍ଲେଜ ଏବଂ ମେସିନ୍ ଫିନିସ୍) ବହୁ ପ୍ରକାରର ଉତ୍ତମ ଗୁଣଯୁକ୍ତ ମୁଲାୟମ ଟିସୁ, ଏୟାରମେଲ, ବଣ୍ଡ ଏବଂ ବିଭିନ୍ନ କଳ କାରଖାନାର ବ୍ୟବହାରୋପଯୋଗୀ ଅନ୍ୟାନ୍ୟ ଅନେକ ପ୍ରକାରର କାଗଜ ଉତ୍ପନ୍ନ କରିବ, ଯହିଁର ଅଧିକାଂଶ ବର୍ତ୍ତମାନ ବିଦେଶରୁ ଆମଦାନୀ ହେଉଅଛି।

ଏହି କାଗଜକଳ ଏହାର ଜଙ୍ଗଲ ବିଭାଗକୁ ମିଶାଇ ପ୍ରାୟ ୭,୦୦୦ ଲୋକଙ୍କୁ କର୍ମ ନିଯୁକ୍ତି ଦେଇଛି ଏବଂ ପରୋକ୍ଷଭାବେ ସମ୍ଭବତଃ ଆଉ ଅଧିକ ୪୦,୦୦୦ ଲୋକଙ୍କୁ କାର୍ଯ୍ୟ ଯୋଗାଇ ଦେଉଛି।

ଜେ. କେ. ପୁର ସହରର ଅଧିବାସୀମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଆଧୁନିକ ଜୀବନଯାପନ ପାଇଁ ନାନା ସୁବିଧା ଯୋଗାଇ ଦିଆଯାଇଛି। ଏଠାରେ ଏକ ସମବାୟ ଭଣ୍ଡାର, ଗୋଟିଏ ସ୍କୁଲ, ପୁରୁଷ ଓ ସ୍ତ୍ରୀଲୋକମାନଙ୍କପାଇଁ କ୍ଲବ ଏବଂ ଉତ୍ତମ ବଗିଚା ତଥା ପାର୍କ ପ୍ରଭୃତି ରହିଛି। ବହୁ ସ୍ଥାନର ଅଧିବାସୀ ଅଧ୍ୟୁଷିତ ଏହି ସହରରେ କେତେଗୁଡ଼ିଏ ସାଂସ୍କୃତିକ ଅନୁଷ୍ଠାନ ରହିଛି ଯାହା ବରାବର ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ମନୋରଞ୍ଜନ କରିଆସୁଛି।



ଓଡ଼ିଶାର ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ସମ୍ବଲପୁର ଜିଲ୍ଲାର ମରୁଡ଼ି ଉପଦ୍ରୁତ ଅଞ୍ଚଳ ପରିଦର୍ଶନ କରିଥିଲେ । ତା ୫ । ୫ । ୧୯୭୨ ରେ ସେ ପଦ୍ମପୁର ଗ୍ରାମବାସୀମାନଙ୍କ ସଭାରେ ଭାଷଣ ଦେଇଥିଲେ ।

## ଚଳିତ ସମ୍ବାଦ

ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ତା ୬ । ୫ । ୧୯୭୨ ରେ ହୀରାକୁଦ ଏନ. ସି. ସି. କ୍ୟାମ୍ପରେ କ୍ୟାଡେଟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।





ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ତା ୨୬ । ୪ । ୧୯୭୨ ରେ ବ୍ରହ୍ମପୁର ମ୍ୟୁନିସିପାଲିଟିର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକ ଉତ୍ସବରେ ପ୍ରଧାନ ଅତିଥିରୂପେ ଯୋଗ ଦେଇଥିଲେ ।

# ଚିତ୍ରେ ସମ୍ବାଦ

ତା ୧୦ । ୫ । ୧୯୭୨ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଭୁବନେଶ୍ୱରଠାରେ ଜିଲ୍ଲାପାଳ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ ।
ରାଜସ୍ୱମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ ।





୯୭୧-୭୨ ରେ ବାଲେଶ୍ୱର ଜିଲ୍ଲାରେ ସ୍ୱଳ୍ପ ସଂଚୟ ଯୋଜନାରେ ଶତକଡା ସର୍ବାଧିକ ଅର୍ଥ ସଂଗୃହୀତ ାଇଥିବାରୁ ବାଲେଶ୍ୱର ଜିଲ୍ଲାକୁ ସ୍ୱଳ୍ପ ସଂଚୟ ସିଲ୍ଡ ପ୍ରଦାନ କରାଯାଇଛି । (ଚିତ୍ରରେ) ମୁଖ୍ୟମନ୍ତ୍ରୀ ୀ ବିଶ୍ୱନାଥ ଦାସ ତା ୨୦ । ୫ ।୧୯୭୨ ରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ଉତ୍ସବରେ ବାଲେଶ୍ୱରର ଜିଲ୍ଲାପାଳଙ୍କୁ ସିଲ୍ଡ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ତା ୧୩ । ୫ । ୧୯୭୨ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ରାଉରକେଲାଠାରେ ଏକ ବିଶେଷ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଜେନେରାଲ ମ୍ୟାନେଜରଙ୍କୁ ୧୯୭୦-୭୧ ର ସର୍ବୋତ୍କୃଷ୍ଟ ପେ. ରୋଲ ସେଭିଂସ୍ ର ଉଦ୍ୟୋକ୍ତା ରୂପେ ସିଲ୍ଡ ପ୍ରଦାନ କରୁଛନ୍ତି ।





ତା ୧୧ । ୫ । ୧୯୭୨ରେ ପୂର୍ବାଞ୍ଚଳ ନୌ-ବାହିନୀର ରିଅର ଆଡ୍‌ମିରାଲ ଏସ୍. ଏଚ୍. ଶର୍ମା
ପାରାଦୀପଠାରେ ଅଜୟ ନାମକ ଜାହାଜରେ ସାମ୍ବାଦିକ ଓ ସ୍ୱରାଷ୍ଟ୍ର ବିଭାଗର
ଶାସନ ସଚିବଙ୍କ ସହ ଆଳାପ କରୁଛନ୍ତି ।

## ଚିତ୍ର ସମ୍ବାଦ

ତା ୯ । ୬ । ୧୯୭୨ ରେ ଭୁବନେଶ୍ୱରଠାରେ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଓ ଅତି କ୍ଷୁଦ୍ର ଚାଷୀ ଏବଂ କୃଷି ଶ୍ରମିକ ପ୍ରକଳ୍ପ
ତରଫରୁ ଏକ କାରଖାନା ଖୋଲା ଯାଇଥିଲା । (ଚିତ୍ରରେ) ଭାରତ ସରକାରଙ୍କ ବିଶେଷ ଶାସନ ସଚିବ ଶ୍ରୀ କ୍ରି ରେଡ଼ି ଓଡ଼ିଶାର
ଅଫିସରମାନଙ୍କ ସହ ଆଲୋଚନା କରୁଛନ୍ତି ।





# ଆମ ଗାଁ

## ଢେଙ୍କାନାଳ ଜିଲ୍ଲାରେ କ୍ରାସ ଯୋଜନାର ଅଗ୍ରଗତି

ଢେଙ୍କାନାଳ ଜିଲ୍ଲାରେ ୧୯୭୧–୧୯୭୨ ଆର୍ଥିକ ବର୍ଷରେ କ୍ରାସ ଯୋଜନା ଜରିଆରେ ୨୨୨ ଗୋଟି କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଗ୍ରାମାଞ୍ଚଳ ରାସ୍ତା ମରାମତି ଓ ପୁଷ୍କରିଣୀ ପ୍ରଭୃତି ଖନନ କାର୍ଯ୍ୟ ବାବଦରେ ୧୨ ଲକ୍ଷ ୩ ହଜାର ୬୭୧ ଟଙ୍କା ଖର୍ଚ୍ଚ କରାଯାଇଛି । ଏହା ଫଳରେ ୪ ଲକ୍ଷ ୩୩ ହଜାର ୭୧୬ ଦିନ ପାଇଁ ଲୋକମାନଙ୍କୁ କାମ ଯୋଗାଇ ଦିଆ ଯାଇ ପାରିଛି ।

୧୯୭୨-୭୩ ମସିହାରେ ୧୨ ଲକ୍ଷ ୬୬ ହଜାର ଟଙ୍କାରେ ୧୪୧ ଗୋଟି କାର୍ଯ୍ୟ ଏହି ଯୋଜନାନୁଯାୟୀ କରାଯିବାନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଅଗ୍ରୀମ ସାହାଯ୍ୟ ସ୍ୱରୂପ ଏପର୍ଯ୍ୟନ୍ତ ୩ ଲକ୍ଷ ୧୨ ହଜାର ଟଙ୍କା ମିଳି ସାରିଲାଣି । ଉକ୍ତ ଟଙ୍କା ଜିଲ୍ଲାର ୧୬ ଗୋଟି ବ୍ଲକକୁ ୧୯ ହଜାର ୫୦୦ ଟଙ୍କା ହିସାବରେ ଦିଆଯାଇଛି ।

---

## ନିଅଣ୍ଟିଆ ଅଞ୍ଚଳକୁ ଖାଦ୍ୟଶସ୍ୟ ଯୋଗାଣ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ରାଜ୍ୟର କେତେକ ଅଞ୍ଚଳ ବିଶେଷତଃ ବନ୍ୟା ଓ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ନିଅଣ୍ଟିଆ ପରିସ୍ଥିତି ଯୋଗୁଁ ଖୋଲାବଜାରରେ ବିକ୍ରିହେଉଥିବା ଚାଉଳ ଦର କ୍ରମଶଃ ବୃଦ୍ଧି ପାଉଥିବାରୁ ସରକାର ସେ ସମସ୍ତ ନିଅଣ୍ଟିଆ ଅଞ୍ଚଳକୁ ଯଥେଷ୍ଟ ପରିମାଣରେ ଖାଦ୍ୟଶସ୍ୟ ପଠାଇବା ନିମନ୍ତେ ବିଶେଷ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଯେଉଁ ସବୁ ଅଞ୍ଚଳରେ ସୁଲଭ ମୂଲ୍ୟରେ ଦୋକାନମାନ ଖୋଲିବା ପାଇଁ ଦାବୀ କରାଯାଉଛି ସେ ସବୁ ଅଞ୍ଚଳରେ ବିନା ସର୍ତ୍ତରେ ଦୋକାନ ଖୋଲିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ରାଜ୍ୟ ସରକାରଙ୍କ ନିକଟରେ ବର୍ତ୍ତମାନ ପ୍ରାୟ ୮୫,୨୧୧ ଟନ୍ ଧାନ ଓ ୭୪ ୬୧୩ ଟନ୍ ଚାଉଳ ଅର୍ଥାତ୍ ୧ ଲକ୍ଷ ୩୦ ହଜାର ଟନ ଚାଉଳ ଆକାରରେ ଖାଦ୍ୟ ମହଜୁଦ୍ ରହିଛି । ଆହୁରି ମଧ୍ୟ ଧାନ ଚାଉଳ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି । ଗ୍ରାମାଞ୍ଚଳରେ ମୋଟା ଚାଉଳର ଚାହିଦା ବେଶୀ ଥିବା ଦୃଷ୍ଟିରୁ ଏହି ଧରଣର ଖାଦ୍ୟଶସ୍ୟ ଅଭାବ ପଡୁଛି । ତେଣୁ ସରକାର କେନ୍ଦ୍ରୀୟ ଭଣ୍ଡାରରୁ ୧୩ ହଜାର ଟନ୍ ତିକିଚୁଡ଼ା ଓ ୟୁ. ଏ. ଆର ଚାଉଳ ଏବଂ ୭ ହଜାର ଟନ୍ ମୋଟା ଚାଉଳ ଆମଦାନୀ କରିବା ପାଇଁ ସ୍ଥିରକରି କରିଛନ୍ତି । ଏସବୁ ଖାଦ୍ୟଦ୍ରବ୍ୟ ଶୀଘ୍ର ପହଞ୍ଚି ଯିବ ବୋଲି ଆଶା କରାଯାଉଛି । ଆବଶ୍ୟକ ହେଲେ ଅଧିକ ଖାଦ୍ୟଶସ୍ୟ ଆମଦାନୀ କରାଯିବ । କେନ୍ଦ୍ରୀୟ ଖାଦ୍ୟ ଭଣ୍ଡାରରୁ ଆମର ଆବଶ୍ୟକତା ସଂପର୍କରେ

ଜଣାଇରେ ସେମାନଙ୍କଠାରୁ ଅବିଳମ୍ବେ ଖାଦ୍ୟ ସାମଗ୍ରୀ ମିଳିପାରିବ । ତେଣୁ ପରିସ୍ଥିତି ସଂପର୍କରେ ଅଯଥା ଆତଙ୍କିତ ହେବାର କୌଣସି କାରଣ ନାହିଁ ।

ଖୁଚୁରା ବ୍ୟବସାୟୀ ବିଶେଷ କରି ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ବ୍ୟବସାୟୀମାନେ ସେମାନଙ୍କର ବିକ୍ରୀଲବ୍ଧ ଧନ ଟ୍ରେଜେରୀ କିମ୍ବା ବ୍ୟାଙ୍କ୍‌ରେ ଜମା ଦେବା ଦିଗରେ କେତେକ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ସରକାରଙ୍କ ଗୋଚରକୁ ଆସିଛି । ଖୁଚୁରା ବ୍ୟବସାୟୀମାନେ ଯେପରି ସେମାନଙ୍କର ମାଲ ପତ୍ର ଶୀଘ୍ର ନେଇ ପାରିବେ ସେଥିପାଇଁ ଯେଉଁ ଦୂରଦୂରାନ୍ତ ଅଞ୍ଚଳରେ ଟ୍ରେଜେରୀ କିମ୍ବା ବ୍ୟାଙ୍କର ସୁବିଧା ନାହିଁ ସେଠାରେ ବ୍ଲକ ଉନ୍ନୟନ ଅଫିସର ଖୁଚୁରା ବ୍ୟବସାୟୀଙ୍କଠାରୁ ବିକ୍ରୀ ଲବ୍ଧ ଧନ ଗ୍ରହଣ କରି ସେମାନଙ୍କୁ ରସିଦ ଦେବେ । ଖୁଚୁରା ବ୍ୟବସାୟୀ କ୍ଷମତାପନ୍ନ ଅଫିସରଙ୍କ ପାଖରେ ଏହି ରସିଦ ଦାଖଲ କରିବେ ଏବଂ ସେ ବ୍ଲକ୍ ଉନ୍ନୟନ ଅଫିସରଙ୍କ ନିକଟରେ ଯେତିକି ଟଙ୍କା ଦାଖଲ କରିଥିବେ, ସେହି ମୂଲ୍ୟର ଧାନ ଚାଉଳ ଗୋଦାମରୁ ନେବା ପାଇଁ ଉକ୍ତ ଅଫିସରଙ୍କଠାରୁ ଆବେଦନପତ୍ର ହାସଲ କରିବେ ।

———

# ବାତ୍ୟାବିପନ୍ନ ଅଞ୍ଚଳରେ ମ୍ୟାଲେରିଆର ନିରାକରଣ

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସୂତ୍ରରୁ ଜଣା ଯାଇଛି ଯେ ବାତ୍ୟାବିପନ୍ନ କଟକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲାର କେତେକ ଅଞ୍ଚଳରେ ମ୍ୟାଲେରିଆ ଜ୍ୱରର ପ୍ରାଦୁର୍ଭାବ ଦେଖାଦେଇଛି । ଜ୍ୱରରେ ଆକ୍ରାନ୍ତ ବିଭିନ୍ନ ଗ୍ରାମର ଅଧିବାସୀମାନଙ୍କର ରକ୍ତ ପରୀକ୍ଷା ଫଳରେ ଅଧିକାଂଶ କ୍ଷେତ୍ରରେ ଏହା ମ୍ୟାଲେରିଆ ଜ୍ୱର ବୋଲି ପ୍ରମାଣିତ ହୋଇଛି ।

କଟକ ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ମ୍ୟାଲେରିଆ ଜ୍ୱର ବ୍ୟାପକ ଭାବରେ ଦେଖା ଦେଇଛି । ଦୁଃଖର କଥା ଏହି ଯେ ଏହି ସମସ୍ତ ଅଞ୍ଚଳ ପ୍ରାୟ ବାତ୍ୟାଗ୍ରସ୍ତ ଅଞ୍ଚଳର ଏକାନ୍ତର୍ଭୁକ୍ତ । ଜ୍ୱରଗ୍ରସ୍ତ ବିଭିନ୍ନ ଗ୍ରାମର ଅଧିବାସୀଙ୍କର ରକ୍ତ ପରୀକ୍ଷା କରି ଜଣାଯାଇଛି ଯେ ଅଧିକାଂଶ କ୍ଷେତ୍ରରେ ଏହା ମ୍ୟାଲେରିଆ ଜ୍ୱର । ବାତ୍ୟା ଓ ସମୁଦ୍ର ଜୁଆରର ପ୍ରକୋପରୁ ଏହି ଅଞ୍ଚଳର ବହୁ ଘର ଦ୍ୱାର ଭାସି ଯାଇଛି କିମ୍ବା ଭାଙ୍ଗି ରୁଜି ଯାଇଛି । ଏହି ପ୍ରାକୃତିକ ଦୁର୍ବିପାକ ପରେ ଏହି ଅଞ୍ଚଳରେ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ପରିସ୍ଥିତି ଯୋଗୁଁ ଦୀର୍ଘଦିନ ଧରି ଦେଖା ନଥିବା ଏହି ସଂକ୍ରାମକ ବ୍ୟାଧିର ହଠାତ୍ ଆବିର୍ଭାବ ହୋଇଛି । ଏହି ସମସ୍ତ ଅଞ୍ଚଳରେ ତୁରନ୍ତ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି । ଏପ୍ରକାର ଗୃହଗୁଡ଼ିକରେ ଡି. ଡି. ଟି. ପକାଇ ଓ ଜ୍ୱରଗ୍ରସ୍ତ ଲୋକଙ୍କୁ ଔଷଧ ଖାଇବାକୁ ଦେଇ ରୋଗକୁ ଏହି ଅଞ୍ଚଳରେ ସଂପୂର୍ଣ୍ଣ ରୂପେ ନିର୍ମୂଳ କରାଯିବ । ଭାରତ ସରକାର ଏହି ଯୋଜନାକୁ ଅନୁମୋଦନ କରିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶେଷ ତତ୍ପରତାର ସହ କଟକ ଜିଲ୍ଲାର ଅଧିକ ଜ୍ୱରଗ୍ରସ୍ତ ଅଞ୍ଚଳ ଯଥା କୁଜଙ୍ଗ, ଏରସମା, ଆଳି, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର ଓ ରାଜକନିକା ବ୍ଲକ ଏବଂ ବାଲେଶ୍ୱର ଜିଲ୍ଲାର ଚାନ୍ଦବାଲି ବ୍ଲକ ଅଞ୍ଚଳରେ ଏକ ବିଶେଷ ଧରଣର ମ୍ୟାଲେରିଆ ନିରୋଧକ କାର୍ଯ୍ୟାନୁଷ୍ଠାନ କରାଗଲାଣି । ଏହି ବ୍ଲକଗୁଡ଼ିକରେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରୁ ମ୍ୟାଲେରିଆ କର୍ମଚାରୀମାନଙ୍କୁ ଆଣାଇ ଅବସ୍ଥାପିତ କରାଯାଇଛି । ପ୍ରତି ଘରେ ଡି. ଡି. ଟି. ପକାଇବା ଓ ପ୍ରତ୍ୟେକ ଜ୍ୱରଗ୍ରସ୍ତ ଲୋକର ରକ୍ତ ପରୀକ୍ଷା କରି ଔଷଧ ଦେବା କାର୍ଯ୍ୟ ଏଠାରେ ଜୋରସୋରରେ ଆରମ୍ଭ ହୋଇସାରିଲାଣି । ଭାରତ ସରକାରଙ୍କର ଅନୁମୋଦନ ଲାଭ କଲେ ଓ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦେଇଥିବା ଯୋଜନା ଅନୁଯାୟୀ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା ହୋଇଗଲେ କଟକ ଜିଲ୍ଲାର ୨୪ ବ୍ଲକ ଓ ବାଲେଶ୍ୱର ଜିଲ୍ଲାର ଚାନ୍ଦବାଲି ସମେତ ଚାରୋଟି ବ୍ଲକରେ ଏହି ଯୋଜନା ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବ ।

ଜନସାଧାରଣଙ୍କୁ ବିନୀତ ଅନୁରୋଧ ଯେ ସେମାନେ ଏହି ବିପତ୍ତିରେ ଆଦୌ ଆତଙ୍କିତ ନ ହୋଇ ଏହି ରୋଗର ନିରାକରଣ କାର୍ଯ୍ୟରେ ସ୍ୱାସ୍ଥ୍ୟବିଭାଗୀୟ କର୍ମଚାରୀମାନଙ୍କ ସହ ପୂର୍ଣ୍ଣ ପ୍ରାଣରେ ସହଯୋଗ କରନ୍ତୁ । ବର୍ତ୍ତମାନ ଡି. ଡି. ଟି. ପଡ଼ୁଥିବା ଗାଁ ଗୁଡ଼ିକରେ

ଥିବା ସମସ୍ତ ଗୃହକୁ ଭଲମତେ ସ୍ପ୍ରେ କରାଇ ନିଅନ୍ତୁ । ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ସହଯୋଗରେ ନିଜ ପରିବାର କିମ୍ବା ପଡ଼ୋଶୀ ପରିବାରରେ କେହି ଜ୍ୱର ରୋଗ ଭୋଗୁଥିଲେ ତାଙ୍କର ରକ୍ତ ପରୀକ୍ଷା କରାଇ ନିଅନ୍ତୁ । ମ୍ୟାଲେରିଆ କର୍ମଚାରୀମାନଙ୍କଠାରୁ ଔଷଧ ନେଇ ରୋଗୀମାନଙ୍କୁ ନିୟମିତରୂପେ ଖାଇବାକୁ ଦିଅନ୍ତୁ । ଏହାଛଡ଼ା ଏହି ଅଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ମଧ୍ୟ ଏହି ଔଷଧ ବିତରଣ କରାଯିବାର ବ୍ୟବସ୍ଥା ହୋଇଅଛି ।

ଆଶା କରାଯାଉଛି ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ଉଦ୍ୟମ ଓ ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ଫଳରେ ଏହି ଅଞ୍ଚଳରେ ହେଉଥିବା ମ୍ୟାଲେରିଆ ଜ୍ୱରର ନିରାକରଣ ଅଳ୍ପଦିନ ମଧ୍ୟରେ ସମ୍ଭବ ହୋଇପାରିବ ।

—— ——

# ଆଳି ବ୍ଳକରେ ରିଲିଫ କାର୍ଯ୍ୟକ୍ରମ

କଟକ ଜିଲ୍ଲା ଆଳି ବ୍ଳକର ମୋଟ ଲୋକସଂଖ୍ୟାର ପ୍ରାୟ ଶତକଡ଼ା ୪୫ ଭାଗ ଲୋକଙ୍କୁ ବର୍ତ୍ତମାନ ବିଭିନ୍ନ ସୂତ୍ରରୁ ରିଲଫ୍ ଯୋଗାଇ ଦିଆଯାଉଛି । ଏହି ବ୍ଳକର ୮୪,୬୧୨ ଜନସଂଖ୍ୟା ମଧ୍ୟରୁ କେୟାର କାର୍ଯ୍ୟକ୍ରମ ଅନୁଯାୟୀ ଦୈନିକ ଦଶ ହଜାର ଟଙ୍କା ବ୍ୟୟରେ ୩୫,୯୯୬ ଜଣ ଲୋକଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି । ଏହାବ୍ୟତୀତ ଦୈନିକ ୧,୫୦୦ ଟଙ୍କା ବ୍ୟୟରେ ୫,୬୦୦ ଜଣ ବୃଦ୍ଧ, ଅକ୍ଷମ, ଚକ୍ଷୁହୀନ ଲୋକଙ୍କୁ ୧୫ଟି କେନ୍ଦ୍ରରେ ମାଗଣାରେ ଖାଦ୍ୟ ପଦାର୍ଥ ଦିଆଯାଉଛି ।

ଏଠାରେ ସ୍ମରଣ କରାଇଦିଆଯାଇପାରେ ଯେ କଟକ ଜିଲ୍ଲା ଆଳି ବ୍ଳକ ୧୯୭୧ ବାତ୍ୟା ଫଳରେ ବିଶେଷ ଭାବେ ଶତିଗ୍ରସ୍ତ ହୋଇଥିଲା । ବାତ୍ୟାବିପନ୍ନ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଲାଘବ କରିବା ଉଦ୍ଦେଶ୍ୟରେ ଯେଉଁସବୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିଲା ତନ୍ମଧ୍ୟରେ ଉପରୋକ୍ତ ରିଲିଫ୍ କାର୍ଯ୍ୟକ୍ରମ ଅନ୍ୟତମ । ଏହା ବ୍ୟତୀତ ସ୍ଥାନୀୟ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ଉଦ୍ଦେଶ୍ୟରେ ୩,୧୮,୫୦୦ ଟଙ୍କା ବ୍ୟୟ ସମ୍ବଳିତ ୩୭୯ ଗୋଟି ଟେଷ୍ଟ ରିଲିଫ୍ ଯୋଜନା ମଂଜୁର କରାଯାଇଛି । ସେଥିମଧ୍ୟରୁ ୩୪୯ଟି ଯୋଜନା ୨,୭୯,୧୮ ଟଙ୍କା ବ୍ୟୟରେ ସଂପୂର୍ଣ୍ଣ କରାଯାଇଛି ଓ ଏହା ଫଳରେ ୧,୩୮୯୪ ଲୋକଙ୍କୁ କାମ ଯୋଗାଇ ଦିଆଯାଇ ପାରିଛି । ବାକୀ ରହିଥିବା ୩୦ଟି ଯୋଜନା ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । କାମ ପାଇଁ ଖାଦ୍ୟ ଯୋଜନା ଅନୁଯାୟୀ ୨୧ଟି ଯୋଜନା ବର୍ତ୍ତମାନ କାର୍ଯ୍ୟକାରୀ କରାଯାଇଛି ଯାହା ଫଳରେ ୬,୬୦୦ ଲୋକ ଉପକୃତ ହେଉଛନ୍ତି ।

ଢାସ ଯୋଜନା ଅନୁଯାୟୀ ଏହି ବ୍ଳକରେ ୧୩,୧୯ ମ୍ଯ ଜଣଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇଛି । ଢାସ ଯୋଜନା ଅନୁଯାୟୀ ୩୨ ହଜାର ଟଙ୍କା ମଂଜୁର ହୋଇଥିଲା । ସେଥିମଧ୍ୟରୁ ୩୧,୮୦୫ ଟଙ୍କା ଖର୍ଚ୍ଚ ହୋଇ ସାରିଛି ।

ବାତ୍ୟାବିପନ୍ନ ଏହି ବ୍ଳକରେ ସାଧାରଣ ରିଲିଫ୍ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ବେଗକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି । ବନ୍ୟାର ପ୍ରକୋପରୁ ଏହି ଅଂଚଳକୁ ରକ୍ଷା କରିବା ପାଇଁ ୨୧ ଲକ୍ଷ ଟଙ୍କା ବ୍ୟୟରେ ଆଳି ରିଙ୍ଗ ବନ୍ଧକୁ ଅଧିକ ମଜବୁତ୍ କରାଯାଇଛି । ସ୍ୱାସ୍ଥ୍ୟ ଇଂଜିନିୟରିଂ ସଂସ୍ଥା ଓ ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ଓ କୋଠାବାଡ଼ି ନିର୍ମାଣ ତଥା ମରାମତି କାର୍ଯ୍ୟରେ ଅର୍ଥ ବିନିଯୋଗ ଫଳରେ ଏ ଅଂଚଳର ଲୋକେ ମଧ୍ୟ ଉପକୃତ ହୋଇଛନ୍ତି ।

—— ——

# ଆଳି ବ୍ଲକରେ ରବି କାର୍ଯ୍ୟକ୍ରମର ସଫଳତା

କଟକ ଜିଲାର ବାତ୍ୟା ବିଧ୍ୱସ୍ତ ଆଳି ଅଂଚଳରେ ରବି କାର୍ଯ୍ୟକ୍ରମ ବିଶେଷ ସଫଳତା ହାସଲ କରିଛି ଓ ଏହି ବ୍ଲକର ୪୨,୪୭୪ ଏକର ଚାଷୋପଯୋଗୀ ଜମି ମଧ୍ୟରୁ ୨୧,୪୭୩ ଏକର ଜମିରେ ବିଭିନ୍ନ କିସମର ରବି ଫସଲ ଚାଷ କରାଯାଇ ପାରିଛି ।

ସରକାରୀ ସୂତ୍ରରୁ ମିଳିଥିବା ଏକ ରିପୋର୍ଟରୁ ଜଣାଯାଉଛି ଯେ ଗତ ରବି ଋତୁରେ ଆଳି ବ୍ଲକରେ ୮,୯୦୫ ଏକର ଜମିରେ ସାଧାରଣ କିସମର ଧାନ, ୫,୮୬୭ ଏକର ଜମିରେ ଅଧିକ ଅମଳକ୍ଷମ ଧାନ, ୩,୯୦୦ ଏକର ଜମିରେ ଚିନାବାଦାମ, ୩୮୬ ଏକର ଜମିରେ ଗହମ ଓ ୨,୪୧୫ ଏକର ଜମିରେ ମୁଗ ଚାଷ କରାଯାଇଥିଲା । ରବି ଫସଲ ପାଇଁ ସରକାରଙ୍କ ତରଫରୁ ଯେଉଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ତାହାରି ଫଳରେ ଏଭଳି ସଫଳତା ସମ୍ଭବ ହୋଇ ପାରିଛି । ଏଥିନିମନ୍ତେ ବିହନ, ସାର, କୀଟନାଶକ ଔଷଧ ସମେତ ଆବଶ୍ୟକୀୟ ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା ।

ଜଳସେଚନର ନିଶ୍ଚିତ ବ୍ୟବସ୍ଥା ହୋଇ ନ ଥିଲେ ରବି କାର୍ଯ୍ୟକ୍ରମ ଆଶାତୀତଭାବେ ସଫଳ ହୋଇ ପାରି ନ ଥାନ୍ତା । ଆଳି ବ୍ଲକରେ ୫୫ଟି ବିଦ୍ୟୁତ୍‌ଚାଳିତ ପମ୍ପ, ୫୬ଟି ଡିଜେଲ ଚାଳିତ ପମ୍ପ ବସାଯିବା ସଙ୍ଗେ ସଙ୍ଗେ ପୂର୍ବ ପ୍ରଚଳିତ ପଦ୍ଧତି ଯଥା ଟେଣ୍ଡା ସାହାଯ୍ୟରେ ଜଳସେଚନର ସୁବିଧା ଯୋଗାଇ ଦିଆଯାଉଛି । ଏହିସବୁ ଉଠାଜଳସେଚନ ବ୍ୟବସ୍ଥା ଫଳରେ ପ୍ରାୟ ୧୪ ହଜାର ଏକର ଜମିକୁ ଚାଷ ପାଇଁ ଜଳ ଯୋଗାଇ ଦିଆଯାଇଛି ।

ଜଳସେଚନର ବ୍ୟବସ୍ଥା ସହିତ ୩୭ ଟି ଗ୍ରାମକୁ ନୂଆକରି ଗତ ବର୍ଷ ୧୭ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି ।

---

# ହରିଶଙ୍କରର ପଞ୍ଚଶତବାର୍ଷିକୀ ପାଳନ

ବଲାଙ୍ଗୀର ଜିଲାସ୍ଥିତ ପୁରାଣ ପ୍ରସିଦ୍ଧ ହରିଶଙ୍କର ମନ୍ଦିରର ପଞ୍ଚଶତବାର୍ଷିକୀ ପାଳନ ଉପଲକ୍ଷେ ହରିଶଙ୍କରଠାରେ ଆସନ୍ତା ୨୫।୫।୧୯୭୨ ଠାରୁ ୨୮।୫।୧୯୭୨ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଏକ ବିରାଟ ମେଳା ଆୟୋଜିତ ହୋଇଥିଲା ।

ଏହି ଉପଲକ୍ଷେ ହରିଶଙ୍କରଠାରେ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଲୋକସଂପର୍କ, କୃଷି, ଉଠାଜଳସେଚନ, ଜଙ୍ଗଲ, ସ୍ୱଳ୍ପ ସଂଚୟ, ପଶୁପାଳନ ପ୍ରଭୃତି ବିଭାଗମାନ ଏବଂ ରାଜ୍ୟ ବିଦ୍ୟୁତ୍ ବୋର୍ଡ ତଥା ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂଗଠନମାନେ ପ୍ରଦର୍ଶନୀରେ ଭାଗ ନେଇଥିଲେ ।

ଏଠାରେ ସ୍ମରଣ କରାଯାଇପାରେ ଯେ ପୁରାଣ ପ୍ରସିଦ୍ଧ ତଥା ଐତିହାସିକ ପୀଠ ହରିଶଙ୍କରଠାରେ ସ୍ଥାପିତ ଶିବ ମନ୍ଦିର ୫୦୦ ବର୍ଷ ପୂର୍ବେ ପାଟଣାଗଡ଼ର ଚୌହାନ ବଂଶୀ ରାଜା ରମେଇ ଦେଓଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମନୋରମ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଅବସ୍ଥିତ ଏହି ସ୍ଥାନଟି କ୍ରମେ କ୍ରମେ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି । ବଲାଙ୍ଗୀରଠାରୁ ୮୦ କିଲୋମିଟର ଦୂରରେ ଏହି ସ୍ଥାନଟି ଅବସ୍ଥିତ । ରାୟପୁର-ବିଜୟନଗର ରେଳପଥର ହରିଶଙ୍କର ରୋଡ଼ ରେଳଷ୍ଟେସନଠାରୁ ଏହି ସ୍ଥାନଟି ମାତ୍ର ୩୨ କିଲୋମିଟର ଦୂରରେ ଅବସ୍ଥିତ ।

ପ୍ରତିବର୍ଷ ନୃସିଂହ ଚତୁର୍ଦ୍ଦଶୀ ଦିନ ହରିଶଙ୍କରଠାରେ ଏକ ବିରାଟ ମେଳା ଅନୁଷ୍ଠିତ ହୋଇଥାଏ । ଓଡ଼ିଶାର ବିଭିନ୍ନ ଜିଲା ସମେତ ମଧ୍ୟ ପ୍ରଦେଶର ବହୁ ଯାତ୍ରୀ ତଥା ଦର୍ଶକ ଏଠାରେ ସମବେତ ହୁଅନ୍ତି ।

---

## ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ କ୍ୟାବିନେଟ୍ କମିଟି

ଓଡ଼ିଶାରେ ଭାରତୀୟ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଓ ଏ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ପାଂଚ ଜଣିଆ କ୍ୟାବିନେଟ୍ କମିଟି ଗଠନ କରିଛନ୍ତି । ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଏହି କମିଟିର ଆବାହକ ରହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବ୍ୟତୀତ ଶିକ୍ଷା ମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏହି କମିଟିରେ ସଦସ୍ୟ ରହିଛନ୍ତି । ସେମାନେ ବିଭିନ୍ନ ସରକାରୀ ବିଭାଗ ସହିତ ପରାମର୍ଶ କରି ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ସବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ଓ ଏହାକୁ ମନ୍ତ୍ରୀ ପରିଷଦର ଅନୁମୋଦନ ନିମନ୍ତେ ଉପସ୍ଥାପିତ କରିବେ । ଆଉମଧ୍ୟ ଏହି କମିଟି ଏ ସଂକ୍ରାନ୍ତ କାର୍ଯ୍ୟ ଥରକୁ ଥର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ମନ୍ତ୍ରୀ ପରିଷଦକୁ ଏ ବିଷୟରେ ଅବଗତ କରାଇବେ ।

---

## ଯୁବକ ସଂଘ ପ୍ରତିଯୋଗିତା

ପୂର୍ବ ବର୍ଷମାନଙ୍କ ଭଳି ଭାରତ ସରକାରଙ୍କ ଖାଦ୍ୟ, କୃଷି, ଗୋଷ୍ଠୀ ଉନ୍ନୟନ ଓ ସମବାୟ ମନ୍ତ୍ରଣାଳୟର ଗୋଷ୍ଠୀ ଉନ୍ନୟନ ବିଭାଗ ତରଫରୁ ଯୁବକ ସଂଘମାନଙ୍କୁ ଉତ୍ସାହିତ କରିବା ସକାଶେ ପୁରସ୍କାର ପ୍ରଦାନ ପରିକଳ୍ପନା ୧୯୭୨-୭୩ ମସିହାରେ ମଧ୍ୟ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଛି । ଏହି ପରିକଳ୍ପନା ଅନୁଯାୟୀ ବ୍ଲକ୍‌ର ସବୁ ଯୁବକ ସଂଘ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପାରିବେ । ଏଥି ନିମନ୍ତେ କୌଣସି ପ୍ରବେଶିକା ଫିସ୍ ପଡ଼ିବ ନାହିଁ । ଏହି ପ୍ରତିଯୋଗିତାର ସମୟ ୧ ବର୍ଷ । ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟପାଇଁ ପ୍ରତି ସ୍ତରରେ ଗଠିତ ହୋଇଥିବା କମିଟି ଶ୍ରେଷ୍ଠ ଯୁବକ ସଂଘଗୁଡ଼ିକୁ ବାଛିଥାନ୍ତି ।

ପ୍ରତିଯୋଗିତାରେ ଯୋଗ ଦେବାପାଇଁ ଇଚ୍ଛୁକ ଯୁବକ ସଂଘମାନେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫାରମ ପୂରଣ କରି ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଫିସରଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । ଏଥିପାଇଁ ଆବଶ୍ୟକ ନିର୍ଦ୍ଧାରିତ ଫାରମ ସମସ୍ତ ବ୍ଲକ୍ ଅଫିସରେ ମିଳି ପାରିବ ।

ବ୍ଲକ୍ ତଥା ଜିଲ୍ଲା କମିଟି 'କ' 'ଖ' ଓ 'ଗ' ପର୍ଯ୍ୟାୟରେ ଅଗ୍ରାଧିକାର କ୍ରମେ ଯୁବକ ସଂଘଗୁଡ଼ିକର ନାମ ବାଛି ରାଜ୍ୟସ୍ତରୀୟ କମିଟିକୁ ପଠାଇବେ । ରାଜ୍ୟସ୍ତରୀୟ କମିଟି ଯୁବକ ସଂଘମାନଙ୍କ କାର୍ଯ୍ୟକଳାପର ବିଚାର କରି ପୁରସ୍କାର ପ୍ରଦାନ ନିମନ୍ତେ ସୁପାରିଶ କରିବେ । କମିଟିଙ୍କ ସୁପାରିଶକୁ ଭିତ୍ତି କରି ରାଜ୍ୟସ୍ତରରେ ସର୍ବୋତ୍କୃଷ୍ଟ ବିବେଚିତ ଯୁବକ ସଂଘମାନଙ୍କୁ ନିମ୍ନଲିଖିତ ପୁରସ୍କାରମାନ ପ୍ରଦାନ କରାଯିବ:—

୧। 'କ' ପର୍ଯ୍ୟାୟର ୩୨ ଟି ପୁରସ୍କାର ପ୍ରତ୍ୟେକ ଟ ୧,୦୦୦
୨। 'ଖ' ପର୍ଯ୍ୟାୟର ୬୪ ଟି ପୁରସ୍କାର ପ୍ରତ୍ୟେକ ଟ ୬୦୦
୩। 'ଗ' ପର୍ଯ୍ୟାୟର ୨୨୪ ଟି ପୁରସ୍କାର ପ୍ରତ୍ୟେକ ଟ ୪୦୦

ଗତ ୨ ବର୍ଷ ଅର୍ଥାତ୍ ୧୯୭୦-୭୧ ଓ ୧୯୭୧-୭୨ ମସିହାରେ ୨୭୦ ଓ ୩୨୦ ଟି ଯୁବକ ସଂଘ ପାଇଁ ପୁରସ୍କାରର ବ୍ୟବସ୍ଥା କରାଯାଇଥିବା ସ୍ଥଳେ କେବଳ ମାତ୍ର ୧୪୯ ଓ ୩୩୭ଟି ଯୁବକ ସଂଘ ଏଥିରେ ଅଂଶ ଗ୍ରହଣ କରିଥିଲେ । ତେଣୁ ଏ. ଏନ୍. ସି. ବ୍ଲକ୍‌ର ଯୁବକ ସଂଘଗୁଡ଼ିକ ବ୍ୟତୀତ ରାଜ୍ୟର ସମସ୍ତ ଯୁବକ ସଂଘ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନୁରୋଧ କରାଯାଉଛି । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଥିବା ଯୁବକ ସଂଘମାନେ ଏ ସମ୍ପର୍କରେ ବିଶେଷ ବିବରଣୀ ପାଇବା ପାଇଁ ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଫିସରଙ୍କ ସହିତ ଯୋଗସୂତ୍ର ସ୍ଥାପନ କରି ପାରନ୍ତି ନଚେତ୍ ଗୋଷ୍ଠୀ ଉନ୍ନୟନ ବିଭାଗ ସହିତ ସିଧା ସଳଖ ପତ୍ରାଳାପ କରିପାରନ୍ତି ।

---

# ପାରାମେଡ଼ିକାଲ ପରୀକ୍ଷା ଫଳ

ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ଯୋଗାଁଯୋଗିତ ବହୁ କର୍ମୀ ତାଲିମ କେନ୍ଦ୍ରରୁ ନିମ୍ନଲିଖିତ ପାରାମେଡ଼ିକାଲ କର୍ମଚାରୀ ୧୯୭୨ ମାର୍ଚ୍ଚ ମାସରେ ଅନୁଷ୍ଠିତ ତୃତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

୧–ଶ୍ରୀ ସୌରୀ ପ୍ରସାଦ ମଙ୍ଗରାଜ, ୨–ଶ୍ରୀ ଗନ୍ଧର୍ବ ବେହେରା, ୩–ଶ୍ରୀ ଗୋବର୍ଦ୍ଧନ ବେହେରା, ୪–ଶ୍ରୀ ବଂଶୀଧର ସିଂହ, ୫–ଶ୍ରୀ ପୂର୍ଣ୍ଣେନ୍ଦୁ ଶ୍ରୀଚନ୍ଦନ, ୬–ଶ୍ରୀ ମହେଶ ଚନ୍ଦ୍ର ନାୟକ, ୭–ଶ୍ରୀ ତ୍ରିଲୋକ ନାଥ ସ୍ୱାଇଁ, ୮–ଶ୍ରୀ ସୁବାସ ଚନ୍ଦ୍ର ସୁବୁଦ୍ଧି, ୯–ଶ୍ରୀ ଶିବ ପ୍ରସାଦ ଚୌଧୁରୀ, ୧୦–ଶ୍ରୀ ନନ୍ଦ କିଶୋର ବଡ଼ଜେନା, ୧୧–ଶ୍ରୀ ସୁରେନ୍ଦ୍ର ବେହେରା, ୧୨–ଶ୍ରୀ ସୁଦର୍ଶନ ଜେନା, ୧୩–ଶ୍ରୀ ଉଦ୍ଧବ କିଶୋର ସାମଲ, ୧୪–ଶ୍ରୀ ପ୍ରଫୁଲ୍ଲ କୁମାର ସେଠୀ, ୧୫–ଶ୍ରୀ ସହଦେବ ବେହେରା, ୧୬–ଶ୍ରୀ ଲକ୍ଷ୍ମଣ ସାହୁ, ୧୭–ଶ୍ରୀ ଦୟାନିଧି ବୋରା, ୧୮–ଶ୍ରୀ ରବୀନ୍ଦ୍ର କୁମାର ପଧାନ, ୧୯–ଶ୍ରୀ ବୀର କିଶୋର ସେଠୀ, ୨୦–ଶ୍ରୀ ଭିକାରୀ ଚରଣ ପ୍ରଧାନ, ୨୧–ଶ୍ରୀ ବାସୁଦେବ ସାହୁ, ୨୨–ଶ୍ରୀ ଜନାର୍ଦ୍ଦନ ସାହୁ, ୨୩–ଶ୍ରୀ ସୁବାସ ଚନ୍ଦ୍ର ପଣ୍ଡା, ୨୪–ଶ୍ରୀ ଗଦାଧର ନାୟକ, ୨୫–ଶ୍ରୀ ହରେକୃଷ୍ଣ ପଣ୍ଡା, ୨୬–ଶ୍ରୀ ଚନ୍ଦ୍ର ଓଝା, ୨୭–ଶ୍ରୀ ଭଗବାନ ଜେନା, ୨୮–ଶ୍ରୀ କୃପାସିନ୍ଧୁ ସେନାପତି, ୨୯–ଶ୍ରୀ ଲକ୍ଷ୍ମୀ ନାରାୟଣ ମହାନ୍ତି, ୩୦–ଶ୍ରୀ ହିମାଦ୍ରି ଚରଣ ସେଠୀ, ୩୧–ଶ୍ରୀ କୃଷ୍ଣ ଚନ୍ଦ୍ର ପୃଷ୍ଟି, ୩୨–ଶ୍ରୀ ଭାଗବତ ବେହେରା, ୩୩–ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା, ୩୪–ଶ୍ରୀ କାହ୍ନୁ ଚରଣ ମଲ୍ଲିକ, ୩୫–ଶ୍ରୀ ଭବାନୀ ଶଙ୍କର ବେହେରା, ୩୬–ଶ୍ରୀ ଶିବ ପ୍ରସାଦ ସାହୁ, ୩୭–ଶ୍ରୀ ନନ୍ଦ କିଶୋର ଜେନା, ୩୮–ଶ୍ରୀ ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ୩୯–ଶ୍ରୀ ରାଜେନ୍ଦ୍ର ମୋହନ ସାହୁ, ୪୦–ଶ୍ରୀ ପ୍ରହ୍ଲାଦ ବେହେରା, ୪୧–ଶ୍ରୀ ଚିତ୍ରସେନ ସେନାପତି, ୪୨–ଶ୍ରୀ ରମେଶ ଚନ୍ଦ୍ର ବଳିଆରସିଂହ, ୪୩–ଶ୍ରୀ ଚନ୍ଦ୍ରଚନ୍ଦ୍ର ପ୍ରସାଦ ବଳିଆର ସିଂହ, ୪୪–ଶ୍ରୀ ଜନାର୍ଦ୍ଦନ ସେନ, ୪୫–ଶ୍ରୀ ଅର୍ଜୁନ ଚନ୍ଦ୍ର ମହାଲି, ୪୬–ଶ୍ରୀ ରଜାକ୍ ଖାନ୍, ୪୭–ଶ୍ରୀ ରଜନୀ ଚନ୍ଦ୍ର ଦାସ, ୪୮–ଶ୍ରୀ ଜଟାଧର ନନ୍ଦ, ୪୯–ଶ୍ରୀ ଶିଶିର କୁମାର ସେନାପତି, ୫୦–ଶ୍ରୀ ତ୍ରିଲୋଚନ ମହାପାତ୍ର, ୫୧–ଶ୍ରୀ ଗୌର କିଶୋର ସାମନ୍ତରାୟ, ୫୨–ଶ୍ରୀ ଅନୁକୂଳ ଶତପଥୀ, ୫୩–ଦାଶରଥି ସୁବର୍ଣ୍ଣ, ୫୪–ଶ୍ରୀ ସୁରେନ୍ଦ୍ର ମୋହନ ଦୀକ୍ଷିତ୍, ୫୫–ଶ୍ରୀ ଅଭିମନ୍ୟୁ ବିଶ୍ୱାଳ, ୫୬–ଶ୍ରୀ ରମାକାନ୍ତ ମିଶ୍ର, ୫୭–ଶ୍ରୀ ନାରାୟଣ ସାହୁ, ୫୮–ଶ୍ରୀ ନୃସିଂହ ଚରଣ ମହାପାତ୍ର, ୫୯–ଶ୍ରୀ ନରହରି ମିଶ୍ର, ୬୦–ଶ୍ରୀ କାଶୀନାଥ ସେଠୀ, ୬୧–ଶ୍ରୀ ବ୍ରଜକିଶୋର ରାୟ, ୬୨–ଶ୍ରୀ ସୁକାନ୍ତ ମିଶ୍ର, ୬୩–ଶ୍ରୀ ରବୀନ୍ଦ୍ର ନାଥ ଆସ୍ତର୍ଯ୍ୟ, ୬୪–ଶ୍ରୀ ଭିକାରୀ ଚରଣ ଜେନା, ୬୫–ଶ୍ରୀ ରଘୁନାଥ ମଲ୍ଲିକ, ୬୬–ଶ୍ରୀ ପ୍ରଶାନ୍ତ କୁମାର ମହାରଣା, ୬୭–ଶ୍ରୀ ବଂଶୀଧର ପରିଡ଼ା, ୬୮–ଶ୍ରୀ ଦୀନବନ୍ଧୁ ଭୋଇ, ୬୯–ଶ୍ରୀ ଧନେଶ୍ୱର ପଣ୍ଡା, ୭୦–ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି ।

## ଶିକ୍ଷା ପ୍ରସାର କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି

କାଣନ୍ତି କି ?

* ପ୍ରାଥମିକ ଶିକ୍ଷା– ପ୍ରଥମ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ୯,୮୦୧ଟି ସ୍କୁଲରେ ୪୪୫,୬୨୩ ଛାତ୍ର ଅଧ୍ୟୟନ କରୁଥିଲେ । ବର୍ତ୍ତମାନ ୨୬,୪୬୨ ସ୍କୁଲରେ ୧,୮୪୮,୩୪୦ ଛାତ୍ର ଅଧ୍ୟୟନ କରୁଛନ୍ତି ।

*ମାଧ୍ୟମିକ ଶିକ୍ଷା– ପ୍ରଥମ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ସ୍କୁଲ ସଂଖ୍ୟା ଥିଲା ୬୭୪ ଓ ଛାତ୍ର ସଂଖ୍ୟା ୯୫,୯୫୨ ଏବେ ୫,୬୩୦ ଟି ସ୍କୁଲରେ ୪୯୧,୩୧୩ ଛାତ୍ର ଅଧ୍ୟୟନ କରୁଛନ୍ତି ।

*କଲେଜ ଶିକ୍ଷା– ପ୍ରଥମ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ କଲେଜ ସଂଖ୍ୟା ମାତ୍ର ୧୫ ଓ ଛାତ୍ର ସଂଖ୍ୟା ୫,୮୦୩ ଥିବା ସ୍ଥଳେ ବର୍ତ୍ତମାନ କଲେଜ ସଂଖ୍ୟା ୮୦ ଓ ଛାତ୍ର ସଂଖ୍ୟା ୩୯,୩୬୫ ରେ ପହଞ୍ଚିଛି ।

*ଶିକ୍ଷା ବାବଦ ଖର୍ଚ୍ଚ– ତୃତୀୟ ଯୋଜନା ଶେଷରେ ୧୦ କୋଟି ୬୨ ଲକ୍ଷ ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ୨୪ କୋଟି ୮୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ।

# ଓଡ଼ିଶାର ବିଶିଷ୍ଟ ଘଟଣାବଳୀ

## ଅପ୍ରେଲ, ୧୯୭୨

୧।୪।୭୨ .. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୩୬ତମ ବାର୍ଷିକୀ ରାଜ୍ୟବ୍ୟାପୀ ପାଳିତ ହୋଇଥିଲା।

ଓଡ଼ିଶା ସରକାର ତାଡ଼ି ଉପରୁ ନିଷେଧାଦେଶ ପ୍ରତ୍ୟାହାର କଲେ।

୪।୪।୭୨ .. ରାଜ୍ୟ ବିଧାନ ସଭାରେ ଓଡ଼ିଶା ଜଙ୍ଗଲ ବିଲ୍ ଗୃହୀତ ହେଲା।

୫।୪।୭୨ .. ଦକ୍ଷିଣ-ପୂର୍ବ ରେଳପଥର ସଦର ମହକୁମାକୁ ଓଡ଼ିଶାକୁ ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବୀ ଜଣାଇ ରାଜ୍ୟ ବିଧାନ ସଭାରେ ଏକ ସରକାରୀ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା।

୮।୪।୭୨ .. ଭୁବନେଶ୍ୱରଠାରେ ଶିଳ୍ପ ଅର୍ଥଲଗାଣ କର୍ପୋରେସନର ଏକ ଶାଖା ଅଫିସ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଉନ୍ମୋଚନ କଲେ।

ଓଡ଼ିଶାରେ ୨ୟ ଇସ୍ପାତ୍ କାରଖାନା ସ୍ଥାପନ ନିମନ୍ତେ ମେସର୍ସ ଏମ୍. ଏନ୍. ଦସ୍ତୁର ଆଣ୍ଡ କମ୍ପାନୀ ତାଙ୍କର ସମ୍ଭାବ୍ୟ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦାଖଲ କଲେ।

୧୨।୪।୭୨ .. କୃଷି ଦରଦାମ କମିଶନଙ୍କ ସୁପାରିଶ ମତେ ୧୯୭୨-୭୩ ମସିହା ମଧ୍ୟରେ ଚାଉଳ ସଂଗ୍ରହ ଦର ହ୍ରାସ କରିବା ନିମନ୍ତେ ରାଜ୍ୟ ସରକାର ତାଙ୍କର ନିଷ୍ପତ୍ତି ଘୋଷଣା କଲେ।

୧୫।୪।୭୨ .. ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ କଟକରେ ଜନତା ଡିପୋଜିଟ୍ ପରିକଳ୍ପନା ପ୍ରବର୍ତ୍ତନ କରାଗଲା।

ପର୍ଯ୍ୟଟନର ବିକାଶ ପାଇଁ ଅତିରିକ୍ତ ସମ୍ବଳ ଉଠାଇବା ନିମନ୍ତେ ଯାତ୍ରୀ ଟିକସ ବସାଇବାକୁ ପୂର୍ବାଞ୍ଚଳ ପର୍ଯ୍ୟଟକ ଉପଦେଷ୍ଟା ପରିଷଦ ସୁପାରିଶ କଲେ।

୧୭।୪।୭୨ .. ରାଜ୍ୟ ଶିଳ୍ପ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଭୁବନେଶ୍ୱରଠାରେ ଏକ ଖଣିଜ-ଭିତ୍ତିକ ଶିଳ୍ପ ସଂକ୍ରାନ୍ତ ଆଲୋଚନାଚକ୍ର ଉଦ୍‌ଘାଟନ କଲେ।

ରାଜ୍ୟର ମରୁଡ଼ିଆ ଅଞ୍ଚଳରେ ସାହାଯ୍ୟ ଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କଲେ।

୧୮।୪।୭୨ .. ରାଜ୍ୟର ସାହାଯ୍ୟ ପ୍ରାପ୍ତ ସ୍କୁଲ ଓ କଲେଜର ଶିକ୍ଷକମାନଙ୍କ ପାଇଁ ରାଜ୍ୟ ସରକାର ଚିଠା ଚାକିରୀ ସର୍ତ୍ତ ଓ ନିୟମାବଳୀ ପ୍ରକାଶ କଲେ।

୧୯।୪।୭୨ .. ଓଡ଼ିଶାରେ ରିଲିଫ କାର୍ଯ୍ୟକ୍ରମ ନିମନ୍ତେ କେନ୍ଦ୍ର ସରକାର ପୁଣି ୩ କୋଟି ଟଙ୍କା ସାହାଯ୍ୟ ମଞ୍ଜୁର କଲେ।

୨୧।୪।୭୨ .. ଓଡ଼ିଶାର ଖ୍ୟାତନାମା ଲେଖକ ଶ୍ରୀ ଉପେନ୍ଦ୍ର କିଶୋର ଦାସଙ୍କର ଦେହାବସାନ।

୨୩।୪।୭୨ .. ରାଜ୍ୟପାଳ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ କଟକ ଜିଲ୍ଲାର ଶ୍ରୀ ଧବଳେଶ୍ୱର ପୀଠ ଉନ୍ନୟନ ଯୋଜନା ଉଦ୍‌ଘାଟନ କଲେ ।

ଓଡ଼ିଶାରୁ ସିଂହଳକୁ କେନ୍ଦୁପତ୍ର ରପ୍ତାନି କରିବା ପାଇଁ ସିଂହଳର ଏକ ବାଣିଜ୍ୟ ପ୍ରତିନିଧି ଦଳ ଓଡ଼ିଶା ଜଙ୍ଗଲ କର୍ପୋରେସନ୍ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହେଲା ।

୨୬।୪।୭୨ .. ବ୍ରହ୍ମପୁର ନଗରପାଳିକାର ଶତବାର୍ଷିକୀ ଉତ୍ସବ ପାଳିତ ହେଲା ।

୨୯।୪।୭୨ .. ଭୁବନେଶ୍ୱରଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ପାଳିତ ହେଲା । ଭାରତୀୟ କୃଷି ବିଜ୍ଞାନ ଗବେଷଣା ପରିଷଦର ଡାଇରେକ୍ଟର ଜେନେରାଲ ଶ୍ରୀ ସ୍ୱାମୀନାଥନ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।



OGP—MP-II [ Home (P. R.) ] 13—10,000—6-7-1972

*It Pays To Advertise*

IN

# The Utkal Prasanga and The Orissa Review

THE TWO WIDELY CIRCULATED MONTHLIES PUBLISHED BY THE HOME (P. R.) DEPARTMENT, GOVERNMENT OF ORISSA

*For Advertisement Tariff: Please Contact:*

***MANAGER OF PUBLICATIONS GOVERNMENT OF ORISSA***

HOME DEPARTMENT, BHUBANESWAR-1

'phone—883, 959

'gram—Publicity, Bhubaneswar

Vol. XXVIII, Nos. 10 & 11    UTKAL PRASANGA    Regd. No. C
Licence No. C. R. N. P.-5—Licensed to post without pre-payment




# ରାଉରକେଲା ଇସ୍ପାତ କାରଖାନା
# ଓଡ଼ିଶାର ଖାଦ୍ୟ ଉତ୍ପାଦନ ଦିଗରେ ସହାୟକ ହୋଇ

ରାଉରକେଲା ଇସ୍ପାତ କାରଖାନା ସହିତ ଏକ ବୃହତ୍ ସାର ତଥା କାରଖାନା ସଂଯୁକ୍ତ ହୋଇ ରହିଛି । ଏହି କାରଖାନାରେ ଏକ ଅଦ୍ୱିତୀୟ ବୈଶିଷ୍ଟ୍ୟ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ ସହିତ ନାଇଟ୍ରୋଜେନ ୨୦% ଉତ୍ପନ୍ନ କରୁଥିବା ଭାରତର ସବୁ କାରଖାନା ମଧ୍ୟରୁ ଏହା ବୃହତ୍ତମ । ରାଉରକେଲା ସାର କାରଖାନାରୁ ଉତ୍ପାଦନ ହେଉଥିବା କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ ସହିତ ନାଇଟ୍ରୋଜେନ ୨୦% ଓ ଅଧିକନ୍ତୁ ଆମୋନିୟମ ସଲଫେଟ, ବଜାରରେ ଯଥାକ୍ରମେ ସୋନା ଓ ରୂପା ନାମରେ ବିକ୍ରୟ ହେଉଛି ।

ଓଡ଼ିଶାର ଖାଦ୍ୟ ଉତ୍ପାଦନ ଦିଗରେ ରାଉରକେଲା ସାର କାରଖାନାର ଦାନ ଉଲ୍ଲେଖଯୋଗ୍ୟ । ଏହି ବର୍ଷରେ ପ୍ରାୟ ୩,୦୦,୦୦୦ ଟ ସୋନା ସାର ଓ ପ୍ରାୟ ୩୭,୦୦୦ ଟନର ରୂପା ସାର ବିତରଣ ଯାଇ ସାରିଛି । ସାର ଉତ୍ପାଦନ ଉତ୍ତରୋତ୍ତର ବଢ଼ି ଭବିଷ୍ୟତରେ ଅଧିକରୁ ଅଧିକ ସାର କୃଷକମାନଙ୍କୁ ଯୋଗାଇ ଦେ ଏହା ସକ୍ଷମ ହୋଇ ପାରିବ ।

HINDUSTAN STEEL LIMITED
ହିନ୍ଦୁସ୍ତାନ ଷ୍ଟିଲ
ଜାତୀୟ ଅଗ୍ରଗତି ନିମନ୍ତେ ଏକ ଜାତୀୟ ସଂସ୍ଥା

lam-RSP-1/71 ORI


Printed at the Orissa Govt. Press, Madhupatna,